# ଧରିତ୍ରୀ
DHARITRI

ଢେଙ୍କାନାଳ, ବୁଧବାର, ମାର୍ଚ୍ଚ ୨/୨୦୨୨ (୧୪ ପୃଷ୍ଠା) | Dhenkanal, Wednesday, March 2/2022 | Page 14 | ₹ 7.00 | ★★★★★

୧୮ଶ ଭାଗ ୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ବିଜୟ ସହ ଦେଶମୁଖ ଅଗ୍ରଣୀ

ଜାତୀୟ ମହିଳା ଚେସ୍ ଚାମ୍ପିୟନଶିପ୍‌ର ୮ମ ରାଉଣ୍ଡରେ ଆର. ବୈଶାଳୀଙ୍କୁ ହରାଇ ମହିଳା ଗ୍ରାଣ୍ଡମାଷ୍ଟର ଦିବ୍ୟା ଦେଶମୁଖ ଏକକ ଅଗ୍ରଣୀଲାଭ କରିଛନ୍ତି।

୧୨

୧୪

## ଫି ବଢ଼ାଇଲେ ଶାହିଦ୍

ଅଲି ଅବାସ ଜାଫରଙ୍କ ନିର୍ଦ୍ଦେଶିତ ଆଗାମୀ ଆକ୍ସନ-ପ୍ୟାକ୍ ଥ୍ରିଲର ପାଇଁ ବଲିଉଡ ଅଭିନେତା ଶାହିଦ୍ କପୁର ୨୫ ପ୍ରତିଶତ ପାଉଣା ବଢ଼ାଇଛନ୍ତି।



## ପୌର ଭୋଟ: ଆଜିଠୁ ନାମାଙ୍କନ

- ୯ ଯାଏ ଚାଲିବ
- ୧୪ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

**ଭୁବନେଶ୍ୱର, ୧।୩(ବ୍ୟୁରୋ):** ରାଜ୍ୟର ୧୦୬ ପୌରପାଳିକା ଓ ୩ ମହାନଗର ନିଗମ ନିର୍ବାଚନ ଲାଗି ସ୍ଥାନୀୟ ନିର୍ବାଚନ ଅଧିକାରୀମାନେ ସୋମବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରିଥିଲେ। ବୁଧବାରଠାରୁ ପୌର ନିର୍ବାଚନ ଲାଗି ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ୯ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ହେବ। ଆସନ୍ତା ୧୪ରେ ପ୍ରତ୍ୟାହାର ଏବଂ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ମାର୍ଚ୍ଚ ୨୪ରେ ପୌର ନିର୍ବାଚନ ଅନୁଷ୍ଠିତ ହେବ। ୨୬ ତାରିଖରେ ଫଳାଫଳ ପ୍ରକାଶ ପାଇବ। ଗତ ୨୫ ତାରିଖରୁ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ସହ ଭୋଟ ହେବାକୁ ଥିବା ସବୁ ପୌରାଞ୍ଚଳରେ ଆଦର୍ଶନ ଆଚରଣବିଧି ଲାଗୁ ହୋଇଛି। ଏହା ମାର୍ଚ୍ଚ ୨୬ ପର୍ଯ୍ୟନ୍ତ ବଳବତ୍ତର ରହିବ। ଆସନ୍ତା ୨୪ରେ ରାଜ୍ୟର ୧୦୬ଟି ପୌର ପରିଷଦ ଓ ଏନ୍ଏସି ଏବଂ ୩ଟି ମହାନଗର ନିଗମରେ ପ୍ରାୟ ୪୧ ଲକ୍ଷ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। କେବଳ ପୁରୀ ପୌର ପରିଷଦ, ଭଦ୍ରକ ପୌର ପରିଷଦର ୪ ନମ୍ବର ୱାର୍ଡରେ ନିର୍ବାଚନକୁ ନେଇ ମାମଲା କୋର୍ଟରେ ଥିବାରୁ ଏଠାରେ ନିର୍ବାଚନ ହେବ ନାହିଁ।

**ଆଜିର ସମ୍ପାଦକୀୟ**

ସମସ୍ତଙ୍କୁ ପରୀକ୍ଷା

# ୟୁକ୍ରେନ୍‌ରେ କର୍ନାଟକ ଛାତ୍ର ନିହତ

**ହବେରି, ୧।୩**

ରୁଷୀୟ ସୈନ୍ୟଙ୍କ ଆକ୍ରମଣରେ ୟୁକ୍ରେନ୍‌ର ଦ୍ୱିତୀୟ ବୃହତ୍‌ସହର ଖର୍କିଭ୍‌ରେ ମଙ୍ଗଳବାର ସକାଳେ ଜଣେ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଉଛନ୍ତି କର୍ନାଟକସ୍ଥିତ ହବେରି ଜିଲା ଚଲାଗେରି ଗ୍ରାମର ନବୀନ ଶେଖରପ୍ପା ଜ୍ଞାନଗୌଡ଼ାର। ୨୧ ବର୍ଷୀୟ ନବୀନ ୪ ବର୍ଷ ହେଲା ୟୁକ୍ରେନ୍‌ର ଖର୍କିଭ୍ ନ୍ୟାଶନାଲ ମେଡିକାଲ ୟୁନିଭର୍ସିଟିରେ ଡାକ୍ତରୀ ପଢୁଥିଲେ। ତାଙ୍କ ମୃତ୍ୟୁ ନେଇ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। କର୍ନାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ମୃତ ଛାତ୍ରଙ୍କ ପରିବାର ସହ ଫୋନ୍‌ରେ କଥା ହୋଇଛନ୍ତି। ନବୀନଙ୍କ ମୃତଦେହ ଆଣିବା ଲାଗି ସବୁ ପ୍ରକାର ଉଦ୍ୟମ ଚଳାଇଥିବା ସେ ଆଶ୍ୱାସନା ଦେଇଛନ୍ତି।

ରୁଷିଆର ସୈନ୍ୟ ୟୁକ୍ରେନ୍ ରାଜଧାନୀ କ୍ୱିଭ୍ ପରେ ଖର୍କିଭ୍‌କୁ ଟାର୍ଗେଟ କରି ଗୁଳିଗୋଳା ଓ ବୋମା ବର୍ଷଣ ଜାରି ରଖିଛନ୍ତି। ଆକ୍ରମଣର ଷଷ୍ଠ ଦିନରେ ସ୍ଥାନୀୟ ସମୟ ସକାଳ ୭ଟାରେ କର୍ନାଟକର ଡାକ୍ତରୀ ଛାତ୍ର ନବୀନ ଆର୍ଖିଟେକ୍‌ଟୋରା ବେକେଟୋଭା ମେଟ୍ରୋ ଷ୍ଟେଶନ ବଙ୍କରରୁ ଗ୍ରୋସେରି ଆଣିବା ପାଇଁ ଯାଇଥିବାବେଳେ ଖର୍କିଭ୍‌ରେ ରୁଷୀୟ ସୈନ୍ୟ ମୋର୍ଟାର ☞ପୃଷ୍ଠା-୪



ନବୀନ ଶେଖରପ୍ପା ଜ୍ଞାନଗୌଡ଼ାର

## ପ୍ରାଣ ବିକଳରେ ୟୁକ୍ରେନ୍ ଛାଡ଼ିଲେଣି ୧୦ ଲକ୍ଷ



ରୁଷିଆ ସେନାର କ୍ଷେପଣାସ୍ତ୍ର ମାଡ଼ରେ ୟୁକ୍ରେନ୍‌ର ଖର୍କିଭ୍‌ସ୍ଥିତ ଆଡ୍‌ମିନିଷ୍ଟ୍ରେଟିଭ୍ ବିଲ୍ଡିଂ ଅଞ୍ଚଳ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି।

## ସମର୍ଥନର ପ୍ରମାଣ ଦିଅ

ଇୟୁ ପାର୍ଲାମେଣ୍ଟରେ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ସମ୍ବୋଧନ

**କ୍ୱିଭ୍, ୧।୩:** ୟୁକ୍ରେନ ଉପରେ ରୁଷିଆର ଆକ୍ରମଣକୁ ମଙ୍ଗଳବାର ୬ ଦିନ ବିତିଛି। ଯୁଦ୍ଧ ଭିତରେ ସୋମବାର ଉଭୟ ପକ୍ଷ ମଧ୍ୟରେ ବେଲାରୁଷ ସୀମାରେ ପ୍ରଥମ ଥର ପାଇଁ ଶାନ୍ତି ଆଲୋଚନା ନିମନ୍ତେ ବୈଠକ ବସିଥିଲେ ବି ସେଥିରୁ କୌଣସି ନିଷ୍କର୍ଷ ବାହାରିପାରିନାହିଁ। ରୁଷିଆର ଦାବିକୁ ଗ୍ରହଣ ନ କରି ☞ପୃଷ୍ଠା-୪

# ଭାକ୍ୟୁମ୍ ବୋମା ପକାଇଛି ରୁଷିଆ

**ୱାଶିଂଟନ୍, ୧।୩**

ମସ୍କୋର 'ଯୁଦ୍ଧ ଅପରାଧ' ତାଲିକା ଲମ୍ୱିଛି। ୟୁକ୍ରେନ୍ ଉପରେ ଆକ୍ରମଣ ଜାରି ରଖିଥିବା ରୁଷିଆ ଘାତକ ଭାକ୍ୟୁମ ଓ କ୍ଲଷ୍ଟର ବୋମା ବ୍ୟବହାର କରିଛି। ଆମେରିକାର ଅବସ୍ଥାପିତ ୟୁକ୍ରେନ୍ ରାଷ୍ଟ୍ରଦୂତ ଓକ୍‌ସାନା ମାର୍କାରୋଭା ଏକ ଭିଡିଓ ଜାରି କରି ଏହି ଅଭିଯୋଗ ଆଣିଛନ୍ତି। ଏପରି ଅସ୍ତ୍ର ବ୍ୟବହାର ଉପରେ କଟକଣା ଥିଲେ ମଧ୍ୟ ରୁଷିଆ ତାହାକୁ ବେଖାତିର କରି ସାଧାରଣ ଲୋକଙ୍କ ପାଇଁ ବିପତ୍ତିକୁ ଡାକି ଆଣିଥିବା ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ଏବଂ ମାନବାଧିକାର ସଙ୍ଗଠନଗୁଡ଼ିକ ପକ୍ଷରୁ କୁହାଯାଇଛି। ଉତ୍ତର-ପୂର୍ବ ୟୁକ୍ରେନ୍‌ରେ ସୁରକ୍ଷିତ ସ୍ଥାନରେ ଜୀବନ ରକ୍ଷା ପାଇଁ ଲୋକେ ଆଶ୍ରୟ ନେଇଥିବାବେଳେ ରୁଷିଆ ଭାକ୍ୟୁମ ବୋମା ଭଳି ଅସ୍ତ୍ର ବ୍ୟବହାର କରି ସେମାନଙ୍କ ବଞ୍ଚିବା କଷ୍ଟକର କରିଦେଇଛି ବୋଲି ଓକ୍‌ସାନା କହିଛନ୍ତି। ଏ ବାବଦରେ କୌଣସି ସ୍ପଷ୍ଟ ପ୍ରମାଣ ନ ଥିବାରୁ ତଦନ୍ତ କରାଯାଇ ରୁଷିଆ ବିରୋଧରେ ପଦକ୍ଷେପ ନିଆଯିବ ବୋଲି ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରୀ ଜେନ୍ ସାକି କହିଛନ୍ତି। ତେବେ ରୁଷିଆ ଏପରି ଅସ୍ତ୍ର ୟୁକ୍ରେନ୍‌ରେ ପ୍ରୟୋଗ କରି ନ ଥିବା କ୍ରେମଲିନ୍ ମୁଖପାତ୍ର ଡିମିଟ୍ରି ପେଶକୋଭ୍ କହିଛନ୍ତି।

### କେତେ ଘାତକ

ଭାକ୍ୟୁମ ବୋମା ଥର୍ମୋବେରିକ୍ ଯୁଦ୍ଧାସ୍ତ୍ର ଭାବେ ଜଣା। ସବୁଠାରୁ ଘାତକ ପରମାଣୁ ଅସ୍ତ୍ର ମଧ୍ୟରୁ ଅନ୍ୟତମ ଏହି ବୋମାର ବ୍ୟବହାରକୁ ଜେନେଭା ସମ୍ମିଳନୀରେ ବେଆଇନ ଘୋଷଣା କରାଯାଇଛି। ଏହାର ବ୍ୟବହାରକୁ ଯୁଦ୍ଧ ଅପରାଧ ଭାବେ ଗଣାଯାଏ। ଏହା ପ୍ରଥମେ ଛୋଟ ଛୋଟ କଣିକାରେ ପରିଣତ ହୋଇଥାଏ। ପରେ ଚତୁଃପାର୍ଶ୍ୱରୁ ଅମ୍ଳଜାନ ଶୋଷଣ କରି ଭାକ୍ୟୁମ ବୋମା ବିସ୍ଫୋରଣ ହୋଇଥାଏ। ଏଥିରୁ ବିପୁଳ ପରିମାଣର ତାପମାତ୍ରା ଏବଂ ଶକ୍ତି ନିର୍ଗତ ହୁଏ। ବିସ୍ଫୋରଣ ସ୍ଥଳ କିମ୍ବା ଏହାର ଆଖପାଖ ଅଞ୍ଚଳରେ ଥିବା ମଣିଷଙ୍କ ଶରୀରରେ କ୍ଷୁଦ୍ର କଣିକା ପ୍ରବେଶ କଲେ ତାହା ଜୀବନ ନାଶକ ହୋଇଥାଏ। ଫୁସ୍‌ଫୁସ୍‌ରୁ ଅକ୍ସିଜେନ ପାଇ ତାହା ଶରୀର ମଧ୍ୟରେ ବିସ୍ଫୋରଣ ଘଟାଇଥାଏ। ଏହା ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କ ଶରୀର ଭିତରୁ ଜଳିଯାଏ। ଏହାବାଦ୍ ବାହାରେ ଭାକ୍ୟୁମ ବୋମା ବିସ୍ଫୋରଣ ଦୀର୍ଘ ସମୟ ☞ପୃଷ୍ଠା-୪

# ୨ ଦୁର୍ଘଟଣାରେ ୧୧ ମୃତ

## ଗଛରେ ପିଟି ହେଲା କାର୍: ଚାଲିଗଲା ୬ ଜୀବନ

**ନୂଆପଡ଼ା ଅଫିସ, ୧।୩**

ନୂଆପଡା ଜିଲା ଜୋଙ୍କ ଥାନା ସୁନସୁନିଆ ବିଜୁ ଏକ୍ସପ୍ରେସ ୱେରେ ମଙ୍ଗଳବାର ଅପରାହ୍ଣରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବିବାହ ଭୋଜିରେ ଯୋଗଦେଇ ଫେରୁଥିବା ଏକ କାର୍ ଗଛରେ ପିଟି ହୋଇଯିବା ଫଳରେ ୬ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ପ୍ରଦୀପ ମଲ୍ଲିକ(୫୦), ବାସନ୍ତି ମଲ୍ଲିକ (୪୫), ଶତ୍ରୁଘନ ପ୍ରଧାନ (୬୫), ଜଗଦୀଶ ସାହୁ (୩୭), ମାନସ ସାହୁ (୧୨), ସୁଗନାଥ ଭୋଇ (୫୦)। ଏମାନେ ସମସ୍ତେ ଛତିଶଗଡର ମହାସମୁନ୍ଦ ଜିଲା ବସନା ଥାନା ରସୋଡ଼ା ଗାଁର।

ବରଗଡ ଜିଲା ପାଇକମାଲ ଥାନା ସିନ୍ଦେକେଲା ଗାଁର ଜଣେ ସମ୍ପର୍କୀୟଙ୍କ ବିବାହ ଉତ୍ସବରେ ଯୋଗଦେଇ ନିଜ ଗାଁକୁ କାର (ନଂ.ସିଜି୦୬-ଜିଏଫ -୨୭୩୫) ଯୋଗେ ସମ୍ପୃକ୍ତ ବ୍ୟକ୍ତିମାନେ ଫେରୁଥିଲେ। ନୂଆପଡା-ବରଗଡ ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ୱେ ଜୋଙ୍କ ଥାନା ଅନ୍ତର୍ଗତ ମହାମାୟା କଲେଜ ସୁନସୁନିଆ ଗାଁ ନିକଟରେ କାର୍ ଭାରସାମ୍ୟ ☞ପୃଷ୍ଠା-୪

## ଟ୍ରକ୍‌କୁ ଧକ୍କା ଦେଲା କାର୍: ୫ ଜୀବନହାନି

**ଖମାର, ୧।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ଦେଇ ଯାଇଥିବା ୧୪୯ନଂ. ଜାତୀୟ ରାଜପଥରେ ସୋମବାର ବିଳମ୍ବିତ ରାତିରେ ଦ୍ରୁତଗତିରେ ଯାଉଥିବା ଏକ କାର୍ ଟ୍ରକ୍ ପଛରେ ପିଟି ହେବାରୁ ୫ ଯୁବକଙ୍କ ଜୀବନ ଯାଇଛି। ପାଲଲହଡା ବ୍ଲକ ଖମାର ଥାନା କଣ୍ଟିଆପସି ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତକମାନେ ଗୋଟିଏ ଗ୍ରାମର ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୩ ସମ୍ପର୍କୀୟ ଭାଇ ରହିଛନ୍ତି। ମଙ୍ଗଳବାର ସକାଳୁ ଏହି ଘଟଣା ପାଲଲହଡ଼ା ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

ସୂଚନା ଅନୁଯାୟୀ, ଖମାର ଥାନା ଇଞ୍ଜିଡ଼ ଗ୍ରାମର ଦିଲୀପ କୁମାର ସାହୁ (୨୯), ବାପୁନ କୁମାର ସାହୁ(୨୧), ରାନୁ ପ୍ରଧାନ, ଗୌର ଚନ୍ଦ୍ର ସାହୁ (୩୦) ଓ ପିନୁ ସାହୁ (୨୦) ବିଳମ୍ବିତ ରାତିରେ ଏକ କାର୍ (ନଂ. ଓଡି-୦୨ଏଫ୍-୫୫୬୭)ରେ ପାଲଲହଡ଼ା ଆଡୁ ଘରକୁ ଫେରୁଥିଲେ। କଣ୍ଟିଆପଶି ଛକ ନିକଟରେ ଚାଳକ ନିୟନ୍ତ୍ରଣ ହରାଇବାରୁ ☞ପୃଷ୍ଠା-୪

# ବିଜେଡି ହାତରେ ସବୁ ଜିଲା ପରିଷଦ

- ବିଜେଡି ହାତରେ ୭୬୬ ଆସନ
- ଗତଥର ତୁଳନାରେ ଭାଜପାର ୨୫୫, କଂଗ୍ରେସର ୨୩ ଆସନ ଖସିଲା
- ଭଦ୍ରକ, ଦେବଗଡ଼, ଯାଜପୁର, ଝାରସୁଗୁଡ଼ାରେ ବିରୋଧୀ ଶୂନ

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଫଳାଫଳର ସମ୍ପୂର୍ଣ୍ଣ ରିପୋର୍ଟ ମଙ୍ଗଳବାର ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ତରଫରୁ ପ୍ରକାଶ କରାଯାଇଛି। ବିଜେଡି ଚଳିତ ନିର୍ବାଚନରେ ରେକର୍ଡ ସଂଖ୍ୟାରେ ବିଜୟୀ ହୋଇଛି। ୩ ଦିନର ଗଣତି ପରେ ୩୦ ଜିଲାର ୮୫୧ଟି ଜୋନ୍‌ର ଫଳାଫଳ ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି। ନିର୍ବାଚନ ପୂର୍ବରୁ ଗୋଟିଏ ଜିଲା ପରିଷଦ ଆସନକୁ ବିଜେଡି ନିର୍ଦ୍ୱନ୍ଦ୍ୱରେ ହାତେଇ ସାରିଥିବା ବେଳେ ବାକି ୮୫୧ ଆସନରେ ନିର୍ବାଚନ ହୋଇଥିଲା। ସେଥିରୁ ବିଜେଡି ମୋଟ୍ ୭୬୫ଟି ଆସନରେ ବାଜିମାତ୍ କରିନେଇଛି। ଅର୍ଥାତ୍ ବିଜେଡିକୁ ମୋଟ ରାଜ୍ୟର ୭୬୬ ଆସନରେ ସଫଳତା ମିଳିଛି। ବାକି ବିରୋଧୀ ଭାଜପାକୁ ୪୨, କଂଗ୍ରେସକୁ ୩୭ ଏବଂ ସ୍ୱାଧୀନ ଓ ଅନ୍ୟାନ୍ୟ ଦଳକୁ ମୋଟ ୭ଟି ଆସନରେ ସଫଳତା ମିଳିଛି। ବିଜେଡିକୁ ଏଭଳି ଏକପାଖିଆ ସଫଳତା ପରେ ବିରୋଧୀ ଶିବିରରେ ମଧ୍ୟ ଗଭୀର ପ୍ରଭାବ ପଡ଼ିଥିବା ଭଳି ମନେ ହେଉଛି। ☞ପୃଷ୍ଠା-୪




# 'ପୁଷ୍ପା' ଶୈଳୀରେ ମଦ ଚାଲାଣ

## କଣ୍ଟେନରରୁ ବାହାରିଲା ୭୫ ଲକ୍ଷର ବିଦେଶୀ ମଦ

**ଢେଙ୍କାନାଳ ଅଫିସ, ୧।୩**

'ପୁଷ୍ପା' ସିନେମା ଷ୍ଟାଇଲ୍‌ରେ ବେଆଇନ ଭାବେ ଚାଲାଣ ହେଉଥିଲା ବିଦେଶୀ ମଦ। କେବଳ ଅରୁଣାଚଳ ପ୍ରଦେଶରେ ବିକ୍ରି ଯୋଗ୍ୟ ଏହି ମାଦକ ଦ୍ରବ୍ୟକୁ ଆସାମରୁ ନିଆଯାଉଥିଲା ଅନୁଗୋଳ। ଏଥିଲାଗି ବ୍ୟବହୃତ କରାଯାଇଥିଲା ଏକ ସ୍ୱତନ୍ତ୍ର କଣ୍ଟେନର। ଏଭଳି ଏକ ଅନ୍ତଃରାଜ୍ୟ ନିଶା କାରବାର ର୍‌ୟାକେଟର ଗୁମର ଖୋଲିଛି ଢେଙ୍କାନାଳ ଜିଲା ଅବକାରୀ ବିଭାଗ। ଏହି ଘଟଣାରେ କଣ୍ଟେନର ଚାଳକ ତଥା ହରିୟାଣା ରାଜ୍ୟ ସୋନେପଥ ଜିଲା ଗନୋର ଥାନା ଚଟିଆଓଲିଆର ବିଜେନ୍ଦ୍ର ସିଂ (୩୨), ଉଦୟସିଂହପୁର ଗ୍ରାମର ଶତୀଶ ନନ୍ଦଲ (୬୨) ଏବଂ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଗୋଡ଼ିଡ଼ିହ ଗ୍ରାମର ଅବିନାଶ ମହାରଣା (୩୨)ଙ୍କୁ ଗିରଫ କରାଯାଇଛି। ଉକ୍ତ ୧୨ ଚକିଆ କଣ୍ଟେନର (ଆର୍‌ଜେ ୩୨ ଜିଏ ୮୨୦୫)ରୁ ଆନୁମାନିକ ୭୫ ଲକ୍ଷ ଟଙ୍କାର ବିଦେଶୀ ମଦ ଜବତ ହୋଇଛି। ଚୋରା ଚାଲାଣ ବେଳେ ଏଭଳି ବିପୁଳ ପରିମାଣର ମଦ ଧରାପଡ଼ିବା ଢେଙ୍କାନାଳ ଜିଲା ଅବକାରୀ ଇତିହାସରେ ପ୍ରଥମ ☞ପୃଷ୍ଠା-୪




ଜବତ କଣ୍ଟେନର।

- ଧରାପଡ଼ିଲା ଆନ୍ତଃରାଜ୍ୟ ବିଦେଶୀ ମଦ ର୍‌ୟାକେଟ
- କେବଳ ଅରୁଣାଚଳ ପ୍ରଦେଶରେ ବିକ୍ରି ପାଇଁ ଉଦ୍ଦିଷ୍ଟ ଥିଲା
- ଆସାମରୁ ଅନୁଗୋଳ ସହରକୁ ନିଆଯାଉଥିଲା
- ୩ ଅଭିଯୁକ୍ତ ଗିରଫ, କିଙ୍ଗପିନ୍‌ଙ୍କ ସୂଚନା ମିଳୁନାହିଁ





ୟୁକ୍ରେନ୍‌ରୁ ରୋମାନିଆକୁ ଯାଉଥିବା ଜଣେ ମହିଳା ସିରେଟ୍ କ୍ରସିଂ ପଏଣ୍ଟରେ ନିଜ ପିଲାଙ୍କୁ ଧରି କାନ୍ଦୁଛନ୍ତି।




ରୁଷିଆର ୟୁକ୍ରେନ୍ ଆକ୍ରମଣ ପ୍ରତିବାଦରେ ଜଣେ ଯୁଦ୍ଧବିରୋଧୀ ଯୁବତୀ ଲଣ୍ଡନରେ ବିକ୍ଷୋଭ ବେଳେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଦଣ୍ଡିତ କରିବାକୁ ଦାବି କରୁଛନ୍ତି।

# ବୁମେରାଂ ହେଲା ଷ୍ଟ୍ରାଟେଜି



ଭ୍ଲାଡିମିର ପୁଟିନ୍

## ୟୁକ୍ରେନ୍‌ରେ ନିହତ ହେଲେଣି ୫,୭୧୦ ରୁଷୀୟ ସୈନ୍ୟ

ମସ୍କୋ/କ୍ୱିଭ୍/ୱାଶିଂଟନ, ୧।୩

ୟୁକ୍ରେନ୍ ସହ ଯୁଦ୍ଧ ଲଢ଼ି ଫସିଯାଇଛି ରୁଷିଆ। ସାମରିକ ଦକ୍ଷତା ଦୃଷ୍ଟିରୁ ବହୁ ଦୁର୍ବଳ ୟୁକ୍ରେନ୍‌କୁ ଆକ୍ରମଣ କରି ସହଜରେ ଦଖଲ କରିବା ଲାଗି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଯେଉଁ ସ୍ୱପ୍ନ ଦେଖିଥିଲେ ଏବେ ତାହା ତାଙ୍କ ପାଇଁ ବୁମେରାଂ ସାଜିଛି। ଏ ଯୁଦ୍ଧ ଜିତିବା ସହଜ ନୁହେଁ ବୋଲି ପୁଟିନ୍ ମର୍ମେ ମର୍ମେ ଅନୁଭବ କରିସାରିଲେଣି। ସେପଟେ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ୟୁକ୍ରେନ୍‌କୁ ପ୍ରତିଶ୍ରୁତି ମୁତାବକ ସାମରିକ ସହଯୋଗ ଯୋଗାଇବାରେ ବିଫଳ ହୋଇଥିଲେ ହେଁ ରୁଷିଆ ଉପରେ ଗୋଟିଏ ପରେ ଗୋଟିଏ କଟକଣା ଜାରି କରୁଥିବାରୁ ମସ୍କୋର ଚିନ୍ତା ବଢ଼ିଯାଇଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ରୁଷିଆର କେତେକ ବ୍ୟାଙ୍କ ଉପରେ ଆର୍ଥିକ କଟକଣା ଜାରି କରିବା ପରେ ବ୍ରିଟେନ୍ ମଧ୍ୟ ଅନୁରୂପ ପଦକ୍ଷେପ ନେଇଛି। ଏପରି କି ସୋସାଇଟି ଫର୍ ୱାର୍ଲ୍ଡୱାଇଡ୍ ଇଣ୍ଟରବ୍ୟାଙ୍କ ଫାଇନାନ୍ସିଆଲ ଟେଲିକମ୍ୟୁନିକେଶନ୍ (ସ୍ୱିଫ୍ଟ) ବ୍ୟବସ୍ଥାରୁ ରୁଷୀୟ ବ୍ୟାଙ୍କଗୁଡ଼ିକୁ ବାହାର କରାଯାଇଛି। କେବଳ ଏତିକି ନୁହେଁ, ୟୁଟ୍ୟୁବ୍, ଫେସ୍‌ବୁକ୍ ଓ ଗୁଗଲ ମଧ୍ୟ ରୁଷିଆ ଉପରେ କଟକଣା ଲଗାଇଛନ୍ତି। ଫିଫା ଏବଂ ୟୁଏଫା ପକ୍ଷରୁ ରୁଷିଆର ସମସ୍ତ କ୍ଲବ୍ ଓ ଜାତୀୟ ଟିମ୍‌କୁ ଅନ୍ତର୍ଜାତୀୟ କ୍ରୀଡ଼ାରୁ ବାସନ୍ଦ କରାଯାଇଛି। ୟୁରୋପୀୟ ସଂଘ (ଇୟୁ) ସଦସ୍ୟ ରାଷ୍ଟ୍ରଗୁଡ଼ିକ ପକ୍ଷରୁ ଛୋଟବଡ଼ ଅନେକ କଟକଣା ଜାରି କରାଯାଇଥିବାରୁ ରୁଷିଆର ଜାତୀୟ ଅର୍ଥନୀତି ବହୁଳ ପ୍ରଭାବିତ ହୋଇଛି। ଡଲାର ତୁଳନାରେ ରୁବଲର ବିନିମୟ ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ଲୋକେ ଆତଙ୍କିତ ହୋଇ ବ୍ୟାଙ୍କଗୁଡ଼ିକରୁ ଜମା ଅର୍ଥ ଉଠାଇବାରେ ଲାଗିଥିବାରୁ ନଗଦ ସଙ୍କଟ ସୃଷ୍ଟି ହୋଇଛି। ଅର୍ଥ କାଢ଼ିବା ପାଇଁ ଏଟିଏମ୍‌ଗୁଡ଼ିକ ସାମ୍ନାରେ ରୁଷୀୟ ଜମାକାରୀଙ୍କ ଲମ୍ବାଧାଡ଼ି ଦେଖିବାକୁ ମିଳୁଛି।

ଯୁଦ୍ଧରେ ରୁଷିଆର ୫,୭୧୦ ସୈନ୍ୟ ନିହତ ହୋଇଛନ୍ତି। ଆହୁରି ୨୦୦ ସୈନ୍ୟ ୟୁକ୍ରେନ୍ ସୁରକ୍ଷାବଳ କବ୍‌ଜାରେ ଅଛନ୍ତି। ୟୁକ୍ରେନର ପ୍ରତି ଆକ୍ରମଣରେ ରୁଷିଆର ପ୍ରାୟ ୨୦୦ ଟ୍ୟାଙ୍କ୍, ୮୫୦ ଯୁଦ୍ଧଯାନ, ୨୯ ଏୟାରକ୍ରାଫ୍ଟ ନଷ୍ଟ ହୋଇଥିବା କ୍ୱିଭ୍ ଦାବି କରିଛି। ୟୁକ୍ରେନର ଦାବି ଅନୁଯାୟୀ ଏହା ରୁଷିଆ ପାଇଁ ବଡ଼ ଧରଣର କ୍ଷତି। ଏହା ସତ୍ତ୍ୱେ କ୍ୱିଭ୍‌ର ଟେକ୍ନୋଲୋଜି ସେଣ୍ଟର ସମେତ ଆବାସିକ ଆପାର୍ଟମେଣ୍ଟଗୁଡ଼ିକୁ ଟାର୍ଗେଟ କରାଯିବ ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ଚେତାବନୀ ଦେଇ ସମ୍ପୃକ୍ତ ଅଞ୍ଚଳ ଖାଲି କରିବାକୁ କହିଛି।

### ନାଟୋର ଆଣବିକ ରଣନୀତି ବଦଳିବନି

ରୁଷିଆ ପଟୁ ଆଣବିକ ଅସ୍ତ୍ର ବିପଦ ସତ୍ତ୍ୱେ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ସହଯୋଗୀମାନେ ନିଜ ନ୍ୟୁକ୍ଲିୟର ୱେପନ ଆଲର୍ଟରେ କୌଣସି ପରିବର୍ତ୍ତନ କରିବା ଜରୁରୀ ନୁହେଁ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ପୋଲାଣ୍ଡର ଲାସ୍କ ଏୟାରବେସ୍‌ରେ ନାଟୋ ପକ୍ଷରୁ ଆମେରିକାର ଏଫ୍-୧୫ ଏବଂ ଏଫ୍-୧୬ ଯୁଦ୍ଧବିମାନଗୁଡ଼ିକୁ ମୁତୟନ କରାଯାଇଛି। ସେଠାରେ ନାଟୋ ମହାସଚିବ ଜେନ୍ସ ଷ୍ଟୋଲେନ୍‌ବର୍ଗ ମଙ୍ଗଳବାର ପୋଲାଣ୍ଡ ରାଷ୍ଟ୍ରପତି ଆଣ୍ଡରେଜ ଡୁଡାଙ୍କ ସହ ୟୁରୋପର ସୁରକ୍ଷା ଉପରେ ଆଲୋଚନା କରିଛନ୍ତି। ଜେନ୍ସ କହିଛନ୍ତି, ନାଟୋ ସହଯୋଗୀଙ୍କ ସୁରକ୍ଷା ଓ ଆତ୍ମରକ୍ଷା ପାଇଁ ସହଯୋଗ ଲାଗି ଯାହା ଆବଶ୍ୟକ ସବୁ କରାଯିବ। ନାଟୋ ଆଣବିକ ବଳର ଆଲର୍ଟ ସ୍ତରରେ ପରିବର୍ତ୍ତନ ଅନାବଶ୍ୟକ। ଆଣବିକ ଅସ୍ତ୍ରକୁ ନେଇ ରୁଷିଆର ଦାୟିତ୍ୱହୀନ ମନ୍ତବ୍ୟ ଯୋଗୁ ନାଟୋର ରଣନୀତି ବଦଳିବ ନାହିଁ।

୨୦୨୧ ନଭେମ୍ବରରେ ହୋଇଥିଲା ଯୁଦ୍ଧ ଯୋଜନା। ପ୍ରାୟ ୪ ମାସ ତଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଦିଆଯାଇଥିଲା ୟୁକ୍ରେନ୍ ଆକ୍ରମଣ ବ୍ଲୁ ପ୍ରିଣ୍ଟ। କୁହାଯାଇଥିଲା କ୍ୱିଭ୍ ଦଖଲ ପାଇଁ ଦିନେ ଓ ସମଗ୍ର ୟୁକ୍ରେନ୍‌କୁ କବ୍‌ଜା କରିବାକୁ ହେଲେ ମାତ୍ର ୩ ଦିନ ଲାଗିବ। ପୁଟିନ୍ ଦେଖିଥିଲେ ସ୍ୱପ୍ନ। ଜାଗିଉଠିଥିଲା ବିସ୍ତାରବାଦୀ ମହତ୍ତ୍ୱାକାଂକ୍ଷା।

୨୦୨୨ ଫେବୃୟାରୀ ୨୪ରେ ପୁଟିନ୍ ଦେଶବାସୀଙ୍କୁ ଟିଭିରେ ସମ୍ବୋଧନ କରିଥିଲେ। ଆମେରିକାର ଚେତାବନୀ ଓ ୟୁରୋପୀୟ ରାଷ୍ଟ୍ରଗୁଡ଼ିକର ତାଗିଦକୁ ଭ୍ରୂକ୍ଷେପ ନ କରି ସେ ପଡ଼ୋଶୀ ୟୁକ୍ରେନ୍ ଉପରେ ଆକ୍ରମଣ ପାଇଁ ନିଜ ସେନାକୁ ନିର୍ଦ୍ଦେଶ ଦେଇଥିଲେ। ୟୁକ୍ରେନ୍‌ବାସୀ ଆତଙ୍କିତ ହୋଇପଡ଼ିଥିବାବେଳେ ପୁଟିନ୍‌ଙ୍କ ଚ୍ୟାଲେଞ୍ଜର ଭାବେ ଉଭା ହୋଇଥିଲେ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କି।

ବିଶ୍ୱର ଦ୍ୱିତୀୟ ମଜଭୁତ ସେନାକୁ ଟକ୍କର ଦେବା ପାଇଁ ଚକ୍ରବ୍ୟୂହ ରଚିଥିଲେ କମେଡିଆନ୍‌ରୁ ରାଜନେତା ସାଜିଥିବା ୪୪ ବର୍ଷୀୟ ଜେଲେନ୍‌ସ୍କି। ୟୁକ୍ରେନ୍ ରାଷ୍ଟ୍ରପତି ପ୍ରଥମେ ନିଜକୁ ଦୁର୍ବଳ ଦେଖାଇ ବିଶ୍ୱ ସମୁଦାୟର ସହାନୁଭୂତି ଯୋଗାଡ଼ କରିବାରେ ଲାଗିଥିଲେ। ଦୁନିଆକୁ ସାହାଯ୍ୟ ଭିକ୍ଷା କରୁଥିବା ଜେଲେନ୍‌ସ୍କି ରୁଷିଆ ସୈନ୍ୟଙ୍କୁ ମୁକାବିଲା କରିପାରିବେ ନାହିଁ ବୋଲି ପୁଟିନ୍ ଧରି ନେଇଥିଲେ। ୟୁକ୍ରେନ୍ ରାଜଧାନୀ କ୍ୱିଭ୍ ଓ ଦ୍ୱିତୀୟ ବଡ଼ ସହର ଖର୍କିଭ୍‌କୁ ଟାର୍ଗେଟ କରି ଫସିଯାଇଥିଲେ ରୁଷୀୟ ସୈନ୍ୟ।

ପୁଟିନ୍‌ଙ୍କ ଦୁଃସାହସିକ ପଦକ୍ଷେପ ଭୂରାଜନୈତିକ ଘଟଣାକ୍ରମକୁ ପ୍ରଭାବିତ କରି ତାଙ୍କୁ ଜଣେ ଦୁର୍ଦ୍ଧର୍ଷ ନେତାର ପରିଚୟ ଦେଇଥିବାବେଳେ ଆତଙ୍କିତ ୟୁକ୍ରେନ୍‌ବାସୀ ଆତ୍ମରକ୍ଷା ପାଇଁ ଅସ୍ତ୍ର ଧରିଥିଲେ। ରାଷ୍ଟ୍ରପତି ଜେଲେନ୍‌ସ୍କି ପାଶ୍ଚାତ୍ୟର ବିନା ସହଯୋଗରେ ଏକୁଟିଆ ଲଢୁଥିବା କଥା କହି ବିଶ୍ୱବାସୀଙ୍କ ସମର୍ଥନ ଓ ସଦିଚ୍ଛା ଲାଭ କରିଥିଲେ।

## ବୋରିସ୍‌ଙ୍କ ଆଗରେ କାନ୍ଦିଲେ ସାମାଜିକ କର୍ମୀ

ଲଣ୍ଡନ୍, ୧।୩

ରୁଷିଆର ବର୍ବର ଆକ୍ରମଣ ରୋକିବାକୁ ୟୁକ୍ରେନ୍‌ର ଜଣେ ସାମାଜିକକର୍ମୀ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କ ଆଗରେ ଦାବି କରିଛନ୍ତି। ବୋରିସ୍ ପୋଲାଣ୍ଡରେ ଖବରଦାତାଙ୍କ ସହ କଥା ହେଉଥିବାବେଳେ ବେସରକାରୀ ସଙ୍ଗଠନ ଆଣ୍ଟି-କରପ୍ସନ୍ ଆକ୍ସନ ସେଣ୍ଟରର ଡାରିଆ କାଲେନିକ୍ ସେଠାରେ ତାଙ୍କ ସମ୍ମୁଖରେ କାନ୍ଦି ପକାଇଥିଲେ। ରୁଷିଆ ଆକ୍ରମଣକୁ ରୋକିବା ପାଇଁ ୟୁକ୍ରେନ୍‌କୁ ତୁରନ୍ତ ନୋ-ଫ୍ଲାଏ ଜୋନ୍ କରିବାକୁ ସେ ନିବେଦନ କରିଥିଲେ। ଡାରିଆ କାଲେନିକ୍ କହିଥିଲେ, ୟୁକ୍ରେନ୍ ଉପରେ ଘନଘନ କ୍ଷେପଣାସ୍ତ୍ର, ବୋମା ମାଡ଼ କରାଯାଉଥିବାରୁ ସାଧାରଣ ନାଗରିକ ଭୟଭୀତ ଅବସ୍ଥାରେ ଅଛନ୍ତି। ମହିଳା ଓ ଛୋଟ ପିଲାମାନେ ସେଠାରେ ସମ୍ପୂର୍ଣ୍ଣ ଅସୁରକ୍ଷିତ। ଦେଶର ସୁରକ୍ଷା ପାଇଁ ପ୍ରତ୍ୟେକ ୟୁକ୍ରେନ୍‌ବାସୀ ବ୍ୟାକୁଳ। ପାଶ୍ଚାତ୍ୟଦେଶକୁ ସେମାନେ କ୍ରମାଗତ ସହାୟତା ମାଗୁଛନ୍ତି। ବୁଦାପେଷ୍ଟ ଚୁକ୍ତି ଅନୁସାରେ ବ୍ରିଟେନ ୟୁକ୍ରେନକୁ ସହାୟତା ଗ୍ୟାରେଣ୍ଟି ଦେଇଥିଲା। ପ୍ରଧାନମନ୍ତ୍ରୀ ବୋରିସ୍ ପୋଲାଣ୍ଡକୁ ଆସିପାରୁଛନ୍ତି କିନ୍ତୁ କ୍ୱିଭ୍‌କୁ ନୁହେଁ। କାରଣ ସେ ଭୟଭୀତ। ଏପରି ନ କରି ବ୍ରିଟେନକୁ ଅଧିକ ସହଯୋଗ କରନ୍ତୁ ବୋଲି ଡାରିଆ କହିଥିଲେ। ଜବାବରେ ବୋରିସ୍ କହିଥିଲେ, ବ୍ରିଟେନ ସରକାର ତାହା କରିବାକୁ ଅସମର୍ଥ। ୟୁକ୍ରେନ୍‌କୁ ନୋ-ଫ୍ଲାଏ ଜୋନ୍ କରିବା ଫଳରେ ବ୍ରିଟେନ ରୁଷିଆର ଯୁଦ୍ଧଜାହାଜକୁ ଖସାଇବାରେ ସାମିଲ ହେବ। ଏହା ଦ୍ୱାରା ରୁଷିଆ ସହ ବ୍ରିଟେନ୍ ପ୍ରତ୍ୟକ୍ଷ ଯୁଦ୍ଧକୁ ଓହ୍ଲାଇବ, ଯାହା ସେ ଚାହୁଁନାହାନ୍ତି।




## ମା' ମୁଁ ଭୟଭୀତ

### ରୁଷିଆ ସୈନ୍ୟଙ୍କ ଶେଷ ବାର୍ତ୍ତା

କ୍ୱିଭ୍, ୧।୩

ୟୁକ୍ରେନ୍ ସହ ଯୁଦ୍ଧବେଳେ ପ୍ରାଣ ହରାଇଥିବା ଜଣେ ରୁଷିଆ ସୈନ୍ୟ ତାଙ୍କ ମା'ଙ୍କ ନିକଟକୁ ପଠାଇଥିବା ଶେଷ ବାର୍ତ୍ତାକୁ ଜାତିସଂଘ ସାଧାରଣ ଅଧିବେଶନରେ ୟୁକ୍ରେନ୍ ରାଷ୍ଟ୍ରଦୂତ ସେରଗି କିସ୍‌ଲିଟ୍‌ସ୍ୟା ପଢ଼ିଛନ୍ତି। ସୈନ୍ୟ ଜଣକ ରୁଷୀୟ ଭାଷାରେ ମେସେଜରେ ଲେଖିଛନ୍ତି, 'ମା' ମୁଁ ଭୟଭୀତ। ସମସ୍ତଙ୍କୁ ହତ୍ୟା କରିବାକୁ ପଡୁଛି। ଆମକୁ କୁହାଯାଇଥିଲା ଏଠାରେ ଲୋକେ ସ୍ୱାଗତ କରିବେ। କିନ୍ତୁ ସେମାନେ ଆମକୁ ଆଗକୁ ବଢ଼ିବାକୁ ଦେଉନାହାନ୍ତି। ଲୋକେ ଆମ ଗାଡ଼ି ଆଡ଼କୁ ଡେଇଁ ପଡୁଛନ୍ତି। ଆମକୁ ଫାସିବାଦୀ କହୁଛନ୍ତି। ଏହା ବହୁତ କଷ୍ଟଦାୟକ'। ଉତ୍ତରରେ ତାଙ୍କ ମା' ତାଙ୍କୁ ସହାୟତା ପଠାଇବା କଥା ଲେଖିଛନ୍ତି। କିନ୍ତୁ ନିଜକୁ ସେ ରଶିରେ ଝୁଲାଇ ଦେବାକୁ ଚାହୁଁଥିବା ସୈନ୍ୟ ଜଣକ ଲେଖିଛନ୍ତି ବୋଲି ୟୁକ୍ରେନ୍ ରାଷ୍ଟ୍ରଦୂତ କହିଛନ୍ତି।

## ଭାରତୀୟଙ୍କୁ ନେଇ ଫେରିବ ୭ ବିମାନ

ନୂଆଦିଲ୍ଲୀ, ୧।୩

ୟୁକ୍ରେନ୍‌ରେ ଫସିଥିବା ଭାରତୀୟଙ୍କୁ ନେଇ ୭ ବିମାନ ନୂଆଦିଲ୍ଲୀକୁ ଫେରିବ। ବର୍ତ୍ତମାନ ସୁଦ୍ଧା ୯ ବିମାନ ୟୁକ୍ରେନ୍‌ରୁ ଭାରତୀୟଙ୍କୁ ଆଣିଥିବାବେଳେ ଅପରେଶନ୍ ଗଙ୍ଗା ଅଧୀନରେ ବୁଧବାର ସନ୍ଧ୍ୟାରେ ଆଉ ୭ଟି ବିମାନ ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିବ। ମିଳିଥିବା ସୂଚନାନୁସାରେ ଇଣ୍ଡିଗୋ ଏୟାରଲାଇନ୍ସର ପ୍ରଥମ ବିମାନ ମଙ୍ଗଳବାର ସନ୍ଧ୍ୟାରେ ହଙ୍ଗେରି ରାଜଧାନୀ ବୁଦାପେଷ୍ଟ ଅଭିମୁଖେ ଯାତ୍ରା କରିଛି। ଏହାର ଧାରଣ କ୍ଷମତା ୨୧୬। କେନ୍ଦ୍ର ସରକାର ଏୟାର ଇଣ୍ଡିଆ, ଏୟାର ଇଣ୍ଡିଆ ଏକ୍ସପ୍ରେସ୍, ଇଣ୍ଡିଗୋ ଏବଂ ସ୍ପାଇସ୍ ଜେଟ୍‌ର ପ୍ରାୟ ୨୦ ବିମାନକୁ ଏହି ମିଶନରେ ଲଗାଇଛନ୍ତି। ଏହାବାଦ୍ ଭାରତୀୟ ବାୟୁସେନାକୁ ମଧ୍ୟ ୟୁକ୍ରେନ୍‌ର ପଡ଼ୋଶୀ ଦେଶଗୁଡ଼ିକରୁ ଭାରତୀୟଙ୍କୁ ଆଣିବା ପାଇଁ କୁହାଯାଇଛି। ଏୟାର ଇଣ୍ଡିଆରେ ୨୫୦, ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ରେ ୧୮୦ ଏବଂ ଇଣ୍ଡିଗୋରେ ୨୧୬ ଯାତ୍ରୀ ଏକାଥରକେ ଆସିପାରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ, ଜ୍ୟୋତିରାଦିତ୍ୟ ସିନ୍ଧିଆ, କିରେନ୍ ରିଜିଜୁ ଏବଂ ଭି.କେ. ସିଂଙ୍କୁ ୟୁକ୍ରେନ୍‌ର ପଡ଼ୋଶୀ ଦେଶଗୁଡ଼ିକୁ ପଠାଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୋମବାର କୁହାଯାଇଥିଲା ଯେ ଆଡ୍‌ଭାଇଜରି ଜାରି ହେବା ପରଠାରୁ ୮,୦୦୦ ଭାରତୀୟ ୟୁକ୍ରେନ୍ ଛାଡ଼ିଥିବାବେଳେ ୬ଟି ଇଭାକ୍ୟୁଏଶନ୍ ଫ୍ଲାଇଟ୍‌ରେ ୧୪,୦୦ ନାଗରିକ ଫେରିଲେଣି।




ୟୁକ୍ରେନ୍‌ର ଖର୍କିଭ୍‌ରେ ରୁଷିଆ ସୈନ୍ୟଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା କର୍ନାଟକର ମେଡିକାଲ ଛାତ୍ର ନବୀନ ଶେଖରପ୍ପାଙ୍କୁ ନୂଆଦିଲ୍ଲୀରେ ଯୁବ କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

## ସତ୍ୟ ନାଡେଲାଙ୍କ ପୁତ୍ର ବିୟୋଗ

ୱାଶିଂଟନ, ୧।୩

ଆମେରିକୀୟ ମଲ୍ଟିନ୍ୟାଶନାଲ ଟେକ୍‌ନୋଲୋଜି କମ୍ପାନୀ ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲାଙ୍କ ୨୬ ବର୍ଷୀୟ ପୁଅ ଜୈନ ନାଡେଲାଙ୍କ ସୋମବାର ଦେହାନ୍ତ ଘଟିଛି। ଜୈନ ସେରେବ୍ରାଲ ପଲ୍‌ସି ରୋଗରେ ଆକ୍ରାନ୍ତ ଥିଲେ। ଏହା ଏକ ମସ୍ତିଷ୍କ ଜନିତ ରୋଗ, ଯେଉଁଥିରେ କାନ୍ଧ ଏବଂ ଆଣ୍ଠୁ ଏକ ପ୍ରକାର ଅଚଳ ହୋଇଯାଏ। ଆମେରିକାର ଏକ ଇଣ୍ଟିଗ୍ରେଟିଭ୍ ବେନ୍ ରିସର୍ଚ୍ଚ ସେଣ୍ଟରରେ ଜୈନ ଚିକିତ୍ସିତ ହେଉଥିଲେ। ଚିକିତ୍ସା ଦ୍ୱାରା ୨୦୨୧ରେ ତାଙ୍କ ଶରୀରରେ ଅନେକ ସୁଧାର ପରିଲକ୍ଷିତ ହୋଇଥିଲେ ହେଁ ସେ ପୁଣି ଅସୁସ୍ଥ ହୋଇପଡ଼ିଥିଲେ। ସଙ୍ଗୀତ ପ୍ରତି ଜୈନଙ୍କ ଅହେତୁକ ରୁଚି ଥିଲା ବୋଲି ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଜେଫ୍ ସ୍ପେରିଙ୍ଗ୍ କହିଛନ୍ତି।



## ଉତ୍ତର-ପଶ୍ଚିମାଞ୍ଚଳରେ ବଢ଼ିବ ଗ୍ରୀଷ୍ମ ପ୍ରବାହ

### ଆଇଏମ୍‌ଡି ରିପୋର୍ଟ

ନୂଆଦିଲ୍ଲୀ, ୧।୩

ଚଳିତ ବର୍ଷ ମାର୍ଚ୍ଚରୁ ମେ' ମାସ ପର୍ଯ୍ୟନ୍ତ ଦେଶରେ ଗ୍ରୀଷ୍ମ ପ୍ରବାହ କିଭଳି ରହିବ ସେ ନେଇ ମଙ୍ଗଳାବର ଇଣ୍ଡିଆନ୍ ମେଟେରୋଲୋଜିକାଲ ଡିପାର୍ଟମେଣ୍ଟ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି। ଏ ବର୍ଷ କିଛି ସ୍ଥାନରେ ତାପମାତ୍ରା ବଢ଼ିବାକୁ ଥିବାବେଳେ ଆଉ କିଛି ସ୍ଥାନରେ ସାଧାରଣ ତାପମାତ୍ରା ଅନୁଭୂତ ହେବ। ଜମ୍ମୁ-କଶ୍ମୀର, ଲଦାଖ, ହିମାଚଳ ପ୍ରଦେଶ, ରାଜସ୍ଥାନ ଏବଂ ମଣିପୁରରେ ମାର୍ଚ୍ଚରୁ ମେ' ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରା ରହିବ। ସେହିପରି ପଞ୍ଜାବ, ଉତ୍ତର ପ୍ରଦେଶ, ବିହାର, ଓଡ଼ିଶା, ପଶ୍ଚିମବଙ୍ଗ, ତାମିଲନାଡୁରେ ସର୍ବାଧିକ ତାପମାତ୍ରା ଅନୁଭୂତ ହେବ ବୋଲି ପ୍ରକାଶିତ ଆଇଏମ୍‌ଡି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଦକ୍ଷିଣ-ମଧ୍ୟ ଏବଂ ଉତ୍ତର-ଦକ୍ଷିଣାଞ୍ଚଳରେ ଗ୍ରୀଷ୍ମ ପ୍ରବାହ ସର୍ବାଧିକ ରହିବ। ପୂର୍ବ ଏବଂ ଉତ୍ତର-ପୂର୍ବାରେ ରାତିବେଳା ସର୍ବାଧିକ ତାପମାତ୍ରା ଅନୁଭୂତ ହେବାକୁ ଥିବାବେଳେ ଉତ୍ତର-ଦକ୍ଷିଣ ଏବଂ ଦକ୍ଷିଣ ଭାରତରେ ସର୍ବନିମ୍ନ ତାପମାତ୍ରା ଅନୁଭୂତ ହେବ ବୋଲି କହିଛନ୍ତି ଆଇଏମ୍‌ଡି ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର। ଭାରତରେ ଗ୍ରୀଷ୍ମ ପ୍ରବାହ ମାର୍ଚ୍ଚରୁ ଆରମ୍ଭ ହୋଇ ଜୁନ୍ ମଧ୍ୟ ଭାଗ ପର୍ଯ୍ୟନ୍ତ ଅନୁଭୂତ ହୋଇଥାଏ; ଯାହାଫଳରେ ଉତ୍ତରାଞ୍ଚଳ ଏବଂ ଉତ୍ତର-ପଶ୍ଚିମାଞ୍ଚଳରେ ମୌସୁମୀ ପ୍ରବାହ ଆରମ୍ଭ ହୁଏ। ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପ କାରଣରୁ ମାର୍ଚ୍ଚ ୩ ଏବଂ ୪ ତାରିଖରେ ତାମିଲନାଡୁ, ପୁଡୁଚେରୀ ଏବଂ ଏହାର ଆଖାପାଖ ଅଞ୍ଚଳଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ।

## ତିନି ଝିଅ, କେୟାର୍‌ଟେକରଙ୍କୁ ଗୁଳି ପରେ ଆତ୍ମହତ୍ୟା

କାଲିଫର୍ନିଆ, ୧।୩

କାଲିଫର୍ନିଆର ସାକ୍ରାମେଣ୍ଟୋରେ ଜଣେ ୩୯ ବର୍ଷୀୟ ବ୍ୟକ୍ତି ତାଙ୍କ ତିନି ଝିଅ ଏବଂ କେୟାରଟେକରଙ୍କୁ ଗୁଳିମାରି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ସୋମବାର ସନ୍ଧ୍ୟା ୫ଟା ବେଳେ ସାକ୍ରାମେଣ୍ଟୋ ଚର୍ଚ୍ଚରେ ଏହି ଅଭାବନୀୟ ଘଟଣା ଘଟିଛି। ପ୍ରାଣହରାଇଥିବା ଝିଅମାନଙ୍କ ବୟସ ଯଥାକ୍ରମେ ୯, ୧୦ ଏବଂ ୧୩ ବୋଲି ଜଣାପଡ଼ିଛି। ବ୍ୟକ୍ତି ଜଣକ ସ୍ତ୍ରୀଙ୍କଠାରୁ ଅଲଗା ରହୁଥିବାବେଳେ ଅଧିକାଂଶ ସମୟ ମାନସିକ ଚାପରେ ରହୁଥିଲେ। ଚର୍ଚ୍ଚରେ ଗୁଳି ଫୁଟିବାର ଶବ୍ଦ ଶୁଣାଯିବା ପରେ କର୍ତ୍ତୃପକ୍ଷ ୯୧୧ ହେଲ୍ପଲାଇନ୍ ନମ୍ବରକୁ ସୂଚନା ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ବ୍ୟକ୍ତିଙ୍କ କୌଣସି ପ୍ରକାର ପରିଚୟ ପୋଲିସର ହସ୍ତଗତ ହୋଇନାହିଁ। ସ୍ୱତନ୍ତ୍ର ଯାଞ୍ଚ ଟିମ୍ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ସାକ୍ରାମେଣ୍ଟୋ ଚର୍ଚ୍ଚକୁ ଇଂରାଜୀ, ଚାଇନିଜ୍ ଏବଂ ସ୍ପାନିସ୍ ଭାଷାଭାଷି ଲୋକ ଆସୁଥିବାବେଳେ ସୋମବାର ଚର୍ଚ୍ଚରେ କୌଣସି ପ୍ରକାର କାର୍ଯ୍ୟକ୍ରମ ନ ଥିବା ପୋଲିସ କହିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୩,୭୭,୯୨,୩୨୮ | ୫୯,୭୮,୨୧୭ | ୩୬,୯୫,୦୦,୩୦୭ |
| ଭାରତ | ୪,୨୯,୩୧,୦୪୫ | ୫,୧୪,୦୫୪ | ୪,୨୩,୨୪,୫୫୦ |
| ଓଡ଼ିଶା | ୧୨,୮୫,୨୦୬ | ୯୦୭୯(+୫୩) | ୧୨,୭୪,୦୪୮ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# 'କମ୍ ଲୋକ ପୁରାଣ ପଢ଼ନ୍ତି'


ଦେବଦତ୍ତ ପଟ୍ଟନାୟକ

**ପିଲାଟି ଦିନରୁ ପୁରାଣ ଉପରେ ଥିଲା ତାଙ୍କର ବିଶେଷ ଆଗ୍ରହ। ତେଣୁ ପାଠ ପଢ଼ିବା ସମୟରୁ ସେ ପୌରାଣିକ ବିଷୟବସ୍ତୁ ଉପରେ ଲେଖାଲେଖି ଆରମ୍ଭ କରିଦେଇଥିଲେ। ପରବର୍ତ୍ତୀ ସମୟରେ ଜଣେ ଡାକ୍ତର ହୋଇ ମଧ୍ୟ ଲେଖାଲେଖି ଛାଡ଼ି ନ ଥିଲେ। ବରଂ ଦିନକୁ ଦିନ ପୁରାଣ ପ୍ରତି ତାଙ୍କର ଆକର୍ଷଣ ବଢ଼ିବାରେ ଲାଗିଥିଲା। ଏମିତି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ଦେବଦତ୍ତ ପଟ୍ଟନାୟକ। ମୁମ୍ବାଇରେ ରହୁଥିବା ଦେବଦତ୍ତଙ୍କ ଘର ଓଡ଼ିଶା। ୧୯୭୦ ଡିସେମ୍ବର ୧୧ରେ ମୁମ୍ବାଇରେ ଜନ୍ମଗ୍ରହଣ କରିଥିବା ଦେବଦତ୍ତ ପୁରାଣବିତ୍, ବକ୍ତା ଏବଂ ଲେଖକ ଭାବେ ପରିଚିତ। ହିନ୍ଦୁ ପବିତ୍ର ବିଦ୍ୟା, କିମ୍ବଦନ୍ତୀ, ଲୋକନୃତ୍ୟ ଉପରେ ଲେଖା ପାଇଁ ସେ ଜଣାଶୁଣା। ତାଙ୍କ ଲେଖା ମୁଖ୍ୟତଃ ଧର୍ମ, ପୁରାଣ ଏବଂ ପରିଚାଳନା କ୍ଷେତ୍ର ଉପରେ ଗୁରୁତ୍ୱ ଦେଇଥାଏ। ଏଭଳି ଜଣେ ବ୍ୟକ୍ତିବିଶେଷଙ୍କ ସହିତ 'ଧରିତ୍ରୀ'ର ଅସମାପିକା ସାହୁଙ୍କ ସ୍ୱତନ୍ତ୍ର ଆଳାପ।**

**ପ୍ର- ଡାକ୍ତରୀ ବୃତ୍ତିରେ ଥାଇ ଆପଣ ପୌରାଣିକ ବିଷୟ ଉପରେ ଲେଖିବା କେବେଠାରୁ ଆରମ୍ଭ କରିଥିଲେ?**

ଉ- ପିଲାଦିନରୁ ମୋର ପୁରାଣ ଉପରେ ସର୍ବଦା ଆଗ୍ରହ ରହିଥିଲା। ତେବେ କଲେଜରେ ପଢ଼ିବା ସମୟରେ ଅଧିକ ଆକର୍ଷିତ ହୋଇଥିଲି। ମୋର ପ୍ରଥମ ସ୍ତମ୍ଭ କଲେଜ ପତ୍ରିକାରେ ପୌରାଣିକ ସମ୍ବନ୍ଧୀୟ ଥିଲା। ତା'ପରେ ଜଣେ ପ୍ରକାଶକଙ୍କ ଆଗ୍ରହରେ ପୁରାଣ ଉପରେ ୧୯୯୬ ମସିହାରେ ମୋର ପ୍ରଥମ ପୁସ୍ତକ 'ଶିବ: ଆନ୍ ଇଣ୍ଟ୍ରୋଡକ୍ସନ' ପ୍ରକାଶ ପାଇଥିଲା। ତେବେ ପୁରାଣ ମୋର କାର୍ଯ୍ୟ ସହିତ ସମାନ୍ତରାଳ ଧାରାରେ ଜଡ଼ିତ ରହିଥିଲା।

**ପ୍ର- ଡାକ୍ତର ହୋଇ ପୌରାଣିକ କାହାଣୀ ବ୍ୟାଖ୍ୟା କରିବା ଆପଣଙ୍କ ପାଇଁ କେତେ ସହଜ ବା କଷ୍ଟକର ଥିଲା?**

ଉ- ଏହି ଦୁଇଟି ମଧ୍ୟରେ କୌଣସି ସମ୍ପର୍କ ନାହିଁ। ମହିଳାମାନେ ଯେପରି ଏକ ସମୟରେ ପରିବାର ଚଳାଇବା ସହିତ ଚାକିରି କରିପାରିବେ, ସେହିପରି ମୋ ପାଇଁ ମଧ୍ୟ ପୁରାଣ ଏବଂ ଔଷଧ କ୍ଷେତ୍ର ପରିଚାଳନା କରିବା ସମାନ ଥିଲା। ମଣିଷ ଭାବେ ଆମେ ନିଜକୁ ନ୍ୟୂନ ମନେକରୁ।

**ପ୍ର- ଆଧ୍ୟାତ୍ମିକ ପରିଭାଷା ଦିନକୁ ଦିନ ବଦଳି ଯାଉଥିବା ଲକ୍ଷ୍ୟ କରୁଛନ୍ତି କି?**

ଉ- ଅଧିକାଂଶ ଲୋକ ଯେତେବେଳେ ପୌରାଣିକ ଶବ୍ଦ ବ୍ୟବହାର କରନ୍ତି, ସେମାନେ ପ୍ରକୃତରେ ପୌରାଣିକ କଳ୍ପନା ବା ପୁରାଣକୁ ନିଜ ମୁତାବକ ପୁନଃ ପ୍ରକାଶ କରନ୍ତି। ବହୁତ କମ୍ ଲୋକ ପୁରାଣ ଅଧ୍ୟୟନ କରନ୍ତି, ଯାହାକି ଅଧିକ ବିଶ୍ଳେଷଣାତ୍ମକ ଅଟେ।

**ପ୍ର- ଆଜିର ସମୟରେ ପୌରାଣିକ ଘଟଣାବଳୀ ଜାଣିବା ପାଇଁ ଯୁବପିଢ଼ି କିଭଳି ଉତ୍ସାହ ରଖୁଛନ୍ତି?**

ଉ- ପୁରାତନ ପିଢ଼ିର ଲୋକେ ମଧ୍ୟ ଟିଭି ଶୋ' ବ୍ୟତୀତ ପୁରାଣ ବିଷୟରେ ଅଧିକ ଜାଣନ୍ତି ନାହିଁ। ମୋର ଲେଖା ଯୁବକ କିମ୍ବା ବୃଦ୍ଧମାନଙ୍କ ପାଇଁ ନୁହେଁ, ଏହା ସମସ୍ତଙ୍କ ପାଇଁ।

**ପ୍ର- ପୌରାଣିକ ବିଷୟବସ୍ତୁ ଆଧାରିତ ଆପଣଙ୍କ ସ୍ତମ୍ଭ ଅନେକ ସମୟରେ ବିବାଦୀୟ ହୋଇଛି। ପାଠିକା ପାଠକଙ୍କୁ କିଭଳି ବୁଝାଇଛନ୍ତି?**

ଉ- ମୁଁ କାହାକୁ ବୁଝାଇବା ପାଇଁ ଚେଷ୍ଟା କରେ ନାହିଁ। ଜଣେ ଲେଖକ ଭାବେ ମୁଁ ଲୋକଙ୍କୁ ସଚେତନ କରିବା ଉପରେ ଧ୍ୟାନ ଦେଇଥାଏ।

**ପ୍ର- ପୌରାଣିକ କଥାବାଚକ ବା ତଥାକଥିତ ପ୍ରବଚକଙ୍କ ଭିଡ଼ ଭିତରେ ଆପଣ ସ୍ୱତନ୍ତ୍ର। କେବେ ସେମାନଙ୍କ ତରଫରୁ ସେଭଳି କିଛି ପ୍ରତିରୋଧ ବା ପ୍ରତିବାଦର ସମ୍ମୁଖୀନ ହୋଇଛନ୍ତି କି?**

ଉ- ପୁରାଣବିତ୍ ଭାବେ ମୁଁ କାହାଣୀ, ପ୍ରତୀକ ଓ ରୀତିନୀତିକୁ ବ୍ୟାଖ୍ୟା କରେ ଏବଂ ସେଗୁଡ଼ିକୁ ଦୈନନ୍ଦିନ ଜୀବନ, ବ୍ୟକ୍ତିଗତ ଓ ବୃତ୍ତିଗତ ସହିତ ସଂଯୋଗ କରେ। ମୁଁ ନିଜକୁ କୌଣସି ଗଡ୍ ମେନ୍/ଓ୍ୱମେନଙ୍କ ସମାସ୍କନ୍ଧ ଭାବେ ବିବେଚନା କରେନାହିଁ। ମୁଁ କୌଣସି ପ୍ରକାରର ଧାର୍ମିକ ପନ୍ଥା ଗଠନ କରିବାକୁ ଚାହେଁ ନାହିଁ।

**ପ୍ର- ଆପଣଙ୍କ ଦୁଇ ପୁସ୍ତକ 'ପାଣ୍ଡବଙ୍କ ୬ ଯୁଦ୍ଧ' ଓ 'ସୀତାଙ୍କ ୫ ଇଚ୍ଛା' କେଉଁ ପୃଷ୍ଠଭୂମି ଉପରେ ଆଧାରିତ? କିଭଳି ପ୍ରଭାବ ରହିବ ବୋଲି ଭାବୁଛନ୍ତି?**

ଉ- ସୀତା ପସନ୍ଦ କରୁଥିବା ଦୃଷ୍ଟିକୋଣକୁ ରାମାୟଣରେ କେବେ ବି କୁହାଯାଇ ନାହିଁ। ସେହିଭଳି ମହାଭାରତ ମଧ୍ୟ ସେହି ପିଲାମାନଙ୍କ ଦୃଷ୍ଟିକୋଣକୁ ବ୍ୟାଖ୍ୟା କରିନାହିଁ, ଯେଉଁମାନେ ନିଜ ସମ୍ପର୍କୀୟ ଭାଇଙ୍କ ଦ୍ୱାରା ପ୍ରତାରିତ ହେଉଥିଲେ। ଏହା ହେଉଛି ବାସ୍ତବ ପ୍ରସଙ୍ଗ, ଯାହା ମୁଁ ହାଇଲାଇଟ୍ କରିବାକୁ ଚାହୁଁଛି। ମୁଁ ଏହା କଳ୍ପନା କରିନାହିଁ। ଏହା ଭାରତର ପ୍ରାଚୀନ ସନ୍ଥମାନଙ୍କର କାହାଣୀ, ଯାହା ପିଲାମାନଙ୍କୁ ସାହାଯ୍ୟ କରିବା ପାଇଁ ପରିକଳ୍ପିତ।

**ପ୍ର- 'ପାଣ୍ଡବଙ୍କ ୬ ଯୁଦ୍ଧ'ରେ ମୁଖ୍ୟତଃ କେଉଁ ବିଷୟ ବସ୍ତୁ ରହିଛି? କାରଣ ପାଣ୍ଡବ ଓ କୌରବ ଯୁଦ୍ଧ ସମ୍ପର୍କରେ ସମସ୍ତେ ଜାଣିଛନ୍ତି, ହେଲେ ଆଉ କେଉଁ ୫ଟି ଯୁଦ୍ଧ ପାଠକମାନେ ଜାଣିବେ?**

ଉ- ମହାଭାରତ ଯୁଦ୍ଧ ବ୍ୟତୀତ, ଯେଉଁସବୁ ଘଟଣାବଳୀକୁ ନେଇ ଯୁଦ୍ଧ ଆରମ୍ଭ ହେଲା, ଏହି ବହି ସେହିସବୁ କଥା କହିବ।

**ପ୍ର- 'ସୀତାଙ୍କ ୫ ଇଚ୍ଛା' ପୁସ୍ତକରେ ପାଠକମାନେ ସୀତାଙ୍କୁ କେଉଁ ଭୂମିକାରେ ପାଇବେ?**

ଉ- ଜଣେ ଏଭଳି ମହିଳା, ଯିଏ ନିଜେ ନିଜକୁ ପସନ୍ଦ କରିଥିଲେ।

**ପ୍ର- ଆଗକୁ ଓଡ଼ିଆ ଭାଷାରେ ଅନ୍ୟ କେଉଁ କେଉଁ ବ୍ୟକ୍ତି ବା ଘଟଣାବଳୀକୁ ନେଇ ବହି ଲେଖିବା ଯୋଜନା ରଖିଛନ୍ତି କି?**

ଉ- ମୋର ପ୍ରକାଶକ ଓଡ଼ିଶା ସମ୍ବନ୍ଧୀୟ ପ୍ରବନ୍ଧଗୁଡ଼ିକୁ ଅନୁବାଦ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଲୋକମାନେ ଯେତେବେଳେ ଭାରତ ବିଷୟରେ କଥାବାର୍ତ୍ତା ହୁଅନ୍ତି, ସେମାନେ କେବଳ ଉତ୍ତର ଏବଂ ଦକ୍ଷିଣ ବିଷୟରେ କଥାବାର୍ତ୍ତା କରନ୍ତି। ଯେତେବେଳେ ଆମେ ପୂର୍ବ ଦିଲ୍ଲୀ ଯାହାକି ବଙ୍ଗଳା ପର୍ଯ୍ୟନ୍ତ ପ୍ରତିଷ୍ଠିତ ଥିଲା, ତାହା ଉପରେ ଆଲୋଚନା କରୁ, ସେତେବେଳେ ଆମେ ଓଡ଼ିଶାର ଇତିହାସକୁ ସମ୍ପୂର୍ଣ୍ଣ ଭୁଲିଯାଉ। ସୋମନାଥ ମନ୍ଦିର ଉପରେ ହୋଇଥିବା ଆକ୍ରମଣ ବିଷୟରେ ସାରା ବିଶ୍ୱ ଜାଣିଛି। କିନ୍ତୁ ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ଉପରେ ହୋଇଥିବା ଆକ୍ରମଣ ବିଷୟରେ କେହି ଜାଣିନାହାନ୍ତି। ବେଳେବେଳେ ମୁଁ ଅନୁଭବ କରେ ଯେ, ହିନ୍ଦୀ ଭାଷାଭାଷୀ ଅଞ୍ଚଳ ଭାରତର ଅନ୍ୟାନ୍ୟ ଅଂଶ ଉପରେ ପ୍ରଭାବ ବିସ୍ତାର କରିଛି, ଯାହାକି ଅତ୍ୟନ୍ତ ଦୁଃଖଦାୟକ। ମୋର ପ୍ରବନ୍ଧରେ ସାଧାରଣତଃ ମୁଁ ଲୋକଙ୍କୁ ଓଡ଼ିଶାର ଇତିହାସ ଏବଂ ସଂସ୍କୃତି ବିଷୟରେ କହିବାକୁ ଚେଷ୍ଟା କରିଥାଏ।

# ପର୍ଯ୍ୟଟକଙ୍କ ଚାହିଦାକୁ ଦେଖି ସୁବିଧା

**ସମ୍ବଲପୁର ମାଝିପାଲି ଅଞ୍ଚଳରେ ଥିବା 'ଦି ୱେଲ୍‌କମ୍ ରିସର୍ଟ ଆଣ୍ଡ୍ ସ୍ପା' ପର୍ଯ୍ୟଟକଙ୍କ ରହଣି ପାଇଁ ଏକ ଉପଯୁକ୍ତ ସ୍ଥାନ। ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟଟକଙ୍କ ପାଇଁ ଏହି ହୋଟେଲ୍ ସବୁ ପ୍ରକାର ସୁବିଧା ଯୋଗାଇଥାଏ। ପିଲାଙ୍କ ଖେଳ ସାମଗ୍ରୀଠୁ ନେଇ ଯୁବବର୍ଗଙ୍କ ଜିମ୍ ଏବଂ ସ୍ପା ସୁବିଧା ଏଠାରେ ଉପଲବ୍ଧ। ଗ୍ରାହକଙ୍କୁ ଆଗକୁ ମଧ୍ୟ ଉନ୍ନତ ସେବା ପ୍ରଦାନ ଲକ୍ଷ୍ୟ ରଖିଥିବା ଧରିତ୍ରୀକୁ ସାକ୍ଷାତ୍‌କାରରେ କହିଛନ୍ତି ହୋଟେଲର ପରିଚାଳନା ନିର୍ଦ୍ଦେଶକ ନଟବର କୁମାର ବାଙ୍କା।**


ନଟବର କୁମାର ବାଙ୍କା, ଏମ୍‌ଡି, ଦି ୱେଲ୍‌କମ୍ ରିସର୍ଟ ଆଣ୍ଡ ସ୍ପା, ସମ୍ବଲପୁର

ଧରିତ୍ରୀ | OrissaPOST BUSINESS EMINENCE AWARDS

**▸▸ ଏମ୍‌ଆଇସିଇ ବିଜ୍‌ନେସ୍‌ରେ ଯୋଡ଼ିହେବା ପାଇଁ ଆପଣଙ୍କ ଗ୍ରୁପ୍ ପକ୍ଷରୁ କ'ଣ ସବୁ ପଦକ୍ଷେପ ନିଆଯାଇଥାଏ?**

ହୋଟେଲ୍ ଇଣ୍ଡଷ୍ଟ୍ରି ପାଇଁ ଏମ୍‌ଆଇସିଇ ସେଗ୍‌ମେଣ୍ଟ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏଥିରେ ସାଧାରଣତଃ ବିଭିନ୍ନ ଚ୍ୟାଲେଞ୍ଜ ରହିଥାଏ। ପ୍ଲାନରଙ୍କ ଚାହିଦା ତଥା ଆବଶ୍ୟକତା ଦିନକୁ ଦିନ ବଢ଼ିବାରେ ଲାଗିଛି। ସେମାନେ ଯୋଗଦାନକାରୀଙ୍କ ଉତ୍ତମ ଅନୁଭୂତି ପାଇଁ ନୂତନ ଇଭେଣ୍ଟ ଟେକ୍ନୋଲୋଜି ଚାହାନ୍ତି। ଚାଲୁଥିବା ଏମ୍‌ଆଇସିଇ ବ୍ୟବସାୟ ଉପରେ ଆମେ ନଜର ରଖିବା ସହ ଇଭେଣ୍ଟର ପ୍ରକାରକୁ ଆଧାର କରି ଯୋଗଦାନକାରୀମାନଙ୍କୁ ଆକର୍ଷିତ କରିବା ଭଳି ଇଭେଣ୍ଟକୁ ନେଇ ଆମେ ଏକ ପ୍ରୋଫାଇଲ୍ ତିଆରି କରୁ। ଆମେ ଏବେ ଏକ ଡିଜିଟାଲ୍ ଦୁନିଆରେ ଥିବାରୁ ଡିଜିଟାଲ୍ ଚ୍ୟାନେଲ୍‌ଗୁଡ଼ିକ ମାଧ୍ୟମରେ ଇଭେଣ୍ଟ ଆୟୋଜନ ସ୍ଥଳଗୁଡ଼ିକୁ ପ୍ରମୋଟ୍ କରିଥାଉ। ସୋସିଆଲ୍ ମିଡିଆ, କର୍ପୋରେଟ ୱେବ୍‌ସାଇଟ୍ ଏବଂ ଅନ୍‌ଲାଇନ୍ ସୋର୍ସିଂ ଟୁଲଗୁଡିକ ମଧ୍ୟ କାର୍ଯ୍ୟ ବ୍ୟସ୍ତ ଯୋଜନାକାରୀଙ୍କର ଇଭେଣ୍ଟ ସମ୍ପର୍କିତ ପ୍ରାରମ୍ଭିକ ଧାରଣାକୁ ପ୍ରଭାବିତ କରେ। ଏହି ପ୍ରକ୍ରିୟା ଶୀଘ୍ର ଭେନ୍ୟୁ ନିର୍ଦ୍ଧାରଣ କରିବାରେ ସହଯୋଗ କରେ। ଏହା ଅଧିକ ସମୟ ନେବା ସହିତ ତ୍ରୁଟିଯୁକ୍ତ ଏବଂ କଷ୍ଟସାଧ୍ୟ ହୋଇଥାଏ। ତେଣୁ ଅଧିକାଂଶ ଇଭେଣ୍ଟ ପ୍ଲାନର ଦକ୍ଷ 'ରୁମ୍ ବ୍ଲକ୍ ମ୍ୟାନେଜ୍‌ମେଣ୍ଟ' ଚାହାନ୍ତି।

**▸▸ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାର ଭବିଷ୍ୟତକୁ କିଭଳି ଦେଖନ୍ତି?**

ଓଡ଼ିଶା ଦେଶର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ମଧ୍ୟରେ ଅନ୍ୟତମ। ରାଜ୍ୟରେ ଥିବା ଅଭୟାରଣ୍ୟ, ବେଳାଭୂମି, ମନ୍ଦିର, ସ୍ମାରକସ୍ଥଳ, କଳା-ସଂସ୍କୃତି ଏବଂ ପର୍ବପର୍ବାଣି ଅନେକ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି। ପର୍ଯ୍ୟଟକମାନେ ଗୋଟିଏ ସ୍ଥାନର ସଂସ୍କୃତି, କଳା, ପ୍ରସିଦ୍ଧ ଖାଦ୍ୟ ପାନୀୟ, ଭିତ୍ତିଭୂମି, ପରିଦୃଶ୍ୟ, ଇତିହାସ, ସାମଗ୍ରୀ କ୍ରୟ-ବିକ୍ରୟ ଇତ୍ୟାଦି ବିଶେଷତ୍ୱକୁ ଭିତ୍ତିକରି ଗନ୍ତବ୍ୟସ୍ଥଳ ଚୟନ କରନ୍ତି। ଗୋଟିଏ ପର୍ଯ୍ୟଟନସ୍ଥଳର ଏହି ବିଶେଷତ୍ୱଗୁଡ଼ିକ ସେମାନଙ୍କୁ ଆକର୍ଷିତ କରିଥାଏ। ଏ ଦୃଷ୍ଟିରୁ ଓଡ଼ିଶାକୁ ଏକ ଉତ୍ତମ ପର୍ଯ୍ୟଟନସ୍ଥଳ ଭାବରେ ମୁଁ ବିବେଚନା କରୁଛି।

**▸▸ ଅନ୍ୟ ହୋଟେଲ ତୁଳନାରେ ଦି ୱେଲ୍‌କମ୍ ରିସର୍ଟର କି ସ୍ୱତନ୍ତ୍ରତା ରହିଛି?**

ରହିବା ପାଇଁ ଉତ୍ତମ ବ୍ୟବସ୍ଥା: ଏହା ପର୍ଯ୍ୟଟକଙ୍କୁ ଉତ୍ତମ ରହିବା ସୁବିଧା ପ୍ରଦାନ ସହିତ ବ୍ୟବସାୟିକ ଉଦ୍ଦେଶ୍ୟରେ ଆସିଥିବା ଯାତ୍ରୀଙ୍କ ପାଇଁ ବିସ୍ତୃତ ସ୍ଥାନ ଯୋଗାଇ ଦେଇଥାଏ। ଏହାବ୍ୟତୀତ ଛୋଟ ପିଲାଙ୍କ ପାଇଁ ଏଠାରେ ଖେଳକୁଦ ସୁବିଧା ଥିବା କକ୍ଷ ବ୍ୟବସ୍ଥା ମଧ୍ୟ ରହିଛି। ଫିଟ୍‌ନେସ୍ ଏବଂ ସ୍ପା ସୁବିଧା: ବର୍ତ୍ତମାନ ପର୍ଯ୍ୟଟକମାନେ ନିଜ ସ୍ୱାସ୍ଥ୍ୟ ଏବଂ ଶରୀର ପ୍ରତି ଯଥେଷ୍ଟ ସଜାଗ ରହୁଥିବା ଅନୁଭବ କରି ଆମେ ନିଜ ହୋଟେଲରେ ଭଲ ଉପକରଣ ଥିବା ଜିମ୍ ଏବଂ ସ୍ପା ସୁବିଧା କରିଛୁ। ଏହାଛଡ଼ା ପିଲାଙ୍କ ଖେଳଣା ଏବଂ ପେଣ୍ଟିଂ ବୁକ୍‌କୁ ନେଇ ଏକ ଫ୍ୟାମିଲି ପ୍ୟାକ୍ ବ୍ୟବସ୍ଥା ମଧ୍ୟ କରିଛୁ। ଆମେ ବଜାର ଏବଂ ପର୍ଯ୍ୟଟକଙ୍କ ଚାହିଦାକୁ ନଜରରେ ରଖି ସେବା ଓ ସୁବିଧାମାନ ପ୍ରଦାନ କରିଥାଉ।

**▸▸ ପୁରୀରେ ପ୍ରସ୍ତାବିତ ଅନ୍ତର୍ଜାତୀୟ ବିମାନବନ୍ଦର ରାଜ୍ୟକୁ କିଭଳି ସହାୟକ ହେବ?**

ସରକାରଙ୍କ ଯୋଜନାଗୁଡ଼ିକ ପର୍ଯ୍ୟଟନ ଓ ଚିକିତ୍ସା କ୍ଷେତ୍ରରେ ଉନ୍ନତି ଏବଂ ନୂଆ ଆଶା ଜାଗ୍ରତ କରିଛି। ପୁରୀରେ ବିମାନବନ୍ଦର ପ୍ରତିଷ୍ଠା ହେବା ଦ୍ୱାରା ରାଜ୍ୟରେ ଯାତ୍ରା, ପରିବର୍ତ୍ତନ ଏବଂ ଆତିଥ୍ୟ ଦିଗରେ ଅନେକ ଉନ୍ନତି ପରିଲକ୍ଷିତ ହେବ। ଦେଶବିଦେଶର ଯାତ୍ରୀଙ୍କ ଭିଡ଼ ଜମିବ। ସୁବିଧା ପାଇଁ ଟ୍ରାଭେଲ୍ ମ୍ୟାନେଜରମାନେ ବିଭିନ୍ନ ଭାଷାଭିତ୍ତିକ ପ୍ରମୋଶନାଲ୍ ମ୍ୟାଟେରିଆଲ୍ ଏବଂ ଆକ୍ଟିଭିଟି ଗାଇଡ୍ ନିଯୁକ୍ତ କରିପାରିବେ। ଏହାଦ୍ୱାରା କର୍ମଚାରୀ ଏବଂ ପର୍ଯ୍ୟଟକଙ୍କ ମଧ୍ୟରେ ବାର୍ତ୍ତା ଆଦାନପ୍ରଦାନ ସୁବିଧାରେ ହୋଇପାରିବ।

# ୟୁକ୍ରେନ୍‌ରୁ ଫେରିଲେ ୫ ଓଡ଼ିଆ ଛାତ୍ରୀଛାତ୍ର

ଭୁବନେଶ୍ୱର, ୧।୩(ବ୍ୟୁରୋ)

ଯୁଦ୍ଧ ବିଭୀଷିକା ମଧ୍ୟରେ ଥିବା ୟୁକ୍ରେନ୍‌ରୁ ମଙ୍ଗଳବାର ୫ଜଣ ଛାତ୍ରୀଛାତ୍ର ଓଡ଼ିଶା ଫେରିଛନ୍ତି। ୟୁକ୍ରେନ୍ ସୀମାରେ ଦୀର୍ଘ ସମୟ ଧରି ଫସି ରହିବା ପରେ ଜଗତ୍‌ସିଂହପୁରର ବିକାଶ ବେହେରା, ସମ୍ବଲପୁରର ଐଶ୍ୱର୍ଯ୍ୟା ପାଣି, ଭୁବନେଶ୍ୱରର ଶୁଭସ୍ମିତା ପ୍ରିୟଦର୍ଶିନୀ ଏବଂ ଝାରସୁଗୁଡ଼ାର ଅମନ କୁମାର ଓ ଅନୁପମ କର ମୁମ୍ବାଇ ଦେଇ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରେ ମଙ୍ଗଳବାର ରାତିରେ ପହଞ୍ଚିଛନ୍ତି। ୟୁକ୍ରେନ୍ ଉପରେ ରୁଷିଆ ଯୁଦ୍ଧ ଘୋଷଣା କରିବା ପରେ ସେଠାରେ ଡାକ୍ତରୀ ଶିକ୍ଷା ଲାଭ କରୁଥିବା ଓଡ଼ିଶାର ଛାତ୍ରୀଛାତ୍ରମାନେ ନିଜ ଅଞ୍ଚଳକୁ ଫେରିବାକୁ ଚାହିଁଥିଲେ। ହେଲେ ବିମାନସେବା ବନ୍ଦ ହୋଇଯିବାରୁ ସେମାନଙ୍କୁ ଆଶ୍ରୟସ୍ଥଳରେ ରହିବାକୁ ପଡ଼ିଥିଲା। ୟୁକ୍ରେନ୍ ଦୂତାବାସରୁ ଅନୁମତି ପାଇବା ପରେ ଏକ ବସ୍‌ରେ ବହୁ ଛାତ୍ରୀଛାତ୍ର ୟୁକ୍ରେନ୍ ସୀମାକୁ ଆସିଥିଲେ। ସେଠାରେ ବହୁ ସମୟ ଅଟକି ରହିବା ପରେ ବିମାନ ଯୋଗେ ଭାରତ ଫେରିଥିଲେ। ଆଉ କିଛି ଛାତ୍ରୀଛାତ୍ର ବୁଧବାର ଆସିବେ। ସେମାନେ ଏବେ ଦିଲ୍ଲୀସ୍ଥିତ ଓଡ଼ିଶା ଭବନରେ ଅଛନ୍ତି। ଓଡ଼ିଶା ସରକାର ପିଲାମାନଙ୍କ ଉଦ୍ଧାର ପାଇଁ ସମସ୍ତ ପ୍ରକାର ସହଯୋଗ କରିବା ଲାଗି ପ୍ରତିଶ୍ରୁତି ଦେଇଛନ୍ତି ବୋଲି ମେଡିକାଲ ଶିକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ୟୁକ୍ରେନ୍ ପଠାଇଥିବା ୱାଇଜ୍ ଏଜୁକେଶନ ଗ୍ରୁପର ଆଲୋକ କୁମାର ଲାଲ କହିଛନ୍ତି।

ରୋମାନିଆ ସୀମାରେ ଥିବା ଭିନ୍ନିସିଆରେ ଡାକ୍ତରୀ ଶିକ୍ଷା ଗ୍ରହଣ କରୁଥିବା ଛାତ୍ର ମଧୁସୂଦନ ମିଶ୍ରଙ୍କ କହିବା ହେଲା, ବାହାରକୁ ବାହାରିବାକୁ ଦୂତାବାସ ପକ୍ଷରୁ ସେମାନଙ୍କୁ ବାରଣ କରାଯାଇଥିଲା। ତେଣୁ ଆମେ ଦୂତାବାସରୁ ଅନୁମତି ନେଇ ବସ୍ ବ୍ୟବସ୍ଥା କରି ରୋମାନିଆ ସୀମାର ସୁକିଭାରେ ପହଞ୍ଚିଥିଲୁ। ସେଠାରେ ଆଶ୍ରୟସ୍ଥଳରେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡ଼ିଥିଲା। ପରେ ପର୍ଯ୍ୟାୟକ୍ରମେ ବିମାନ ଯୋଗେ ଭାରତ ପଠାଯାଇଥିଲା। ମୁମ୍ବାଇ ଏବଂ ଦିଲ୍ଲୀସ୍ଥିତ ଓଡ଼ିଶା ଭବନରେ ଏବେ ଅନେକ ଛାତ୍ରୀଛାତ୍ର ରହିଛନ୍ତି। ଅନେକ ଛାତ୍ରୀଛାତ୍ର ସୋସିଆଲ ମିଡିଆ ମାଧ୍ୟମରେ ସେଠାକାର ଅବସ୍ଥା ସମ୍ପର୍କରେ ଅବଗତ କରାଉଛନ୍ତି। ଛାତ୍ରୀଛାତ୍ରମାନେ ସେଠାରେ ବହୁ ଦୟନୀୟ ଅବସ୍ଥାରେ ରହୁଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ବିଗିଡ଼ିବାରେ ଲାଗିଲାଣି। ତେଣୁ ସେମାନଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ସରକାର ପଦକ୍ଷେପ ନେବା ଜରୁରୀ ବୋଲି ମଧୁସୂଦନ କହିଛନ୍ତି। ସେଠାରେ ବିଯୁକ୍ତ ୧୦ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାରେ ଜଣେ ଛାତ୍ର ଫସି ରହିଥିବାବେଳେ ଆଉ ଜଣେ ଖାର୍କିବ ଅଞ୍ଚଳରେ ଫସି ରହିଛନ୍ତି। ଖାର୍କିବ ଅଞ୍ଚଳରେ ଘନ ଘନ ବୋମାମାଡ଼ ହେଉଥିବାରୁ ଭୟ ଓ ଆଶଙ୍କା ମଧ୍ୟରେ ସେ ରହିଛନ୍ତି। ସେଠାରୁ ଭାରତ ଆସିବାକୁ ହେଲେ ପୋଲାଣ୍ଡ କିମ୍ବା ରୋମାନିଆ ସୀମାକୁ ଆସିବା ଦରକାର। ହେଲେ କୌଣସି ଯାତାୟାତର ସୁବିଧା ନ ଥିବାରୁ ଏହା ସମ୍ଭବ ହୋଇପାରୁ ନାହିଁ। ଏପରି କି ଏଟିଏମ୍ ଠିକ୍‌ଭାବେ କାର୍ଯ୍ୟ କରୁ ନ ଥିବାରୁ ଟଙ୍କା ମଧ୍ୟ ପିଲାଙ୍କ ନିକଟରେ ଶେଷ ହୋଇଗଲାଣି। ତେଣୁ ୟୁକ୍ରେନ୍‌ରେ ଫସି ରହିଥିବା ପିଲାଙ୍କୁ ତୁରନ୍ତ ଭାରତ ଫେରାଇ ଆଣିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଚେଷ୍ଟା କରିବାକୁ ଛାତ୍ର ଏବଂ ଅଭିଭାବକ ମହଲରେ ଦାବି ହେଉଛି।

# ଦୁର୍ଘଟଣାରେ ନବବିବାହିତାଙ୍କ ମୃତ୍ୟୁ, ସ୍ୱାମୀ ଆହତ

ଧର୍ମଶାଳା, ୧।୩(ଡି.ଏନ.ଏ.)

ଜାଗରଯାତ୍ରା ପାଳନ କରିବାକୁ ମନ୍ଦିର ଯାଉଥିବା ଜଣେ ନବବିବାହିତା ମନ୍ଦିରରେ ପହଞ୍ଚି ପାରିନାହାନ୍ତି। ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଛି। ଉକ୍ତ ଦୁର୍ଘଟଣାରେ ତାଙ୍କ ସ୍ୱାମୀ ମଧ୍ୟ ଆହତ ହୋଇଛନ୍ତି। ଫଳରେ ନବବିବାହିତାଙ୍କ ଜାଗରଯାତ୍ରା ପାଳନ ଅଧୁରା ରହିଯାଇଛି। ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଭାଲୁଖାଇ ଛକ ନିକଟରେ ମଙ୍ଗଳବାର ଏହି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ସରଡ଼ା ଗ୍ରାମର ନୀରୋଦ ପଣ୍ଡାଙ୍କ ସ୍ତ୍ରୀ ଯାଜ୍ଞେଶ୍ୱରୀ(୨୩)। ଉଭୟ ଗତ ୧ ମାସ ତଳେ ବିବାହ କରିଥିଲେ। ସେମାନେ ଚଣ୍ଡିଖୋଲସ୍ଥିତ ମହାବିନାୟକ ପୀଠରେ ଜାଗର ଯାତ୍ରା ପାଇଁ ବାଇକ୍ ଯୋଗେ ଚଣ୍ଡିଖୋଲ ଅଭିମୁଖେ ଯାଉଥିଲେ। ତେବେ ଭାଲୁଖାଇ ଛକ ନିକଟରେ ପଛପଟୁ ଏକ ହାଇୱା ନଂ.(ଓଡି-୦୪-ଏନ-୭୬୦୫) ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଯାଜ୍ଞେଶ୍ୱରୀ ତଳେ ପଡ଼ି ଯାଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୀରୋଦ ଆହତ ହୋଇଥିବାରୁ ତାଙ୍କୁ ଚିକିତ୍ସା କରାଯାଉଛି। ଧର୍ମଶାଳା ପୋଲିସ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି। ଏଥିସହିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ପଠାଇ ଘଟଣାର ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ମାମଲା ନଂ.୧୦୬/୨୨ ରୁଜୁ ହୋଇଥିବା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

**ଅଧୁରା ରହିଲା ଜାଗର ଯାତ୍ରା ପାଳନ**

# 'କ୍ଷୀର ଏମ୍‌ଏସ୍‌ପି ଲିଟର ପିଛା ୩୫ ଟଙ୍କା କରାଯାଉ'

ଭୁବନେଶ୍ୱର, ୧।୩(ବ୍ୟୁରୋ)

କ୍ଷୀରର ସର୍ବନିମ୍ନ କ୍ରୟ ମୂଲ୍ୟ ସ୍ଥିର କରାଯାଇ ନ ଥିବାରୁ ଚାଷୀମାନେ ବିଭିନ୍ନ ଦୁଗ୍ଧ କମ୍ପାନୀ ଦ୍ୱାରା ଶୋଷିତ ହେଉଛନ୍ତି। ତେଣୁ କ୍ଷୀରର ସର୍ବନିମ୍ନ ମୂଲ୍ୟ (ଏମ୍‌ଏସ୍‌ପି) ଲିଟର ପିଛା ୩୫ ଟଙ୍କା କରିବାକୁ ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ ଦାବି କରିଛି। କ୍ଷୀରର ଅଭାବୀ ବିକ୍ରିକୁ ରୋକିବା ଏବଂ ଗ୍ରାମାଞ୍ଚଳ ଚାଷୀଙ୍କର ଅର୍ଥନୈତିକ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ଓମ୍‌ଫେଡ୍ ପ୍ରତିଷ୍ଠା ହୋଇଥିଲା। ହେଲେ କ୍ଷୀରର ମୂଲ୍ୟ ସ୍ଥିର କରାଯାଇନାହିଁ। ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘର ଏହି ଦାବିକୁ ସମାଜବାଦୀ ପାର୍ଟିର ରାଜ୍ୟ କମିଟି ସଭାପତି ରବି ବେହେରା ସମର୍ଥନ କରିଛନ୍ତି। ଏ ନେଇ ମଙ୍ଗଳବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ବେହେରା କହିଛନ୍ତି, ଅମୂଲ ଲିଟର ପିଛା ୨ଟଙ୍କା କ୍ଷୀର ଦର ବୃଦ୍ଧି କରିଛି। ବଜାରରେ ଡାଲି, ତେଲ, ଚାଉଳ, ଅଟା, ଚିନି, ମହଙ୍ଗା ହେବାରେ ଲାଗିଛି। ଫଳରେ ଲିଟର ପିଛା ୨୭/୨୮ ଟଙ୍କା ପାଉଥିବା ଓମ୍‌ଫେଡ୍ ଚାଷୀମାନଙ୍କ ପକ୍ଷରେ କ୍ଷୀର ବିକ୍ରି କରି ଚଳିବା କଷ୍ଟକର ହୋଇପଡ଼ିଛି। ତେଣୁ କ୍ଷୀରର ଲିଟର ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୩୫ଟଙ୍କା କରିବାକୁ ବେହେରା ଦାବି କରିଛନ୍ତି। ଏହାକୁ ତୁରନ୍ତ ଲାଗୁ କରିବା ପାଇଁ ସେ ଓମ୍‌ଫେଡ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି।


ପ୍ରଖ୍ୟାତ କଣ୍ଠଶିଳ୍ପୀ ପଦ୍ମଶ୍ରୀ କବିତା କ୍ରିଷ୍ଣମୂର୍ତ୍ତି ସୁବ୍ରମଣ୍ୟମ୍ ଏବଂ ପଦ୍ମଭୂଷଣ ଡ. ଏଲ୍. ସୁବ୍ରମଣ୍ୟମ୍ ମଙ୍ଗଳବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ.ପାଣ୍ଡିଆନ।

# ଆନ୍ତଃ ରାଜ୍ୟ ପାଇପ୍ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାଶ

**୬ ଗିରଫ, ପାଇପ୍ ବୋଝେଇ ୨ ଟ୍ରକ୍ ଜବତ**

ଝାରସୁଗୁଡ଼ା ଅଫିସ, ୧।୩

ଝାରସୁଗୁଡ଼ା ଜିଲା ପୋଲିସ ମଙ୍ଗଳବାର ଏକ ଆନ୍ତଃ ରାଜ୍ୟ ପାଇପ୍ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି। ପୋଲିସ ଏଥିରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଛତିଶଗଡ ରାଜ୍ୟ ବସନ୍ତପୁର ଥାନା ଅଞ୍ଚଳର ବିନୋଦ ରାଜ ଚୌହାନ (୪୬), ବାଗନନ୍ଦି ଥାନା ଆଲିଡେଙ୍ଗ ଗ୍ରାମର ସଞ୍ଜୟ ଗଣ୍ଡ (୨୦), ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ଥାନା ସୋଲେ ଗ୍ରାମର ପ୍ରତାପ ସିଂହ(୨୫), ସମ୍ବଲପୁର ମହୁଲପାଲି ଥାନା ପରିମୁଣ୍ଡା ନିକିଟିମାଲ ଗ୍ରାମର ସୁରେନ୍ଦ୍ର ନାୟକ(୪୭), କୈଳାସ ଖଡିଆ (୨୦) ଓ ଅମୃଶ୍ ମୁଣ୍ଡା (୩୮)। ଏମାନଙ୍କ ନିକଟରୁ ପୋଲିସ ଓଡି୨୩ବି-୬୪୬୬, ଓଡି ୨୨ଏବି-୨୩୫୬ନଂ ବିଶିଷ୍ଟ ୨ଟି ୧୨ଚକିଆ ଟ୍ରକ୍, ୧ ବାଇକ୍ ଓ ୩ମୋବାଇଲ୍ ଜବତ କରିଛି। ଏହାସହ ବାଦିମାଲ ଗ୍ରାମ ନିକଟରୁ ୯ ପାଇପ୍ ଓ ଅମାପାଲି ଗ୍ରାମ ନିକଟରୁ ୬୦ ପାଇପ୍ ଜବତ ହୋଇଛି। ଜବତ ୨ ଟ୍ରକ୍ ନମ୍ବର ନକଲି ବୋଲି ପୋଲିସ୍ ତଦନ୍ତରୁ ଜାଣିବାକୁ ପାଇଛି। ଏ ନେଇ ଏଲ୍‌ଆଣ୍ଡଟି ଠିକାସଂସ୍ଥାର ଅଧିକାରୀ ସରୋଜ କୁମାର ବିଶ୍ୱାଳଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ରେଙ୍ଗାଲି ଥାନା କେସ୍ ନଂ୩୪ ଓ ୩୫/୨୨ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଏସ୍‌ପି ବିକାଶ ଚନ୍ଦ୍ର ଦାସ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଜିଲାରେ ବିଭିନ୍ନ ସ୍ଥାନରେ ପାନୀୟଜଳ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ବାହାରୁ ପାଇପ୍ ଆସି ଗ୍ରାମାଞ୍ଚଳରେ ଗଚ୍ଛିତ ରଖାଯିବା ପରେ ମାଟି ଖୋଳାଯାଇ ବିଛାଯାଉଛି। ଏପରିସ୍ଥଳେ ଆନ୍ତଃ ରାଜ୍ୟ ପାଇପ୍ ଚୋର ଗ୍ୟାଙ୍ଗ୍ ସ୍ଥାନୀୟ ଲୋକଙ୍କୁ ହାତକରି ଟ୍ରକ୍‌ରେ ଛତିଶଗଡ ନେଇ ବିକ୍ରିକରି କୋଟିକୋଟି ଟଙ୍କା ଉପାର୍ଜନ କରୁଛନ୍ତି। ଗ୍ୟାଙ୍ଗ୍ ନିକଟରୁ ବିଭିନ୍ନ କମ୍ପାନୀ ପାଇପ୍ କମ୍ ମୂଲ୍ୟରେ କିଣି ପରେ ସ୍କ୍ରାପ୍‌ରେ ବିକ୍ରି କରୁଛନ୍ତି। ଗତ ଶନିବାର ରାତି ରେଙ୍ଗାଲି ପୋଲିସ୍ ପାଟ୍ରୋଲିଂ କରୁଥିବାବେଳେ କଣ୍ଢେଇକେଲା ଫାଣ୍ଡି ଅଞ୍ଚଳରୁ ୨ଟ୍ରକ୍‌ରେ ପାଇପ୍ ବୋଝେଇ ହୋଇ ଯାଉଥିଲା। ପୋଲିସ ସନ୍ଦେହକରି ଅଟକାଇବା ପରେ ଅଭିଯୁକ୍ତମାନେ ଟ୍ରକ୍ ଛାଡି ଫେରାର୍ ହୋଇଯାଇଥିଲେ। ପୋଲିସ ତଦନ୍ତକରି ଅଭିଯୁକ୍ତଙ୍କୁ ଧରିଥିଲା।

ଧରିତ୍ରୀ DHARITRI
ବୁଧବାର, ୨ ମାର୍ଚ୍ଚ, ୨୦୨୨



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଚିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଗସ୍ତି ଦେଲେ ଦାନ
କଷା ଗୁଆକୁ କଷା ପାନ।**

କୃପଣ ବ୍ୟକ୍ତି କାହାରିକୁ ମୁକ୍ତ ହସ୍ତରେ ଦାନ ଦେଇ ନ ଥାନ୍ତି। ଯେତେ ଥିଲେ ମଧ୍ୟ ସେ ସବୁ ସରିଯିବା ଭୟରେ ଦେବା ଲାଗି କୁଣ୍ଠା ପ୍ରକାଶ କରିଥାନ୍ତି। ଯଦି ବି ପରିସ୍ଥିତିରେ ପଡ଼ି କିମ୍ବା ବାଧ୍ୟବାଧକତାରେ କିଛି ଦେବାକୁ ପଡ଼େ ତେବେ ବାଛି ବାଛି ସବୁଠାରୁ ଖରାପ ଅବା ଅଦରକାରୀ ଜିନିଷକୁ ଦେଇ ନିଜର ଦାତାପଣିଆ ଦେଖେଇ ହୋଇଥାନ୍ତି। କୃପଣ ବ୍ୟକ୍ତିର ହୀନ ସ୍ୱଭାବ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅକାଳେ ବଢ଼େ
ସକାଳେ ମରେ।**

ଅନ୍ୟାୟ ଧନ କ୍ଷଣସ୍ଥାୟୀ। ଅଧର୍ମ ବାଟରେ ଯାଇ ବା ଅନ୍ୟାୟ ଅନୀତି କରି ଯେତେ ଧନ ଠୁଳ କରାଯାଇଥାଏ ତା'ର ଶେଷ ମଧ୍ୟ ସେତେ ଶୀଘ୍ର ହୋଇଥାଏ। ଅସତ୍ ଉପାୟରେ ଉପାର୍ଜନ କରାଯାଇଥିବା ଧନ କୌଣସି ସତ୍ କର୍ମରେ ଲାଗିପାରି ନ ଥାଏ ବରଂ ଏହା ଦୁଃଖର କାରଣ ପାଲଟିଥାଏ। ପାପଧନ କେବେହେଲେ ଭୋଗ୍ୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

## ପ୍ରଥମ ପୃଷ୍ଠାରୁ...

### ୟୁକ୍ରେନ୍‌ରେ କର୍ଣ୍ଣାଟକ...

ମାଡ଼ କରିଥିଲେ। ଏଥିରେ ନବୀନଙ୍କ ମୃତ୍ୟୁ ଘଟିଛି। ତାଙ୍କ ମୃତଦେହ ଖର୍କିବର ଏକ ଶବାଗାରକୁ ନିଆଯାଇଛି। ଏନେଇ ନବୀନଙ୍କ ବନ୍ଧୁ ତଥା ପ୍ରଥମ ବର୍ଷ ଡାକ୍ତରୀ ଛାତ୍ର ରାଣେବେନ୍ନୁର ପ୍ରବୀଣ ତାଙ୍କ ପରିବାରକୁ ଖବର ଦେଇଥିଲେ। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚୀ ଟୁଇଟରରେ ଲେଖିଛନ୍ତି, ଖର୍କିଭ୍‌ରେ ଜଣେ ଭାରତୀୟ ଛାତ୍ରଙ୍କୁ ଆମେ ହରାଇଛୁ। ମନ୍ତ୍ରଣାଳୟ ତାଙ୍କ ପରିବାର ସହ ଯୋଗସୂତ୍ରରେ ରହିଛି। ସେଠାରେ ଫସିରହିଥିବା ସବୁ ଭାରତୀୟ ଛାତ୍ରୀଛାତ୍ରଙ୍କୁ କିପରି ସୁରକ୍ଷିତ ଭାବେ ଅଣାଯିବ ସେନେଇ ରୁଷିଆ ଓ ୟୁକ୍ରେନ୍ ରାଷ୍ଟ୍ରଦୂତଙ୍କ ସହ ଯୋଗାଯୋଗ କରାଯାଇଛି।

ସେପଟେ ନବୀନଙ୍କ ମୃତ୍ୟୁ ଖବର ପାଇବା ମାତ୍ରେ ଚାଲାଗେରି ଗ୍ରାମରେ ତାଙ୍କ ପରିବାର ବିଚଳିତ ହୋଇଯାଇଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ନବୀନଙ୍କ ମୃତ୍ୟୁରେ ଶୋକ ବ୍ୟକ୍ତ କରିଛନ୍ତି। ଏଥିସହ ସମସ୍ତ ଭାରତୀୟ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ଲାଗି କେନ୍ଦ୍ର ସରକାର ଏକ ରଣନୀତି ପ୍ରସ୍ତୁତ କରନ୍ତୁ ବୋଲି ରାହୁଲ ଟୁଇଟ୍ କରିଛନ୍ତି।

### ସମର୍ଥନରେ...

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ମଙ୍ଗଳବାର ଲାଇଭ୍ ଭିଡିଓ କନ୍‌ଫରେନ୍ସ ଜରିଆରେ ୟୁରୋପୀୟ ପାର୍ଲାମେଣ୍ଟରେ ସମ୍ବୋଧନ କରିଛନ୍ତି। ୟୁରୋପୀୟ ସଂଘ (ଇୟୁ) ୟୁକ୍ରେନ୍ ସହ ଛିଡ଼ା ହୋଇଛି ବୋଲି ପ୍ରମାଣ ଦେବାକୁ ଜେଲେନ୍‌ସ୍କି ଆହ୍ୱାନ ଦେଇଛନ୍ତି। ଇୟୁ ବିନା ୟୁକ୍ରେନ୍ ଏକୁଟିଆ ପଡ଼ିଯିବ। ରୁଷିଆ ସହ ଲଢ଼ି ୟୁକ୍ରେନ୍ ନିଜ ଶକ୍ତିର ପ୍ରମାଣ ଦେଇଛି। ଆମ ମନୋବଳ କେହି ଭାଙ୍ଗି ପାରିବେ ନାହିଁ। ଦେଶର ସାର୍ବଭୌମତ୍ୱ ଏବଂ ଲୋକଙ୍କ ସୁରକ୍ଷା ପାଇଁ ଲଢ଼େଇ ଜାରି ରହିବ। ତେଣୁ ଇୟୁ ୟୁକ୍ରେନ୍‌କୁ ଏକୁଟିଆ ନ ଛାଡ଼ିବାର ପ୍ରତିଶ୍ରୁତି ଦେଉ ବୋଲି ଜେଲେନ୍‌ସ୍କି ଭାବବିହ୍ୱଳ ହୋଇ ତାଙ୍କ ସମ୍ବୋଧନରେ କହିଛନ୍ତି। ଜେଲେନ୍‌ସ୍କିଙ୍କ ଏହି ସମ୍ବୋଧନ ପରେ ଇୟୁ ପାର୍ଲାମେଣ୍ଟରେ ସମସ୍ତ ସଦସ୍ୟ ଛିଡ଼ା ହୋଇ ସମ୍ମାନ ଦେଇଥିଲେ।

ରୁଷିଆ ମଙ୍ଗଳବାର ମଧ୍ୟ ୟୁକ୍ରେନ୍‌ର ବିଭିନ୍ନ ସହର ଉପରେ ଆକ୍ରମଣ କରିଛି। ରାଜଧାନୀ କିଭ୍ ଏବଂ ୟୁକ୍ରେନ୍‌ର ଦ୍ୱିତୀୟ ବୃହତ୍ତମ ସହର ଖର୍କିଭକୁ କବ୍‌ଜା କରିବାକୁ ରୁଷିଆ ସୈନ୍ୟ ଘନଘନ ମିଶାଇଲ, ବୋମା ମାଡ଼ କରିଛନ୍ତି। ପ୍ରାୟ ୬୪ କି.ମି. ପର୍ଯ୍ୟନ୍ତ ବିରାଟ ରୁଷୀୟ ସୈନ୍ୟ କନ୍‌ଭେ ୟୁକ୍ରେନ୍ ସହର ଆଡ଼କୁ ମାଡ଼ି ଚାଲିଛି। ଖର୍କିଭ ଏବଂ କିଭ୍ ମଧ୍ୟରେ ଓଖତିର୍କା ସହରରେ ଥିବା ୟୁକ୍ରେନ୍ ସେନା ଘାଟି ଉପରେ ରୁଷିଆ ଆକ୍ରମଣ କରିଛି। ଏଥିରେ ପ୍ରାୟ ୭୦ ୟୁକ୍ରେନ୍ ସୈନ୍ୟ ନିହତ ହୋଇଥିବା ଜଣାଯାଇଛି। ରକେଟ ମାଡ଼ରେ ୟୁକ୍ରେନର ଆଉ ୧୦ ଜଣ ସାଧାରଣ ନାଗରିକଙ୍କ ଜୀବନ ଯାଇଥିବା ବେଳେ ୩୭ ଜଣ ଆହତ ହୋଇଥିବା ଖର୍କିଭ ମେୟର କହିଛନ୍ତି। ଏପରି କି ରୁଷିଆ ୟୁକ୍ରେନ୍ ସହରରେ ଭାକ୍ୟୁମ ବୋମା ବିସ୍ଫୋରଣ କରିଥିବା କିଭ୍ ପକ୍ଷରୁ ଅଭିଯୋଗ ହୋଇଛି। ଆକ୍ରମଣ ଦିନଠାରୁ ଅନ୍ୟୂନ ୧୩୬ ୟୁକ୍ରେନ୍ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ଏବଂ ୪୦୦ ଜଣ ଆହତ ହୋଇଥିବା ଜାତିସଂଘ ମାନବାଧିକାର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ୟୁକ୍ରେନ୍ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଆକ୍ରମଣରେ ୩୬୦ରୁ ଊର୍ଦ୍ଧ୍ୱ ନାଗରିକଙ୍କ ଜୀବନ ଯାଇଛି। ରୁଷିଆ ଏକ 'ଆତଙ୍କବାଦୀ ଦେଶ' ବୋଲି ଜେଲେନ୍‌ସ୍କି କହିଛନ୍ତି। ଯୁଦ୍ଧର ନିୟମ ଭାଙ୍ଗି ରୁଷିଆ ଅପରାଧ ଘଟାଇଚାଲିଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ୟୁକ୍ରେନ୍‌କୁ 'ନୋ-ଫ୍ଲାଏ-ଜୋନ୍' କରିବାକୁ ଜେଲେନ୍‌ସ୍କି ଦାବି କରିଥିବାବେଳେ ଆମେରିକା ତାହାକୁ ପ୍ରତ୍ୟାଖ୍ୟାନ କରିଛି। ଏପରି କରି ଆମେରିକା ସିଧାସଳଖ ରୁଷିଆ ସହ ଯୁଦ୍ଧକୁ ଓହ୍ଲାଇବାକୁ ଚାହୁଁନି ବୋଲି ହ୍ୱାଇଟ୍‌ହାଉସ୍ ପକ୍ଷରୁ କୁହାଯାଇଛି।

ଯୁଦ୍ଧ ଭୟରେ ପ୍ରାୟ ୧୦ ଲକ୍ଷ ୟୁକ୍ରେନ୍‌ବାସୀ ଜୀବନ ବଞ୍ଚାଇବାକୁ ଦେଶ ଛାଡ଼ିଥିବା ଜାତିସଂଘ ପକ୍ଷରୁ କୁହାଯାଇଛି। ମସ୍କୋ ଉପରେ ପାଶ୍ଚାତ୍ୟ ଦେଶ କଟକଣା ଜାରି ରଖିଥିବାବେଳେ ଆମେରିକା ୧୨ ରୁଷିଆ ଦୂତାବାସ କର୍ମଚାରୀଙ୍କ ଉପରେ ଗୋଇନ୍ଦାଗିରି ଅଭିଯୋଗ ଆଣିଛି। ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଆମେରିକା ସେମାନଙ୍କୁ ବହିଷ୍କାର କରିବାକୁ ନିଷ୍ପତ୍ତି ନେଇଛି। ସେପଟେ ରୁଷିଆ ବିଦେଶୀ ନାଗରିକଙ୍କ ନିବେଶ ପ୍ରତ୍ୟାହାର କରିବା ଉପରେ କଟକଣା ଲଗାଇଛି। ୟୁକ୍ରେନ ଆଣବିକ ଅସ୍ତ୍ର ରଖିବାକୁ ଯୋଜନା କରୁଥିବା ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେର୍‌ଗି ଲାଭ୍‌ରୋଭ କହିଛନ୍ତି। ହେଲେ ୟୁକ୍ରେନ୍‌କୁ ତାହା କରିବାକୁ ଦିଆଯିବ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି। ପୂର୍ବସୋଭିଏଟ୍‌ସଂଘ ରାଷ୍ଟ୍ରଗୁଡ଼ିକରେ ପାଶ୍ଚାତ୍ୟ ଦେଶର ସେନାଘାଟି ନିର୍ମାଣକୁ ରୁଷିଆ ଗ୍ରହଣ କରିବ ନାହିଁ ବୋଲି ସେ କହିଛନ୍ତି।

### ଭାକ୍ୟୁମ୍ ବୋମା...

ପର୍ଯ୍ୟନ୍ତ ଘଟିଥାଏ। ଏହି ଫୁଏଲ-ଏୟାର ଏକ୍ସପ୍ଲୋସିଭ୍ (ଏଫ୍‌ଏଇ)କୁ ପ୍ରଥମେ ଆମେରିକା ବିକଶିତ କରିବା ସହ ଭିଏତନାମ ଉପରେ ପ୍ରୟୋଗ କରିଥିଲା। ରୁଷିଆ ଏହି ବୋମା ପ୍ରସ୍ତୁତ କରି ୧୯୬୯ରେ ଚାଇନା ବିରୋଧରେ ବ୍ୟବହାର କରିଥିଲା।

### ଗଛରେ ପିଟି...

ହରାଇ ଏକ ଗଛକୁ ଧକ୍କା ଦେଇଥିଲା। କାରରେ ଜଣେ ମହିଳାଙ୍କ ସମେତ ୬ଜଣ ଯାତ୍ରୀ ଥିଲେ। ସ୍ଥାନୀୟ ଲୋକେ ଏବଂ ପୋଲିସ ସେମାନଙ୍କୁ ଉଦ୍ଧାର କରି ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ।

### ଟ୍ରକ୍‌କୁ ଧକ୍କା...

ଗାଡ଼ିଟି ରାସ୍ତା ପାର୍ଶ୍ୱରେ ଅଟକି ରହିଥିବା ଟ୍ରକ୍ (ନଂ. ଓଡି୦୯କ୍ୟୁ-୯୨୨୯) ପଛରେ ପିଟି ହୋଇଯାଇଥିଲା। ଖବରପାଇ ପାଲଲହଡା ବ୍ଲକ ୨୪ନଂ. ଜୋନ୍‌ର ପୂର୍ବତନ ଜିଲା ପରିଷଦ ସଦସ୍ୟ ସରୋଜ କୁମାର ସାହୁ ପହଞ୍ଚି ସମ୍ପୃକ୍ତ ୫ ଯୁବକଙ୍କୁ ଖମାର ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ସରୋଜଙ୍କଠାରୁ ଖବରପାଇ ଖମାର ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିଥିଲା। ଏଥିସହ ୫ ମୃତଦେହ ଜବତ କରି ପାଲଲହଡ଼ାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତଦନ୍ତକାରୀ ଅଫିସର ମାମିନା ମିଶ୍ର କହିଛନ୍ତି, ସମ୍ପୃକ୍ତ ୫ ଯୁବକ ଗାଁ ଅଭିମୁଖେ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ମୃତ ପିନୁ ସାହୁ, ଦିଲୀପ କୁମାର ସାହୁ ଓ ରାନୁ ପ୍ରଧାନ ସମ୍ପର୍କୀୟ ଭାଇ ବୋଲି ଜଣାପଡ଼ିଛି। ପୋଲିସ ନଂ. ୩୮/୨୦୨୨ରେ ମାମଲା ରୁଜୁ ସହ ଟ୍ରକ୍ ଚାଳକଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି।

### ବିଜେଡି ହାତରେ...

ଫଳାଫଳ ଆସିବା ପରେ ୩୦ ଜିଲାରେ ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ବିଜେଡି ହାତରେ ରହିବା କଥାକୁ ଆଉ କେହି ଏଡାଇଦେଇ ପାରିବେ ନାହିଁ। ନିର୍ବାଚନ କମିଶନଙ୍କ ରିପୋର୍ଟ ମୁତାବକ, ମୋଟ ୨,୧୦,୨୮,୪୦୩ ବୈଧ ଭୋଟ ମଧ୍ୟରୁ ବିଜେଡିକୁ ୧,୧୦,୮୯,୭୧୨ ଭୋଟ ମିଳିଛି। ସେହିପରି ଭାଜପାକୁ ୬୩,୨୩,୭୪୬, କଂଗ୍ରେସକୁ ୨୮,୫୪,୩୯୮, ସ୍ୱାଧୀନକୁ ୨,୮୧,୨୧୩ ଏବଂ ଅନ୍ୟାନ୍ୟଙ୍କୁ ୪,୭୯,୩୩୪ ଖଣ୍ଡ ଭୋଟ ମିଳିଛି। ସେହି ଅନୁଯାୟୀ ବିଜେଡି ପଞ୍ଚାୟତ ନିର୍ବାଚନରେ ୫୨.୭୩%, ଭାଜପା ୩୦.୦୭% ଏବଂ କଂଗ୍ରେସ ୧୩.୫୭% ଭୋଟ ହାତେଇବାରେ ସଫଳ ହୋଇଛି। ଚଳିତ ପଞ୍ଚାୟତ ନିର୍ବାଚନରେ ୮୫୩ଟି ଜିଲା ପରିଷଦ ଆସନ ଲାଗି ଭୋଟ ହେବାର ଥିଲା। ସେଥିରୁ କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଜୋନ୍-୮ର ବିଜେଡି ପ୍ରାର୍ଥୀ ଅନାଦି ଚରଣ ସିଂଙ୍କ ନିର୍ବାଚନ ପୂର୍ବରୁ ଦେହାନ୍ତ ହେବା କାରଣରୁ ସେହି ଆସନରେ ନିର୍ବାଚନ ବନ୍ଦ ରହିଛି। ସେହିପରି ବରଗଡ଼ ଜିଲା ଅମ୍ବାଭୋନା ବ୍ଲକର ଜୋନ୍-୬ରେ ବିଜେଡି ପ୍ରାର୍ଥିନୀ କଳ୍ପନା ପଧାନ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ବାକି ୮୫୧ ଆସନର ଫଳାଫଳ ଆସିବା ପରେ ବିଜେଡି ଓଡ଼ିଶାର ୩୦ ଜିଲାରେ ଜିଲା ପରିଷଦ ଗଠନ କରିବା ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି। ଭଦ୍ରକ, ଦେବଗଡ଼, ଯାଜପୁର ଏବଂ ଝାରସୁଗୁଡ଼ା ଜିଲାରେ ବିଜେଡି ଶତପ୍ରତିଶତ ରେଜଲ୍ଟ କରି ଦେଖାଇଛି।

୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେଡି ୪୭୩, ଭାଜପା ୨୯୭ ଏବଂ କଂଗ୍ରେସ ୬୦ଟି ଆସନରେ ବିଜୟୀ ହୋଇଥିଲା। ହେଲେ ଏଥର ବିଜେଡି ଗତଥର ତୁଳନାରେ ୨୯୩ଟି ଅଧିକ ଆସନରେ ବିଜୟୀ ହୋଇଥିଲା ବେଳେ ଭାଜପା ୨୫୫, କଂଗ୍ରେସ ୨୩ ଆସନ ହରାଇଛି। ମୟୂରଭଞ୍ଜ ଜିଲାର ଅଧିକାଂଶ ଜୋନ୍ ଗତଥର ସମ୍ପୂର୍ଣ୍ଣ ଭାଜପା ହାତରେ ଥିବାବେଳେ ଏଥର ସେଠାରେ ଖାତା ଖୋଲିପାରିନାହିଁ। ପଶ୍ଚିମ ଓଡ଼ିଶାକୁ ଗତଥର ଭାଜପା ନିଜ ଗଡ଼ ଭାବେ ପ୍ରମାଣିତ କରିଥିଲା। ହେଲେ ସେହି ଧାରା ବଜାୟ ରଖିବାରେ ଏଥର ଫେଲ୍ ହୋଇଛି।

### 'ପୁଷ୍ପା' ଶୈଳୀରେ...

ବୋଲି କୁହାଯାଉଛି। ଅବକାରୀ ବିଭାଗ ସୂଚନା ଅନୁଯାୟୀ, ଆସାମର ଭେମାଜୀ ତେଜପୁର ରୋଡ୍ ଅଞ୍ଚଳର ଜଣେ ଡିଲରଙ୍କ ନିକଟରୁ ପାଣି ବିଶୋଧନ କରିବା ନିମନ୍ତେ ଉଦ୍ଦିଷ୍ଟ ଫିଲଟର ମେଶିନ ଭୁବନେଶ୍ୱରକୁ ଯୋଗାଣ କରିବା ଲାଗି ଉକ୍ତ କଣ୍ଟେନର ନାମରେ ଚାଲାଣ କଟାଯାଇଥିଲା। କଣ୍ଟେନର ପଛପାର୍ଶ୍ୱରେ ରଖାଯାଇଥିବା ପାଣି ବିଶୋଧନ ମେଶିନ ମଧ୍ୟରେ ବିଦେଶୀ ମଦ ଚାଲାଣ କରାଯାଉଥିଲା। ଓଡ଼ିଶାରେ ଏଭଳି ଏକ ବିଦେଶୀ ମଦ ର୍ୟାକେଟ ଚାଲିଥିବା ଗୋଇନ୍ଦା ସୂଚନା ମିଳିବା ପରେ ଅବକାରୀ କମିଶନର ଆଶିଷ ସିଂଙ୍କ ନିର୍ଦ୍ଦେଶରେ ଢେଙ୍କାନାଳ, ଅନୁଗୋଳ ଏବଂ ସମ୍ବଲପୁର ଜିଲା ଅବକାରୀ ବିଭାଗ କର୍ମଚାରୀମାନେ ମିଳିତ ଚଢ଼ାଉ କରିଥିଲେ। ତେବେ ଚାଳକ କୌଶଳକ୍ରମେ କଣ୍ଟେନରକୁ ଢେଙ୍କାନାଳରୁ ଅନୁଗୋଳ ମଧ୍ୟବର୍ତ୍ତୀ ମହାଧରପୁର ଦେଇ ଯାଇଥିବା ରାସ୍ତାର ବାମପାର୍ଶ୍ୱ ଦେଇ ହିନ୍ଦୋଳ ଥାନା ଅଞ୍ଚଳର ଏକ ଜଙ୍ଗଲକୁ ପଳାଇଥିଲେ। ତେବେ ଅବକାରୀ ଅଧିକାରୀ ୩ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଉକ୍ତ କଣ୍ଟେନର ମଧ୍ୟରୁ ୧,୦୭୦ କାର୍ଟୁନରେ ଥିବା ୫୧,୩୬୦ ବୋତଲ ମଦ ଜବତ କରାଯାଇଛି। ଗୋଟିଏ କାର୍ଟୁନରେ ୧୮୦ ମିଲିଲିଟର ବିଶିଷ୍ଟ ୪୬ ମଦ ବୋତଲ ରହିଥାଏ। ଏହିପରି ୨୨୮ କାର୍ଟୁନ ମାକଡୋୟଲ ହ୍ୱିସ୍କି, ୩୪୪ କାର୍ଟୁନ ବାକାର୍ଡି ବ୍ଲାକ, ୪୯୮ କାର୍ଟୁନ ନଂ୧. ରମ୍ ଜବତ ହୋଇଛି।

ଢେଙ୍କାନାଳ ଜିଲା ଅବକାରୀ ବିଭାଗ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ଉପ ଅଧୀକ୍ଷକ ସୀତାରାଣୀ ପଟ୍ଟନାୟକ, ଇନ୍ସପେକ୍ଟର ବିବେକାନନ୍ଦ ପେରେଇ, ଏଏସ୍‌ଆଇ ଛାୟାକାନ୍ତ ନାୟକ, ବିଶ୍ୱରଞ୍ଜନ ନାଥ, ସମୀର ମହାଲିକ, ରାଜେନ୍ଦ୍ର କୁମାର ସିଂ, ସନ୍ତୋଷ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ଅଧୀକ୍ଷକ କୁହନ୍ତି, ଗିରଫ ଅଭିଯୁକ୍ତଙ୍କ ଫୋନ୍ କଲ୍‌ରୁ ର୍ୟାକେଟ୍‌ର କିଙ୍ଗ୍‌ପିନ୍‌ଙ୍କୁ ଧରିବାକୁ ଉଦ୍ୟମ ଚାଲିଛି। ପ୍ରାଥମିକ ତଦନ୍ତରୁ ଉକ୍ତ ବିଦେଶୀ ମଦ ବେଆଇନ ଭାବେ ଚାଲାଣ ହେଉଥିବା ସ୍ପଷ୍ଟ ହୋଇଛି। ଜବତ ମଦ ଅସଲି କି ନକଲି ତାହାର ପରୀକ୍ଷା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ସମୟ ଭଲ ନାହିଁ, ଟିକେ ରହିଯାଅ

ଅନ୍ତଃରାଜ୍ୟ ବିଦେଶୀ ମଦ ଚାଲାଣ ର୍ୟାକେଟ୍‌ରେ ସମ୍ପୃକ୍ତ ଅଭିଯୋଗରେ ଗିରଫ ହୋଇଥିବା ୩ ଜଣଙ୍କ ମୋବାଇଲ କଲ୍ ରେକର୍ଡ ଯାଞ୍ଚରୁ ଅବକାରୀ ବିଭାଗ ହାତରେ ଲାଗିଛି ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା। ମଦ ବୋଝେଇ କଣ୍ଟେନରକୁ ଫୋନ୍ ଦ୍ୱାରା ଗାଇଡ୍ କରାଯାଇ ରୁଟ୍ ବିଷୟରେ ଲଗାତର ସୂଚନା ଦିଆଯାଉଥିଲା। ଜଣେ ବ୍ୟକ୍ତି ଉକ୍ତ କଣ୍ଟେନରକୁ ଅନୁଗୋଳ ବାଇପାସ୍‌କୁ ଆଣିବାକୁ ନିର୍ଦ୍ଦେଶ ଦେଇ ଫୋନ୍ କାଟି ଦେଇଥିଲେ। ଏହାପରେ ପୁଣି କେହି ଜଣେ ଫୋନ୍ କରିଥିଲେ। 'ସମୟ ଭଲ ନାହିଁ, ଟିକେ ରହିଯାଅ' ବୋଲି କହି ସମ୍ପୃକ୍ତ ବ୍ୟକ୍ତି ଫୋନ୍ ସୁଇଚ୍ ଅଫ୍ କରିଦେଇଥିଲେ। ୩ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କ ବାହାରୁ ଫୋନ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ଜଣକ ୫ ଲକ୍ଷ ଟଙ୍କା ଦେଇ ଚାଲିଆସ ବୋଲି ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତଙ୍କୁ ପଚରାଉଚରା ବେଳେ ଏଭଳି ତଥ୍ୟ ଅବକାରୀ ବିଭାଗ ହାତରେ ଲାଗିଛି। ତେବେ ଏହାର କିଙ୍ଗ୍‌ପିନ୍ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

## ୪ ଥର ବିଫଳ ପରେ ସଫଳତା

ଅରୁଣାଚଳପ୍ରଦେଶରେ ବିକ୍ରି ହେଉଥିବା ବିଦେଶୀ ମଦ ଓଡ଼ିଶା ଅପେକ୍ଷା ଶସ୍ତା। ତେଣୁ ସେଠାରୁ ଚୋରାରେ ଟିକସ ଫାଙ୍କି ଦାମୀ ବ୍ରାଣ୍ଡର ମଦ ଆଣି ଓଡ଼ିଶାରେ କଳାବଜାର କରି ଅଧିକ ଦରରେ ବିକ୍ରି କରାଯାଉଥିଲା। ଏଭଳି ବିଦେଶୀ ମଦ ର୍ୟାକେଟ୍ ସମ୍ପର୍କରେ ଅବକାରୀ ବିଭାଗ ପାଖରେ ସୂଚନା ଥିଲେ ମଧ୍ୟ ଅଭିଯୁକ୍ତମାନେ କୌଶଳ ଖଟାଇ ପ୍ରତିଥର ବର୍ତ୍ତି ଯାଉଥିଲେ। ଏପରି କି ଢେଙ୍କାନାଳ ଅବକାରୀ ବିଭାଗ ୪ ଥର ଏହି ଚୋରା ମଦଚାଲାଣରେ ସମ୍ପୃକ୍ତ ଗ୍ୟାଙ୍ଗ୍‌କୁ ଧରିବାକୁ ଉଦ୍ୟମ କରି ବିଫଳ ହୋଇଥିବା ଜଣାପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମୋନ୍ନତି, ଧନଲାଭ, ମିତ୍ରବନ୍ଧୁଙ୍କ ସହାୟତା ପାଇ ଚେଷ୍ଟା କରୁଥିବା କାମ ସାକାର କରିବେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ଭ୍ରମଣ ପାଇଁ ମନ ବଳାଇବେ ଓ ବନ୍ଧୁ ମିଳନ ଘଟିବ। ଅନ୍ୟ କଥାରେ ଭଳିଯାଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବୃଷ** ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ନ ରହିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ବେଶି ସମୟ ସ୍ଥିର ରହିପାରିବେ ନାହିଁ। ପ୍ରତିଯୋଗିତାରେ ସଫଳତା, ମାଲିମକଦ୍ଦମାରେ ବିଜୟ ଯୋଗୁ ମନ ଖୁସି ରହିବ। ବହୁତ ଦିନହେଲା ପାଇ ନ ଥିବା ଜିନିଷଟିକୁ ବନ୍ଧୁଙ୍କ ସାହାଯ୍ୟରେ ଅପରାହ୍ନେ ପାଇପାରନ୍ତି।

**ମିଥୁନ** ଠିକ୍ ସିଦ୍ଧାନ୍ତ ନେଇପାରିବେ ନାହିଁ କିମ୍ବା ଶିକ୍ଷା, ସନ୍ତାନ, ସମ୍ପର୍କ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେବ। ସକାଳୁ କର୍ମାରମ୍ଭରେ ସଙ୍କଟର ସମ୍ମୁଖୀନ ହେବେ। କୌଣସି କାମ ସକାଶେ ବିଚାର ବିନା ସରଳ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଲେଖାପଢ଼ା, ସାମ୍ବାଦିକତା, ପ୍ରଶାସନ, ରାଜନୀତି କ୍ଷେତ୍ରରେ ଶୁଭଫଳ ପାଇବେ।

**କର୍କଟ** ଧନହାନି ଓ ଅଭାବ ସଙ୍ଗକୁ କଥା ଓ କାମରେ ତାଳମେଳର ଅଭାବ ମୁଖ୍ୟ ସମସ୍ୟା ପାଲଟିଯିବ। ଯାତ୍ରା, ବାଣିଜ୍ୟ, ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନ କରିବେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହେବେ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ତିକ୍ତତା ଦେଖାଦେଇପାରେ।

**ସିଂହ** ବିଭିନ୍ନ ପ୍ରକାରର ସୁଖ ସମ୍ଭୋଗ ଓ ବିଳାସବ୍ୟସନର ସୁଯୋଗ ପାଇଲେ ମଧ୍ୟ ତାହା ଉପଭୋଗ୍ୟ ନ ହୋଇପାରେ। ନୂତନ ଗୃହ, ଯାନ ବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**କନ୍ୟା** ଅର୍ଥଲାଭ, ସ୍ୱାଦିଷ୍ଟ ଭୋଜନ, ବନ୍ଧୁଙ୍କ ଆଦରସୋହାଗ ମନକୁ ପ୍ରଫୁଲ୍ଲିତ ରଖିବ। ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସ୍ୱାଭାବିକ କରିବାରେ ସମର୍ଥ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ।

**ତୁଳା** ଅଟକି ରହିଥିବା କାମଗୁଡ଼ିକ ସମ୍ପୂର୍ଣ୍ଣ କରିପାରିବା ଯୋଗୁ ମାନସିକ ପରିତୃପ୍ତି ଲଭିବେ। ସବୁ ପରିସ୍ଥିତିକୁ ସାମ୍ନା କଲେ ଅବଶ୍ୟ ଉପକୃତ ହେବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିବେ।

**ବିଛା** ନିଜ ଲୋକମାନେ ଦୂରେଇ ରହିବେ କିନ୍ତୁ କୌଣସି କାମ ଅଟକିବ ନାହିଁ। ଘରୋଇ କ୍ଷେତ୍ରରେ ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହାନୁଭୂତି ନିଶ୍ଚୟ ଲାଭ କରିବେ ଓ ସମସ୍ୟାର ସମାଧାନ ହୋଇଯିବ। ଅଭାବ ପୂରଣ ଦିଗରେ ଜଣେ ମହିଳା ସାହାଯ୍ୟ କରିବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ଧନୁ** ସମ୍ପର୍କୀୟଙ୍କ ସହାନୁଭୂତି ଲାଭ କରି କାମ ହାସଲ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି, ଯାନବାହନ ଲାଭ, ଗୃହ ନିର୍ମାଣ, ଜମିଜମାରେ ଅଗ୍ରଗତି ଘଟିବ। ଶିଳ୍ପ, ବ୍ୟବସାୟ, ପରିବହନ ଦିଗରୁ ଅନୁକୂଳ ଫଳ ପାଇବେ। ମକଦ୍ଦମା, ଆଲୋଚନା, ଗବେଷଣା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ।

**ମକର** ଧନଲାଭ, ନୂତନ କର୍ମାରମ୍ଭ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଦୂରଯାତ୍ରା ଓ ବନ୍ଧୁମିଳନଜନିତ ମନ ଖୁସି ରହିବ। ପାରିବାରିକ ସ୍ଥିରତା, ଅର୍ଥାଭାବ ଦୂର, କାର୍ଯ୍ୟସିଦ୍ଧି ହେତୁ ଅପରାହ୍ନଟି ଖୁସିରେ କଟିବ। କିନ୍ତୁ କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**କୁମ୍ଭ** ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିୟୋଜିତ ରହିବେ। ସକାଳ ସମୟଟି ପ୍ରାୟତଃ ଭଲ ରହିବ ତଥାପି ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସାଧାରଣ ଯୁକ୍ତିତର୍କକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ। ସନ୍ଧ୍ୟା ସମୟରେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

**ମୀନ** ସାମାଜିକ ସୁସମ୍ପର୍କ ହ୍ରାସ ପାଇବ ଏବଂ ପରିବାରରେ ମତାନ୍ତର ଦେଖାଦେଇପାରେ। ଅପେକ୍ଷା କରିଥିବା ଖବରଟି କିମ୍ବା ଅଭିଳଷିତ ଜିନିଷଟି ବିଳମ୍ବରେ ପାଇବେ। ଭ୍ରାତୃବିବାଦ କିମ୍ବା ଜମିଜମା ସମସ୍ୟାର ସମାଧାନ ଆଶା କରାଯାଇପାରେ। ସଭାସମିତିରେ ନିଷ୍ପତ୍ତି ବଦଳାଇବା ଫଳରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ।


# classifieds Everyday 0674-2580101, 2549302



MATRIMONIAL

BRIDE WANTED

**Suitable qualified alliance invited for a handsome, 39 Khandayat divorce serving in a MNC High position father retired Govt. Servant based at BBSR. Tel: 7205886977.** D-70779

GROOM WANTED

48 to 50 general caste groom for professor bride- 8917227438. D-71000

52 ବୟସ୍କା ଖଣ୍ଡାୟତ ବିଧବା Hostel Warden ଭାବେ କାର୍ଯ୍ୟରତ ଏକାକୀ ରହୁଥିବା ଝିଅଙ୍କୁ ଯୋଗ୍ୟ ବରପାତ୍ର ଆବଶ୍ୟକ। 7326057574. D-23261



real estate

SALE

Plot for Sale at Chhatabar per sq.ft @99/-. 7381268181, 9583295832. D-23232

BDA plot Pitapalli NHକୁ ଲାଗି Electricity, Boundary ଥାଇ ମିଳୁଅଛି। Contact: 9437285016, 7735888421. D-23268

ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ **BSNL/ Fire Office** ନିକଟବର୍ତ୍ତୀ ଘରବାରି **boundary, road, electricpoll** ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। **9348673415, 6372694842.** D-71799

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.-300/- ଏବଂ ତ୍ରିନାଥବଜାର ନିକଟରେ sqft.-240/- (outright). 9776974912. D-23286

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71947

**30' Road, Gated society, Security guard, CCTV** ଥାଇ ତୁରନ୍ତ ଘର କଲାଭଳି **3**ଟି **plot** ହଂସପାଳ ରାମଚନ୍ଦ୍ରପୁର ମୌଜାରେ ବିକ୍ରିହେବ। **9437033320.** D-71798

3000sqft. gharabari land for sale in Lingipur, Sisupalgarh, Bhubaneswar. Rate @3200 p/sqft. 9437791962. D-71477

**Bhubaneswar Vingarpur Oxford College** ଛକ ନିକଟରେ ୬୦ ଫୁଟ ରାସ୍ତାକୁ ଲାଗି ସଙ୍ଗେସଙ୍ଗେ ଘର କଲାଭଳି ଘରବାଡ଼ି **plot** ବିକ୍ରିହେବ। **6370025920, 9937674302.** D-71793



construction

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-23285

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



to-let

**1.5 Lakh sqft. to 2 Lakh sqft. developed bounded land with facility (Water/ Electricity/ Watch/ Ward) Shed & Showroom/ Office Space ranging from 20,000sqft. to 40,000sqft. at Bhubaneswar (Pahal, NH-5) Balasore, Angul, Rourkela, Sambalpur, Keonjhar, Barbil. Contact- 8599011551, 8599011545.** D-23282

Commercial building 1500-6000sqft. at Satya Nagar and 500sqft. at Unit-3, Bhubaneswar. Contact: 7440037801. D-23274



healthcare

Ashirvaad Saloon and SPA get good massage for your health tha best therapy. 7077181074. D-71870

**Relax, Refresh your Body, Mind at Lotus Spa with Best Therapies. 8018891951.** D-23276

Newly open full body massage ladies and gents. 8327740003. D-71869

Refreshing your mind and body with the best therapy, 7873794731. D-23024

All types body massage with hiprofile smart lady room service available. 8917243035. D-71341

Herbal full body relax massage by trend lady therapist. 7008773793. D-71476

Newly opening SPA positively health benefits with expert therapist. 8917332216. D-71949

All types body massage with hiprofile smart lady room service available. 9142145769. D-71337

**Relax, Refresh your body, mind at SAIKRUPA SPA with best therapies. 8984068077.** D-23219



education

Medical Exam. Registration- BAMS/ BHMS/ BUMS/GNM/ D.Pharma. 9893869473. D-23269

LOST

By virtue of an affidavit, I Ratan Roy, resident of MV-42 (Jayanagar), PO.- Malkangiri, state that I lost my Sale Deed Document No.- 69/2004, on 20.02.2022 around 9.00 AM at DNK Market Malkangiri and could not trace. I swear this affidavit before IIC, Model P.S.- Malkangiri to issue missing certificate. D-23283

LEGAL NOTICE

Notice U/o 5 rule-20 of the code of Civil Procedure in the Court of the ADDL. Civil Judge, JR Division, Purushottampur, Dist.- Ganjam, Odisha, C.S-11/2016

ନନ୍ଦିନୀ ବେହେରା
.......ବାଦୀ
ବନାମ
ଚିତ୍ତରଞ୍ଜନ ବେହେରା ଓ ଅଗେରା
......ପ୍ରତିବାଦୀ

ପ୍ରାପ୍ତେଷୁ,
ପ୍ରତିବାଦୀ ନଂ.-୩, ଚିତ୍ତରଞ୍ଜନ ବେହେରା (୩୪), ପିତା- ମୃତ ଅଗାଧୁ ବେହେରା, ନଇତଟ ସାହି, ପୋ/ଥାନା- ପୁରୁଷୋତ୍ତମପୁର, ଗଞ୍ଜାମ, ଓଡ଼ିଶା।

ବାଦୀ ନନ୍ଦିନୀ ବେହେରାଙ୍କ ଦ୍ୱାରା ମାନ୍ୟବର ଦେୱାନୀ ଅଦାଲତଙ୍କ ଇଜିଲାସ୍‌ରେ ଦାଏର ହୋଇଥିବା ପ୍ରତିବାଦୀ ନଂ.-୩ (ଚିତ୍ତରଞ୍ଜନ ବେହେରା)ଙ୍କ ଠିକଣାରେ ନୋଟିସ୍ ଡାକ ଦ୍ୱାରା ଯାଇ ଜାରି ହୋଇ ନପାରି ଫେରସ୍ତ ଆସିଥିବାରୁ ତାହା ଖବର କାଗଜ ବିଜ୍ଞାପନ ଜରିଆରେ ଉପରୋକ୍ତ ପ୍ରତିବାଦୀ ନଂ.-୩ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ଅଦାଲତରେ ହାଜର ନିମନ୍ତେ ଆସନ୍ତା ତା ୧୦।୦୩।୨୦୨୨ରିଖରେ ଦିବା ଘ ୧୦.୩୦ମି.ରେ ସ୍ଥିର କରାଯାଇଅଛି।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.-୩ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମକଦ୍ଦମାର ପକ୍ଷ ରଖିବେ, ଅନ୍ୟଥା ଆଇନାନୁଯାୟୀ ଉକ୍ତ ମକଦ୍ଦମାଟି ବିଚାର କରାଯିବ।

Given under my hand and seal this 15th day of Feb 2022
Addl. civil Judge (Jr. Division), Purushottampur, (Ganjam). D-23284

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଅଶୋକ ପ୍ରଧାନଙ୍କୁ ଦଳରୁ ନିଲମ୍ବିତ କଲା ବିଜେଡି**

ଭୁବନେଶ୍ୱର, (ବ୍ୟୁରୋ): ଅନୁଗୋଳ ଜିଲା ଛେଣ୍ଡିପଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳରୁ ନିଲମ୍ବିତ କରିଛନ୍ତି। ଦଳ ବିରୋଧୀ କାର୍ଯ୍ୟ କରିବା ଅଭିଯୋଗରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପଞ୍ଚାୟତ ନିର୍ବାଚନ ଚୂଡାନ୍ତ ଫଳାଫଳ ପ୍ରକାଶ ପାଇବାର ପରେପରେ ବିଜେଡି ଏଭଳି କଠୋର ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିଛନ୍ତି। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ(ଗଣମାଧ୍ୟମ ବ୍ୟାପାର) ମାନସ ମଙ୍ଗରାଜ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏନେଇ ଘୋଷଣା କରିଛନ୍ତି।

# ଅଧ୍ୟକ୍ଷା ପଦବୀ ପାଇଁ ଲବି

**ବରଗଡ଼ ଜିଲା**
**ଦ୍ୱନ୍ଦ୍ୱରେ ଦଳୀୟ ନେତା**

ବରଗଡ଼ ଅଫିସ୍, ୧।୩

ବରଗଡ଼ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟ ଗଣତି ସୋମବାର ସରି ଯାଇଛି। ସର୍ବଶେଷ ଫଳାଫଳ ଅନୁସାରେ ଜିଲାରେ ଏଥର ବିଜେଡ଼ି ବାଜିମାତ୍ ମାରିଛି। ୩୪ ଜିଲା ପରିଷଦ ଆସନ ମଧ୍ୟରୁ ସର୍ବାଧିକ ୨୭ ଜୋନ୍‌ରେ ବିଜେଡ଼ି ପ୍ରାର୍ଥୀ ବିଜୟୀ ହୋଇସାରିଛନ୍ତି। ୭ ଆସନରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଫଳରେ ବରଗଡ଼ରେ ବିଜେଡ଼ି ଏଥର ଜିଲା ପରିଷଦ ଗଠନ କରିବା ସ୍ପଷ୍ଟ ହୋଇଛି। ଏବେ ଜିଲା ପରିଷଦ ଅଧ୍ୟକ୍ଷା ପଦବୀ ଉପରେ ସଭିଙ୍କ ନଜର ରହିଛି। ଉକ୍ତ ଆସନ ଅଣସଂରକ୍ଷିତ ହୋଇଥିବାରୁ ଜିଲାର ୫ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏଥିପାଇଁ ଅନେକ ଯୋଗ୍ୟ ପ୍ରାର୍ଥୀ ଆଶାୟୀ ରହିଛନ୍ତି। ଫଳରେ ଦଳ ଏଠାରେ କାହାକୁ ଜିଲା ପରିଷଦ ଅଧ୍ୟକ୍ଷା କରିବ, ତାକୁ ନେଇ ସବୁଠି ଚର୍ଚ୍ଚା ଜୋର୍ ଧରିଛି। ଜିଲାର ୫ ବିଧାନସଭା ଆସନ ବିଜେଡ଼ି କବ୍‌ଜାରେ ରହିଛି। ଫଳରେ ସମସ୍ତ ବିଧାୟକ ନିଜ ନିର୍ବାଚନ ମଣ୍ଡଳୀରୁ ଜିଲା ପରିଷଦ ଅଧ୍ୟକ୍ଷା କରିବାକୁ ଆଶା ରଖିବା ସ୍ୱାଭାବିକ। ଏଥିପାଇଁ ତଳୁ ଉପର ମହଲ ପର୍ଯ୍ୟନ୍ତ ଲବି ଆରମ୍ଭ ହୋଇଯାଇଛି।

ଭଟଲି ନିର୍ବାଚନ ମଣ୍ଡଳୀର ବିଧାୟକ ସୁଶାନ୍ତ ସିଂ ମନ୍ତ୍ରୀ ପଦରେ ରହିଛନ୍ତି। ଫଳରେ ସେ ତାଙ୍କ ନିର୍ବାଚନ ମଣ୍ଡଳୀରୁ ଜଣଙ୍କୁ ଜିଲା ପରିଷଦ ଅଧ୍ୟକ୍ଷା କରିପାରନ୍ତି ବୋଲି ଆଲୋଚନା ଚାଲିଛି। ଅନ୍ୟପଟେ ଭଟଲି ନିର୍ବାଚନ ମଣ୍ଡଳୀକୁ ମନ୍ତ୍ରୀ ପଦ ମିଳିଥିବା ବେଳେ ସେହି ନିର୍ବାଚନ ମଣ୍ଡଳୀକୁ ପୁଣି ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ମିଳିବ କି ନାହିଁ ତାକୁ ନେଇ ମଧ୍ୟ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମଧ୍ୟ ତାଙ୍କ ନିର୍ବାଚନ ମଣ୍ଡଳୀରୁ ଜିତିଥିବା ପ୍ରାର୍ଥୀଙ୍କୁ ଜିଲା ପରିଷଦ ଅଧ୍ୟକ୍ଷା କରିବା ପାଇଁ ଚାହୁଁଥିବା ଚର୍ଚ୍ଚା ଚାଲିଛି । ବିଧାୟିକା ଛୁରିଆ ନିଜେ ଗତ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ମନ୍ତ୍ରୀ ପଦରେ ଥିଲେ ଏବଂ ସେ ଏବେ ବିଜେଡି ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ଅଛନ୍ତି। ଫଳରେ ଅତାବିରା ନିର୍ବାଚନ ମଣ୍ଡଳୀକୁ ଜିଲା ପରିଷଦ ଅଧ୍ୟକ୍ଷା ପଦବୀ ମିଳିବା ନେଇ ମଧ୍ୟ ଆଶଙ୍କା ଉପୁଜିଛି ।

ଜିଲା ଯୋଜନା କମିଟି ଅଧ୍ୟକ୍ଷ ଥିବା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମଧ୍ୟ ଏହି ଚର୍ଚ୍ଚାରୁ ବାଦ୍ ପଡ଼ିନାହାନ୍ତି। ସେ ନିଜ ନିର୍ବାଚନ ମଣ୍ଡଳୀର ବିଜୟୀ ପ୍ରାର୍ଥୀଙ୍କୁ ଜିଲା ପରିଷଦ ଅଧ୍ୟକ୍ଷା କରିବାକୁ ଚାହୁଁଥିବା ଆଲୋଚନା ହେଉଛି। ଦୀର୍ଘବର୍ଷ ଧରି ଏହି ନିର୍ବାଚନ ମଣ୍ଡଳୀକୁ ମନ୍ତ୍ରୀ ପଦ ମିଳିନାହିଁ। ଏଥର ଏହି ନିର୍ବାଚନ ମଣ୍ଡଳୀକୁ ଜିଲା ପରିଷଦ ଅଧ୍ୟକ୍ଷା ପଦ ମିଳିପାରେ ବୋଲି ଆଲୋଚନା ଚାଲିଛି। କିନ୍ତୁ ଦେବେଶ ଜିଲା ଯୋଜନା କମିଟି ଅଧ୍ୟକ୍ଷ ପଦବୀରେ ଥିବାରୁ ଜିଲା ପରିଷଦ ଅଧ୍ୟକ୍ଷା ପଦ ପୁଣି ଯେ ଏହି ନିର୍ବାଚନ ମଣ୍ଡଳୀକୁ ମିଳିବ ତାହା ସନ୍ଦେହ ଘେରରେ ରହିଛି। ସେହିପରି ବିଜେପୁରକୁ ମୁଖ୍ୟମନ୍ତ୍ରୀ ନିଜର ଦ୍ୱିତୀୟ ନିର୍ବାଚନ ମଣ୍ଡଳୀ ଭାବେ ଘୋଷଣା କରିଛନ୍ତି। ଫଳରେ ଏହି ନିର୍ବାଚନ ମଣ୍ଡଳୀରୁ ବିଜୟୀ ପ୍ରାର୍ଥୀଙ୍କୁ ଜିଲା ପରିଷଦ ଅଧ୍ୟକ୍ଷା କରାଯାଇପାରେ। ମାତ୍ର ଚଳିତ ପଞ୍ଚାୟତ ଭୋଟ୍ ଫଳାଫଳରେ ଅନ୍ୟ ନିର୍ବାଚନ ମଣ୍ଡଳୀଠାରୁ ଏହି ନିର୍ବାଚନ ମଣ୍ଡଳୀରେ ଦଳର ସ୍ଥିତି ସେତେ ମଜବୁତ୍ ନାହିଁ। ଫଳରେ ଜିଲା ପରିଷଦ ଅଧ୍ୟକ୍ଷା ପଦ ଏହି ନିର୍ବାଚନ ମଣ୍ଡଳୀକୁ ମିଳିବ ବୋଲି ଆଶା କରାଯାଉନାହିଁ। ପଦ୍ମପୁରରେ ମଧ୍ୟ ପଞ୍ଚାୟତ ଭୋଟ୍ ଫଳାଫଳ ଅନ୍ୟ ନିର୍ବାଚନ ମଣ୍ଡଳୀଠାରୁ ଆଶାଜନକ ହୋଇପାରିନାହିଁ। ସେହିପରି ପୂର୍ବରୁ ଏହି ନିର୍ବାଚନ ମଣ୍ଡଳୀକୁ ଜିଲା ପରିଷଦ ଅଧ୍ୟକ୍ଷା ମିଳିସାରିଛି। ଚଳିତ ନିର୍ବାଚନରେ ଦଳର ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ହାରିଛନ୍ତି। ଫଳରେ ଏହି ନିର୍ବାଚନ ମଣ୍ଡଳୀକୁ ଜିଲା ପରିଷଦ ଅଧ୍ୟକ୍ଷା ପଦ ମିଳିବା ନେଇ ମଧ୍ୟ ଆଶଙ୍କା ରହିଛି। ଏଭଳି ସ୍ଥିତିରେ ଦଳୀୟ ନେତୃବୃନ୍ଦ କାହାକୁ ଜିଲା ପରିଷଦ ଅଧ୍ୟକ୍ଷା କରିବେ, ତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଥିବା ଚର୍ଚ୍ଚା ହେଉଛି।

## ୩୭ ଭୋଟ୍‌ରେ ଜିତିଲେ ଜିଲା ପରିଷଦ ପ୍ରାର୍ଥୀ

ବଲାଙ୍ଗୀର ଅଫିସ, ୧।୩

ତ୍ରିସ୍ତରୀୟ ନିର୍ବାଚନ ଫଳାଫଳ ଜଣାପଡିବା ପରେ କେତେ ରୋମାଞ୍ଚକର ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ ଥିଲା ସ୍ପଷ୍ଟ ହେଉଛି। ବଲାଙ୍ଗୀର ଜିଲା ବେଲପଡା ବ୍ଲକ୍‌ର ୨୫ ନମ୍ବର ଜୋନ୍ ଜିଲା ପରିଷଦ ଆସନରେ ଭାଜପା ଓ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ କଡା ଟକ୍କର ହୋଇଥିଲା। ଏଠାରେ ଭାଜପା ପ୍ରାର୍ଥୀ ଶଦ ମିର୍ଦ୍ଧା ବିଜୟୀ ହୋଇଛନ୍ତି। ନିକଟତମ ବିଜେଡି ପ୍ରାର୍ଥୀ ସୁଜାତା ଛତ୍ରିଆଙ୍କଠାରୁ ସେ ୩୭ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ମିର୍ଦ୍ଧା ୮୭୪୩ ଖଣ୍ଡ ଭୋଟ ପାଇଥିବାବେଳେ ଛତ୍ରିଆ ୮୭୦୬ ଖଣ୍ଡ ଭୋଟ ପାଇଥିଲେ। ଚଳିତ ଜିଲା ପରିଷଦ ନିର୍ବାଚନରେ ଏହା ଜିଲାରେ ସବୁଠୁ କମ୍ ବ୍ୟବଧାନରେ ବିଜୟ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଧରିତ୍ରୀ DHARITRI
**ଆବଶ୍ୟକ କରୁଛି**
**ମେଶିନ ସହଯୋଗୀ**
**(Machine Unit Assistant Color & B/W)**
ଯୋଗ୍ୟତା: ଅନ୍ୟୂନ ୧୦ମ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ। ୱେବ୍ ଅଫ୍‌ସେଟ ମେଶିନରେ ପୂର୍ବରୁ କାର୍ଯ୍ୟ କରିଥିବା ପ୍ରାର୍ଥୀଙ୍କୁ ପ୍ରାଥମିକତା ଦିଆଯିବ।
ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com
ବି.ଦ୍ର.: ପ୍ରାର୍ଥୀ ଯେଉଁ ପଦବୀ ପାଇଁ ଆବେଦନ କରୁଛନ୍ତି, ତାହାର ନାମ ଦରଖାସ୍ତ ଲଫାପା ଉପରେ ଉଲ୍ଲେଖ କରିବା ଆବଶ୍ୟକ।

# ଫଳାଫଳକୁ ନମ୍ରତାର ସହ ସ୍ୱୀକାର କରୁଛୁ: ସମୀର




ଖବରଦାତା ସମ୍ମିଳନୀରେ ଭାଜପା ସଭାପତି ସମୀର ମହାନ୍ତି ଓ ଅନ୍ୟ ନେତୃବୃନ୍ଦ।

ଭୁବନେଶ୍ୱର, ୧।୩(ବ୍ୟୁରୋ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାପରେ ଭାଜପା ନେତାମାନେ ନିଜ ଦଳର ନେତୃତ୍ୱକୁ ନେଇ ପ୍ରଶ୍ନ ଉଠାଉଥିବା ବେଳେ ସଭାପତି ସମୀର ମହାନ୍ତି ଏ ସମ୍ପର୍କରେ ମୁହଁ ଖୋଲିଛନ୍ତି। ଏହି ଫଳାଫଳକୁ ନମ୍ରତାର ସହ ସ୍ୱୀକାର କରୁଛୁ ବୋଲି ସେ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ନିର୍ବାଚନରେ ଆସନ ସଂଖ୍ୟା କମିଥିଲେ ମଧ୍ୟ ଦଳ ପ୍ରତି ଜନସମର୍ଥନ କମିନାହିଁ। ଏହି ନିର୍ବାଚନରେ ଦଳକୁ ୬୩ , ୨୩, ୭୪୬ ଭୋଟ ମିଳିଛି, ଯାହା ମୋଟ ଭୋଟ୍‌ର ୩୦.୦୭ ପ୍ରତିଶତ ହେବ । ଦଳ ଉପରେ ଭରସା ପାଇଁ ରାଜ୍ୟବାସୀଙ୍କୁ ଧନ୍ୟବାଦ। ବିଜୟ ଲାଭ କରିଥିବା ପ୍ରାର୍ଥୀଙ୍କୁ ଅଭିନନ୍ଦନ ଜଣାଇ ସେ କହିଛନ୍ତି, ରାଜ୍ୟର ଜନସାଧାରଣଙ୍କ ସାଙ୍ଗରେ ଆମେ ଅଛୁ ଏବଂ ଆଗକୁ ରହିବୁ। ପଞ୍ଚାୟତ ନିର୍ବାଚନରେ ମିଳିଥିବା ଫଳାଫଳକୁ ଆମେ ଗୁରୁତ୍ୱର ସହ ସମୀକ୍ଷା କରିବୁ। ଦଳର ତ୍ରୁଟିକୁ ସୁଧାରିବା ପାଇଁ ଚେଷ୍ଟା କରିବୁ। କ'ଣ ସବୁ ଭୁଲ୍ ହେଲା ତାହାର ତର୍ଜମା କରି ଏ ଦିଗରେ ଆଗାମୀ ଦିନର ସୁଚିନ୍ତିତ ରଣନୀତି ପ୍ରସ୍ତୁତ କରାଯିବ। ଦଳ ରାଜ୍ୟବାସୀଙ୍କ ଆସ୍ଥାଭାଜନ ହେବା ପାଇଁ ଚେଷ୍ଟା କରିବ। ଆସନ୍ତା ପୌର ନିର୍ବାଚନ ପାଇଁ ଦଳ ରଣନୀତି ପ୍ରସ୍ତୁତ କରୁଛି ଓ ନିଶ୍ଚିତ ଭଲ ପ୍ରଦର୍ଶନ କରିବ ବୋଲି ସେ କହିଛନ୍ତି।

# ପୂର୍ବତନ ମନ୍ତ୍ରୀ ଅଞ୍ଜଳି ପରାସ୍ତ

ହିନ୍ଦୋଳ/ରାସୋଳ(ଡି.ଏନ୍.ଏ.), ୧।୩

କାମଦେଲାନି ଦଳବଦଳ ରଣନୀତି। ଠିକ୍ ସମୟରେ ଶାସକ ଦଳର ଗୋଟିଚାଳନା ଆଗରେ ପ୍ରଭାବଶୂନ୍ୟ ହୋଇଗଲା ସାଙ୍ଗଠନିକ ଦକ୍ଷତା। ଫଳରେ ବିଜେଡିରୁ ବହିଷ୍କୃତ ହୋଇ ଭାଜପାରେ ଯୋଗଦେଇଥିବା ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ଅଞ୍ଜଳି ବେହେରାଙ୍କ ବିପକ୍ଷରେ ଯାଇଛି ଜନାଦେଶ। ସମିତିସଭ୍ୟ ପଦବୀରେ ଲଢୁଥିବା ଏହି ଅଭିଜ୍ଞ ରାଜନେତା ବିପୁଳ ଭୋଟ ବ୍ୟବଧାନରେ ପରାସ୍ତ ହୋଇଛନ୍ତି। ଏଥିସହ ସମିତିସଭ୍ୟ ଭାବେ ଜିତି ବ୍ଲକ ଅଧକ୍ଷ ପଦବୀ ଅକ୍ତିଆର କରିବା ଲାଗି ସେ ଦେଖୁଥିବା ସ୍ୱପ୍ନ ମଧ ଧୂଳିସାତ୍ ହୋଇଯାଇଛି।

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଗିରିଧରପ୍ରସାଦ ପଞ୍ଚାୟତର ସମିତିସଭ୍ୟ ପଦବୀରେ ଚତୁର୍ମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅଞ୍ଜଳି ଏଠାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ସମସ୍ତଙ୍କ ନଜର ଅଟକିଥିଲା ଏହି ଆସନ ଉପରେ। ତେବେ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ବିଜେଡି ସମର୍ଥିତ ପ୍ରାର୍ଥିନୀ କାମିନୀ ନାୟକ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ଅଞ୍ଜଳିଙ୍କ କେଟ୍‌ଲି ଚିହ୍ନକୁ ୧,୬୨୩ ଭୋଟ ମିଳିଥିବାବେଳେ କାମିନୀଙ୍କ ଷ୍ଟୁଲ୍ ଚିହ୍ନ ୨,୩୪୭ ଭୋଟ ପାଇଛି। ଉଭୟଙ୍କ ମଧ୍ୟରେ ଭୋଟ ବ୍ୟବଧାନ ରହିଛି ୭୨୪। ସେହିପରି ଏହି ଆସନରୁ ତାଲାଚାବି ଚିହ୍ନରେ ଲଢୁଥିବା ପ୍ରଭାତୀ ନାଏକ ୧୩ ଏବଂ ବସ୍ ଚିହ୍ନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଗାୟତ୍ରୀ ନାଏକ ମାତ୍ର ୬ ଭୋଟ ପାଇଛନ୍ତି। ଅଞ୍ଜଳିଙ୍କ ଏଭଳି ପରାଜୟ ହିନ୍ଦୋଳରେ ଭାଜପାକୁ ବ୍ୟାକ୍‌ଫୁଟକୁ ଠେଲିଦେଇଛି। ବିଗତ ଦିନରେ କ୍ୟାବିନେଟ ମନ୍ତ୍ରୀ ରହିଥିବା ତୁଙ୍ଗନେତାଙ୍କ ଏଭଳି ପରାଜୟ ରାଜ୍ୟ ରାଜନୀତରେ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଛି।



ଅଞ୍ଜଳି ବେହେରା

**ପୁଅ ପ୍ରଦ୍ୟୁତ୍ ମଧ ହାରିଲେ**

ହିନ୍ଦୋଳ ବ୍ଲକର ୪ନଂ. ଜୋନ୍‌ରୁ ଜିଲା ପରିଷଦ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ଭାଜପା ପ୍ରାର୍ଥୀ ତଥା ଅଞ୍ଜଳିଙ୍କ ପୁଅ ପ୍ରଦ୍ୟୁତ୍ କୁମାର ବେହେରା ମଧ ପରାଜୟ ବରଣ କରିଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେଡିର ଊର୍ମିଳା ବେହେରାଙ୍କଠାରୁ ୭,୬୬୮ ଖଣ୍ଡ ଭୋଟ ବ୍ୟବଧାନରେ ହାରିଯାଇଛନ୍ତି। ଊର୍ମିଳାଙ୍କୁ ୧୬,୭୫୫ ଖଣ୍ଡ ଭୋଟ ମିଳିଥିବାବେଳେ ପ୍ରଦ୍ୟୁତ୍‌ଙ୍କୁ ୯,୦୮୭ ଖଣ୍ଡ ଭୋଟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

ବିଜେଡିରୁ ବହିଷ୍କୃତ ହେବା ପରେ ଭାଜପାକୁ ଭରସା କରିଥିଲେ ଅଞ୍ଜଳି। ରାଜନୀତିରେ ଯଥେଷ୍ଟ ଅଭିଜ୍ଞତା ଥିବାରୁ ତାଙ୍କୁ ଦିଆଯାଇଥିଲା ବ୍ଲକ ଦାୟିତ୍ୱ। ଇଞ୍ଜିନିୟରିଂ ଡିଗ୍ରୀ ପଢୁଆ ପ୍ରଦ୍ୟୁତ୍ ମା'ଙ୍କ ଭରସାରେ ନିର୍ବାଚନ ବୈତରଣୀ ପାର୍ ହେବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ହେଲେ ତାଙ୍କ ରଣନୀତି ସଫଳ ହୋଇନାହିଁ। ଅନ୍ୟପଟେ ବିଧାୟିକା ସୀମାରାଣୀ ନାୟକଙ୍କ ଘର ଏହି ଜୋନ୍‌ରେ ରହିଥିବାରୁ ଶାସକ ଦଳ ପାଇଁ ଏହି ଜୋନ୍ ପାଲଟିଥିଲା ସମ୍ମାନର ପ୍ରଶ୍ନ। ସେହିପରି ଅଞ୍ଜଳିଙ୍କ ସାନଭାଇ ଅଶୋକ ନାୟକ ବିଜେଡିରେ ସାମିଲ ହେବା ପରେ ସେ ଭଉଣୀ ଏବଂ ଭଣଜାଙ୍କ ବିରୋଧରେ ଖୋଲାଖୋଲି ପ୍ରଚାର କରିଥିଲେ। ପାରିବାରିକ ରାଜନୀତିରେ ଏଭଳି ଛକାପଞ୍ଝା ଏବଂ ବିଜେଡିର ଲୋକପ୍ରିୟତା ଆଗରେ ଅଞ୍ଜଳିଙ୍କ ରଣନୀତି ନିଷ୍ପ୍ରଭ ହୋଇଯାଇଥିବା ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

**JOB VACANCY**
**REQUIRED FOR STEEL FACTORY IN AFRICA**
- 1 Plant Head.
- 1 Steel Melt Shop - (Induction Furnace, CCM, AOD), Production Manager.
- 1 Project Manager with experience of AOD Installation.
- 1 Scrap Processing Manager.
- 3 Induction Furnace Melter - (More than 20 MT Furnace) .
- 1 Induction Furnace Shift-in-Charge (More than 20 Mt Furnace).
- 2 Induction Furnace Mechanical maintenance.
- 3 Crane Operator - For Scraping Handling.
- 2 CCM Shift-in-Charge - 6/11 CCM or Larger.
- 1 CCM Mould Operator - 6/11 CCM or Larger.
- 1 Cook - (Factory Workers).

Those interested may please share their resumes by email or Phone/Mobile No. +91-9023610554, Email ID: africasteel121@gmail.com

**URGENT REQUIRED**
- TELECALLER
- OFFICE PEON

Call:8984063447
ହୋଟେଲ ପାଇଁ କଳଖିଆ, ମିଠା ମିସ୍ତ୍ରି ଓ ହେଲ୍‌ପର ଆବଶ୍ୟକ । ଭୁବନେଶ୍ୱର 8984063445

**REQUIRED**
Young candidate for electricity meter reading work in Bhubaneswar.
*Attractive Salary Package*
Contact: 9938616544, 6371044387
Email id:jitpowertech12345@gmail.com

**WANTED**
Reputed Construction Company Bhubaneswar Requires AUTOCAD & 3D Designer-2 Nos., (Minimum 1 Year Experience), Office Boy cum Site Supervisor.
Contact:7205779223

# ଦମ୍ପତି ଦଖଲ କଲେ ୨ ପଞ୍ଚାୟତ

ଚୌଦ୍ୱାର, ୧।୩(ଡି.ଏନ.ଏ.)

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସ୍ତ୍ରୀ-ସ୍ୱାମୀ ଦୁଇଟି ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ହୋଇ ନିର୍ବାଚିତ ହେବା କଟକ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତର ସରପଞ୍ଚ ଭାବେ ପବିତ୍ର ମୋହନ ଉପାଧ୍ୟାୟ ନିର୍ବାଚିତ ହୋଇଛନ୍ତି। ସେ ୨୦୧୦ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦେବେନ୍ଦ୍ର ଜେଠୀ ୧୯୮୩ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ପଡୋଶୀ ନଖରା ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ପବିତ୍ରଙ୍କ ସ୍ତ୍ରୀ ମଧୁଛନ୍ଦା ଉପାଧ୍ୟାୟ ନିର୍ବାଚନ ଲଢି ବିଜୟୀ ହୋଇଛନ୍ତି। ସେ ୧୭୨୫ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତପସ୍ୱିନୀ ନାୟକ ୧୭୧୬ ଖଣ୍ଡ ଭୋଟ ପାଇଛନ୍ତି। ନଖରା ପଞ୍ଚାୟତ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ରହିଥିବାବେଳେ ଶାଳଗାଁ ପଞ୍ଚାୟତ ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀରେ ରହିଛି। ବିଜୟୀ ଦମ୍ପତି ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଓ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ସମର୍ଥିତ ସରପଞ୍ଚ ପ୍ରାର୍ଥୀଙ୍କୁ ହରାଇଥିବା ଚର୍ଚ୍ଚା ହେଉଛି।

ଏ ସମ୍ପର୍କରେ ପବିତ୍ର କହିଛନ୍ତି, ୧୯୯୭ରୁ ରାଜନୀତିରେ ରହିଛି। ପ୍ରଥମେ ସମିତିସଭ୍ୟ ପରେ ୨ଥର ସରପଞ୍ଚ ହୋଇଛି। ଚଳିତଥର ନଖରା ସରପଞ୍ଚ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ହେବାରୁ ସେ ତାଙ୍କ ସ୍ତ୍ରୀଙ୍କୁ ପ୍ରାର୍ଥୀ କରିଥିଲେ। ନିଜେ ଶାଳଗାଁ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଲଢିଥିଲେ। ପୂର୍ବରୁ ପବିତ୍ର କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିବାବେଳେ ଏଥର ସେ ଓ ତାଙ୍କ ସ୍ତ୍ରୀ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ। ଗରିବ, ଖଟିଖିଆ, ଦିନମଜୁରିଆଙ୍କ ସାଙ୍ଗରେ ରହି ସେମାନଙ୍କ ସୁଖଦୁଃଖରେ ସାମିଲ ହୋଇଥିବାରୁ ଚଳିତ ନିର୍ବାଚନରେ ଏଭଳି ସଫଳତା ମିଳିଛି ବୋଲି ସେ କହିଛନ୍ତି।

## ଗୋଟିଏ ପରିବାରରୁ ୪ପ୍ରାର୍ଥୀ, ଜିତିଲେ ୩

ବୌଦ୍ଧ, ୧।୩ (ସ୍ୱ.ପ୍ର.)

**ସମିତି ସଭ୍ୟ ପାଇଁ ଭିନ୍ନଭିନ୍ନ ପଞ୍ଚାୟତରେ ଲଢୁଥିଲେ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଗୋଟିଏ ପରିବାରରୁ ପ୍ରାର୍ଥୀ ହୋଇଥିଲେ ୪ଜଣ। ସେମାନଙ୍କ ମଧ୍ୟରୁ ୩ଜଣ ବିଜୟୀ ହୋଇଥିବାବେଳେ ଜଣେ ପରାଜିତ ହୋଇଛନ୍ତି। ବ୍ଲକର ଭାଜପାର ଟାଣୁଆନେତା ସୁଶାନ୍ତ ପ୍ରଧାନଙ୍କ ପରିବାର ୨ଭାଇ ଓ ୨ ବୋହୂ ସମିତି ସଭ୍ୟ ପାଇଁ ପୃଥକ୍ ପୃଥକ୍ ପଞ୍ଚାୟତରୁ ପ୍ରାର୍ଥୀ ହୋଇଥିଲେ। ସରୋଜ କୁମାର ପ୍ରଧାନ ରାଧାନଗର ପଞ୍ଚାୟତ, ତାଙ୍କ ସ୍ତ୍ରୀ ସ୍ନେହଲତା ସାମ୍ପୋଚ ପଞ୍ଚାୟତରୁ ପ୍ରାର୍ଥୀ ହୋଇଥିଲେ। ଅନ୍ୟ ଭାଇ ପ୍ରଶାନ୍ତ କୁମାର ପ୍ରଧାନ ବାଣୀଭୂଷଣପୁର ପଞ୍ଚାୟତ ତାଙ୍କ ସ୍ତ୍ରୀ ମମତା କରଞ୍ଜକଟା ପଞ୍ଚାୟତରୁ ସମିତିସଭ୍ୟ ଭାବେ ପ୍ରାର୍ଥୀହୋଇ ନିର୍ବାଚନ ଲଢିଥିଲେ। ହରଭଙ୍ଗା ବ୍ଲକରେ ଶାସକ ଦଳର ଦୃଢସଙ୍ଗଠନ ଥିବା ସତ୍ତ୍ୱେ ପ୍ରଧାନ ପରିବାର ୩ ସଦସ୍ୟ ସରୋଜ, ସ୍ନେହଲତା, ପ୍ରଶାନ୍ତ ବିଜୟୀ ହୋଇଛନ୍ତି। ୨୨ ପଞ୍ଚାୟତକୁ ନେଇ ଗଠିତ ହରଭଙ୍ଗା ବ୍ଲକର ଅଧକ୍ଷ ପଦ ଏଥର ହାତେଇବା ପାଇଁ ଉଭୟ ଭାଜପା, ବିଜେଡି ସମର୍ଥକମାନେ ବେଶ୍ ଆଶାବାଦୀ ଅଛନ୍ତି।

**URGENT HIRING**
Darshan Security Services Pvt.Ltd. is hiring below mentioned staff for National Council for Cement & Building Materials, Bhubaneswar.

| Sl.No. | Description of Manpower | No. of Required | Minimum Wages |
|---|---|---|---|
| 1 | Graduate Civil Engineer for construction site inspections with a minimum of one year experience in the relevant field. | 03 | Skilled |
| 2 | Field Technician possessing diploma in Civil Engineering or ITI with Minimum of One Year Relevant Field experience. | 03 | Semi Skilled |
| 3 | Lab Technician possessing diploma in Civil Engineering or ITI with Minimum of One Year Relevant Field experience. | 02 | Semi Skilled |
| 4 | Lab Helper possessing 10th Std. Qualification | 02 | Un Skilled |

Age limit for all above post 30 years. Interested candidates please share their resume on DSS231020@gmail.com. Contact:9540530908, 9639884780. Last Date : 10.03.2022

**WANTED**
A LADY FOR CLERICAL WORK Free Accommodation, + FOODING & 10000/-, Nakhara, Cuttack, Good Hand Writing & Good Personality.
Contact:7809525452

**WANTED**
Sound and experienced MARKETING PROFESSIONALS for Real Estate business. (Fixed salary + high incentives).
Contact: 7787991266 9937011992

# ବିଜେଡି, ଭାଜପାର ପରାଜୟକୁ ନେଇ ଚର୍ଚ୍ଚା

ଗୁଣପୁର, ୧।୩(ଡି.ଏନ୍.ଏ.)

**ଗୁଣପୁର-ଥେରୁବାଲି ପ୍ରକଳ୍ପକୁ ଅଣଦେଖା ମହଙ୍ଗା ପଡ଼ିଲା**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟ ଗଣତି ସରିଛି। ଏଥିରେ ଶାସକ ବିଜେଡିକୁ ଗୁଣପୁର ବ୍ଲକରେ ଧରାଶାୟୀ ହେବାକୁ ପଡ଼ିଛି। ସେହିପରି ଭାଜପାର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଏସବୁ ଭିତରେ କଂଗ୍ରେସ ଦୁଇଟି ଜୋନ୍ ବାଜି ମାରିନେଇଛି। ତେବେ ଶାସକ ବିଜେଡି ଓ ଭାଜପାର ପରାଜୟ ଏବଂ କଂଗ୍ରେସର ବିଜୟକୁ ନେଇ ଏବେ ଅଞ୍ଚଳରେ ବିଭିନ୍ନ ପ୍ରକାର ଚର୍ଚ୍ଚା ହେଉଛି। ଗୁଣପୁର-ଥେରୁବାଲି ପ୍ରକଳ୍ପକୁ ଅଣଦେଖା କରିବା ଉଭୟ ଦଳ ପାଇଁ ମହଙ୍ଗା ପଡ଼ିଛି ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି।

ବିଜେଡି ପାଇଁ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଉପଦେଷ୍ଟା ସୁଧୀର ଦାସ, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗଙ୍କ ଭଳି ହେଭିୱେଟ୍‌ମାନେ ପ୍ରଚାର କରିଥିବାବେଳେ ଦୁଇଟି ଜିଲା ପରିଷଦ ଜୋନ୍‌ରେ ଦଳକୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଛି। ଅନ୍ୟପକ୍ଷରେ ଭାଜପା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ଏବଂ ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ପ୍ରଚାର କରିଥିଲେ। ତେବେ ଦୁଇ ଦଳକୁ କୌଣସି ସଫଳତା ମିଳିନାହିଁ।

ଅନ୍ୟପକ୍ଷରେ କଂଗ୍ରେସ ପକ୍ଷରୁ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଏବଂ ପୂର୍ବତନ ଜିଲା ପରିଷଦ ଅଧକ୍ଷ ବିଜୟ ଗମାଙ୍ଗ ପ୍ରଚାର ମଙ୍ଗ ଧରିଥିଲେ। ଏମ୍‌ପି ସପ୍ତଗିରି ଅନେକ ଥର ଗୁଣପୁର-ଥେରୁବାଲି ରେଳପଥ ପ୍ରସଙ୍ଗ ପାର୍ଲାମେଣ୍ଟ ଠାରୁ ଆରମ୍ଭକରି ଅନେକ ସ୍ଥାନରେ ଅଗ୍ରାଧିକାର ଭିତ୍ତିରେ ଉଠାଇଛନ୍ତି। ଏହାର ଫଳ ସ୍ୱରୂପ ଗୁଣପୁରର ଦୁଇଟି ଜିଲା ପରିଷଦ ଜୋନ୍ କଂଗ୍ରେସ ସପକ୍ଷକୁ ଯାଇଥିବା କୁହାଯାଉଛି। ରାଜ୍ୟ ଏବଂ କେନ୍ଦ୍ର ମଧ୍ୟରେ ଗୁଣପୁର-ଥେରୁବାଲି ରେଳପଥର ଭାଗ୍ୟ ଅଟକିଥିବାବେଳେ ଏବେ ପୌର ନିର୍ବାଚନ ହେବାକୁ ଯାଉଛି। ଏହାର ପ୍ରଭାବ ପୌରାଞ୍ଚଳର ସଚେତନ ଭୋଟରଙ୍କ ଉପରେ କିଭଳି ପଡୁଛି ତାହା ଆଗାମୀ ଦିନରେ ଜଣାପଡ଼ିବ।







ଥେରୁବାଲି ଓ ଗୁଣୁପୁର ରେଳ ଷ୍ଟେଶନ।

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଛେଣ୍ଡିପଦା**

ପତ୍ର ସଂଖ୍ୟା-୫୮୮, ତା.୨୫.୦୨.୨୦୨୨

ଏତଦ୍ୱାରା ଛେଣ୍ଡିପଦା ପଞ୍ଚାୟତ ସମିତିର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା OSSAAT-23/2021 50/OS ତା.୧୭.୦୨.୨୦୨୨ ଦ୍ୱାରା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGS) ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (NFSA) ର ୨୦୨୦-୨୧ ଆର୍ଥିକ ବର୍ଷର (୦୧.୦୪.୨୦୨୦ ରୁ ୩୧.୦୩.୨୦୨୧) ସାମାଜିକ ସମୀକ୍ଷା ପାଇଁ ଗ୍ରାମସଭା ନିମ୍ନ କାର୍ଯ୍ୟସୂଚୀ ମତେ ପୁନଃ ନିର୍ଦ୍ଧାରଣ କରାଗଲା ।

| କ୍ରମାଙ୍କ | ଗ୍ରାମପଞ୍ଚାୟତର ନାମ | NFSA ସାମାଜିକ ସମୀକ୍ଷା ବ୍ୟବଧାନ ଓ ନଥିପତ୍ର ତଦାରଖ ଓ କାର୍ଯ୍ୟ ପରିଦର୍ଶନ | MGNREGS ସାମାଜିକ ସମୀକ୍ଷା ବ୍ୟବଧାନ ଓ ନଥିପତ୍ର ତଦାରଖ ଓ କାର୍ଯ୍ୟ ପରିଦର୍ଶନ | ଗ୍ରା.ପ. ସ୍ତରରେ ଜନଶୁଣାଣି ବା ସାମାଜିକ ସମୀକ୍ଷା ନିର୍ଦ୍ଧାରିତ ତାରିଖ | ଉପସ୍ଥିତ କର୍ମଚାରୀ |
|---|---|---|---|---|---|
| ୦୧ | ନତଡ଼ା, ଦୁର୍ଗାପୁର, ଟାଙ୍ଗିରି, ବରପଦା, କଣଲୋଇ, ବ୍ରାହ୍ମଣବିଲ, ଛେଣ୍ଡିପଦା, ପରା, ପରଙ୍ଗ, ତୁକୁଡା, ନୂଆଗାଁ, ବାଲିପଟା, କୁକୁରପେଟା, କତଡା, ବାହାଲସାହି, ବାଗେଡିଆ, ନିଶା | ୦୨.୦୩.୨୦୨୨ ଠାରୁ ୦୫.୦୩.୨୦୨୨ | ୦୭.୦୩.୨୦୨୨ ଠାରୁ ୧୪.୦୩.୨୦୨୨ | ୧୪.୦୩.୨୦୨୨ | ବ୍ଲକ ସାମାଜିକ ସମୀକ୍ଷକ, VRP, ସମ୍ପୃକ୍ତ JE, GPTA, PEO, GRS ଓ NODAL OFFICER |
| ୦୨ | ପାତ୍ରପଡ଼ା, କୁଶକିଳା, କୋରଡା, କମ୍ପସଲା, ଜେରେଙ୍ଗ ଦେହୁରୀସାହି, ପାଟକୁମୁଣ୍ଡା, ଟାଙ୍ଗୁଡିଆ, ବରସାହି, କୋଶଳା, ଜରପଡା, ମାଛକୁଟା, ଟି.କୋଡାସାହି, ଓଗୀ, ବସନ୍ତପୁର, କଙ୍କରେଇ, ରାଇଝରଣ, ଶିମିଳିପାଳ | ୧୫.୦୩.୨୦୨୨ ଠାରୁ ୧୮.୦୩.୨୦୨୨ | ୧୯.୦୩.୨୦୨୨ ଠାରୁ ୨୫.୦୩.୨୦୨୨ | ୨୫.୦୩.୨୦୨୨ | |

ସ୍ୱା: ସଞ୍ଜୟ କୁମାର ଆଚାର୍ଯ୍ୟ
ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ପ୍ରୋଗ୍ରାମ ଅଫିସର
ଛେଣ୍ଡିପଦା ବ୍ଲକ, ଜିଲ୍ଲା-ଅନୁଗୋଳ

ସ୍ୱା/- ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଛେଣ୍ଡିପଦା

**COMPANY JOB**
Required Candidates
10th / +2, ITI, Diploma, B.Tech
ଦରମା 7,000/- ରୁ 35,000/-
8895029591

**WANTED**
Tele Caller (1) : 15K-18K, Receptionist (1): 12K-15K, Web Designer cum Digital Marketing : 25K-30K
Preferable female candidates having minimum 2yrs exp.
Location : Malipada (Near Sum Hospital), Contact: 9777232823
Interview on 27.02.22 & 04.03.22

**STATE GUEST HOUSE, BHUBANESWAR**
**Home (SGH) Department**
**TENDER CALL NOTICE**
No. D-333:- Sealed tenders are invited under the two-bid system from reputed and experienced registered Facility Management Service (FMS) providers to provide Comprehensive Facility Management Services (CFMS) for a period of one year initially which can be extended upto three years subject to annual satisfactory performance & mutual consent. The Facility Management Service providers shall submit their duly completed proposal along with other prerequisites documents in support of eligibility criteria and the required information as per formats given in original on or before 22.03.2022 by 5 P.M. as per the terms and conditions of the tender document. The tender document can be obtained from the Reception Counter, State Guest House, BBSR on payment of Rs.1000/- (Rupees one thousand) only by cash from 28.02.2022 to 21.03.2022 (from 11 A.M. to 5 P.M.)
The terms and conditions of the tender document can also be accessed from our website www.homeodisha.gov.in. The undersigned reserves the right to accept/ reject any offers without assigning any reasons thereof.
Sd./- Manager-cum-Joint Secretary to Govt.
Home (SGH) Department
OIPR-12063/11/0002/2122

> ଆଗ ତୁମେ ନିଜକୁ ପରିବର୍ତ୍ତନ କର। ତା'ପରେ ଦେଖିବ ଯେ, ପରିସ୍ଥିତି ମଧ୍ୟ ବଦଳି ଯାଇଛି। ... ଯେଉଁ ଚେତନା ତୁମ ଭିତରେ ଓ ତୁମ ଉପରେ କାର୍ଯ୍ୟ କରୁଛି- ତାହା ଆଡକୁ ନିଜକୁ ଖୋଲି ଧର। ପାରୁପର୍ଯ୍ୟନ୍ତ ସର୍ବଦା ସ୍ଥିର ଓ ପ୍ରଶାନ୍ତ ରୁହ। -ଶ୍ରୀମା

# ସମସ୍ତଙ୍କୁ ପରୀକ୍ଷା

ୟୁକ୍ରେନ ଓ ରୁଷିଆ ମଧ୍ୟରେ ଜାରି ଯୁଦ୍ଧରେ ମୁଖ୍ୟତଃ ଭାରତୀୟ ଡାକ୍ତରୀ ଛାତ୍ରଙ୍କୁ ନେଇ ଚର୍ଚ୍ଚା ଚାଲିଛି। ପ୍ରତିବର୍ଷ ୟୁକ୍ରେନ୍ ସମେତ ଅନ୍ୟ ଦେଶକୁ ଭାରତୀୟ ଛାତ୍ରମାନେ ଡାକ୍ତରୀ ପଢ଼ିବାକୁ ଯାଉଛନ୍ତି। ଏହାର ଗୋଟିଏ କାରଣ ହେଉଛି ସେଠାରେ ପଢ଼ିବା ଶସ୍ତା ହେଉଛି । ଅନ୍ୟ ଏକ କାରଣ ହେଉଛି ସେମାନେ ସବୁଠୁ କଠିନ କୁହାଯାଉଥିବା ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍)ରେ ର୍ୟାଙ୍କ୍ ନ ମିଳିବା ଯୋଗୁ ବିଦେଶରେ ପଢ଼ିବାକୁ ମନ ବଳାଉଛନ୍ତି। ପଢ଼ିବାକୁ ଯାଉଛନ୍ତି ସତ କିନ୍ତୁ ସେଠାରେ ଡାକ୍ତରୀ ଶିକ୍ଷା ଶେଷ କରିବା ପରେ ଆମ ଦେଶରେ ସେମାନଙ୍କୁ ସିଧା ଡାକ୍ତର ହେବାର ଅନୁମତି ମିଳୁନାହିଁ। ସେମାନଙ୍କୁ ଫରେନ ମେଡିକାଲ ଗ୍ରାଜୁଏଟ୍ସ ଏକ୍‌ଜାମିନେଶନ( ଏଫ୍‌ଏମ୍‌ଜିଇ)ରେ ସଫଳ ହେବାକୁ ପଡ଼େ। ଏଥିରେ ଅନ୍ୟୂନ ୫୦% ନମ୍ବର ରଖିବା ପରେ ମେଡିକାଲ କାଉନ୍‌ସିଲ ଅଫ୍ ଇଣ୍ଡିଆ( ଏମ୍‌ସିଆଇ) ଦ୍ୱାରା ସେମାନଙ୍କୁ ସ୍ଥାୟୀ ପଞ୍ଜୀକରଣ କରାଯାଇଥାଏ। ଭାରତରେ ପାଖାପାଖି ୬୦୦ ମେଡିକାଲ କଲେଜରେ ୧.୫ ଲକ୍ଷ ଛାତ୍ରୀଛାତ୍ର ପଢ଼ିବାର ବ୍ୟବସ୍ଥା ରହିଛି। ଏଥିପାଇଁ ପ୍ରତିବର୍ଷ ନିଟ୍ ପରୀକ୍ଷା କରାଯାଏ ଓ ୨୦୨୧ରେ ୧୬ ଲକ୍ଷ ଛାତ୍ରୀଛାତ୍ର ନିଟ୍ ପରୀକ୍ଷା ଦେଇଥିଲେ। ନିଟ୍ ର୍ୟାଙ୍କରେ ରହିଥିବା ଛାତ୍ରୀଛାତ୍ରଙ୍କୁ ଦେଶରେ ସରକାରୀ ମେଡିକାଲ କଲେଜରେ କମ୍ ଅର୍ଥ ଦେଇ ପଢ଼ିବାର ସୁଯୋଗ ମିଳେ। ଏଥିରେ ଯେଉଁମାନେ ର୍ୟାଙ୍କ ହାସଲ କରିବାରେ ବିଫଳ ହୁଅନ୍ତି ସେମାନେ ଭାରତରେ ବିପୁଳ ଅର୍ଥ ଖର୍ଚ୍ଚ କରି ଘରୋଇ ମେଡିକାଲ କଲେଜରେ ଡାକ୍ତରୀ ପାଠ ପଢ଼ିଥାନ୍ତି। ଏହି ଗୋଷ୍ଠୀ ମଧ୍ୟରୁ ଯେଉଁ ପରିବାରରେ ଅତ୍ୟଧିକ ଅର୍ଥ ଖର୍ଚ୍ଚ କରିବାର ସମ୍ବଳ ନ ଥାଏ ସେହି ଭଳି ଛାତ୍ରୀଛାତ୍ର ଅନ୍ୟ ଦେଶକୁ ଯାଇ ସ୍ୱଳ୍ପ ଖର୍ଚ୍ଚରେ ଡାକ୍ତରୀ ପାଠ ପଢ଼ିଥାଆନ୍ତି। ଏବେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ,କ୍ଷୁଦ୍ର ଦେଶକୁ ପାଠ ପଢ଼ିବାକୁ ଯିବା ପରିବର୍ତ୍ତେ ଭାରତୀୟ ଛାତ୍ରୀଛାତ୍ର ଦେଶ ଭିତରେ ସେହି ଶିକ୍ଷା ଲାଭ କରିବା ଦରକାର। ପ୍ରଧାନମନ୍ତ୍ରୀଙ୍କର ଏହି ଚିନ୍ତାଧାରା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ପ୍ରଚଳିତ ବ୍ୟବସ୍ଥାରେ ଯେଉଁମାନେ ନିଟ୍‌ରେ ର୍ୟାଙ୍କ୍ ପାଇବାରେ ଅସଫଳ ହୁଅନ୍ତି ସେମାନଙ୍କ ପାଇଁ ସ୍ୱଳ୍ପ ଖର୍ଚ୍ଚରେ ମେଡିକାଲ ପଢ଼ିବାର ଅନ୍ୟ କୌଣସି ବ୍ୟବସ୍ଥା ସୃଷ୍ଟି କରାଯାଇନାହିଁ। ଘରୋଇ ମେଡିକାଲ କଲେଜଗୁଡ଼ିକରେ ଅଧିକ ଅର୍ଥ ନିଆଯାଉଥିବା ସତ୍ତ୍ୱେ ଯେଉଁ ଡାକ୍ତର ଉତ୍ତୀର୍ଣ୍ଣ ହୁଅନ୍ତି ସେମାନଙ୍କର ଦକ୍ଷତା ସମ୍ପର୍କରେ କୌଣସି ମାପକାଠି ସରକାରୀ ସ୍ତରରେ ସୃଷ୍ଟି କରାଯାଉନାହିଁ। ଅର୍ଥାତ୍ ବିପୁଳ ଅର୍ଥ ନେଇ ସାର୍ଟିଫିକେଟ ମିଳିବା ଏକ ପ୍ରକାର ନିଶ୍ଚିତ ହୋଇଯାଉଛି। ବିଶେଷକରି ଡିମ୍‌ଡ୍ ୟୁନିଭର୍ସିଟିଗୁଡ଼ିକରେ ପରୀକ୍ଷାର ସବୁ ଅଙ୍ଗ ଯଥା ପ୍ରାକ୍ଟିକାଲ ଏବଂ ଥିଓରି ଉଭୟେ ଆଭ୍ୟନ୍ତରୀଣ ମାର୍କିଂରେ କରାଯାଇଥାଏ। ଏଠାରେ ମନେରଖିବା ଯେ, ଏମ୍‌ସିଆଇ ଏବଂ ଡେଣ୍ଟାଲ କାଉନ୍‌ସିଲ ଅଫ୍ ଇଣ୍ଡିଆ କଲେଜର ନିୟାମକ ହୋଇଥାଇ ପାରନ୍ତି, କିନ୍ତୁ ଛାତ୍ରୀଛାତ୍ରଙ୍କ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ଦାୟିତ୍ୱ ଘରୋଇ ମେଡିକାଲ କଲେଜର ମାଲିକମାନେ ନେଇଥାଆନ୍ତି। ଛାତ୍ରୀଛାତ୍ରଙ୍କର ପାଠ ଉପରେ ଦକ୍ଷତାର ଗୁରୁତ୍ୱ ଘରୋଇ ମେଡିକାଲ କଲେଜରେ ହ୍ରାସ ପାଇଥାଏ। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କର ବାର୍ତ୍ତାକୁ ଗୁରୁତ୍ୱ ଦିଆଯିବା ଦରକାର।

ସ୍ୱାସ୍ଥ୍ୟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଯେଉଁ ଦେଶର ସରକାର ତାହାର ନାଗରିକଙ୍କର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଉଚ୍ଚକୋଟୀର କରିବାରେ ବିଫଳ ହୁଅନ୍ତି ସେହି ଦେଶର ଅର୍ଥନୈତିକ ଉନ୍ନତି ସମ୍ଭବପର ହୁଏ ନାହିଁ। ଅନେକ ଗବେଷଣାରୁ ଜଣାପଡ଼ିଛି ଯେ,ନାଗରିକଙ୍କ ସୁସ୍ଥତା ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ଉପରେ ସିଧାସଳଖ ପ୍ରଭାବ ପକାଇଥାଏ। ସମୟ ଆସିଛି ଭାରତରେ ପ୍ରଚଳିତ ବ୍ୟବସ୍ଥାର ପରିବର୍ତ୍ତନ ଆଣିବାର। ଆମ ଦେଶରେ ଘରୋଇ ମେଡିକାଲ ଶିକ୍ଷାନୁଷ୍ଠାନଗୁଡ଼ିକରୁ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ଏଫ୍‌ଏମ୍‌ଜିଆଇ ଭଳି ପରୀକ୍ଷା ଦେବାକୁ ବାଧ୍ୟତାମୂଳକ କରାଯିବା ଦରକାର। ଏଠାରେ ବୁଝିବାକୁ ହେବ ଯେ, ଧନୀ ପରିବାରର ପିଲା ଭାରତରେ ରହି ଘରୋଇ ଶିକ୍ଷାନୁଷ୍ଠାନରେ ସହଜରେ ପାଠପଢି ଡାକ୍ତର ହୋଇଯାଉଛନ୍ତି। ସେମାନେ ଘରୋଇ ଅନୁଷ୍ଠାନରେ ପଢୁଛନ୍ତି, କାରଣ ନିଟ୍‌ରେ ର୍ୟାଙ୍କ ପାଇବାରେ ଅସଫଳ ହେଉଛନ୍ତି। ଅନ୍ୟପଟେ ସେହି ଅସଫଳ ହୋଇଥିବା ପ୍ରାର୍ଥୀ ଯଦି ତୁଳନାତ୍ମକ ଭାବେ ଗରିବ, ତେବେ ସେମାନେ ୟୁକ୍ରେନ୍ ଭଳି ଦେଶକୁ ଯାଇ ଡାକ୍ତରୀ ପଢୁଛନ୍ତି। ସେଥିପାଇଁ ବିଦେଶରୁ ପଢ଼ିଥାଆନ୍ତୁ କିମ୍ବା ଘରୋଇ କଲେଜରୁ ପାସ ହୋଇଥାଆନ୍ତୁ, ଏହି ଛାତ୍ରୀଛାତ୍ରଙ୍କ ପାଇଁ ଏଫ୍‌ଏମ୍‌ଜିଇ ଭଳି ଏକ ସମାନ୍ତରାଳ ପରୀକ୍ଷାର ବ୍ୟବସ୍ଥା ସରକାର ତୁରନ୍ତ କରିବା ଦରକାର। ତାହା କରାଗଲେ ସାଧାରଣ ନାଗରିକ ଉଚିତ ମାନର ମୌଳିକ ସ୍ୱାସ୍ଥ୍ୟସେବା ପାଇବା ସମ୍ଭବପର ହେବ।

# ବସନ୍ତ ପ୍ରତ୍ୟାଖ୍ୟାତ ଉଦ୍ୟାନ



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ସିପାହି ବିଦ୍ରୋହରେ ଅଂଶଗ୍ରହଣ ଅପରାଧରେ ମ୍ୟାନ୍‌ମାରଠାରେ (ସେତେବେଳର ବର୍ମା) ନିର୍ବାସିତ ରୂପେ ଶେଷଜୀବନ କଟାଇଥିଲେ ଦିଲ୍ଲୀର ଶାସକ ତଥା ପ୍ରସିଦ୍ଧ ଉର୍ଦ୍ଦୁ କବି ବାହାଦୁର ଶାହ ଜାଫର। ନିବିଡ଼ ରୂପେ ଭଲପାଉଥିବା ଜନ୍ମଭୂମିର କୋଳରୁ ବହୁଦୂରରେ କଟାଉଥିବା ନିଃସଙ୍ଗ ଜୀବନ ତାଙ୍କୁ ତିଳତିଳ କରି ଉତ୍ପୀଡ଼ିତ କରୁଥିଲା। ସେହି ଉତ୍ପୀଡ଼ନର ପରିପ୍ରକାଶ ତାଙ୍କର ଏହି ଉକ୍ତିଟି- ''ମୁଁ ହେଉଛି ସେହି ଉଦ୍ୟାନ, ଯାହାକୁ ପ୍ରତ୍ୟାଖ୍ୟାନ କରିଯାଇଛି ବସନ୍ତ।'' କିନ୍ତୁ ବର୍ତ୍ତମାନର ସମୟ ସୃଷ୍ଟି କରିଛି ଭିନ୍ନ ଏକ ପରିବେଶ- ସମଗ୍ର ବିଶ୍ୱରେ ସ୍ୱଗୃହ ମଧ୍ୟରେ ବି 'ବସନ୍ତ ପ୍ରତ୍ୟାଖ୍ୟାତ ଉଦ୍ୟାନ' ଜୀବନ ବିତାଉଛନ୍ତି ତାଙ୍କରି ଭଳି କୋଟି କୋଟି ଲୋକ। ତନ୍ମଧ୍ୟରୁ ପ୍ରଥମ ଏବଂ ପ୍ରଧାନବର୍ଗରେ ହେଲେ ପୁତ୍ରକନ୍ୟା ଓ ପରିବାରବର୍ଗ ଦ୍ୱାରା ଉପେକ୍ଷିତ ବୃଦ୍ଧ ଓ ବୃଦ୍ଧାମାନେ।

ଚିକିତ୍ସା ବିଜ୍ଞାନର ପ୍ରଗତି ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟସେବାରେ ଉନ୍ନତି, ପୁଷ୍ଟିକର ଖାଦ୍ୟର ଲଭ୍ୟତା ଏବଂ ସମ୍ଭବତଃ ବିବର୍ତ୍ତନ କାରଣରୁ କ୍ରମଶଃ ବଢ଼ିଚାଲିଛି ମଣିଷର ହାରାହାରି ଆୟୁ। ଉଦାହରଣ ସ୍ୱରୂପ ବିଗତ ତିନି ଦଶକ ମଧ୍ୟରେ ଏହା ଚାଇନାରେ ୬୯.୪ରୁ ୭୬.୭ ବର୍ଷକୁ, ଭିଏତ୍‌ନାମରେ ୭୧.୨ରୁ ୭୫.୩ ବର୍ଷକୁ, ଶ୍ରୀଲଙ୍କାରେ ୭୦.୦ରୁ ୭୬.୭ ବର୍ଷକୁ, ବାଂଲାଦେଶରେ ୫୯.୯ରୁ ୭୨.୨ ବର୍ଷକୁ, ଭାରତରେ ୫୯.୧ରୁ ୬୯.୩ ବର୍ଷକୁ ଏବଂ ପାକିସ୍ତାନରେ ୬୦.୦ରୁ ୬୭.୦କୁ ବୃଦ୍ଧି ପାଇଛି (୧୯୯୦ରୁ ୨୦୨୦ ମସିହା ଭିତରେ)। ପୁନଶ୍ଚ ଆମ ଦେଶରେ ୬୦ ବର୍ଷ ବୟସରେ ପହଞ୍ଚୁଥିବା ଲୋକଙ୍କ ମଧ୍ୟରୁ ପୁରୁଷମାନଙ୍କ ସମ୍ଭାବ୍ୟ ଆୟୁ ୭୭.୨ ବର୍ଷ ହେଲାବେଳକୁ ନାରୀମାନଙ୍କ କ୍ଷେତ୍ରରେ ତାହା ୭୮.୬ ବର୍ଷ।

ଏଣୁ ସକ୍ରିୟ ଜୀବନକାଳ ୬୦ ବର୍ଷ ପରେ ସେମାନଙ୍କୁ ପ୍ରାୟ ଦୁଇ ଦଶକ ଧରି ପ୍ରାୟତଃ ନିଷ୍କର୍ମା ଭାବେ ବଞ୍ଚିବାକୁ ପଡୁଛି। ଫଳରେ ପରିବାରବର୍ଗଙ୍କଠାରୁ ଆରମ୍ଭ କରି ସମାଜ ପର୍ଯ୍ୟନ୍ତ ସମସ୍ତଙ୍କ ଦୃଷ୍ଟିରେ ସେମାନେ ହେଉଛନ୍ତି ଅଲୋଡ଼ା। କେବଳ ସାମାଜିକ କିମ୍ବା ଧାର୍ମିକ ଅନୁଷ୍ଠାନ ସହିତ ସମ୍ପୃକ୍ତି ନେଇ କୌଣସି ଆନନ୍ଦଦାୟକ ପ୍ରବୃତ୍ତିରେ ନିମଗ୍ନ ରହୁଥିବା ଅନେକ କେତେକ ଏହାର ବ୍ୟତିକ୍ରମ। 'ହେଲ୍ପ ଏଜ୍ ଇଣ୍ଡିଆ ଏଲ୍ଡର ଆବ୍ୟୁଜ୍-୨୦୧୮' ରିପୋର୍ଟ ଅନୁସାରେ ଆମ ଦେଶର ବୟସ୍କମାନଙ୍କ ମଧ୍ୟରୁ ୫୬ ଶତାଂଶ ଅସମ୍ମାନ, ୪୯ ଶତାଂଶ ଗାଳି, ୩୪ ଶତାଂଶ ଅବହେଳା, ୨୨ ଶତାଂଶ ଅର୍ଥନୈତିକ ଶୋଷଣ, ୧୨ ଶତାଂଶ ଶାରୀରିକ ଦୁର୍ବ୍ୟବହାର ଏବଂ ୪ ଶତାଂଶ ଅନ୍ୟପ୍ରକାର ଦୁର୍ବ୍ୟବହାରର ଶିକାର ହୋଇଥାଆନ୍ତି। ସେମାନଙ୍କ ଜୀବନରେ ଏସବୁ ସହିତ ନିଃସଙ୍ଗତା ଆସି ଉଭା ହୋଇଥାଏ ସବୁଠାରୁ ଜଟିଳ ସମସ୍ୟା ରୂପେ।

ପୁରାତନ ଯୁଗରେ ସାଧୁସନ୍ନ୍ୟାସୀମାନେ ନିର୍ଜନତା ମଧ୍ୟରେ ବିତାଉଥିବା ଜୀବନ ଏହି ନିଃସଙ୍ଗତାର ଠିକ୍ ବିପରୀତ। କାରଣ ସେମାନେ ଏହା ସ୍ୱଇଚ୍ଛାରେ ବାଛୁଥିଲେ ଏବଂ ଏକ ସାଂସାରିକ ବନ୍ଧନମୁକ୍ତ ତଥା ସମ୍ପୃକ୍ତି ବିହୀନ ଆଧ୍ୟାତ୍ମିକ ଜୀବନ ବିତାଇବା ସହିତ ତା' ମଧ୍ୟରେ ଈଶ୍ୱରପ୍ରାପ୍ତି ଲାଗି ମାନସିକ ସାଧନା କରୁଥିଲେ। ତେଣୁ ତାହା ଥିଲା ସାଧାରଣ ଜୀବନର ଊର୍ଦ୍ଧ୍ୱରେ ଏକ ଶାନ୍ତିପୂର୍ଣ୍ଣ ନିର୍ଲିପ୍ତ ଜୀବନ ବଞ୍ଚିବା ପାଇଁ। ଅନ୍ୟପକ୍ଷରେ ନିଃସଙ୍ଗ ଜୀବନ ଅଶାନ୍ତ ଏବଂ ଅତୃପ୍ତ।

ମନୁଷ୍ୟ ଏକ ସାମାଜିକ ପ୍ରାଣୀ। ପରିବାର ଓ ସମାଜ ମଧ୍ୟରେ ବାସ କରିବା ତା'ର ଜନ୍ମଗତ ସ୍ୱଭାବ। ଅତଏବ ନିଃସଙ୍ଗତା ତା' ମାନସିକ ଅବସ୍ଥା ଉପରେ ଗଭୀର ନକାରାତ୍ମକ ପ୍ରଭାବ ପକାଇଥାଏ, ଯାହାକି ପ୍ରତିଫଳିତ ହୁଏ ତା'ର ଶାରୀରିକ ସ୍ୱାସ୍ଥ୍ୟ ଉପରେ। ଏହାର ଏକ ଉଦାହରଣ ରୂପେ ଉପସ୍ଥାପନ କରାଯାଇପାରେ କିଛି ବର୍ଷ ତଳେ (୨୦୦୬ ମସିହା) ସିକାଗୋ ବିଶ୍ୱବିଦ୍ୟାଳୟଠାରେ ବୈଜ୍ଞାନିକ ଲୁଇସ୍ ହାକ୍‌ଲେଙ୍କ ନେତୃତ୍ୱରେ ଅନୁଷ୍ଠିତ ଏକ ସର୍ବେକ୍ଷଣ। ଏଥିରୁ ନିଃସଙ୍ଗ ଜୀବନଯାପନ କରୁଥିବା ଲୋକଙ୍କ ରକ୍ତଚାପ ପରିବାରବର୍ଗ ତଥା ବନ୍ଧୁମେଳରେ ରହୁଥିବା ସେହି ବୟସର ଲୋକଙ୍କ ତୁଳନାରେ ୩୦ ପ୍ରତିଶତ ଅଧିକ ହୋଇଥିବାର ଜଣାପଡ଼ିଥିଲା। ଏହାଛଡ଼ା ସେମାନେ ହୃଦ୍‌ରୋଗ ଏବଂ ମଧୁମେହର ଶିକାର ହେବାର ସମ୍ଭାବନା ଥିଲା ଅଧିକ। ଗବେଷଣା ପତ୍ରିକା 'ସାଇକୋଲୋଜି ଏଣ୍ଡ୍ ଏଜିଂ' (ମାର୍ଚ୍ଚ ୨୦୦୬)ରେ ପ୍ରକାଶିତ ଏକ ଅଗ୍ରଲେଖାରେ ହାକ୍‌ଲେ ଏବଂ ତାଙ୍କ ସହଯୋଗୀ ଜନ୍ କାସିଓପୋ ସୂଚିତ କରିଥିଲେ ଯେ, ବୟସ ୫୦ ବର୍ଷ ହେଲା ପରେ ନିଃସଙ୍ଗତାର ପ୍ରଭାବ କ୍ରମଶଃ ସ୍ପଷ୍ଟ ହେବାକୁ ଲାଗେ। ଏମାନଙ୍କଠାରେ ରକ୍ତପେଟିକାଗୁଡ଼ିକରେ ସମସ୍ୟା ଦେଖାଯାଉଥିବାରୁ ରକ୍ତଚାପ ଅଧିକ ହୁଏ। ସେଥିପାଇଁ ସେମାନଙ୍କ ନିଃସଙ୍ଗତାକୁ ପୁଷ୍ଟଳତା, ଶ୍ରମହୀନତା, ଧୂମପାନ ଆଦି ଭଳି ସ୍ୱାସ୍ଥ୍ୟହାନିକାରୀ କାରକ ରୂପେ ବର୍ଣ୍ଣାଇଛନ୍ତି।

ସେହିପରି ଆମେରିକାର 'ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜିଂ' ଦ୍ୱାରା ମଧ୍ୟ ସ୍ୱାସ୍ଥ୍ୟ ସହିତ ବୟସ୍କ ଲୋକଙ୍କ ନିଃସଙ୍ଗ ଜୀବନକୁ ନେଇ କିଛି ବର୍ଷ ତଳେ ସର୍ବେକ୍ଷଣ କରାଯାଇଥିଲା। ଏ ଦୁଇଟି ମଧ୍ୟରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ଥିବାର ତହିଁରୁ ଜଣାପଡ଼ିଥିଲା। ଏହାର ନିର୍ଦ୍ଦେଶକ ରିଚାର୍ଡ ସୁଜ୍‌ମ୍ୟାନ୍‌ଙ୍କ ମତରେ, ନିଃସଙ୍ଗ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ବୟସ ବଢ଼ିବା ସଙ୍ଗେ ସଙ୍ଗେ ବିଶେଷକରି ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ବିବିଧ ମାନସିକ ରୋଗ ଏବଂ ଦୁଶ୍ଚିନ୍ତା ବୃଦ୍ଧି ପାଏ। ଅତଏବ ଏହା ହାକ୍‌ଲେଙ୍କ ପରୀକ୍ଷାର ଫଳାଫଳକୁ ନିଶ୍ଚିତ କରିଥିଲା (୨୦୦୮ ମସିହା)। ପୁନଶ୍ଚ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଏବଂ ଡ୍ୟୁକ୍ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ପରୀକ୍ଷାମାନଙ୍କରୁ (୨୦୦୮-୨୦୦୯) ମଧ୍ୟ ଏଥିସହିତ ହୃଦ୍‌ରୋଗର ସମ୍ପର୍କ ପ୍ରତିଷ୍ଠିତ ହୋଇଥିଲା। ପୁନଶ୍ଚ ଏହି ଗବେଷକମାନେ ଏହା ଜାଣିବାକୁ ପାଇଲେ ଯେ, ବୟସ ୬୦ ବର୍ଷ ଅତିକ୍ରମ କଲାପରେ ମସ୍ତିଷ୍କକୁ ରକ୍ତ ପ୍ରବାହ ୧୫-୧୮ ଶତାଂଶ ହ୍ରାସ ପାଏ। ତାହା ନାନାଦି ମାନସିକ ରୋଗ ଏବଂ ସ୍ମୃତିହୀନତାର କାରଣ ହୋଇଥାଏ, ଯାହାକି ସେମାନଙ୍କୁ ବିବିଧ ମାତ୍ରାରେ ଅକ୍ଷମ ଏବଂ ଅନ୍ୟ ଉପରେ ନିର୍ଭରଶୀଳ କରିଦିଏ। ସେଥିପାଇଁ ଅଧିକାଂଶ ସ୍ଥଳେ ସେମାନେ ପରିବାର ଓ ସମାଜ ଦ୍ୱାରା ଉପେକ୍ଷିତ ଏବଂ ଅଲୋଡ଼ା ବୋଝ ରୂପେ ପରିଗଣିତ ହୁଅନ୍ତି।

ଇତିମଧ୍ୟରେ 'ଅର୍ବ ମିଡିଆ' (ଆମେରିକା) ଦ୍ୱାରା ହୋଇଥିବା ସର୍ବେକ୍ଷଣଗୁଡ଼ିକରୁ ଜଣାପଡ଼ିଛି ଯେ, ଏହା ଏକ ଜାଗତିକ ଘଟଣା। ପ୍ରାୟ ସବୁ ଦେଶରେ ସେମାନେ ଅଳ୍ପବହୁତ ଅଲୋଡ଼ା ଓ ଉପେକ୍ଷିତ। ଆଗାମୀ ୨୦୫୦ ମସିହା ବେଳକୁ ବିଶ୍ୱର ପ୍ରତି ୫ ଜଣରେ ଜଣେ ୬୫ ବର୍ଷରୁ ଅଧିକ ବୟସ୍କ ହେବେ, ପ୍ରାୟ ୫୦ ହଜାର ନିୟୁତ (ବିଲିୟନ)ଙ୍କ ବୟସ ହେବ ୮୦ ବର୍ଷରୁ ଅଧିକ। ସେମାନେ ଆବଶ୍ୟକ କରିବେ ଅଧିକ ସହାୟତା ଓ ସେବାଯତ୍ନ ଏବଂ ଖର୍ଚ୍ଚ ବହୁଳ ସ୍ୱାସ୍ଥ୍ୟସେବା। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଦ୍ୱାରା ୫୭ଟି ଦେଶରେ ଅନୁଷ୍ଠିତ ସର୍ବେକ୍ଷଣ (୨୦୧୨) ଅନୁସାରେ ୬୦ ଶତାଂଶ ଲୋକଙ୍କର ବାର୍ଦ୍ଧକ୍ୟ ପ୍ରତି ନକାରାତ୍ମକ ମନୋଭାବ ଥାଏ। ସେମାନେ ତାଙ୍କର ଜ୍ଞାନ ଏବଂ ଅନୁଭୂତି ପାଇଁ ସ୍ୱୀକୃତି ପାଇବା ପରିବର୍ତ୍ତେ ସମାଜ ଓ ପରିବାର ଉପରେ ବୋଝ ରୂପେ ପରିଗଣିତ ହୁଅନ୍ତି। ଅନ୍ୟପକ୍ଷରେ, 'ଅର୍ବ ମିଡିଆ'ର ଅନ୍ୟ ଏକ ଆକଳନ (୧୦୧ ଦେଶର ଦେଢ଼ ଲକ୍ଷ ଲୋକଙ୍କୁ ନେଇ) ଅନୁସାରେ ବୟସ୍କମାନଙ୍କ ଯତ୍ନ ନେବାରେ ଆର୍ଥିକ ଅନଗ୍ରସର ପାକିସ୍ତାନ ବେଶ୍ ଆଗୁଆ। ଅର୍ଥାତ୍ ବୃଦ୍ଧାବୃଦ୍ଧଙ୍କ ପ୍ରତି ସେଠାର ଜନସାଧାରଣଙ୍କ ଦୃଷ୍ଟିଭଙ୍ଗୀ ସବୁଠାରୁ ସକାରାତ୍ମକ। ଅନ୍ୟପକ୍ଷରେ, ଅର୍ଥନୈତିକ ଦୃଷ୍ଟିକୋଣରୁ ବେଶ୍ ଉନ୍ନତ ଜାପାନରେ ପରିସ୍ଥିତି ଠିକ୍ ଓଲଟା। ଏଥିରୁ ସ୍ପଷ୍ଟ ଯେ; ସେମାନଙ୍କ ପ୍ରତି ଅବହେଳାର ଅର୍ଥନୈତିକ ଅପେକ୍ଷା ସାମାଜିକ ଦୃଷ୍ଟିକୋଣ ଏବଂ ପରମ୍ପରାର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ।

ଆମ ଦେଶରେ, ସ୍ୱାଧୀନତା ପରଠାରୁ ବୟସ୍କମାନଙ୍କ ସଂଖ୍ୟା ୨୭୦ ଶତାଂଶ ବୃଦ୍ଧି ପାଇଛି। ବର୍ତ୍ତମାନ ସେମାନେ ୮୦ ନିୟୁତ ପାଖାପାଖି ହେଲେଣି। ସେଥିସହିତ ବଢ଼ିଚାଲିଛି ସମ୍ପୃକ୍ତ ସମସ୍ୟା ସମୂହ। ଏଠାରେ ଅଧିକାଂଶ ବୃଦ୍ଧାବୃଦ୍ଧ ଗ୍ରାମାଞ୍ଚଳରେ ବାସ କରନ୍ତି। ବର୍ତ୍ତମାନ ଏହାର ପୂର୍ବଭଳି ଯୌଥ ପରିବାର ଓ ସାମାଜିକ ଜୀବନ ଆଉ ନାହିଁ। ସେଥିସହିତ ସ୍ୱାସ୍ଥ୍ୟସେବା ଓ ପୁଷ୍ଟିକର ଖାଦ୍ୟର ମଧ୍ୟ ଘୋର ଅଭାବ। ତେଣୁ ସେମାନେ ପରିବାର ଦ୍ୱାରା ଅବହେଳିତ ହେବା ସଙ୍ଗେ ସଙ୍ଗେ ବାର୍ଦ୍ଧକ୍ୟଜନିତ ସମସ୍ୟାଗୁଡ଼ିକର ସମ୍ମୁଖୀନ ହୋଇ ଦୁର୍ବିଷହ ଜୀବନ ବିତାନ୍ତି। ଏମାନଙ୍କ ମଧ୍ୟରେ ମହିଳାମାନଙ୍କ ସଂଖ୍ୟା ଅଧିକ (୬୧.୨%)। କାରଣ ତାଙ୍କର ଆୟୁଷ ବେଶି। ସେଥିପାଇଁ ତହିଁରୁ ଅନେକ ବୈଧବ୍ୟର ଶିକାର ହୁଅନ୍ତି ଏବଂ ତାଙ୍କ ଜୀବନ ଆହୁରି ଦୟନୀୟ ଭାବେ କଟେ। ସହରାଞ୍ଚଳମାନଙ୍କ ଦୃଶ୍ୟପଟ ଏହାଠାରୁ ବିଶେଷ ଭିନ୍ନ ନୁହେଁ।

ଏସବୁ ଦୃଷ୍ଟିରୁ ବିଚାର କଲେ ବୟସ୍କ ଲୋକଙ୍କ ନିଃସଙ୍ଗ ଜୀବନକୁ ବସନ୍ତ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିବା ଉଦ୍ୟାନ ସହିତ ତୁଳନା କରାଯିବା ବିଧେୟ। କାରଣ, ତାହା ରୌଦ୍ରତାପରେ ଝାଉଁଳି ଝାଉଁଳି ବଞ୍ଚୁଥିବା ଉଦ୍ଭିଦରାଜି ଭଳି। ଆମେ ପାରମ୍ପରିକ ଭାବେ ଯୌବନକୁ ଜୀବନର ବସନ୍ତକାଳ ଏବଂ ବାର୍ଦ୍ଧକ୍ୟକୁ ନିଦାଘ ରୂପେ ଅଭିହିତ କରିଥାଉ। ତେବେ, ତାକୁ ନିର୍ମମ ରୌଦ୍ରତାପରୁ ରକ୍ଷା କରିବାକୁ ଲୋଡ଼ା ପରିବାରବର୍ଗଙ୍କ ଶ୍ରଦ୍ଧା ଓ ସହୃଦୟତାର ଜଳ ସିଞ୍ଚନ। କିନ୍ତୁ ବର୍ତ୍ତମାନ ତା'ର ଘୋର ଅଭାବ ପଡ଼ିବାକୁ ଲାଗିଲାଣି।

**ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର,ଭୁବନେଶ୍ୱର, ମୋ: ୯୯୩୭୯୮୫୭୬୭**

# ଶବ୍ଦ ପ୍ରଦୂଷଣ ବିପଦ



ନାରାୟଣ ଚନ୍ଦ୍ର ବିଶ୍ୱାଳ

ପରିବେଶ ପ୍ରଦୂଷଣ ପରେ ଶବ୍ଦ ପ୍ରଦୂଷଣ ଆଉ ଏକ ଗୁରୁତର ସମସ୍ୟା ଭାବେ ଆଧୁନିକ ସଭ୍ୟତାରେ ମୁଣ୍ଡ ଟେକିଛି। ଏଥିଯୋଗୁ ଆଜିର ମଣିଷ, ମୁଖ୍ୟତଃ ସହରର ମଣିଷ ବିଭିନ୍ନ ପ୍ରକାର ମାନସିକ ଓ ଶାରୀରିକ ରୋଗରେ ଆକ୍ରାନ୍ତ ହୋଇଛି। ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ବ୍ୟକ୍ତି ସ୍ୱାଧୀନତା ମିଳୁଥିବା ଯୋଗୁ ବାକ୍ ସ୍ୱାଧୀନତା ତା'ର ହକ୍ ବୋଲି ସମସ୍ତେ ଧରିନିଅନ୍ତି। କିନ୍ତୁ ବାକ୍ ସ୍ୱାଧୀନତାର ଅର୍ଥ ନୁହେଁ ଚିତ୍କାର କରିବା ଓ ଅନ୍ୟର ସ୍ୱାଧୀନତାକୁ ଅପହରଣ କରିବା। ଆମର ଅଜ୍ଞାତସାରରେ ଶବ୍ଦ ପ୍ରଦୂଷଣ ଆମର କେତେ କ୍ଷତିକରେ ଆମେ ଜାଣୁନା। ଫଳରେ ସାମାନ୍ୟ ସାମାନ୍ୟ କଥାରେ ଆମେ ଉଚ୍ଚ ଶବ୍ଦରେ ବିଭିନ୍ନ କାରବାର କରିବାରେ ଗର୍ବ କରୁ ଓ ଆନନ୍ଦ ଅନୁଭବ କରୁ। ଶବ୍ଦ ପରିବେଷଣରେ ଆମେ ସିନା କ୍ଷଣିକ ଆନନ୍ଦ ଅନୁଭବ କରୁଛେ, କେବେ ଚେଷ୍ଟା କରିଛେ କି ନୀରବତାର ସ୍ୱର ଶୁଣିବା ପାଇଁ? କୁହାଯାଏ, ନୀରବତାର ଗଭୀରତାରେ ଲୁଚି ରହିଥାଏ ଈଶ୍ୱରଙ୍କ ସ୍ୱର। ତାକୁ ଶୁଣିବା ପାଇଁ କେବେ ଚେଷ୍ଟା କରିଛେ କି? ସେଥିପାଇଁ ତ ମୁନିଋଷିମାନେ ସହରର ଚାକଚକ୍ୟ ଓ ଶବ୍ଦ ଆଡ଼ମ୍ବର ଛାଡ଼ି ସୁଦୂର ବଣ ଜଙ୍ଗଲ ଓ ପାହାଡ଼ ପର୍ବତର ଗହ୍ୱର ଭିତରେ ବସି ଈଶ୍ୱର ପ୍ରାପ୍ତି ପାଇଁ ଧ୍ୟାନସ୍ଥ ହୁଅନ୍ତି। ସେଥିପାଇଁ ପ୍ରଦୂଷଣମୁକ୍ତ ହୋଇ ସୁସ୍ଥ ଶରୀର ରଖିବା ସହିତ ଦୀର୍ଘଜୀବୀ ହୁଅନ୍ତି, ପ୍ରଜ୍ଞା ପ୍ରାପ୍ତ ହୁଅନ୍ତି। ସହର ଓ ସହରତଳିଗୁଡ଼ିକରେ ଯନ୍ତ୍ରପାତି ମାଧ୍ୟମରେ ଉଚ୍ଚ ଶବ୍ଦ ସୃଷ୍ଟି କରିବା ଏକ ଆଭିଜାତ୍ୟ ବୋଲି ମନେକରନ୍ତି। ଏହା ମୁଖ୍ୟତଃ ମଧ୍ୟବିତ୍ତ, ଉଚ୍ଚ ମଧ୍ୟବିତ୍ତ ଓ ଧନିକ ଶ୍ରେଣୀ ବ୍ୟକ୍ତିମାନଙ୍କ ପାଖରେ ଦେଖାଯାଏ। ସବୁ କଥାରେ ବାଣ, ବାଜା ନହେଲେ ଚଳେନା। ତାହା ପୁଣି ଉଚ୍ଚ ଶବ୍ଦରେ। ଆମର ବାହାଘର ଓ ଭୋଜି ଘରେ ବାଣ ଓ ବାଜାର ରୋଶଣି ହୁଏ। ତାହା ପୁଣି ସାଧାରଣ ଭାବେ ନୁହେଁ, କାନକୁ ତାବ୍‌ଦା କଲା ଭଳି ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଡିଜେ ସାଉଣ୍ଡରେ ଓ ବୋମା ଫୁଟିବା ଭଳି ବାଣରେ। ଜନ୍ମ ଦିନରେ ବାଜାବାଣ, ବ୍ରତ ଘରେ ବାଜାବାଣ, ବିବାହରେ ବାଜାବାଣ, ନିର୍ବାଚନ ଜିତିଲେ ବାଜାବାଣ, ଶୋଭାଯାତ୍ରାରେ ବାଜାବାଣ, ନେତାଙ୍କୁ ସଙ୍ଖୋଳିବାରେ ବାଜାବାଣ, ପୂଜା ପାର୍ବଣରେ ବାଜାବାଣ, ସବୁଠି ଉଚ୍ଚ ଶବ୍ଦ। ଦୀପାବଳି ଦିନ ଗ୍ରାମାଞ୍ଚଳଠୁଁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଉଚ୍ଚ ଶବ୍ଦରେ ଯେଭଳି ବାଣ ଫୁଟାଯାଏ, ତାହା କେବଳ ମଣିଷକୁ ନୁହେଁ ଗୃହପାଳିତ ପଶୁପକ୍ଷୀଙ୍କୁ ମଧ୍ୟ ଆତଙ୍କିତ କରିପକାଏ। ଦେଖାଯାଇଛି, ଯଦି କୌଣସି ଗଛମୂଳେ ବିସ୍ଫୋରଣ କଲା ଭଳି ବାଣ ଫୁଟାଯାଏ, ତେବେ ସେ ଗଛର ପତ୍ରଗୁଡ଼ିକ ଝାଉଁଳି ପଡ଼ନ୍ତି। କାରଣ ସେମାନେ ମଧ୍ୟ ଉଚ୍ଚ ଶବ୍ଦର ସହିବାର ଶକ୍ତିକୁ ହରାଇ ବସିଥାଆନ୍ତି। ଶବ୍ଦକୁ ଭଲ ପାଉନଥିବା ଲୋକମାନଙ୍କ କଥା ସେତେବେଳେ ସମସ୍ତେ ଭୁଲି ଯାଇଥା'ନ୍ତି। ସଙ୍ଗୀତ ପ୍ରତି ସାଧାରଣତଃ ଲୋକମାନଙ୍କ ଆଗ୍ରହ ଥାଏ। କିନ୍ତୁ ଯେଭଳି ଭାବେ ଉଚ୍ଚ ଶବ୍ଦ ପ୍ରଦୂଷଣ କରୁଥିବା ଯନ୍ତ୍ରପାତି ମାଧ୍ୟମରେ ସଙ୍ଗୀତ ପରିବେଷଣ କରାଯାଉଛି, ତାହା ଆନନ୍ଦ ଅପେକ୍ଷା ବିରକ୍ତିଭାବ ଉଦ୍ରେକ କରୁଛି ଏବଂ କାନକୁ ଅସୁଖକର ଲାଗୁଛି।

ଏବେ ସହରମାନଙ୍କରେ ଯାନବାହନ ଚଳାଚଳ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। କାର, ଟ୍ରକ, ଟ୍ରାକ୍ଟର, ବସ୍, ମିନି ବସ, ମୋଟରସାଇକେଲ, ସ୍କୁଟର ଇତ୍ୟାଦି ଯାନବାହନଗୁଡ଼ିକ ହର୍ନ ବଜେଇବାଠାରୁ ଆରମ୍ଭ କରି ଯାନବାହନ ଚାଲିବାର ଶବ୍ଦ, ଆକାଶରେ ଅତି ପାଖରେ ଉଡ଼ୁଥିବା ଜେଟ୍ ପ୍ଲେନ୍, ହେଲିକପ୍ଟର, ମନ୍ଦିର, ମସ୍‌ଜିଦ୍‌ରେ ବାଜୁଥିବା ଲାଉଡ୍‌ସ୍ପିକର ଇତ୍ୟାଦି ପରିବେଶକୁ ଆହୁରି ଉତ୍କଟ କରୁଛି। ଶିଳ୍ପାଞ୍ଚଳଗୁଡ଼ିକରେ ଶବ୍ଦ ନିୟନ୍ତ୍ରଣ ସୀମା ୭୫ ଡେସିବଲ ରହିଥିବା ବେଳେ ଏହା ୧୧୫ ଠାରୁ ଅଧିକ ରହୁଛି। ଫଳରେ ସେ ଅଞ୍ଚଳରେ ବସବାସ କରୁଥିବା ଜନଜୀବନ ଅସ୍ତବ୍ୟସ୍ତ ହେବା ସହ ବିଭିନ୍ନ ପ୍ରକାର ମାନସିକ ଓ ଶାରୀରିକ ରୋଗରେ ପୀଡ଼ିତ ହୁଅନ୍ତି। ଘରେ ମଧ୍ୟ ଫୁଡ୍ ମିକ୍ସର, ଗ୍ରାଇଣ୍ଡର, ଭକ୍ୟୁମ୍‌କୁଲର, ୱାଶିଂ ମେଶିନ, ଏସି, ଟିଭି, ଆଇପଡ୍ସ, ଇୟରଫୋନ, ଦୀର୍ଘ ସମୟ ଧରି କୁକୁର ଭୁକିବା ଆଦିରୁ ସୃଷ୍ଟ ଶବ୍ଦ ମଧ୍ୟ ଶବ୍ଦ ପ୍ରଦୂଷଣର ଅନ୍ୟତମ କାରଣ। ସେହିପରି ସହରଗୁଡ଼ିକରେ ଦିନରାତି ଲାଗି ବହୁତଳ ପ୍ରାସାଦ ନିର୍ମାଣରେ ବ୍ୟବହୃତ ଯନ୍ତ୍ରପାତିରୁ ଯେଉଁ ଶବ୍ଦ ସୃଷ୍ଟି ହୁଏ, ତାହା ମଧ୍ୟ ଅତ୍ୟନ୍ତ ଅସହ୍ୟକର। ଖାଲି ସ୍ଥଳ ଭାଗରେ ନୁହେଁ, ଜଳ ଭାଗରେ ମଧ୍ୟ ବ୍ୟବହୃତ ଟ୍ରଲର, ସବ୍‌ମ୍ୟାରିନ୍ ଓ ବୁଡ଼ାଜାହାଜରୁ ନିର୍ଗତ ଶବ୍ଦ ଦ୍ୱାରା ଜଳଜୀବମାନେ ଆଘାତପ୍ରାପ୍ତ ହୁଅନ୍ତି। ଏପରିକି ଅସହ୍ୟ ଶବ୍ଦ ଯୋଗୁ ତିମି ଭଳି ବିରାଟକାୟ ମାଛମାନେ ମଧ୍ୟ ମରିଯାଉଥିବା ନଜିର ରହିଛି। ଶବ୍ଦ ପ୍ରଦୂଷଣ ଶରୀର ଉପରେ ଅନେକ କୁପ୍ରଭାବ ପକେଇଥାଏ। ଏହା ମାନସିକ ସ୍ତରରେ ଚାପ ସୃଷ୍ଟି କରିବା ସହ ଉଦ୍‌ବେଗ ଓ ନିଦ୍ରାହୀନତାର କାରଣ ହୋଇଥାଏ। କାନକୁ ଶୁଣା ନ ଯିବା, ଭଲ କଥା ନ କହିପାରିବା, ଉତ୍ତମ ପ୍ରଜନନ ଶକ୍ତି ହରାଇବା, ଉଚ୍ଚ ରକ୍ତଚାପ ବଢ଼ାଇବା ଓ ହୃଦ୍‌ରୋଗର ମଧ୍ୟ କାରଣ ହୋଇଥାଏ। ସେଥିପାଇଁ ଚିକିତ୍ସାଳୟ, ବିଚାରାଳୟ, ଛୋଟ ପିଲାଙ୍କ ସ୍କୁଲ, ବାସୋପଯୋଗୀ ଅଞ୍ଚଳରେ ଉଚ୍ଚ ଶବ୍ଦ ବ୍ୟବହାରର ବାରଣ ଅଛି। ସେଥିପାଇଁ ମଧ୍ୟ ଭାରତ ସରକାର ପରିବେଶ ସୁରକ୍ଷା ଆଇନ ପ୍ରଣୟନ କରିଛନ୍ତି। ଏହାକୁ ଯେଉଁମାନେ ଭଙ୍ଗ କରିବେ, ସେମାନଙ୍କୁ ୧ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିବା ସହ ଜାମିନବିହୀନ ଗିରଫ କରିବା ସହ ୫ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ରହିଛି। ଅଥଚ ଜନସଚେତନତାର ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଭାରତୀୟ ନାଗରିକମାନେ ଆଇନ କାନୁନକୁ ଡରନ୍ତି ସିନା, କିନ୍ତୁ ତାକୁ ସମ୍ମାନ ଦେଇ ନିଜକୁ ପରିବର୍ତ୍ତନ କରନ୍ତି ନାହିଁ। ଫଳରେ ଦେଖାଯାଇଛି ବଡ଼ ବଡ଼ ସହରମାନଙ୍କରେ ମାନସିକ ରୋଗୀ ବଢ଼ିବା ସହ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇଛି। ଏଥିରୁ ଦିଲ୍ଲୀ, ବମ୍ବେ, ଲକ୍ଷ୍ନୌ, କଲିକତା, ବେଙ୍ଗାଲୁରୁ ପ୍ରଭୃତି ସହର ବାଦ୍ ପଡ଼ିନାହାନ୍ତି। ଏବେ ସମୟ ଆସିଛି, ଶବ୍ଦ ପ୍ରଦୂଷଣ ପ୍ରତି ଆମେ ଜନସଚେତନତା ବଢ଼ାଇବା ଓ ଅଯଥା ଉଚ୍ଚ ଶବ୍ଦ ସୃଷ୍ଟି କରି ଦେଶକୁ ପାଗଳାମି ଆଡ଼କୁ ନ ଠେଲିଦେବା।

**ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନି' କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ**
**ମୋ: ୯୪୩୮୨୭୬୭୬୦**

## ଏଇ ଭାରତରେ

ଗୋଟିଏ ପଟେ ସରକାରୀ ଚାକିରିର ଦାୟିତ୍ୱ ଅନ୍ୟପଟେ ଅସହାୟ ପିଲାଙ୍କ ଟ୍ୟୁଶନ ଭାରରେ କେବେ ବି ବିଚଳିତ ହୋଇନାହାନ୍ତି ତିନି ସରକାରୀ ଅଧିକାରୀ। ଏହି ଅଧିକାରୀମାନେ ହେଉଛନ୍ତି ବିହାରର ସନ୍ତୋଷ କୁମାର, ବିଜୟ କୁମାର ଏବଂ ରଞ୍ଜନ ପ୍ରକାଶ। ସନ୍ତୋଷ ଏବେ ଅରୁଣାଚଳ ପ୍ରଦେଶ ଷ୍ଟାଫ୍ ସିଲେକ୍‌ଶନର ସେକ୍ରେଟାରି ରହିଥିବାବେଳେ ରଞ୍ଜନ ସିଆର୍‌ପିଏଫ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏବଂ ବିଜୟ ଇଣ୍ଡିଆନ ଟ୍ରାଫିକ୍ ସର୍ଭିସ୍‌ର ଜଣେ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ୨୦୧୯ରେ ସେମାନେ ଆମ୍ବେଡ୍‌କର ଇନିସିଏଟିଭ୍ ଫର୍ ମାର୍ଜିନାଲାଇଜ୍‌ଡ( ଏଆଇଏମ୍) ପାଠଶାଳା ଖୋଲି ଅସହାୟ ପିଲାଙ୍କୁ ମାଗଣାରେ ପଢ଼ାଇବାର ବ୍ୟବସ୍ଥା କରିଛନ୍ତି। ସେମାନେ ଏହି ଅଭିଯାନ ଗୋପାଳଗଞ୍ଜ, ଔରଙ୍ଗାବାଦ୍ ଏବଂ ସମସ୍ତିପୁର ଜିଲ୍ଲାର ୩ଟି କେନ୍ଦ୍ରରେ ଚଳାଇଛନ୍ତି। କେବଳ ଏତିକି ନୁହେଁ, ସେମାନେ ପିଲାମାନଙ୍କୁ ପାଠ୍ୟ ଉପକରଣ ମଧ୍ୟ ଯୋଗାଇ ଦେଉଛନ୍ତି। ଏଠାରେ ପ୍ରଥମରୁ ଦଶମ ଯାଏ ପିଲା ପଢୁଛନ୍ତି। କ୍ଲାସ୍ ସକାଳ ୭ଟାରେ ଆରମ୍ଭ ହୋଇ ୯ଟାରେ ଶେଷ ହେଉଛି। ଏଥିପାଇଁ ଭଲ ଶିକ୍ଷକ ଏବଂ ବିଶେଷଜ୍ଞଙ୍କୁ ଶିକ୍ଷାଦାନରେ ନିଯୁକ୍ତ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨ ମାର୍ଚ୍ଚ ୧୯୯୭

- ଆମେରିକାର ଜଣାଶୁଣା ଟେଲିଭିଜନ ଚରିତ୍ର ଅଭିନେତା ଡାଭିଡ୍ ଓ୍ୱେନ୍ଙ୍କ ୬୭ ବର୍ଷ ବୟସରେ ପରଲୋକ।
- ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଜାହାଜ ଆଇ.ଏନ୍.ଏସ୍. ପ୍ରହାର ଭାରତୀୟ ନୌବାହିନୀରେ ସାମିଲ।
- ତଳ ଶ୍ରେଣୀର ଛାତ୍ରମାନଙ୍କୁ ର୍ୟାଗିଂ କରିବା ଅଭିଯୋଗରେ ଉତ୍କଳମଣି ଗୋପବନ୍ଧୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ୟୁଜିଆଇଟି)ର ୭ ଜଣ ଡିପ୍ଲୋମା ଛାତ୍ରଙ୍କୁ ଜେଲ।

## ଚିରନ୍ତନୀ

ମୋ ପ୍ରିୟ ଆସିଛି ଛାଡ଼ି ସିନ୍ଧୁ ସଇକତେ,
ଭ୍ରମୁଛି କାନନ ନଦୀ ପରାଣ ଉଷତେ,
ଆସିଅଛି ଛାଡ଼ି ଘର
ନିଜର କରୁଛି ପର
ନିତି ନୂଆ ଘର ମୋର ଏ ଜଗତ-ପଥେ!
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | 8 | | | | 7 | 6 |
| | | 9 | | | 2 | 3 | | |
| 5 | | | | | | 4 | | |
| | | 4 | | | | 7 | | |
| | | | | | 1 | 8 | | |
| | | 7 | | 6 | | | 1 | 9 |
| | | | | 1 | | | | |
| | | | | 7 | | | 2 | 4 |
| | 3 | | | 2 | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 6 | 4 | 1 | 5 | 2 | 9 | 3 |
| 1 | 9 | 5 | 3 | 2 | 8 | 6 | 4 | 7 |
| 4 | 3 | 2 | 9 | 6 | 7 | 1 | 8 | 5 |
| 6 | 1 | 4 | 7 | 5 | 2 | 9 | 3 | 8 |
| 5 | 8 | 9 | 1 | 3 | 6 | 7 | 2 | 4 |
| 3 | 2 | 7 | 8 | 4 | 9 | 5 | 1 | 6 |
| 2 | 6 | 1 | 5 | 8 | 3 | 4 | 7 | 9 |
| 7 | 4 | 3 | 6 | 9 | 1 | 8 | 5 | 2 |
| 9 | 5 | 8 | 2 | 7 | 4 | 3 | 6 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍ଧବିଶ୍ୱାସରୁ ଅପରାଧ

ମହାଶୟ,

ଗୁଣି ଗାରେଡ଼ିରୁ ହତ୍ୟା ଓଡ଼ିଶାର ସ୍ଥାନ ଦ୍ୱିତୀୟରେ। ସାମାଜିକ, ଆର୍ଥିକ, ନିରକ୍ଷରତା, ଲିଙ୍ଗଗତ ଅସମାନତା, ଶିକ୍ଷାର ପ୍ରସାର ସଙ୍ଗେ ଏ ଅନ୍ଧ ବିଶ୍ୱାସରୁ ମୁକ୍ତ କରିବାକୁ ହେବ। ଏଥିପାଇଁ କଠୋର ଦଣ୍ଡ ବ୍ୟବସ୍ଥା ଲୋଡ଼ା। ଡାହାଣୀ ସନ୍ଦେହରୁ ହତ୍ୟା କରାଯାଉଛି। ସ୍ୱଚ୍ଛଳ ବର୍ଗ ଅଧିକ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କ ଉପରେ ଅତ୍ୟାଚାର କରୁଛନ୍ତି। ଆଇନକୁ ଭୟ ନାହିଁ। କାରଣ କଠୋର ଦଣ୍ଡ ବ୍ୟବସ୍ଥା ନାହିଁ। ପୋଷ୍ଟର ମାରି ସଚେତନତା ସୃଷ୍ଟି କରାଯାଉ। ତା' ସହିତ ଦଣ୍ଡର ଭୟ ରହୁ। ପ୍ରତି ଗ୍ରାମରେ ସ୍ୱେଚ୍ଛାସେବୀ ବାହିନୀ ରଖି ଏଥିପାଇଁ ସଚେତନତା ସୃଷ୍ଟି କରାଯାଉ। ନିଜେ ବଞ୍ଚି ଅନ୍ୟକୁ ବଞ୍ଚିବାର ସୁଯୋଗ ଦେବା ମଣିଷର ଧର୍ମ। ମଣିଷ ଅପର ପାଇଁ ମନପ୍ରାଣ ଦେବା ଏ ଶିକ୍ଷା ଦିଆଯାଉ।

**-ଡ. ବାବାଜୀ ଚରଣ ସେଠୀ, ୩୨୭୦/୨ଏ, ଶ୍ରୀରାମ ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅନୁଗୋଳରେ ଇତିହାସ ରଚିଲା ବିଜେଡି

**ଅନୁଗୋଳ ଅଫିସ,୧।୩(ଡି.ଏନ.ଏ.)**

■ ୨୮ ଜିଲା ପରିଷଦ ଜୋନ୍ ମଧ୍ୟରୁ ୨୭ ଦଖଲ
■ ଗୋଟିଏରେ ଅଟକିଲା ଭାଜପା
■ ଗତଥର ପରି ଖାତା ଖୋଲିପାରିଲାନି କଂଗ୍ରେସ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଚଳିତବର୍ଷ ଅନୁଗୋଳ ଜିଲାରେ ବିଜୁ ଜନତା ଦଳ (ବିଜେଡି) ନୂଆ ଇତିହାସ ରଚିଛି। ଜିଲାର ମୋଟ୍ ୨୮ ଜିଲା ପରିଷଦ ଆସନ ମଧ୍ୟରୁ ଦଳ ୨୭ଟି ଦଖଲ କରିଛି। ଏପରି ରେକର୍ଡ ସଫଳତାକୁ ନେଇ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନଙ୍କ ମଧ୍ୟରେ ବିପୁଳ ଉତ୍ସାହ ଦେଖାଦେଇଛି। ୨୦୧୨ ନିର୍ବାଚନରେ ବିଜେଡିକୁ ୨୧ଟି ଜୋନ୍‌ରେ ବିଜୟ ମିଳିଥିବାବେଳେ ୨୦୧୭ରେ ଦଳ ୧୬ଟି ଜୋନ୍‌ରେ ଜୟଯୁକ୍ତ ହୋଇଥିଲା। ଅପରପକ୍ଷରେ ବିରୋଧୀ ଭାଜପାକୁ ଅନୁଗୋଳରେ ଜବରଦସ୍ତ ଧକ୍କା ଲାଗିଛି। ୨୦୧୨ରେ ମାତ୍ର ୨ଟିରେ ବିଜୟ ପାଇଥିବା ଭାଜପା ୨୦୧୭ରେ ୧୨ଟି ଜୋନ୍ ଜିତି ବିଜେଡିକୁ କଡ଼ା ଟକ୍କର ଦେଇଥିଲା। ହେଲେ ଚଳିତବର୍ଷ ଦଳ ଚିତ୍‌ପଟାଙ୍ଗ ମାରିଛି। ଛେଣ୍ଡିପଦାର ୧୫ନଂ. ଜୋନ୍‌ରେ ମାତ୍ର ଅଳ୍ପ କେଇଶହ ଭୋଟରେ ବିଜୟୀ ହେବା ସହ ଗୋଟିଏ ଜୋନ୍‌ରେ ସୀମିତ ରହିଯାଇଛି। ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି କଂଗ୍ରେସ। ୨୦୧୨ରେ ଦଳ ୪ଟି ଜୋନ୍ ଅକ୍ତିଆର କରିଥିବାବେଳେ ୨୦୧୭ରେ ଖାତା ଖୋଲିପାରି ନ ଥିଲା। ୨୦୨୨ରେ ମଧ୍ୟ କଂଗ୍ରେସ ସେହି ଅଲୋଡ଼ା ରେକର୍ଡ ଜାରି ରଖିଛି।

ଅନୁଗୋଳ ଜିଲାର ୨୮ ଜିଲା ପରିଷଦ ଜୋନ୍ ମଧ୍ୟରୁ ୨୬ ତାରିଖ ପ୍ରଥମ ପର୍ଯ୍ୟାୟରେ ୮ଟି ଜୋନ୍‌ରେ ଭୋଟ ଗଣତି ହୋଇଥିଲା। ଏହି ସମସ୍ତ ଜୋନ୍‌ରେ ବିଜେଡି ବିଜୟୀ ହୋଇଥିଲା। ୨୭ ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୮ଟି ଜୋନ୍‌ରେ ଭୋଟ ଗଣତି ହୋଇଥିଲା। ସେଥିରୁ ୭ଟି ଜୋନ୍ ବିଜେଡି ଓ ଗୋଟିଏ ଭାଜପା ସପକ୍ଷରେ ଯାଇଥିଲା। ୨୮ ତାରିଖ ତୃତୀୟ ପର୍ଯ୍ୟାୟରେ ଜିଲାର ବାକି ୧୨ଟି ଜୋନ୍‌ରେ ଭୋଟ ଗଣତି ହୋଇଥିବାବେଳେ ସମସ୍ତ ଜୋନ୍‌କୁ ବିଜେଡି ହାତେଇ ନେଇଛି। ଅନୁଗୋଳ ବ୍ଲକରେ ଥିବା ୩ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ପ୍ରିୟଦର୍ଶୀ ପଟ୍ଟନାୟକ ଭାଜପାର ଯୁଧିଷ୍ଠିର ସେଠଙ୍କୁ ୨୨୧୯ ଭୋଟରେ ହରାଇ ବିଜୟୀ ହୋଇଛନ୍ତି। ୪ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ଧ୍ରୁବଚରଣ ଦେହୁରୀ ଭାଜପାର ଦୁର୍ଗାଚରଣ ପ୍ରଧାନଙ୍କୁ ୯୧୯ ଭୋଟରେ ପରାସ୍ତ କରିଛନ୍ତି। ଆଠମଲ୍ଲିକ ବ୍ଲକର ୭ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ବବିତା କର୍ଣ୍ଣ ଭାଜପା ପ୍ରାର୍ଥୀ ଦୀପିକା ଦେହୁରୀଙ୍କୁ ୪୨୬୪ ଭୋଟରେ ହରାଇ ଦେଇଛନ୍ତି। କଣିହାଁ ବ୍ଲକରେ ଥିବା ୧୦ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ରଶ୍ମିତା ବେହେରା ଭାଜପା ପ୍ରାର୍ଥୀ ସ୍ୱର୍ଣ୍ଣମଞ୍ଜରୀ ବେହେରାଙ୍କୁ ୫୦୧୫ ଭୋଟରେ ପରାସ୍ତ କରିଛନ୍ତି। କିଶୋରନଗର ବ୍ଲକ ୧୩ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ବିଷ୍ଣୁପ୍ରିୟା ପ୍ରଧାନ ଭାଜପା ପ୍ରାର୍ଥୀ ସୁମତିରାଣୀ ପ୍ରଧାନଙ୍କୁ ୬୨୪୧ ଭୋଟରେ ହରାଇ ଦେଇଛନ୍ତି। ଛେଣ୍ଡିପଦା ବ୍ଲକରେ ଥିବା ୧୬ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ଭାଜପା ପ୍ରାର୍ଥୀ ବିପିନ କୁମାର ମାଝିଙ୍କୁ ୧୩୩୬ ଭୋଟରେ ପରାସ୍ତ କରିଛନ୍ତି। ୧୭ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ଭାନୁପ୍ରିୟା ପ୍ରଧାନ ଭାଜପା ପ୍ରାର୍ଥୀ ସଂଯୁକ୍ତା ପ୍ରଧାନଙ୍କୁ ୧୮୦୭ ଭୋଟରେ ହରାଇ ବିଜୟୀ ହୋଇଛନ୍ତି। ତାଳଚେର ବ୍ଲକରେ ଥିବା ୨୦ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ରୀତାରାଣି ଦାସ ଭାଜପା ପ୍ରାର୍ଥୀ ଜସ୍ମିନ ପ୍ରଧାନଙ୍କୁ ୧୦୦୩ ଭୋଟରେ ପରାସ୍ତ କରିଛନ୍ତି। ୨୧ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ସତ୍ୟଭାମା ସାହୁ ଭାଜପା ପ୍ରାର୍ଥୀ ଊର୍ମିଳା ଦେହୁରୀଙ୍କୁ ୩୭୮୬ ଭୋଟରେ ହରାଇ ଦେଇଛନ୍ତି। ପାଲଲହଡ଼ା ବ୍ଲକ ୨୪ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ଇନ୍ଦ୍ରାଣୀ ହେମ୍ବ୍ରମ ଭାଜପା ପ୍ରାର୍ଥୀ ସୁରୁମୁଣି ଚାତରଙ୍କୁ ୩୧୨୬ ଭୋଟରେ ପରାସ୍ତ କରିଛନ୍ତି। ବଣ୍ଡଁରପାଳ ବ୍ଲକ ୨୭ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ଗୋପାଳ ନାଏକ ଭାଜପା ପ୍ରାର୍ଥୀ ମହେଶ୍ୱର ବେହେରାଙ୍କୁ ୬୩୫୮ ଭୋଟରେ ହରାଇ ବିଜୟୀ ହୋଇଛନ୍ତି। ୨୮ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ମୀରା ଗଡ଼ନାୟକ ଭାଜପା ପ୍ରାର୍ଥୀ ଅମିତା ସିଂହଙ୍କୁ ୨୮୪୮ ଖଣ୍ଡ ଭୋଟରେ ହରାଇ ବିଜୟୀ ହୋଇଛନ୍ତି।

## ପଞ୍ଚାୟତ ଫଳାଫଳ ଘୋଷଣା

**ଛେଣ୍ଡିପଦା,୧।୩(ସ୍ୱ.ପ୍ର.)**

**ଛେଣ୍ଡିପଦା ୧୬ ଓ ୧୭ନଂ. ଜୋନ୍**

ଛେଣ୍ଡିପଦା ବ୍ଲକ ୧୬ ନଂ. ଜିଲା ପରିଷଦ ଜୋନ୍ ଅଧୀନରେ ଥିବା ପଞ୍ଚାୟତଗୁଡ଼ିକର ଫଳାଫଳ ଘୋଷଣା କରାଯାଇଛି। କଙ୍କରେଇ ପଞ୍ଚାୟତର ସରପଞ୍ଚ ଭାବେ ପ୍ରତାପ କୁମାର ସାହୁ ବିଜୟୀ ହୋଇଛନ୍ତି। ସମିତିସଭ୍ୟ ଭାବେ ସିଲି ସାହୁ ବିଜୟୀ ହୋଇଛନ୍ତି। କୁକୁରପେଟା ପଞ୍ଚାୟତର ସରପଞ୍ଚ ଶୋଭାଗିନୀ ଗଡନାୟକ ଓ ସମିତି ସଭ୍ୟ ସବିତା ସାହୁ, କୁଶକିଳା ପଞ୍ଚାୟତର ସରପଞ୍ଚ ସୁଶାନ୍ତ ସାହୁ ଓ ସମିତିସଭ୍ୟ ସହଦେବ ପ୍ରଧାନ, କୋଶଳାର ସରପଞ୍ଚ ଉଦିତ କୁମାର ପ୍ରଧାନ ଓ ସମିତିସଭ୍ୟ ଲଲାଟେନ୍ଦୁ ପ୍ରଧାନ, ଟେଣ୍ଟୁଲୋଇ କୋଡାସାହି ସରପଞ୍ଚ ପ୍ରିୟଙ୍କା ସାହୁ ଓ ସମିତିସଭ୍ୟ ପ୍ରଳୟ କୁମାର ପ୍ରଧାନ, ନଟଡା ପଞ୍ଚାୟତର ସରପଞ୍ଚ ସୁଜାତା ପ୍ରଧାନ ଓ ସମିତିସଭ୍ୟ ସତ୍ୟନାରାୟଣ ମାଝି, ନିଶା ପଞ୍ଚାୟତର ସରପଞ୍ଚ ରାମଚନ୍ଦ୍ର ବେହେରା ଓ ସମିତିସଭ୍ୟ ଝରଣା ସ୍ୱାଇଁ, ପରଙ୍ଗ ସରପଞ୍ଚ ଶବର ବେହେରା ଓ ସମିତିସଭ୍ୟ ସୁଜାତାରାଣୀ ନାଏକ, ବରପଦା ସରପଞ୍ଚ ରୋଜାଲିନ ପ୍ରଧାନ ଓ ସମିତିସଭ୍ୟ ଗୋବର୍ଦ୍ଧନ ପ୍ରଧାନ, ରାଇଝରଣ ପଞ୍ଚାୟତର ସରପଞ୍ଚ ପ୍ରଶାନ୍ତ କୁମାର ସେଠୀ ଓ ସମିତିସଭ୍ୟ ପ୍ରାର୍ଥୀ ଭାବେ କୃଷ୍ଣଚନ୍ଦ୍ର ଗୋଛାୟତ ବିଜୟୀ ହୋଇଛନ୍ତି। ସେହିପରି ୧୭ନଂ. ଜିଲା ପରିଷଦ ଜୋନ୍ ଅଧୀନରେ ଥିବା ଓଗୀ ପଞ୍ଚାୟତର ସରପଞ୍ଚ ଭାବେ ସୁବୋଧ କୁମାର ପ୍ରଧାନ ଓ ସମିତିସଭ୍ୟ ପ୍ରାର୍ଥୀ ଭାବେ ପ୍ରଦୋଷ କୁମାର ବିଶ୍ୱାଳ ବିଜୟୀ ହୋଇଛନ୍ତି। କତଡା ପଞ୍ଚାୟତର ସରପଞ୍ଚ କଳ୍ପନା ପ୍ରଧାନ ଓ ସମିତିସଭ୍ୟ ଲକ୍ଷ୍ମୀସାହୁ, କୋରଡା ପଞ୍ଚାୟତ ସରପଞ୍ଚ ସନ୍ଧ୍ୟାରାଣୀ ସିଂହ, ଜରପଡା ପଞ୍ଚାୟତ ସରପଞ୍ଚ ବିଦେଶୀ ବେହେରା ଓ ସମିତିସଭ୍ୟ ପ୍ରମିଳା ପଲେଇ, ଜେରେଙ୍ଗ ଦେହୁରୀସାହି ପଞ୍ଚାୟତ ସରପଞ୍ଚ ଯଶୋମତୀ ବେହେରା ଓ ସମିତିସଭ୍ୟ କୁମୁଦିନୀ ନାଏକ, ଡୁଙ୍ଗୁଡା ପଞ୍ଚାୟତ ସରପଞ୍ଚ ପ୍ରଶାନ୍ତ କୁମାର ସାହୁ ଓ ସମିତିସଭ୍ୟ ବିନୟ କୁମାର ସାହୁ, ଦୁର୍ଗାପୁର ପଞ୍ଚାୟତ ସରପଞ୍ଚ ଜ୍ୟୋସ୍ନାମୟୀ ପ୍ରଧାନ ଓ ସମିତିସଭ୍ୟ ରେଣୁବାଳା ସାହୁ, ପରା ପଞ୍ଚାୟତ ସରପଞ୍ଚ ଲିଲି ସାହୁ ଓ ସମିତିସଭ୍ୟ ଭଜହରି ବିଶ୍ୱାଳ, ବାଲିପଟା ପଞ୍ଚାୟତ ସରପଞ୍ଚ ରଶ୍ମିତା ଗଡନାୟକ ଓ ସମିତିସଭ୍ୟ ଭାବେ ସୁଚିତ୍ରା ଗଡନାୟକ ବିଜୟୀ ହୋଇଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଜଣେ ମୃତ

**ମାଧପୁର,୧।୩:** ଆଠମଲ୍ଲିକ ଥାନା ନୂଆମାଣତିର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଛାତ କାମ ବେଳେ ବିଦ୍ୟୁତ୍ ଆଘାତରେ ଶ୍ରମିକ କୃଷ୍ଣଚନ୍ଦ୍ର ସାହୁଙ୍କ ମୃତ୍ୟୁ ହୋଇଛି। କୃଷ୍ଣଚନ୍ଦ୍ର ଛାତ ଉପରେ ଲୁହା ରଡ୍ ବାନ୍ଧୁଥିବା ସମୟରେ ୧୧ କେଭି ତାର ସଂସ୍ପର୍ଶରେ ଆସିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଠମଲ୍ଲିକ ପୋଲିସ ନଂ. ୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ୧୦ନଂ. ଜୋନ୍ ପଞ୍ଚାୟତ ଫଳ

**କଣିହାଁ,୧।୩(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକରେ ଥିବା ୧୦ନଂ. ଜିଲା ପରିଷଦ ଜୋନ୍ ଅଧୀନ ପଞ୍ଚାୟତଗୁଡ଼ିକର ଫଳ ଘୋଷଣା କରାଯାଇଛି। ଅର୍କୀଳ ପଞ୍ଚାୟତର ସରପଞ୍ଚ ଭାବେ ହେମନ୍ତ କୁମାର ସାହୁ ଓ ସମିତିସଭ୍ୟା ଭାବେ କଳ୍ପନା ସାହୁ, କର୍ଣ୍ଣପାଳ ପଞ୍ଚାୟତର ସମିତିସଭ୍ୟା ରଶ୍ମିତା ବିଶ୍ୱାଳ, ବିରୁ ପଞ୍ଚାୟତର ସରପଞ୍ଚ ଧରଣୀଧର ପ୍ରଧାନ ଓ ସମିତିସଭ୍ୟ ଶ୍ୟାମସୁନ୍ଦର ସାହୁ, ପରାବିଲ ପଞ୍ଚାୟତର ସରପଞ୍ଚ ଭାବେ କବିତାରାଣୀ ପ୍ରଧାନ ଓ ସମିତିସଭ୍ୟା ଲିପି ନାଏକ, ବୁରୁକୁନା ପଞ୍ଚାୟତର ସରପଞ୍ଚ ଦୁଃଖବନ୍ଧୁ ବେହେରା ଓ ସମିତିସଭ୍ୟ ଯୁଗଳ କିଶୋର ସାହୁ, ଗଣ୍ଡମାଳା ପଞ୍ଚାୟତର ସରପଞ୍ଚ ତପସ୍ୱିନୀ ପାତ୍ର ଓ ସମିତିସଭ୍ୟା ଭାରତୀ ସାହୁ, ଶୁଶୁବା ପଞ୍ଚାୟତର ସରପଞ୍ଚ ମାମାଲି ସାମଲ ଓ ସମିତି ସଭ୍ୟା ଲକ୍ଷ୍ମୀ ବିଶ୍ୱାଳ, ସମଲ ପଞ୍ଚାୟତର ସରପଞ୍ଚ ଜିତେନ୍ଦ୍ର କୁମାର ବେହେରା ଓ ସମିତିସଭ୍ୟ ରାମକୃଷ୍ଣ ପ୍ରଧାନ, କୁଲୁଇ ପଞ୍ଚାୟତର ସରପଞ୍ଚ ଜ୍ୟୋସ୍ନାମୟୀ ଗଡ଼ନାୟକ ଓ ସମିତିସଭ୍ୟ ପ୍ରିୟରଞ୍ଜନ ମହାନ୍ତି, ହରିହରପୁର ସରପଞ୍ଚ ଭାବେ ଦୀପ୍ତିମୟୀ ପ୍ରଧାନ ଓ ସମିତିସଭ୍ୟା ଭାବେ ପୁଷ୍ପଲତା ସାହୁ ବିଜୟୀ ହୋଇଛନ୍ତି।

### ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା



**ମାଧପୁର,୧।୩:** ଆଠମଲ୍ଲିକ ବ୍ଲକ ମାଧପୁର ଉଚ୍ଚବିଦ୍ୟାଳୟର ସଂସ୍କୃତ ଶିକ୍ଷକ ହିମାଂଶୁ କୁମାର ପ୍ରଧାନ ସୋମବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ସେ ଦୀର୍ଘ ୩୪ ବର୍ଷ ହେବ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ଏହି ଅସରରେ ଅନୁଗୋଳ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଅବସରପ୍ରାପ୍ତ ଶିକ୍ଷକ ପ୍ରଧାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ।

### ଟଙ୍କା ଫେରସ୍ତ ମାଗୁଛନ୍ତି ପରାଜିତ ପ୍ରାର୍ଥୀ

**ବଇଣ୍ଡା,୧।୩(ଡି.ଏନ.ଏ.):** ଅନୁଗୋଳ ଜିଲା କିଶୋରନଗର ବ୍ଲକରେ ପଞ୍ଚାୟତ ନିର୍ବାଚନ ଫଳାଫଳ ଜଣାପଡ଼ିବା ପରେ କେତେଜଣ ପରାଜିତ ପ୍ରାର୍ଥୀ ଭୋଟରଙ୍କୁ ବାଣ୍ଟିଥିବା ଟଙ୍କା ଫେରସ୍ତ ମାଗିବା ଚର୍ଚ୍ଚାର ବିଷୟ ହୋଇଛି। କେତେଜଣ ଭୋଟର କହିଛନ୍ତି, କେତୋଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡମେମ୍ବର ପ୍ରାର୍ଥୀ ନିର୍ବାଚନ ଲଢ଼ିବା ବେଳେ ଭୋଟରଙ୍କୁ ଟଙ୍କା ବାଣ୍ଟିଥିଲେ। ହେଲେ ସେମାନେ ହାରିଯାଇଥିବା ଜଣାପଡ଼ିବା ପରେ ଦେଇଥିବା ଅର୍ଥ ଫେରସ୍ତ ପାଇଁ ଭୋଟରମାନଙ୍କୁ କହୁଥିବା ଜଣାପଡ଼ିଛି।

### ଗ୍ରାହକ ସେବାକେନ୍ଦ୍ରରେ ନିଆଁ

**ଅନୁଗୋଳ ଅଫିସ,୧।୩:** ଅନୁଗୋଳ ସଦର ଥାନା ଅଙ୍ଗାରବନ୍ଧ ପଞ୍ଚାୟତରେ ଥିବା ଏକ ଗ୍ରାହକ ସେବା କେନ୍ଦ୍ରରେ ଦୁର୍ବୃତ୍ତମାନେ ସୋମବାର ରାତିରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ସୋମବାର ଭୋଟ୍ ଗଣତି ପରେ ଜଣେ ସରପଞ୍ଚ ପ୍ରାର୍ଥୀ ପରାଜିତ ହୋଇଥିବାରୁ କେତେଜଣ ଦୁର୍ବୃତ୍ତ ଗ୍ରାହକସେବା କେନ୍ଦ୍ରରେ ନିଆଁ ଲଗାଇ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

### ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ

**ବଇଣ୍ଡା,୧।୩(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ହଣ୍ଡପା ଗ୍ରାମର ଜାନଭି ନାୟକଙ୍କୁ ସେହି ଗ୍ରାମର ଶୁକ୍ରୁ ନାୟକ, ପ୍ରଫୁଲ୍ଲ ନାୟକ ଓ ସତ୍ୟ ନାୟକ ମାଡ଼ ମାରିଥିବା ଜାନଭି ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୫୬/୨୨ରେ ଏକ ମାମଲା ରୁଜୁ କରିଛି। ଜାନଭି ଦର୍ଶାଇଛନ୍ତି, ସେ ଘରେ ଥିବାବେଳେ ପୂର୍ବ ଶତ୍ରୁତାକୁ ନେଇ ୩ ଅଭିଯୁକ୍ତ ମାଡ଼ ମାରିଛନ୍ତି। ଅପରପକ୍ଷରେ ଅଭିଯୁକ୍ତ ସତ୍ୟଙ୍କ ସ୍ତ୍ରୀ ସଂଯୁକ୍ତା ନାୟକ ପାଲଟା ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି, ରାସ୍ତାରେ ଯାଉଥିବାବେଳେ ଜାନଭିଙ୍କ ସ୍ୱାମୀ ଦୁଃଖବନ୍ଧୁ ନାୟକ, କଦଣ୍ଡ ନାୟକ ମିଶି ମାଡ଼ ମାରିଛନ୍ତି। ପୋଲିସ ନମ୍ବର ୫୭/୨୨ରେ ମାମଲା ରୁଜୁ କରିଛି।

## ବିଜ୍ଞାନର ଭୂମିକା ଉପରେ ଆଲୋକପାତ




ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

**ତାଳଚେର,୧।୩(ନି.ପ୍ର.)**

ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଅନନ୍ତବିହାର ଡିଏଭି ପବ୍ଲିକ୍ ସ୍କୁଲ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଦେଶ ପ୍ରଗତିରେ ବିଜ୍ଞାନର ଭୂମିକା ସମ୍ପର୍କରେ କହିଥିଲେ। ଛାତ୍ରୀ ସ୍ୱର୍ଣ୍ଣପ୍ରିୟା ବେହେରା ବିଜ୍ଞାନ ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ବିଶ୍ୱ ବିଜୟିନୀ ରାମନନ୍ଦିନୀ ବୈଜ୍ଞାନିକ ସି.ଭି. ରମଣଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ସମ୍ପଦ ଜେନା କୁଇଜ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଅଞ୍ଜନ ମୁଦୁଲି ଏବଂ ସବ୍ୟସାଚୀ ପ୍ରଧାନ ମ୍ୟାଜିକ ପଛରେ ଥିବା ବିଜ୍ଞାନ ପ୍ରଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ଇଲା ମିଶ୍ର ମଞ୍ଚ ସଞ୍ଚାଳନ କରିଥିବା ବେଳେ ଶିକ୍ଷୟିତ୍ରୀ ରୀତାରାଣୀ ଗଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ୪ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ,୧।୩**

ଅନୁଗୋଳ ଜିଲାରେ କୋଭିଡ୍ ସଂକ୍ରମଣ ହ୍ରାସ ପାଉଛି। ମଙ୍ଗଳବାର ଜିଲାରୁ ୪ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୮ ହଜାର ୪୯୯ରେ ପହଞ୍ଚିଛି। ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୋଳ ବ୍ଲକ ଅଞ୍ଚଳରୁ ୩ଜଣ ଓ ଆଠମଲ୍ଲିକ ବ୍ଲକ ଅଞ୍ଚଳରୁ ଜଣେ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିପରି ଦିନକରେ ଜିଲାରୁ ୩ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ୍ ୪୧୮ ଜଣ କୋଭିଡ୍‌ରେ ପ୍ରାଣ ହରାଇଥିବାବେଳେ ୧୭ ଲକ୍ଷ ୨୪ ହଜାର ୮୧୨ ଜଣ ଟିକା ନେଇସାରିଛନ୍ତି।

## ଉପଖଣ୍ଡରେ ଶୃଙ୍ଖଳିତ ପରିଚାଳନା

**ବଇଣ୍ଡା,୧।୩(ଡି.ଏନ.ଏ.)**



କିଶୋରନଗର କଲେଜ ପରିସରରେ ଭୋଟ ଗଣତି ପରିଚାଳନା କରିଥିବା ପ୍ରଶାସନିକ ଅଧିକାରୀମାନେ।

କିଶୋରନଗର ବ୍ଲକ ୧୩ନଂ. ଜିଲା ପରିଷଦ ଜୋନ୍ ଅଧୀନରେ ଥିବା ପଞ୍ଚାୟତଗୁଡ଼ିକର ଫଳାଫଳ ଘୋଷଣା କରାଯାଇଛି। କଟରଙ୍ଗା ପଞ୍ଚାୟତର ସରପଞ୍ଚ ଭାବେ ମୋହିନୀ ପ୍ରଧାନ ଓ ସମିତିସଭ୍ୟ ଭାବେ ମୀନକେତନ ବେହେରା ବିଜୟୀ ହୋଇଛନ୍ତି। ସେହିପରି କଣ୍ଟେଇକୋଲିଆ ପଞ୍ଚାୟତର ସରପଞ୍ଚ ଭାବେ ନୟନୀ ବେହେରା ଓ ସମିତିସଭ୍ୟା ରୀତା ସାହୁ, ଗାଁ ବଇଣ୍ଡା ପଞ୍ଚାୟତର ସରପଞ୍ଚ ସସ୍ମିତା ସାହୁ ଓ ସମିତିସଭ୍ୟ ସୁବଳ ନାୟକ, ଜାମୁନାଳୀ ପଞ୍ଚାୟତ ସରପଞ୍ଚ ରୀତା ବେହେରା ଓ ସମିତିସଭ୍ୟା ସୌରେନ୍ଦ୍ରୀ ପ୍ରଧାନ, ନୁନୁକାପଶି ପଞ୍ଚାୟତର ସରପଞ୍ଚ ଦୀପ୍ତିମୟୀ ସାହୁ ଓ ସମିତିସଭ୍ୟା ମାନସୀ ପ୍ରଧାନ, ବିଲେଇନାଳି ପଞ୍ଚାୟତର ସରପଞ୍ଚ ବବିତା ପ୍ରଧାନ ଓ ସମିତିସଭ୍ୟା ସଂଯୁକ୍ତା ସେଠୀ, ଲୁହାମୁଣ୍ଡା ପଞ୍ଚାୟତ ସରପଞ୍ଚ କୁମୁଦ ସାହୁ ଓ ସମିତିସଭ୍ୟ ଧୋବେଇ ବେହେରା, ହଣ୍ଡପା ପଞ୍ଚାୟତ ସରପଞ୍ଚ ରଶ୍ମିତା ପ୍ରଧାନ ଓ ସମିତିସଭ୍ୟ ଭାବେ ଆନୁକୁଲ୍ୟ ବେହେରା ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ ଶାନ୍ତି ସ୍ୱରୂପ ମିଶ୍ର ସୂଚନା ଦେଇଛନ୍ତି। ସେହିପରି ଆଠମଲ୍ଲିକ ବ୍ଲକର ୭ନଂ. ଜିଲା ପରିଷଦ ଜୋନ୍ ଅଧୀନରେ ଥିବା ପଞ୍ଚାୟତଗୁଡ଼ିକର ଫଳାଫଳ ଜଣାପଡ଼ିଛି। ଅଏଡ଼ା ପଞ୍ଚାୟତର ସରପଞ୍ଚ ଭାବେ ସୁଭାସିନୀ ସେଠୀ ଓ ସମିତିସଭ୍ୟ ଭାବେ ମନୁ ବେହେରା ବିଜୟୀ ହୋଇଛନ୍ତି। କନ୍ତପଡା ପଞ୍ଚାୟତର ସରପଞ୍ଚ ସୁଶ୍ରୀମତି ଶୁଭମିତା ଓ ସମିତିସଭ୍ୟା ଶକୁନ୍ତଳା ଦେହୁରୀ, ଜାମୁଡୋଲି ପଞ୍ଚାୟତ ସରପଞ୍ଚ ପ୍ରଭାକର ପ୍ରଧାନ ଓ ସମିତିସଭ୍ୟ ଅଖିଳ ପ୍ରଧାନ, ଟାପଡୋଲ ସରପଞ୍ଚ ଚନ୍ଦ୍ରଶେଖର ସାହୁ ଓ ସମିତିସଭ୍ୟା ମିନତି ସାହୁ, ନଅଁଗା ସରପଞ୍ଚ ସିଗଧା ଦେହୁରୀ ଓ ସମିତିସଭ୍ୟା ପ୍ରତିମା ଦେହୁରୀ, ମଇମୁରା ସରପଞ୍ଚ ଲତା ସେଠୀ ଓ ସମିତିସଭ୍ୟ ସୁନୀଲ ସେଠୀ, ଲୁହାସିଂହା ସରପଞ୍ଚ ସୁଦର୍ଶନ ଗାଇଗରିଆ ଓ ସମିତିସଭ୍ୟା ଭାବେ ଅନିତା ଦେହୁରୀ ବିଜୟୀ ହୋଇଥିବା ଆଠମଲ୍ଲିକ ବିଡିଓ ସନ୍ତୋଷ କୁମାର ସାହୁ ସୂଚନା ଦେଇଛନ୍ତି।

## ମନ୍ଦିର ପ୍ରତିଷ୍ଠା ଉତ୍ସବ, ଜାଗରଯାତ୍ରା



ମନ୍ଦିରରେ ଶ୍ରଦ୍ଧାଳୁମାନେ ଦର୍ଶନ କରୁଛନ୍ତି।

**କଣିହାଁ,୧।୩(ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଅଞ୍ଚଳ ସମେତ ଦେନାଳି, ବଜ୍ରକୋଟ ଆଦି ଅଞ୍ଚଳର ବିଭିନ୍ନ ଶୈବ ପୀଠରେ ମଙ୍ଗଳବାର ମହାଶିବରାତ୍ରି ପାଳିତ ହୋଇଯାଇଛି। ରେଙ୍ଗାଳି ପ୍ରକଳ୍ପ ଓସିସି କଲୋନୀ ନିକଟସ୍ଥ ବାବା ଆଖଣ୍ଡଳମଣି ମନ୍ଦିରର ୩୨ ତମ ପ୍ରତିଷ୍ଠା ଉତ୍ସବ ସହ ଜାଗରଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମନ୍ଦିରର ମୁଖ୍ୟ ସେବକ ଆକୁଳ ପଣ୍ଡାଙ୍କ ପୌରୋହିତ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୩୨ ଦେବଦେବୀଙ୍କ ସହ ରେଙ୍ଗାଳି ପ୍ରକଳ୍ପର ମା' ବାଟମଙ୍ଗଳା ଓ ତାଳଚେରର ମା' ହିଙ୍ଗୁଳାଙ୍କୁ ବାପଘର ଆଖଣ୍ଡଳମଣି ମନ୍ଦିରକୁ ଆମନ୍ତ୍ରଣ କରି ଅଣାଯାଇଥିଲା। ପ୍ରକଳ୍ପ ଅଞ୍ଚଳର କପିଳେଶ୍ୱର ଓ ଆଖଣ୍ଡଳମଣି ମନ୍ଦିରରେ ପ୍ରତ୍ୟୁଷରୁ ସାଧାରଣ ଦର୍ଶନ ନୀତି ଅନୁଷ୍ଠିତ ହୋଇଥିଲା। ଭକ୍ତମାନେ କୋଭିଡ୍ କଟକଣା ମଧ୍ୟରେ ମାସ୍କ ପରିଧାନ କରି ଧାଡିରେ ସାମାଜିକ ଦୂରତ୍ୱ ରକ୍ଷା କରି ଦର୍ଶନ କରିଥିଲେ। ସନ୍ଧ୍ୟାରେ ମହାଆଳତି ପରେ ରାତି ୧୦ଟାରେ ହରିହର ଭେଟ, ରୁଦ୍ର ମହାଯଜ୍ଞ, ଲିଙ୍ଗାଭରଣ ଶେଷ କରାଯାଇଥିଲା। ରାତ୍ରି ୧ଟା ୫୫ ମିନିଟରେ ମହାଦୀପ ଉତ୍ତୋଳନ ଓ ସଂସ୍ଥାପନ ହୋଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ରେଙ୍ଗାଳି ଗ୍ରାମ ଶିବ ମନ୍ଦିର, ଦେନାଳି ଗ୍ରାମ ରାମେଶ୍ୱର, ବଜ୍ରକୋଟର ଭିଙ୍ଗେଶ୍ୱର ଆଦି ମନ୍ଦିରରେ ମହାଶିବରାତ୍ରି ପାଳିତ ହୋଇଯାଇଛି।



ଅନୁଗୋଳ ସହର ରାଜକିଶୋରପଡ଼ାଠାରେ ଥିବା ଶିବ ମନ୍ଦିରରେ ମଙ୍ଗଳବାର ଶ୍ରଦ୍ଧାଳୁମାନେ ଜାଗର ଜାଳୁଛନ୍ତି। (ଫଟୋ- ବୁବୁ)

## ଶଙ୍ଖ ଫୁଙ୍କିଲେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା

**ଭୁବନ, ୧।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ପାଲା ମଣ୍ଡପରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭୁବନ ଏନଏସି ବିଜେଡି ସଭାପତି ନନ୍ଦକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଜିଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ, ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା ଉପସ୍ଥିତ ଥିଲେ। ଏହି ଅବସରରେ ଭୁବନ ଏନଏସିର ପୂର୍ବତନ ଅଧ୍ୟକ୍ଷା ସରୋଜ ନଳିନୀ ସାହୁ, ଶୁଭେନ୍ଦୁ କୁମାର ସାହୁ, ଦେବବ୍ରତ ପୃଷ୍ଟି, ରବିନାରାୟଣ ହୋତା, ନିରଦ କୁମାର ମିଶ୍ର ପ୍ରମୁଖ ଶତାଧିକ କର୍ମକର୍ତ୍ତା ବିଜେଡିରେ ସାମିଲ ହୋଇଥିଲେ। ରାଜ୍ୟ ବିଜେଡି ଛାତ୍ର ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ପୃଷ୍ଟି ଏହାକୁ ପରିଚାଳନା କରିଥିବାବେଳେ ଅଞ୍ଚଳର ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।



## ୫ ଯୁବକଙ୍କୁ ହରାଇ ଗାଁ ସ୍ତବ୍ଧ

**ଖମାର,୧।୩(ଡି.ଏନ.ଏ.)**



ପାଲଲହଡା ବ୍ଲକ ଖମାର ଥାନା କଣ୍ଟିଆପସି ଛକ ନିକଟରେ ସୋମବାର ବିଳମ୍ବିତ ରାତିରେ ଘଟିଥିବା ଦୁର୍ଘଟଣାରେ ୫ ଯୁବକଙ୍କ ଅକାଳ ବିୟୋଗ ଇଞ୍ଜିଡ଼ ଗାଁକୁ ସ୍ତବ୍ଧ କରିଦେଇଛି। ଦୁର୍ଘଟଣା ଖବର ପହଞ୍ଚିବା ପରଠାରୁ ମୃତକଙ୍କ ପରିବାର ଲୋକଙ୍କ ଆଖିରୁ ଲୁହ ଶୁଖୁ ନ ଥିବାବେଳେ ଗାଁ ଲୋକେ ଶୋକରେ ବୁଡି ଯାଇଛନ୍ତି। ରାତି ସାରା କାହାରି ଆଖିକୁ ନିଦ ଆସି ନ ଥିଲା। ସମସ୍ତେ ଅପେକ୍ଷା କରିଥିଲେ କେତେବେଳେ ପୋଲିସ ମୃତଦେହ ପରିବାରକୁ ହସ୍ତାନ୍ତର କରିବ ଓ ତାହା ଗାଁରେ ପହଞ୍ଚିବ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହୋଇ ପାଲଲହଡ଼ା ମେଡିକାଲରୁ ଫେରିବା ପରେ ଅପରାହ୍ନ ୪ଟାରେ ଗାଁରେ ପହଞ୍ଚିଥିଲା। ଏହାପରେ କାନ୍ଦରେ ଫାଟି ପଡ଼ିଥିଲା ସାରା ଗାଁ। ମୃତକଙ୍କ ମୁହଁ ଟିକେ ଦେଖିବାକୁ ଶତାଧିକ ଲୋକ ଭିଡ଼ ଜମାଇଥିଲେ।

### ଗୋଟିଏ ମଶାଣିରେ ୪ ଜୁଇ



ମୃତ ୫ ଯୁବକ ଇଞ୍ଜିଡ଼ ଗ୍ରାମର ହୋଇଥିଲେ ହେଁ ଦୁଇଟି ମଶାଣିରେ ସେମାନଙ୍କ ମୃତଦେହ ଦାହ କରାଯାଇଛି। ଗୋଟିଏ ଶ୍ମଶାନରେ ୪ ଜଣ ଓ ଅନ୍ୟ ଜଣଙ୍କ ମୃତଦେହ ଆଉ ଗୋଟିଏ ମଶାଣିରେ ସଂସ୍କାର କରାଯାଇଛି। କାରଣ ମୃତ ଦିଲୀପ କୁମାର ସାହୁ ଓ ପିନୁ ସାହୁ ଗୋଟିଏ ପରିବାରର ହୋଇଥିବାବେଳେ ତାଙ୍କ ପିଉସୀ ପୁଅ ଭାଇ ହେଉଛନ୍ତି ରାନୁ ପ୍ରଧାନ। ତେଣୁ ରାନୁଙ୍କ ମୃତଦେହ ତାଙ୍କ ପରିବାର ପକ୍ଷରୁ ଘର ନିକଟ ଅନ୍ୟ ମଶାଣିରେ ପୋଡ଼ାଯାଇଛି। ବାକି ୪ ଜଣ ଦିଲୀପ, ପିନୁ, ବାପୁନ ଓ ଗୌରଚନ୍ଦ୍ରଙ୍କ ମୃତଦେହ ଗୋଟିଏ ଶ୍ମଶାନରେ ଦାହ କରାଯାଇଛି।

## ଚତୁର୍ଦ୍ଦଶୀ ମେଳା ପାଇଁ ପ୍ରସ୍ତୁତି

ଢେଙ୍କାନାଳ ଅଫିସ, ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମର ପ୍ରସିଦ୍ଧ ସୁନାଦଣ୍ଡ କ୍ଷେତ୍ର କାମନା-କାଳିକା ମନ୍ଦିର ବେଢ଼ାରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ କୃଷ୍ଣ ଚତୁର୍ଦ୍ଦଶୀ ମେଳା ପାଇଁ ମଙ୍ଗଳବାର ଅପରାହ୍ନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମେଳା, ହୋମଯଜ୍ଞ ଓ ୨୦ତମ ବାର୍ଷିକ ମହୋତ୍ସବ ଶାନ୍ତିଶୃଙ୍ଖଳା ଭାବେ ପାଳନ କରିବାକୁ ଆଲୋଚନା ହୋଇଥିଲା। ଏହି ଉତ୍ସବ ଏପ୍ରିଲ ୨୯ରୁ ଦୁଇଦିନ ଧରି ପାଳିତ ହେବ। ଏଥିଲାଗି ସହଯୋଗ କରିବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର

ବ୍ରହ୍ମପୁର ଅଫିସ, ୧।୩: ଗଞ୍ଜାମ ଜିଲା ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୋଲିସ ଜଣେ ଅପହୃତା ଛାତ୍ରୀଙ୍କୁ ମଙ୍ଗଳବାର ଉଦ୍ଧାର କରିଛି। ଛାତ୍ରୀଙ୍କୁ ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଢେଙ୍କାନାଳ ପରଜଙ୍ଗ ଅଞ୍ଚଳର ପପୁନ ସାହୁ (୨୩)। ମଙ୍ଗଳବାର ଉଭୟଙ୍କ ଡାକ୍ତରୀମାଇନା କରାଯାଇଛି। ପପୁନ ସମ୍ପୃକ୍ତା ଛାତ୍ରୀଙ୍କୁ ଧରି ଗୋଆ ପଳାଇବାକୁ ଯୋଜନା କରିଥିଲେ। ଏ ନେଇ ନଂ. ୪୬/୨୨ରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେହିପରି ଧାରା ୧୬୪ରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ପପୁନ ସ୍ଥାନୀୟ ଗଜପତି ନଗରସ୍ଥିତ ଏକ ଢାବାରେ କାରିଗର ଭାବେ କାମ କରନ୍ତି। ଗଜପତି ଜିଲା ଅଡ଼ବା ଅଞ୍ଚଳର ସମ୍ପୃକ୍ତା ନାବାଳିକା ବ୍ରହ୍ମପୁରର ଜଣେ ସମ୍ପର୍କୀୟଙ୍କ ଘରେ ରହି ୧୦ମ ଶ୍ରେଣୀରେ ପାଠ ପଢୁଛନ୍ତି। ସ୍କୁଲ ଯାଉଥିବା ବେଳେ ତାଙ୍କୁ ଅପହରଣ କରି ନିଆଯାଇଥିଲା। ଏ ନେଇ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ। ବାଳିକାଙ୍କୁ ଅପହରଣ କରି ଅଭିଯୁକ୍ତ ପ୍ରଥମେ ବିଶାଖାପାଟଣା, ପରେ ପୁରୀ ଏବଂ ଶେଷରେ ନିଜ ଗ୍ରାମକୁ ନେଇଯାଇଥିଲେ। ପୋଲିସ ପପୁନଙ୍କ ମୋବାଇଲ୍ ଟ୍ରାକିଂ କରି ତାଙ୍କ ନିକଟରେ ପହଞ୍ଚିଥିଲେ ମଧ୍ୟ ସେ ଖସି ପଳାଇଥିଲେ। ପୋଲିସ ମଙ୍ଗଳବାର ଭୋର ସମୟରୁ ପୀଡ଼ିତାଙ୍କୁ ଉଦ୍ଧାର କରିଥିବା ବେଳେ ପପୁନଙ୍କୁ ବ୍ରହ୍ମପୁର ନୂଆ ବସଷ୍ଟାଣ୍ଡରୁ କାବୁ କରିବାରେ ସକ୍ଷମ ହୋଇଥିଲା।

# ବିଜେଡି ଲହରରେ ବିରୋଧୀ ଧରାଶାୟୀ

## କଂଗ୍ରେସ ମୂଳପୋଛ, ଭାଜପାକୁ ଗୋଟିଏ

ଢେଙ୍କାନାଳ ଅଫିସ୍, ୧।୩

ଢେଙ୍କାନାଳ ଜିଲାରେ ବିଜେଡି ସପକ୍ଷରେ ଯାଇଛି ପଞ୍ଚାୟତ ନିର୍ବାଚନ ଜନାଦେଶ। ଜିଲା ପରିଷଦ ନିର୍ବାଚନରେ ଧରାଶାୟୀ ହୋଇଯାଇଛନ୍ତି ପ୍ରମୁଖ ବିରୋଧୀ ଭାଜପା ଏବଂ କଂଗ୍ରେସ। ମୋଟ ୨୭ ଜୋନ୍ ମଧ୍ୟରୁ ୨୬ଟିରେ ଶାସକ ଦଳ ଏକତରଫା ବିଜୟ ହାସଲ କରିଛି। ମାତ୍ର ଗୋଟିଏ ଆସନରେ ଭାଜପାକୁ ସନ୍ତୁଷ୍ଟ ହେବାକୁ ପଡ଼ିଥିବାବେଳେ ୨୦୧୭ ଭଳି ଏଥର ବି ମୂଳପୋଛ ହୋଇଯାଇଛି କଂଗ୍ରେସ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚଳିତ ପଞ୍ଚାୟତ ନିର୍ବାଚନରେ ଭାଜପା ନିଜ ଗଡ଼ରେ ପ୍ରଭୂତ କ୍ଷତି ସହିଛି। ପୂର୍ବଥର ଦଳ ଅକ୍ତିଆର କରିଥିବା ୧୨ ଆସନ ମଧ୍ୟରୁ ୧୧ଟି କରଛଡ଼ା ହୋଇଛି। ଏଭଳି ଅପ୍ରତ୍ୟାଶିତ ଫଳାଫଳ ଚଳିତ ମାସରେ ହେବାକୁ ଥିବା ପୌର ନିର୍ବାଚନ ଉପରେ ମଧ୍ୟ ପ୍ରଭାବ ପକାଇବ ବୋଲି ରାଜନୈତିକ ସମୀକ୍ଷକମାନେ ଏବେଠାରୁ ଆକଳନ କରିଛନ୍ତି।

ସଦ୍ୟ ନିର୍ବାଚନକୁ ଦେଖିଲେ ଭୁବନର ୨୧ନଂ. ଜୋନ୍ ହିଁ ଭାଜପା ଖାତାକୁ ଯାଇଛି। ଏଠାରୁ ଭାଜପାର ସିଲାରାଣୀ ସାହୁ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ସୁଭଦ୍ରା ପାତ୍ରଙ୍କୁ ପରାସ୍ତ କରିଛନ୍ତି। ତେବେ ଉଭୟଙ୍କ ମଧ୍ୟରେ ବିଜୟ ବ୍ୟବଧାନ ରହିଛି ମାତ୍ର ୩୫୭। ତେଣୁ ଭାଜପା ପାଇଁ ଏହା ସେତେଟା ଆଶ୍ୱାସନା ଆଣିପାରିନି। ଅନ୍ୟ ସବୁ ଜୋନ୍ ମଧ୍ୟରୁ ଅଧିକାଂଶରେ ବିଜେଡି ପ୍ରାର୍ଥୀମାନେ ବିପୁଳ ଭୋଟ ବ୍ୟବଧାନରେ ବିରୋଧୀଙ୍କୁ ପରାସ୍ତ କରିଛନ୍ତି। ସବୁଠାରୁ ବଡ଼କଥା ଏକଦା କଂଗ୍ରେସର ଗଡ଼ ରହିଥିବା ଢେଙ୍କାନାଳ ଜିଲାରେ ଦଳର ଫ୍ଲପ୍ ଶୋ' ଜାରି ରହିଛି। ୨୦୧୭ରେ ଜିଲା ପରିଷଦ ଆସନରେ ଦଳ ଦୁର୍ବଳ ପ୍ରଦର୍ଶନ କରିଥିଲା। ଭାଜପା-ବିଜେଡି ମଧ୍ୟରେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ କଂଗ୍ରେସ ଖାତା ଖୋଲିପାରି ନ ଥିଲା। ଏଥର ବି ଦଳକୁ ସମାନ ଦଶା ଭୋଗିବାକୁ ପଡ଼ିଛି। ରାଜ୍ୟ ନେତୃତ୍ୱଙ୍କ ଅଣଦେଖା, ସ୍ଥାନୀୟ ମଙ୍ଗୁଆଳଙ୍କ ରଣନୀତିର ଅଭାବ ଏବଂ ଆଭ୍ୟନ୍ତରୀଣ ଗୋଷ୍ଠୀକନ୍ଦଳ ପାଇଁ ଦଳକୁ ବହୁମୂଲ୍ୟ ଦେବାକୁ ପଡ଼ିଛି।

ବିଜେଡି ପକ୍ଷରୁ ନିର୍ବାଚନ ପ୍ରସ୍ତୁତି, ପ୍ରଚାର ଏବଂ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଯୋଜନାବଦ୍ଧ ପ୍ରସ୍ତୁତି କରାଯାଇଥିଲା। ଜିଲାରେ ବିଜେଡିର ୪ ବିଧାୟକ ନିଜ ନିଜ ଅଞ୍ଚଳରେ ସାଙ୍ଗଠନିକ ସ୍ଥିତିକୁ ଦୃଢ଼ କରିବାରେ ସକ୍ଷମ ହୋଇଥିଲେ। ଏହାର ଫଳ ପଞ୍ଚାୟତ ନିର୍ବାଚନରେ ପ୍ରତିଫଳିତ ହୋଇଛି। ହେଲେ ଭାଜପା ପକ୍ଷରୁ ଏକାଠି ହୋଇ ଲଢ଼ିବାର ମାନସିକତାର ଅଭାବ ପରିଲକ୍ଷିତ ହୋଇଥିଲା। ଦଳୀୟ ରାଜ୍ୟ ସଭାପତି ମାତ୍ର ୨ଦିନ ଓଡ଼ାପଡ଼ା ଓ ଗଁଦିଆ ବ୍ଲକରେ ନିର୍ବାଚନ ପ୍ରଚାର କରିଥିଲେ। ଅନ୍ୟ ଜୋନ୍‌ରେ ପ୍ରାର୍ଥୀମାନେ ନିଜ ପାଇଁ ନିଜେ ନ୍ୟାୟରେ ଲଢ଼ିଥିଲେ। ସେହିପରି ପ୍ରାର୍ଥୀ ଚୟନ ବେଳେ ଭଲ ଭାବମୂର୍ତ୍ତି ଥିବା ନେତାଙ୍କୁ ଗୁରୁତ୍ୱ ଦିଆଗଲାନାହିଁ। ଅସନ୍ତୁଷ୍ଟମାନେ ନିଜକୁ ପ୍ରଚାରରୁ ଦୂରେଇ ରଖିଥିଲେ। ଫଳରେ ଭାଜପା ହାତରୁ ୧୧ ଜୋନ୍ ଚାଲିଯାଇଥିବା ଚର୍ଚ୍ଚା ହେଉଛି। ଅପରପକ୍ଷେ ଜିଲା ପରିଷଦ ଗଠନ ଲାଗି ଆବଶ୍ୟକ ସଂଖ୍ୟା ଥିବାରୁ ଏହାକୁ ନେଇ ବିଜେଡି ଶିବିର ବେଶ୍ ଉତ୍ସାହିତ ରହିଛି। ବିଜେଡିର ଏଭଳି ଲହର ବିରୋଧୀଙ୍କୁ ମଧ୍ୟ ଚକିତ କରିଛି। ପଞ୍ଚାୟତ ନିର୍ବାଚନ ଫଳାଫଳ ଏକତରଫା ହେବା ପରେ ବିରୋଧୀମାନେ ଶାସକ ଦଳରେ ସାମିଲ ହୋଇ ଭବିଷ୍ୟତ ବଞ୍ଚାଇବା କଥା ଚିନ୍ତା କଲେଣି। ପୌର ନିର୍ବାଚନକୁ ନଜରରେ ରଖି ଦଳଡ଼ିଆଁ ମଧ୍ୟ ଆରମ୍ଭ ହୋଇସାରିଲାଣି, ଯାହାକୁ ନେଇ ଜିଲା ରାଜନୈତିକ ବାତାବରଣ ସରଗରମ ହୋଇଛି।

ଏ ସଂକ୍ରାନ୍ତରେ ଭାଜପା ଜିଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମା କୁହନ୍ତି, ଜନମତକୁ ଆମେ ସମ୍ମାନ ଦେଉଛୁ। ଚଳିତ ନିର୍ବାଚନରେ ଭାଜପା ୩୦% ଭୋଟ ପାଇଛି। ଅର୍ଥବଳ ଓ ସରକାରୀ କଳର ବ୍ୟବହାର ହୋଇଛି। ପଞ୍ଚାୟତ ନିର୍ବାଚନ ଫଳାଫଳ ସାଧାରଣ ନିର୍ବାଚନରେ କୌଣସି ପ୍ରଭାବ ପକାଇବ ନାହିଁ। ଆଗକୁ ଆମେ ଭଲ କରିବୁ ବୋଲି ଆଶା କରୁଛୁ। ଜିଲା କଂଗ୍ରେସ ସଭାପତି ସରୋଜ କୁମାର ପଟ୍ଟନାୟକ କୁହନ୍ତି, ପରାଜୟକୁ ଆମେ ଗ୍ରହଣ କରୁଛୁ। ସବୁଠି ଦଳ ପକ୍ଷରୁ ନୂଆ ପ୍ରାର୍ଥୀ ଦିଆଯାଇଥିଲା। ଅର୍ଥବଳ ଆଗରେ ଆମେ ହାର ମାନିଛୁ। ଆଗାମୀ ଦିନରେ ଦଳକୁ ଅଧିକ ସଙ୍ଗଠିତ କରିବା ପାଇଁ ଉଦ୍ୟମ ଜାରି ରହିବ। ବିଜେଡି ଜିଲା ସଭାପତି ପ୍ରଫୁଲ୍ଲ କୁମାର ମଲ୍ଲିକ କୁହନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱ, ବିକାଶମୂଳକ କାର୍ଯ୍ୟ ଏବଂ ସାମାଜିକ ସୁରକ୍ଷା ହିଁ ଦଳର ଏଭଳି ବୃହତ୍ ବିଜୟର ପ୍ରମୁଖ କାରଣ।

# ପୌର ନିର୍ବାଚନ: ଆଜିଠୁ ନାମାଙ୍କନ

ଢେଙ୍କାନାଳ ଅଫିସ, ୧।୩



ଢେଙ୍କାନାଳ ପୌର ପରିଷଦ ନିର୍ବାଚନ ପାଇଁ ବୁଧବାର ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହେଉଛି। ଏହା ୭ ତାରିଖ ଯାଏ ଚାଲିବ। ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆଶାୟୀମାନେ ପ୍ରାର୍ଥିପତ୍ର ଦାଖଲ କରିବେ। ଏଥିଲାଗି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଯାଏ ସମୟ ଧାର୍ଯ୍ୟ କରାଯାଇଛି। ୯ରେ ଯାଞ୍ଚ ଏବଂ ୧୪ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ହେବ। ୨୪ ତାରିଖରେ ନିର୍ବାଚନ ହୋଇ ଏହାର ଦିନକ ପରେ ୨୬ରେ ଫଳାଫଳ ଘୋଷଣା ହେବ।

ପୌର ନିର୍ବାଚନକୁ ନେଇ ଢେଙ୍କାନାଳ ସହରାଞ୍ଚଳ ରାଜନୀତି ଚଳଚଞ୍ଚଳ ହୋଇଉଠିଛି। କାଉନସିଲର ଟିକେଟ ହାତେଇବା ପାଇଁ ଆଶାୟୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଛି। ଟିକେଟ ବଣ୍ଟନ ଦାୟିତ୍ୱରେ ଥିବା ନେତାଙ୍କ ପାଖରେ ଦିନ ରାତି ଭିଡ଼ ଜମୁଛି। ବିଜେଡି ପକ୍ଷରୁ ଦଳୀୟ କାଉନସିଲର ପ୍ରାର୍ଥୀ ଚୟନ ପାଇଁ ରୁଦ୍ଧଦ୍ୱାର ବୈଠକ ଚାଲିଛି। ସେହିପରି ଭାଜପା ପକ୍ଷରୁ ମଧ୍ୟ ପ୍ରାର୍ଥୀ ଖୋଜିବା ଲାଗି ତତ୍ପରତା ପ୍ରକାଶ ପାଇଛି। ପୌର ନିର୍ବାଚନ ପାଖେଇ ଆସୁଥିବାରୁ ଦଳଡିଆଁ ମଧ୍ୟ ଆରମ୍ଭ ହେଲାଣି। ଏହା ଉପରେ ସତର୍କ ନଜର ରଖି ସବୁ ଦଳ ଗୋଟି ଚାଳନା କରୁଛନ୍ତି।

ସୂଚନାଯୋଗ୍ୟ, ୨୦୧୩ରେ ଢେଙ୍କାନାଳରେ ଶେଷଥର ପୌର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୩ ବର୍ଷ ହେଲା ଅବଧି ଶେଷ ହୋଇଯାଇଥିବାବେଳେ କୋଭିଡ୍ କଟକଣା ସମେତ ଅନ୍ୟାନ୍ୟ କାରଣରୁ ନିର୍ବାଚନ ହୋଇପାରି ନ ଥିଲା। ପୌରାଧ୍ୟକ୍ଷ ପଦବୀ ଖାଲି ପଡ଼ିଥିବାବେଳେ ଜିଲାପାଳଙ୍କ କାନ୍ଧରେ ପୌର ପରିଷଦ ପରିଚାଳନା ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଗତ ନିର୍ବାଚନରେ ଢେଙ୍କାନାଳ ପୌର ପରିଷଦରୁ କଂଗ୍ରେସ ସର୍ବାଧିକ ୧୧ ଆସନ ହାତେଇଥିବାବେଳେ ବିଜେଡି ୬, ଭାଜପା ୫ ଏବଂ ଗୋଟିଏରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଥିଲେ। ତେବେ ସଂଖ୍ୟାଗରିଷ୍ଠ ନ ଥିବା ସତ୍ତ୍ୱେ ବିଜେଡି ପୌର ପରିଷଦ କବ୍ଜା କରିଥିଲା। ତେବେ ପରବର୍ତ୍ତୀ ସମୟରେ ରାଜନୈତିକ ହଟଚମଟ ମଧ୍ୟରେ ଭାଜପା ନଗରପାଳ ପଦବୀ ଅକ୍ତିଆର କରିଥିଲା। ଚଳିତ ନିର୍ବାଚନ ବିଜେଡି, ଭାଜପା ଓ କଂଗ୍ରେସ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାବେଳେ ସବୁ ଦଳ ପୌର ପରିଷଦ ହାତେଇବାକୁ ଜୋର୍‌ସୋର୍ ଉଦ୍ୟମ ଆରମ୍ଭ କରିଦେଲେଣି।

# ଦୀପରେ ଝଲସିଲା କପିଳାସ



## ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ

ଢେଙ୍କାନାଳ ଅଫିସ, ୧।୩

ଜାଗରଯାତ୍ରା ଉପଲକ୍ଷେ କପିଳାସ ପୀଠରେ ସମାଗମ ହୋଇଥିବା ଶ୍ରଦ୍ଧାଳୁଙ୍କ ଉପରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଜିଲାପାଳଙ୍କ ହସ୍ତକ୍ଷେପ ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ଏହାପରେ ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଭାବେ ଦର୍ଶନ କରିଥିଲେ।

ଚଳିତବର୍ଷ କରୋନା କଟକଣା ମଧ୍ୟରେ କପିଳାସରେ ମହାଶିବରାତ୍ରି ପାଳିତ ହେଉଛି। ୧୦ବର୍ଷରୁ କମ୍ ଏବଂ ୬୦ ବର୍ଷର ବୟସ୍କଙ୍କୁ ବାଦ୍‌ଦେଲେ ଜିଲାବାସୀଙ୍କ ସମାଗମକୁ ପ୍ରଶାସନ ପକ୍ଷରୁ ସବୁଜ ସଙ୍କେତ ଦିଆଯାଇଛି। ତଦନୁଯାୟୀ ମଙ୍ଗଳବାର ସକାଳୁ ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁଙ୍କ ଗହଳି ଜମିଥିଲା। ହେଲେ ପୀଠରେ ମୁତୟନ ପୋଲିସ ଅଧିକାରୀମାନେ ସେମାନଙ୍କୁ ପ୍ରବେଶ ପାଇଁ ଅନୁମତି ଦେଇ ନ ଥିଲେ। କେତେଜଣ ଶ୍ରଦ୍ଧାଳୁ ପ୍ରତିବାଦ କରିବାକୁ ଓଲଟି ଅସଦାଚରଣ ପ୍ରଦର୍ଶନ କରି ଜୋରଜବରଦସ୍ତ ବାହାର କରିଦେଇଥିଲେ। ଫଳରେ ସେମାନଙ୍କୁ ପୀଠ ପାଦଦେଶରେ ଦୀର୍ଘସମୟ ଅପେକ୍ଷା କରିବାକୁ ପଡ଼ିଥିଲା। ଅପରପକ୍ଷେ ଶ୍ରଦ୍ଧାଳୁଙ୍କ ବିନା ପୀଠ ପରିସର ଖାଁ ଖାଁ ଲାଗିଥିଲା। ଏ ସମ୍ପର୍କରେ ସୂଚନା ପାଇ ଜିଲାପାଳ ସରୋଜ କୁମାର ସେଠୀ ତୁରନ୍ତ ପହଞ୍ଚି ଶ୍ରଦ୍ଧାଳୁଙ୍କୁ ମନ୍ଦିର ବେଢ଼ାକୁ ଛାଡ଼ିବା ଲାଗି ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଭକ୍ତମାନେ ଧାଡ଼ିରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏଥିପୂର୍ବରୁ ସୋମବାର ରାତିରେ ମଧ୍ୟ କେତେଜଣ ଶ୍ରଦ୍ଧାଳୁ ପୀଠକୁ ଯାଉଥିବା ବେଳେ ପୋଲିସ ସେମାନଙ୍କୁ ବଳପୂର୍ବକ ବାହାର କରିଦେଇଥିଲା। ପ୍ରଶାସନ ଏବଂ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଜାଗରଯାତ୍ରା ପ୍ରସ୍ତୁତି ବୈଠକରେ ସବୁ ବିଷୟରେ ଆଲୋଚନା ହୋଇଥିବାବେଳେ ଏହାକୁ ବେଖାତିର କରାଯିବା ଆଲୋଚନାର ବିଷୟ ହୋଇଛି।



କପିଳାସକୁ ଆସିଥିବା ଶ୍ରଦ୍ଧାଳୁଙ୍କୁ ପୋଲିସ ଅଟକାଇ ରଖିଥିବାବେଳେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

## ଜାଗର ଯାତ୍ରାରେ ୩୦ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ଢେଙ୍କାନାଳ ଅଫିସ,୧।୩

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ଶ୍ରୀଚନ୍ଦ୍ରଶେଖର ମହାଦେବଙ୍କ ଜାଗରଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଦୁଇବର୍ଷ ପରେ ମହାଶିବରାତ୍ରିରେ ଜିଲାବାସୀଙ୍କୁ ଠାକୁରଙ୍କ ଦର୍ଶନ କରିବାର ସୁଯୋଗ ମିଳିଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବ୍ୟାପକ ଉତ୍ସାହ ପରିଲକ୍ଷିତ ହୋଇଛି। କୋଭିଡ୍ କଟକଣା ମଧ୍ୟରେ ଆୟୋଜିତ ହେଉଥିବା ଜାଗରଯାତ୍ରାରେ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି।

ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ପ୍ରାତଃ ସମୟରୁ ଦ୍ୱାରଫିଟା ନୀତି ପରେ ଷୋଡ଼ଶ ଉପଚାର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଜିଲାବାସୀଙ୍କୁ ଜାଗର ଯାତ୍ରାରେ ସାମିଲ ହେବାକୁ ଅନୁମତି ଦିଆଯାଇଥିବାରୁ ସକାଳୁ ମହାଦେବଙ୍କ ଦର୍ଶନ କରିବାକୁ ଲମ୍ବା ଧାଡ଼ି ଲାଗିଥିଲା। ମାନସିକଧାରୀ ଶ୍ରଦ୍ଧାଳୁମାନେ ସନ୍ଧ୍ୟାରୁ ଜାଗର ଜାଳିଛନ୍ତି। ହରହର ମହାଦେବ, ହରିବୋଲ ଓ ହୁଳହୁଳିରେ କପିଳାସ ପୀଠ ଉତ୍ସବମୁଖର ହୋଇଉଠିଛି। ନିର୍ଦ୍ଧାରିତ ସମୟରେ ମହାରୁଦ୍ରାଭିଷେକ, ନାଗଭରଣ ବେଶ, ପଞ୍ଚବକ୍ର ପୂଜା ପରେ ପ୍ରାତଃ ୪ଟା ୨୦ରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବା କାର୍ଯ୍ୟକ୍ରମ ସ୍ଥିରୀକୃତ କରାଯାଇଛି। ପରମ୍ପରା ଅନୁଯାୟୀ ଯୁବରାଜ ଅମରଜ୍ୟୋତି ସିଂ ଦେଓ ପୀଠରେ ମହାଦେବ ଏବଂ ମା' ପାର୍ବତୀଙ୍କ ପୂଜାର୍ଚ୍ଚନା କରିଥିଲେ। ସେହିପରି ବିଧାୟକ ସୁଧୀର କୁମାର ସାମଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରୀଚନ୍ଦ୍ରଶେଖରଙ୍କ ଦର୍ଶନ କରିଥିଲେ। ଜାଗରଯାତ୍ରା ପାଇଁ ଉଭୟ ପାହାଚ ଏବଂ ବାରବାଙ୍କ ରାସ୍ତା ଲୋକାରଣ୍ୟ ହୋଇଉଠିଛି। ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଏଲ୍ ଦିବ୍ୟା ଭି., ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଶାନ୍ତିଶୃଙ୍ଖଳାର ରକ୍ଷା କରୁଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୦ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।

# ଅନୁଗୋଳ: କେଉଁ ଜିଲା ପରିଷଦ ପ୍ରାର୍ଥୀଙ୍କୁ କେତେ ଭୋଟ

| ବ୍ଲକ | ଜୋନ୍ | ବିଜେଡି ପ୍ରାର୍ଥୀ | ଭୋଟ | ଭାଜପା ପ୍ରାର୍ଥୀ | ଭୋଟ | କଂଗ୍ରେସ ପ୍ରାର୍ଥୀ | ଭୋଟ |
|---|---|---|---|---|---|---|---|
| ଅନୁଗୋଳ | ୧ | କାଜଲ ପଟ୍ଟନାୟକ | **୧୨,୫୪୯** | ଡଲି ଚିନରା | ୭୦୧୦ | ପ୍ରିୟଙ୍କା ସାହୁ | ୧୪୬୦ |
| | ୨ | ରେବତୀ ନାଏକ | **୧୬୮୧୩** | ରଞ୍ଜିତା ନାଏକ | ୧୦୦୦୫ | ଡଲି ନାଏକ | ୨୬୩୬ |
| | ୩ | ପ୍ରିୟଦର୍ଶୀ ପଟ୍ଟନାୟକ | **୧୩୬୪୬** | ଯୁଧିଷ୍ଠିର ସେଠ | ୧୧୪୨୭ | ନିରୋଦ କୁମାର ସାହୁ | ୧୭୮୭ |
| | ୪ | ଧ୍ରୁବଚରଣ ଦେହୁରୀ | **୧୨୮୬୯** | ଦୁର୍ଗାଚରଣ ପ୍ରଧାନ | ୧୧୯୫୦ | ଭାସ୍କର ଚନ୍ଦ୍ର ପ୍ରଧାନ | ୭୯୯ |
| ଆଠମଲ୍ଲିକ | ୫ | ରଶ୍ମିରେଖା ମାହାର | **୧୩,୫୮୫** | ଚିତ୍ତରଞ୍ଜନ ପ୍ରଧାନ | ୧୧୧୩୬ | ସୁରେନ୍ଦ୍ର ସାହୁ | ୨୯୩୫ |
| | ୬ | ଯୁଧିଷ୍ଠିର ସିଂହ | **୧୫୩୮୮** | ରୋହିତ ନାୟକ | ୭୫୮୫ | ଶ୍ରୀକାନ୍ତ ଘୋଟ | ୧୯୯୫ |
| | ୭ | ବବିତା କର୍ଣ୍ଣ | **୧୦୦୬୩** | ଦୀପିକା ଦେହୁରୀ | ୫୭୯୯ | କବିତା ପ୍ରଧାନ | ୧୦୪୩ |
| କଣିହାଁ | ୮ | ରଶ୍ମିତା ସେଠୀ | **୧୪,୫୭୪** | ଚନ୍ଦନ ସ୍ୱରାଜ | ୧୧୪୯୭ | ଦିଲୀପ ବେହେରା | ୩୫୨୪ |
| | ୯ | ରଞ୍ଜନ କୁମାର ସାହୁ | **୧୫୩୦୬** | ସବ୍ୟସାଚୀ ପାଣି | ୮୮୯୬ | ସୁଲୋଚନା ସାହୁ | ୧୭୪୧ |
| | ୧୦ | ରଶ୍ମିତା ବେହେରା | **୧୬୧୩୯** | ସ୍ୱର୍ଣ୍ଣମଞ୍ଜରୀ ବେହେରା | ୧୧୧୨୪ | ସୁଭଦ୍ରା ନାଏକ | ୨୪୫୫ |
| କିଶୋରନଗର | ୧୧ | ବବିତା ପ୍ରଧାନ | **୧୦,୧୦୬** | ଅନିତା ପ୍ରଧାନ | ୯୬୮୫ | ଗୀତାଞ୍ଜଳି ପ୍ରଧାନ | ୭୬୫ |
| | ୧୨ | ଅନୁପମା ସାହୁ | **୧୩୧୩୮** | ଅଞ୍ଜଳି ପ୍ରଧାନ | ୭୫୩୦ | ସୁରୁଚି ପ୍ରଧାନ | ୭୩୬ |
| | ୧୩ | ବିଷ୍ଣୁପ୍ରିୟା ପ୍ରଧାନ | **୧୪୧୦୫** | ସୁମତିରାଣୀ ପ୍ରଧାନ | ୮୮୬୪ | ପ୍ରିୟଙ୍କା ସ୍ୱାଇଁ | ୧୨୧୬ |
| ଛେଣ୍ଡିପଦା | ୧୪ | ନଗେନ୍ଦ୍ର କୁମାର ପ୍ରଧାନ | **୧୨,୦୪୮** | ଅଖିଳ ଗଡ଼ନାୟକ | ୧୧୩୦୧ | ଅଜୟ ବେହେରା | ୧୦୫୯ |
| | ୧୫ | ତ୍ରିନାଥ ବେହେରା | **୧୨୪୬୭** | ଯଶୋବନ୍ତ ବେହେରା | **୧୨୭୫୬** | ପ୍ରିୟବ୍ରତ ନାୟକ | ୭୯୨ |
| | ୧୬ | ପ୍ରଦୀପ କୁମାର ସାହୁ | **୧୩୭୮୯** | ବିପିନ କୁମାର ମାଝି | ୧୨୪୫୩ | ଡିଲେଶ୍ୱର ପ୍ରଧାନ | ୯୮୪ |
| | ୧୭ | ଭାନୁପ୍ରିୟା ପ୍ରଧାନ | **୧୩୪୫୩** | ସଂଯୁକ୍ତା ପ୍ରଧାନ | ୧୧୫୮୩ | ଲୋପିତାରାଣୀ ସାହୁ | ୯୯୪ |
| ତାଳଚେର | ୧୮ | ଅମୀୟ କୁମାର ପ୍ରଧାନ | **୧୩,୪୨୮** | ହିମାଂଶୁ ସାହୁ | ୧୦୭୭୫ | ଡାକ୍ତର ମହାନ୍ତି | ୧୧୨୬ |
| | ୧୯ | ବବ୍ରୁ ପ୍ରସାଦ ପତି | **୧୨୨୫୮** | ମନୋଜ ପ୍ରଧାନ | ୧୦୫୮୮ | ଗିରିଜା ଶଙ୍କର ମିଶ୍ର | ୭୦୬ |
| | ୨୦ | ରୀତାରାଣି ଦାସ | **୫୦୪୩** | ଜସ୍ମିନ ପ୍ରଧାନ | ୪୦୪୦ | ଜିତେଶ୍ୱରୀ ଧର | ୬୪୭ |
| | ୨୧ | ସତ୍ୟଭାମା ସାହୁ | **୧୧୪୯୧** | ଉର୍ମିଳା ଦେହୁରୀ | ୭୭୦୫ | ରାଜଲକ୍ଷ୍ମୀ ପଟ୍ଟନାୟକ | ୯୭୯ |
| ପାଲଲହଡ଼ା | ୨୨ | ବୁଧୁରାମ ବାଇପାଇ | **୧୧,୯୧୪** | ଗୁରୁଚରଣ ହେମ୍ବ୍ରମ୍ | ୧୦୩୫୪ | ମଙ୍ଗଳସିଂହ ପୃଷ୍ଟି | ୨୨୩୪ |
| | ୨୩ | ସାବିତ୍ରୀ ମାଝି | **୧୧୧୫୭** | ସସ୍ମିତା କରୁଆ | ୧୦୨୪୪ | ଫୁଲମଣି ମୁଣ୍ଡା | ୧୬୧୦ |
| | ୨୪ | ଇନ୍ଦ୍ରାଣୀ ହେମ୍ବ୍ରମ | **୧୪୪୪୪** | ସୁରୁମୁଣି ଚାତର | ୧୧୩୧୮ | ବିମଳା ସିଙ୍କୁ | ୨୩୪୧ |
| ବଣଁରପାଳ | ୨୫ | ଦିଲୀପ ପ୍ରଧାନ | **୧୬,୩୮୬** | ସରୋଜ ଦେବତା | ୧୩୩୮୪ | ତ୍ରିନାଥ ପ୍ରଧାନ | ୯୯୪ |
| | ୨୬ | ସୁଶୀଳା ନାଏକ | **୧୬୧୨୦** | ଗୀତାଞ୍ଜଳି ବେହେରା | ୧୨୬୫୦ | ପଦ୍ମିନୀ ନାୟକ | ୧୪୬୧ |
| | ୨୭ | ଗୋପାଳ ନାଏକ | **୧୭୭୨୩** | ମହେଶ୍ୱର ବେହେରା | ୧୧୩୬୫ | ବିକ୍ରମ ନାଏକ | ୧୦୨୦ |
| | ୨୮ | ମୀରା ଗଡ଼ନାୟକ | **୧୩୦୦୫** | ଅମିତା ସିଂହ | ୧୦୧୫୭ | ରଶ୍ମିତା ଦେହୁରୀ | ୧୦୮୯ |

# ଢେଙ୍କାନାଳ: କେଉଁ ଜିଲା ପରିଷଦ ପ୍ରାର୍ଥୀଙ୍କୁ କେତେ ଭୋଟ

| ବ୍ଲକ | ଜୋନ୍ | ବିଜେଡି ପ୍ରାର୍ଥୀ | ଭୋଟ | ଭାଜପା ପ୍ରାର୍ଥୀ | ଭୋଟ | କଂଗ୍ରେସ ପ୍ରାର୍ଥୀ | ଭୋଟ |
|---|---|---|---|---|---|---|---|
| ଓଡ଼ାପଡ଼ା | ୧ | ପ୍ରତିମା ନାଏକ | **୧୭,୮୫୮** | ବବିଲତା ବେହେରା | ୧୦,୭୨୪ | ଦୀପ୍ତିମୟୀ ନାୟକ | ୧,୩୭୮ |
| | ୨ | ବାଳକୃଷ୍ଣ ସାହୁ | **୧୬,୮୫୩** | ଚନ୍ଦ୍ରକାନ୍ତ ସାହୁ | ୧୦,୨୫୭ | ଶରତ କୁମାର ନନ୍ଦ | ୧,୧୪୦ |
| | ୩ | ରାଜକିଶୋର ରାଉତ | **୧୭,୫୪୨** | କ୍ଷୀରୋଦ ପାତ୍ର | ୭,୧୬୦ | ସଂଗ୍ରାମ ସାମଲ | ୧,୧୯୪ |
| କଙ୍କଡ଼ାହାଡ଼ | ୪ | ନବକିଶୋର ସାହୁ | **୧୦,୨୦୩** | ମହତାବ ସାହୁ | ୯,୫୦୨ | ଡମ୍ବରୁଧର ସାହୁ | ୭୧୨ |
| | ୫ | ରୀନା ହେଁସା | **୧୨,୯୩୮** | ଅନସୂୟା ସିଂହ | ୭,୮୫୩ | ଅଞ୍ଜଳି ସିଂହ | ୮୪୮ |
| | ୬ | ରବିନାରାୟଣ ପଧାନ | **୯,୯୮୮** | ଜଗନ୍ନାଥ ସିଂହ | ୮,୪୧୩ | ପୀତାମ୍ବର ବାଲମୁଛ | ୬୬୩ |
| କାମାକ୍ଷାନଗର | ୭ | ଦୀପ୍ତିମୟୀ ବିଶ୍ୱାଳ | **୧୨,୩୫୦** | ନିବେଦିତା ରାଉତ | ୯,୯୬୦ | କାମିନୀବାଳା ରାଉତ | ୭୯୯ |
| | ୮ | ଅଶୋକ ବେହେରା | **୧୧,୫୮୭** | ପ୍ରମୋଦ ନନ୍ଦ | ୧୦,୯୬୬ | ମୀନକେତନ ନାୟକ | ୫୨୧ |
| | ୯ | ଅବନ୍ତୀ ସେଠୀ | **୧୨,୨୧୯** | ଶଶିରେଖା ସେଠୀ | ୧୦,୭୭୫ | ଲିପିକା ନାୟକ | ୪୬୮ |
| ଗଁଦିଆ | ୧୦ | ବିଶ୍ୱନାଥ ଚିନ୍ନାରା | **୧୩,୨୦୧** | ମମତା ସ୍ୱାଇଁ | ୫,୦୮୦ | ଛାୟାକାନ୍ତ ପାଣିଗ୍ରହୀ | ୪୮୮ |
| | ୧୧ | ମମତା ମଞ୍ଜରୀ ବେହେରା | **୧୬,୩୬୬** | ନିୟତି ଭୋଇ | ୮,୯୦୫ | ଶୁଭଲକ୍ଷ୍ମୀ ଭୋଇ | ୮୫୬ |
| | ୧୨ | ଅର୍ଚ୍ଚନା ପୁହାଣ | **୧୭,୬୨୬** | ପ୍ରଣତି ତ୍ରିପାଠୀ | ୫,୫୮୯ | ରଶ୍ମିତା ନାୟକ | ୮୩୯ |
| | ୧୩ | ବିଭୂତି ଭୋଇ | **୧୮,୭୩୨** | ବନମାଳୀ ଦେହୁରୀ | ୭,୩୩୯ | ଅଭି ସିନ୍ଧୁ | ୮୫୯ |
| ଢେଙ୍କାନାଳ ସଦର | ୧୪ | ପୂର୍ଣ୍ଣିମା ଦେହୁରୀ | **୧୫,୦୮୪** | ସଂଯୁକ୍ତା ହୋତା | ୮,୧୮୭ | ମଞ୍ଜୁଲତା ସ୍ୱାଇଁ | ୭୭୪ |
| | ୧୫ | ଝରସ୍ମିତା ଦେହୁରୀ | **୧୪,୧୪୫** | ମମତାମୟୀ ପଣ୍ଡା | ୬,୧୨୦ | ବାସନ୍ତୀ ସ୍ୱାଇଁ | ୬୪୭ |
| | ୧୬ | ଅଶୋକ କୁମାର ପରିଡ଼ା | **୧୧,୭୮୦** | ବିଷ୍ଣୁ ପ୍ରସାଦ ଲେଙ୍କା | ୧୦,୩୭୫ | ଦୁଷ୍ମନ୍ତ ନାୟକ | ୬୧୭ |
| | ୧୭ | ଦୀପ୍ତିମୟୀ ଜେନା | **୧୪,୬୫୬** | ସନ୍ଧ୍ୟାରାଣୀ ଦେଓ | ୭,୫୭୨ | ଜ୍ୟୋତ୍ସ୍ନାବାଳା ସେନାପତି | ୭୫୭ |
| ପରଜଙ୍ଗ | ୧୮ | ରୁନୁ ବର୍ମା | **୧୪,୦୯୪** | ଏଲିନା ଭୂତିଆ | ୧୩,୮୮୭ | ଆରତୀ ନାଥ | ୯୭୭ |
| | ୧୯ | ନିରାକାର ପ୍ରଧାନ | **୧୪,୯୦୪** | ଅଶାନ୍ତି ସାହୁ | ୧୩,୨୫୧ | ନରୋତ୍ତମ ସ୍ୱାଇଁ | ୪୯୨ |
| | ୨୦ | ବିଳାସିନୀ ସେଠୀ | **୧୨,୬୩୮** | ସ୍ୱାଧିନୀ ପାଣି | ୧୨,୫୧୬ | ଲିପ୍ସାମୟୀ ପଣ୍ଡା | ୩୬୦ |
| ଭୁବନ | ୨୧ | ସୁଭଦ୍ରା ପାତ୍ର | ୧୦,୨୨୭ | ସିଲାରାଣୀ ସାହୁ | **୧୦,୫୮୪** | ସାଇଲିଜା ବାରିକ | ୩୫୮ |
| | ୨୨ | ରମେଶ ଚନ୍ଦ୍ର ସାହୁ | **୧୨,୩୦୫** | ବୀରେନ୍ଦ୍ର ଜେନା | ୮,୭୦୫ | ନିର୍ମଳ ରାଉଳ | ୮୩୭ |
| | ୨୩ | ସୁବାସ ଚନ୍ଦ୍ର ମାଝି | **୧୨,୭୧୮** | ନକୁଳ ବେହେରା | ୭,୧୮୩ | ସୁମନ୍ତ ବେହେରା | ୧,୦୪୮ |
| ହିନ୍ଦୋଳ | ୨୪ | ମାମାଲି ଦାଶ | **୧୨,୦୯୬** | ସୁନିତା ନାଥ | ୧୧,୯୬୦ | ଲକ୍ଷ୍ମୀପ୍ରିୟା ପଟ୍ଟନାୟକ | ୧୩୧୦ |
| | ୨୫ | ସୁମନ୍ତ ଦେହୁରୀ | **୧୨,୬୨୭** | ନରେନ୍ଦ୍ର ଗଡନାୟକ | ୭,୦୩୫ | ରତିକାନ୍ତ ଗଡ଼ନାୟକ | ୮୨୭ |
| | ୨୬ | ମମତାଞ୍ଜଳି ବେହେରା | **୧୮,୪୭୯** | ମିତାଞ୍ଜଳି ନାୟକ | ୯,୨୧୧ | ଜଲି ନାୟକ | ୧,୦୧୩ |
| | ୨୭ | ଉର୍ମିଳା ବେହେରା | **୧୬,୭୫୫** | ପ୍ରଦ୍ୟୋତ ବେହେରା | ୯,୦୮୭ | ଚନ୍ଦନ ନାୟକ | ୬୭୬ |

# ବିଜ୍ଞାନ ବିନା ବିକାଶ ଅସମ୍ଭବ

କାମାକ୍ଷାନଗର, ୧।୩(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ସୋମବାର ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଜିଲା ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ଅଧ୍ୟକ୍ଷତା କରିଥିଲେ। ମଠକରଗୋଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ବିଜ୍ଞାନ ଆଧୁନିକ ଦୁନିଆର ଆଖି। ବିଜ୍ଞାନ ବିନା ଆଧୁନିକ ମାନବ ସମାଜର ଉନ୍ନତି ଅସମ୍ଭବ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପୃଷ୍ଟି ଯୋଗଦେଇ କହିଲେ, ବିଜ୍ଞାନକୁ ଆପଣାଇଲେ ଜ୍ଞାନବୃଦ୍ଧି ହେବ। ଅନ୍ୟତମ ଅତିଥି ଭାବେ ମଠକରଗୋଳା ମହାବିଦ୍ୟାଳୟର ପ୍ରସନ୍ନ କୁମାର ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଟକୃଷ୍ଣ ଦାସ, ଲୋକନାଥ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ବିଜ୍ଞାନର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ନବ ନର୍ବାଚିତ ସରପଞ୍ଚ ସତ୍ୟଜିତ୍ ରାଉତ ବିଜ୍ଞାନର ଅଗ୍ରଗତିରେ ଛାତ୍ରୀଛାତ୍ରଙ୍କୁ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଜ୍ଞାନଭିତ୍ତିକ ନୃତ୍ୟ, ରଙ୍ଗୋଲି, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଜ୍ଞାନ ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ, ଡ. ଚନ୍ଦ୍ରମଣି ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





ଆସାମରୁ ଅନୁଗୋଳକୁ ଚାଲାଣବେଳେ ଢେଙ୍କାନାଳ ଜିଲା ହିନ୍ଦୋଳ ଅଞ୍ଚଳରୁ ମଙ୍ଗଳବାର ଜବତ ହୋଇଥିବା ବିପୁଳ ପରିମାଣର ବେଆଇନ ବିଦେଶୀ ମଦ(ବାମ) ଏବଂ ଅବକାରୀ ବିଭାଗ ହାତରେ ଧରାପଡିଥିବା ୩ ଅଭିଯୁକ୍ତ।

## ଅନୁଗୋଳ

| ବ୍ଲକ/ଜୋନ୍ | ଦଳ | ବିଜୟୀ ପ୍ରାର୍ଥୀ | ମୋଟ ଭୋଟ | ଭୋଟ ବ୍ୟବଧାନ |
|---|---|---|---|---|
| ଅନୁଗୋଳ-୩ | ବିଜେଡି | ପ୍ରିୟଦର୍ଶୀ ପଟ୍ଟନାୟକ | ୧୩୬୪୬ | ୨୨୧୯ |
| ଅନୁଗୋଳ-୪ | ବିଜେଡି | ଧ୍ରୁବଚରଣ ଦେହୁରୀ | ୧୨୮୬୯ | ୯୧୯ |
| ଆଠମଲ୍ଲିକ-୩ | ବିଜେଡି | ବବିତା କରଣ | ୧୦୦୬୩ | ୪୨୬୪ |
| ବଅଁରପାଳ-୩ | ବିଜେଡି | ଗୋପାଳ ଚନ୍ଦ୍ର ନାୟକ | ୧୭୭୨୩ | ୬୩୫୮ |
| ବଅଁରପାଳ-୪ | ବିଜେଡି | ମୀରା ଗଡ଼ନାୟକ | ୧୩୦୦୫ | ୨୮୪୮ |
| ଛେଣ୍ଡିପଦା-୩ | ବିଜେଡି | ପ୍ରଦୀପ କୁମାର ସାହୁ | ୧୩୭୮୯ | ୧୩୩୬ |
| ଛେଣ୍ଡିପଦା-୪ | ବିଜେଡି | ଭାନୁପ୍ରିୟା ପ୍ରଧାନ | ୧୩୪୫୩ | ୧୮୬୦ |
| କଣିହାଁ-୩ | ବିଜେଡି | ରଶ୍ମିତା ବେହେରା | ୧୬୧୩୯ | ୫୦୧୫ |
| କିଶୋରନଗର-୩ | ବିଜେଡି | ବିଷ୍ଣୁପ୍ରିୟା ପ୍ରଧାନ | ୧୪୧୦୫ | ୬୨୪୧ |
| ପାଲଲହଡ଼ା-୩ | ବିଜେଡି | ଇନ୍ଦିରା ହେମ୍ବ୍ରମ | ୧୪୪୪୪ | ୩୧୨୬ |
| ତାଳଚେର-୩ | ବିଜେଡି | ରୀତାରାଣୀ ଦାସ | ୫୦୪୩ | ୧୦୦୩ |
| ତାଳଚେର-୪ | ବିଜେଡି | ସତ୍ୟଭାମା ସାହୁ | ୧୧୪୯୧ | ୩୭୮୬ |

## ବାଲେଶ୍ୱର

| | | | | |
|---|---|---|---|---|
| ବାହାନଗା-୩ | ବିଜେଡି | ଶିଶିର କୁମାର ଅଗସ୍ତି | ୧୧୫୫୪ | ୩୦୩୭ |
| ବାଲେଶ୍ୱର-୪ | ବିଜେଡି | ସଞ୍ଜୟ କୁମାର ସେଠୀ | ୧୪୯୭୬ | ୪୬୫୯ |
| ବାଲେଶ୍ୱର-୫ | ବିଜେଡି | ନାରାୟଣ ପ୍ରଧାନ | ୧୫୯୨୧ | ୨୧୦୦ |
| ବାଲିଆପାଳ-୩ | ବିଜେଡି | ବେଣୁଧର ଜେନା | ୧୪୦୪୧ | ୬୩୭ |
| ବାଲିଆପାଳ-୪ | କଂଗ୍ରେସ | ବାବାଜୀ ଦେହୁରୀ | ୧୩୨୯୫ | ୫୦୩ |
| ବସ୍ତା-୩ | ବିଜେଡି | ଅନୱର ବିବି | ୧୭୫୯୧ | ୧୧୭୧୫ |
| ବସ୍ତା-୪ | ବିଜେଡି | ସୁଜାତାରାଣୀ ଦଣ୍ଡପାଟ | ୧୩୫୮୦ | ୩୨୦୮ |
| ଭୋଗରାଇ-୫ | ବିଜେଡି | ନିବେଦିତା ମହାନ୍ତି | ୧୯୨୭୬ | ୮୭୨୭ |
| ଭୋଗରାଇ-୬ | ବିଜେଡି | ପ୍ରତିମା ଚାନ୍ଦ | ୧୪୦୮୯ | ୨୨୦୭ |
| ଜଳେଶ୍ୱର-୩ | ବିଜେଡି | ଅନସୂୟା ପ୍ରଧାନ | ୧୯୪୭୩ | ୧୦୭୯୬ |
| ଜଳେଶ୍ୱର-୪ | ବିଜେଡି | ମିନତିରାଣୀ ଜେନା | ୧୭୩୯୮ | ୧୦୮୨୮ |
| ଖଇରା-୩ | ବିଜେଡି | ମାନସ କୁମାର ଦାସ | ୧୩୭୯୭ | ୪୮୭ |
| ଖଇରା-୪ | ବିଜେଡି | ସୁଷମା ମହାପାତ୍ର | ୧୩୧୮୪ | ୧୫୭୨ |
| ନୀଳଗିରି-୩ | ବିଜେଡି | ଗତିକୃଷ୍ଣ ନନ୍ଦ | ୧୨୩୯୩ | ୧୦୧୪ |
| ରେମୁଣା-୩ | ବିଜେଡି | ବନ୍ଦିତା ନାୟକ | ୧୨୧୬୯ | ୨୦୪୯ |
| ରେମୁଣା-୪ | ବିଜେଡି | କବିତା ପାଣି | ୨୧୫୬୯ | ୩୭୮୭ |
| ସିମୁଳିଆ-୩ | ବିଜେଡି | ଉମାକାନ୍ତ ମହାରଣା | ୧୦୮୫୮ | ୧୧୩୦ |
| ସୋର-୩ | ବିଜେଡି | ଜୟରାମ ଦାଶ | ୧୩୦୪୭ | ୪୪୭୨ |

## ବରଗଡ଼

| | | | | |
|---|---|---|---|---|
| ଅତାବିରା-୩ | ବିଜେଡି | ମମତା ପ୍ରଧାନ | ୧୨୨୭୧ | ୭୦୦୧ |
| ଅତାବିରା-୪ | ବିଜେଡି | ଶମ୍ଭୁ ସେଠ | ୧୧୦୪୮ | ୫୦୭୩ |
| ବରଗଡ଼-୩ | ବିଜେଡି | ମୋହନ ଲୁହା | ୧୨୦୭୪ | ୩୦୨୦ |
| ବରଗଡ଼-୪ | ବିଜେଡି | ମୀନାକ୍ଷୀ ପାଣ୍ଡେ | ୧୨୮୦୨ | ୪୮୧୮ |
| ବରପାଲୀ-୩ | ଭାଜପା | ସଞ୍ଜୁକ୍ତା ସାହୁ | ୯୫୫୨ | ୧୮୧୧ |
| ଭେଡ଼େନ-୩ | ବିଜେଡି | ପିଙ୍କି ବଡ଼େଇ | ୧୪୦୧୨ | ୪୮୬୭ |
| ବିଜେପୁର-୩ | ବିଜେଡି | ସୁଦାମ ଚରଣ ସାହୁ | ୧୧୩୪୧ | ୩୪୬୦ |
| ପାଇକମାଲ-୩ | ବିଜେଡି | ବାସନ୍ତୀ ବଲମ | ୧୨୧୫୩ | ୯୯୦ |
| ରାଜବୋଡ଼ାସମ୍ବର-୩ | ଭାଜପା | ମକରଧ୍ୱଜ ବଗାର | ୧୩୧୮୩ | ୩୦୭୯ |
| ସୋହେଲା-୩ | ବିଜେଡି | ରୋଜି ନାୟକ | ୨୧୩୫୯ | ୧୩୮୨୪ |

## ଭଦ୍ରକ

| | | | | |
|---|---|---|---|---|
| ବାସୁଦେବପୁର-୩ | ବିଜେଡି | ଯଦୁନାଥ ନାୟକ | ୧୨୧୫୩ | ୩୩୬୧ |
| ବାସୁଦେବପୁର-୪ | ବିଜେଡି | ମାନସ କୁମାର ସେଠୀ | ୧୩୮୨୧ | ୫୯୫୬ |
| ବାସୁଦେବପୁର-୫ | ବିଜେଡି | ଦିବ୍ୟଲକ୍ଷ୍ମୀ ବାରିକ ଘଡ଼େଇ | ୧୫୨୦୩ | ୪୮୨୧ |
| ଭଦ୍ରକ-୩ | ବିଜେଡି | ମଳୟ କୁମାର ଜେନା | ୨୦୦୧୪ | ୯୨୬୨ |
| ଭଦ୍ରକ-୪ | ବିଜେଡି | ପୂର୍ଣ୍ଣଶଶୀ ପାଣିଗ୍ରାହୀ | ୧୮୦୭୬ | ୫୯୬୭ |
| ଭଣ୍ଡାରିପୋଖରୀ-୩ | ବିଜେଡି | ଉତ୍କଳ କେଶରୀ ମହାନ୍ତି | ୧୫୨୧୨ | ୭୪୯୭ |
| ବନ୍ତ-୩ | ବିଜେଡି | ମୁନି ମୁଣ୍ଡା | ୧୫୫୦୫ | ୭୬୨୦ |
| ଚାନ୍ଦବାଲି-୩ | ବିଜେଡି | ଗୀତାଞ୍ଜଳି ଦାସ | ୯୩୬୧ | ୩୦୮୯ |
| ଚାନ୍ଦବାଲି-୪ | ବିଜେଡି | ସ୍ମରଣିକା ସମଦର୍ଶନୀ ବଳ | ୧୭୯୮୪ | ୬୨୬୧ |
| ଚାନ୍ଦବାଲି-୫ | ବିଜେଡି | ବଳଭଦ୍ର ଲେଙ୍କା | ୧୭୮୦୪ | ୭୭୭୭ |
| ଧାମନଗର-୩ | ବିଜେଡି | ସାରଦା ପ୍ରସନ୍ନ ସାହୁ | ୧୬୩୫୪ | ୪୭୮୬ |
| ଧାମନଗର-୪ | ବିଜେଡି | ପ୍ରଦୀପ କୁମାର ମଲ୍ଲିକ | ୧୫୬୮୯ | ୫୩୪୭ |
| ତିହିଡ଼ି-୩ | ବିଜେଡି | ସୁମତି ସେଠୀ | ୧୮୪୮୭ | ୩୫୨୭ |
| ତିହିଡ଼ି-୪ | ବିଜେଡି | ଅମୂଲ୍ୟ କୁମାର ମାଝି | ୧୮୧୯୦ | ୨୯୦୮ |

## ବଲାଙ୍ଗୀର

| | | | | |
|---|---|---|---|---|
| ବେଲପଡ଼ା-୩ | ଭାଜପା | ଅନିମା ଦାସ | ୮୭୭୧ | ୯୭୦ |
| ମୁରିବାହାଲ-୩ | କଂଗ୍ରେସ | ଗୋପୀନାଥ ପାଣିଗ୍ରାହୀ | ୮୬୯୮ | ୫୮୧ |
| ପାଟଣାଗଡ଼-୩ | ବିଜେଡି | ବାଲିକା ମାଝି | ୧୫୨୫୨ | ୪୭୯୮ |
| ପୁଇଁନ୍ତଲା-୩ | ବିଜେଡି | ସବିତା ସେଠ୍ | ୧୦୮୧୨ | ୩୬୭୨ |
| ସଇଁନ୍ତଲା-୩ | କଂଗ୍ରେସ | ପ୍ରମୋଦ କୁମାର ଭୋଇ | ୯୫୫୧ | ୧୨୦୮ |
| ଟିଟିଲାଗଡ଼-୩ | ବିଜେଡି | ଟିଙ୍କି ପୋଢ଼ | ୧୦୮୧୦ | ୩୮୭୬ |

## ସୁନ୍ଦରଗଡ଼

| | | | | |
|---|---|---|---|---|
| ଲାଠିକଟା-୩ | ବିଜେଡି | ତ୍ରୈଲୋକନାଥ ସିଂ | ୭୩୫୬ | ୩୨୧୧ |

## ବୌଦ୍ଧ

| | | | | |
|---|---|---|---|---|
| ବୌଦ୍ଧ-୩ | ବିଜେଡି | କଳ୍ପନାରାଣୀ ସାହୁ | ୧୫୬୩୫ | ୪୫୮୭ |
| ହରଭଙ୍ଗା-୩ | ବିଜେଡି | ପ୍ରଭାସିନୀ ଦାସ | ୧୨୪୮୨ | ୫୭୧୮ |
| କଣ୍ଟାମାଲ-୩ | ବିଜେଡି | ଶଙ୍କର୍ଷଣ ପ୍ରଧାନ | ୧୭୯୩୧ | ୧୦୯୩୫ |

## ଦେବଗଡ଼

| | | | | |
|---|---|---|---|---|
| ବାରକୋଟ-୩ | ବିଜେଡି | ଗୀତାଞ୍ଜଳି ପାଣି | ୧୭୯୩୮ | ୧୪୫୫୧ |

## କଟକ

| | | | | |
|---|---|---|---|---|
| ଆଠଗଡ଼-୩ | ବିଜେଡି | ବଳଭଦ୍ର ବାଘ | ୨୨୭୦୪ | ୧୬୫୮୮ |
| ବଡ଼ମ୍ବା-୩ | ବିଜେଡି | ନୟନା ସାହୁ | ୨୦୧୩୧ | ୮୬୭୭ |
| ବାଙ୍କୀ-୩ | ବିଜେଡି | ରଶ୍ମିରେଖା ପଣ୍ଡା | ୧୨୧୮୩ | ୭୧୦୫ |
| କଟକ ସଦର-୩ | ବିଜେଡି | ସସ୍ମିତା ମହାରଥା | ୧୩୩୫୦ | ୮୦୦୫ |
| କଟକ ସଦର-୪ | ବିଜେଡି | ସୁଭଦ୍ରା ଦାସ | ୧୯୩୩୨ | ୧୩୩୧୦ |
| ମାହାଙ୍ଗା-୩ | ବିଜେଡି | ଜଗବନ୍ଧୁ ସେଠୀ | ୧୮୨୨୭ | ୭୬୩୧ |
| ମାହାଙ୍ଗା-୪ | ବିଜେଡି | ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ | ୧୬୩୧୧ | ୭୫୨୦ |
| ନରସିଂହପୁର-୩ | ବିଜେଡି | ଅଜୟ କୁମାର ପଣ୍ଡା | ୧୫୫୫୬ | ୮୪୨୮ |
| ନରସିଂହପୁର-୪ | ବିଜେଡି | କିଶୋର ଚନ୍ଦ୍ର ମିଶ୍ର | ୧୩୮୬୦ | ୪୮୪୮ |
| ନିଆଳି-୩ | ବିଜେଡି | ଦେବାଶିଷ ଷଡ଼ଙ୍ଗୀ | ୧୨୧୩୮ | ୧୯୫୫ |
| ନିଆଳି-୪ | ବିଜେଡି | ସୂର୍ଯ୍ୟକାନ୍ତି ମହାନ୍ତି | ୧୩୨୪୯ | ୪୩୪୩ |
| ନିଶ୍ଚିନ୍ତକୋଇଲି-୪ | ବିଜେଡି | ଭୂପତି ଭୂଷଣ ଷଣ୍ଢ | ୧୬୭୬୫ | ୬୨୭୭ |
| ନିଶ୍ଚିନ୍ତକୋଇଲି-୫ | ବିଜେଡି | ଶୁଭଶ୍ରୀ ମହାନ୍ତି | ୧୬୦୪୦ | ୭୯୪୪ |
| ସାଲେପୁର-୩ | ବିଜେଡି | ହରପ୍ରସନ୍ନ ବେହେରା | ୧୬୯୪୭ | ୫୪୫୩ |
| ସାଲେପୁର-୪ | ବିଜେଡି | ନମିତା ସେଠୀ | ୧୮୩୯୫ | ୮୪୩୪ |
| ଟାଙ୍ଗୀ ଚୌଦ୍ୱାର-୩ | ବିଜେଡି | ଚିତ୍ତରଞ୍ଜନ ସାମଲ | ୧୩୪୧୭ | ୨୪୨୬ |
| ଟାଙ୍ଗୀ ଚୌଦ୍ୱାର-୪ | ବିଜେଡି | ଜୟଶ୍ରୀ ପ୍ରଧାନ | ୧୩୫୫୮ | ୩୯୫୭ |

## ଦେବଗଡ଼

| | | | | |
|---|---|---|---|---|
| ବାରକୋଟ-୩ | ବିଜେଡି | ଗୀତାଞ୍ଜଳି ପାଣି | ୧୭୯୩୮ | ୧୪୫୫୧ |

## ଢେଙ୍କାନାଳ

| | | | | |
|---|---|---|---|---|
| ଭୁବନ-୩ | ବିଜେଡି | ସୁବାସ ଚନ୍ଦ୍ର ମାଝି | ୧୨୭୧୮ | ୫୫୩୫ |
| ଢେଙ୍କାନାଳ ସଦର-୩ | ବିଜେଡି | ଅଶୋକ କୁମାର ପରିଡ଼ା | ୧୧୭୮୦ | ୧୪୦୫ |
| ଢେଙ୍କାନାଳ ସଦର-୪ | ବିଜେଡି | ଦୀପ୍ତିମୟୀ ଜେନା | ୧୪୬୫୬ | ୭୦୮୪ |
| ଗଁଦିଆ-୩ | ବିଜେଡି | ଅର୍ଚ୍ଚନା ପୁହାଣ | ୧୭୬୨୪ | ୧୨୦୩୫ |
| ଗଁଦିଆ-୪ | ବିଜେଡି | ବିଭୂତି ଭୋଇ | ୧୮୭୩୨ | ୧୧୩୯୩ |
| ହିନ୍ଦୋଳ-୩ | ବିଜେଡି | ମମତାଞ୍ଜଳି ବେହେରା | ୧୮୪୭୯ | ୯୨୬୮ |
| ହିନ୍ଦୋଳ-୪ | ବିଜେଡି | ଉର୍ମିଳା ବେହେରା | ୧୬୭୫୫ | ୭୬୬୮ |
| କାମାକ୍ଷାନଗର-୩ | ବିଜେଡି | ଅବନ୍ତି ସେଠୀ | ୧୨୨୧୯ | ୧୪୪୪ |
| କଙ୍କଡ଼ାହାଡ଼-୩ | ବିଜେଡି | ରବିନାରାୟଣ ପ୍ରଧାନ | ୯୯୮୮ | ୧୫୭୫ |
| ଓଡ଼ାପଡ଼ା-୩ | ବିଜେଡି | ରାଜକିଶୋର ରାଉତ | ୧୭୫୪୨ | ୧୦୩୮୨ |
| ପରଜଙ୍ଗ-୩ | ବିଜେଡି | ବିଳାସିନୀ ସେଠୀ | ୧୨୬୩୮ | ୧୨୨ |

## ଗଜପତି

| | | | | |
|---|---|---|---|---|
| ମୋହନା-୩ | ବିଜେଡି | ସୁନୀଲ କୁମାର ବିଶୋୟୀ | ୧୧୦୫୪ | ୪୮୮୬ |

## ସୁବର୍ଣ୍ଣପୁର

| | | | | |
|---|---|---|---|---|
| ଡୁଙ୍ଗୁରିପାଲି-୩ | ବିଜେଡି | ଗଣେଷ ଚନ୍ଦ୍ର ଭୋଇ | ୧୭୨୩୦ | ୧୦୩୩୬ |

## ଗଞ୍ଜାମ

| | | | | |
|---|---|---|---|---|
| ଆସ୍କା-୩ | ବିଜେଡି | ବି. ମନୋଜ କୁମାର ଦୋରା | ୯୮୬୫ | ୨୭୩୮ |
| ଆସ୍କା-୪ | ବିଜେଡି | ସୌଦାମିନୀ ନାୟକ | ୧୪୧୨୧ | ୯୩୩୩ |
| ବେଗୁନିଆପଡ଼ା-୩ | ବିଜେଡି | ବିନୋଦିନୀ ସ୍ୱାଇଁ | ୧୫୮୦୧ | ୧୦୦୨୦ |
| ବେଲଗୁଣ୍ଠା-୩ | ବିଜେଡି | ବିଦ୍ୟାଧର ବିଶୋଇ | ୧୧୮୭୨ | ୩୫୪୮ |
| ଭଞ୍ଜନଗର-୩ | ବିଜେଡି | ଭାଗ୍ୟଲତା ସେଠୀ | ୧୩୩୦୩ | ୧୮୩୦ |
| ବୁଗୁଡ଼ା-୩ | ବିଜେଡି | ଚାନ୍ଦିନୀ ନାୟକ | ୧୨୪୬୦ | ୪୩୦୯ |
| ଛତ୍ରପୁର-୩ | ବିଜେଡି | ଛବିତା ବେହେରା | ୧୪୯୦୧ | ୮୪୬୬ |
| ଚିକିଟି-୩ | ବିଜେଡି | ଭି. ଲକ୍ଷ୍ମୀ ରେଡ୍ଡି | ୯୭୧୧ | ୩୧୯୦ |
| ଧରାକୋଟ-୩ | ବିଜେଡି | ଅଞ୍ଜଳୀ ସ୍ୱାଇଁ | ୯୩୦୨ | ୪୩୮୪ |
| ଦିଗପହଣ୍ଡି-୩ | ବିଜେଡି | ସଞ୍ଜୁକ୍ତା କବି | ୧୨୨୯୦ | ୭୨୦୧ |
| ଦିଗପହଣ୍ଡି-୪ | ବିଜେଡି | ଏମ୍. ଅନସୂୟା ରେଡ୍ଡି | ୧୭୭୩୮ | ୧୩୫୧୬ |
| ହିଞ୍ଜିଳିକାଟୁ-୩ | ବିଜେଡି | ପ୍ରୀତି ସାହୁ | ୧୪୩୨୮ | ୧୦୫୩୬ |
| ଜଗନ୍ନାଥପ୍ରସାଦ-୩ | ବିଜେଡି | ମାନସୀ ସେଠୀ | ୧୪୭୦୫ | ୫୦୭୪ |
| କବିସୂର୍ଯ୍ୟନଗର-୩ | ବିଜେଡି | ସନ୍ତୋଷ କୁମାର ପାଢ଼ୀ | ୧୨୯୪୦ | ୭୯୫୭ |
| ଖଲ୍ଲିକୋଟ-୩ | ବିଜେଡି | ବିନାୟକ ଜାଲି | ୧୯୧୪୩ | ୧୧୪୪୨ |
| କୁକୁଡ଼ାଖଣ୍ଡି-୩ | ବିଜେଡି | ଭାରତୀ ନାୟକ | ୧୬୧୬୫ | ୫୧୩୯ |
| ପାତ୍ରପୁର-୩ | ଭାଜପା | ମେଣ୍ଡା କାମାରାଜୁ | ୧୧୪୪୬ | ୧୩୪୪ |
| ପୋଲସରା-୩ | ବିଜେଡି | ବିକ୍ରମ କୁମାର ନାୟକ | ୧୭୫୬୭ | ୧୧୮୯୫ |
| ପୁରୁଷୋତ୍ତମପୁର-୩ | ବିଜେଡି | ରଞ୍ଜିତ କୁମାର ବେହେରା | ୧୭୧୪୩ | ୧୦୮୧୭ |
| ରଙ୍ଗେଇଲୁଣ୍ଡା-୩ | ବିଜେଡି | ତପୋଇ ଦାସ | ୧୮୫୦୦ | ୮୩୦୮ |
| ସାନଖେମୁଣ୍ଡି-୩ | ବିଜେଡି | ଅମିନ ପ୍ରଧାନ | ୯୯୭୧ | ୨୫୧୫ |
| ସାନଖେମୁଣ୍ଡି-୪ | ବିଜେଡି | ସୁଲତାରାଣି ସ୍ୱାଇଁ | ୧୧୪୩୮ | ୪୧୨୧ |
| ଶେରଗଡ଼-୩ | ବିଜେଡି | ମନୋରମା ପଲାଇ | ୧୫୨୪୦ | ୯୩୧୦ |
| ସୋରଡ଼ା-୩ | ବିଜେଡି | ପ୍ରଫୁଲ୍ଲ ଚନ୍ଦ୍ର ମହାକୁଡ଼ | ୧୧୬୮୦ | ୬୨୩୫ |
| ସୋରଡ଼ା-୪ | ବିଜେଡି | ସୁକୁମାରୀ ମଲ୍ଲିକ | ୧୩୦୮୪ | ୭୫୧୫ |

## ଜଗତ୍‌ସିଂହପୁର

| | | | | |
|---|---|---|---|---|
| ବାଲିକୁଦା-୩ | ବିଜେଡି | ରୁନୀଲତା ବେହେରା | ୧୪୭୦୪ | ୭୨୨୦ |
| ବାଲିକୁଦା-୪ | ବିଜେଡି | ତଟିନା ସ୍ୱାଇଁ | ୧୪୦୮୯ | ୨୭୮୭ |
| ଏରସମା-୩ | ବିଜେଡି | ପୀତବାସ ଗୋଛାୟତ | ୧୧୦୬୨ | ୫୭୨୯ |
| ଏରସମା-୪ | କଂଗ୍ରେସ | ପିନାକୀ ନାରାୟଣ ଦାସ | ୧୩୨୧୪ | ୨୧୧୦ |
| ଜଗତ୍‌ସିଂହପୁର-୩ | ବିଜେଡି | ମନୋଜ କୁମାର ଭୋଇ | ୧୪୩୩୫ | ୯୦୬୨ |
| ଜଗତ୍‌ସିଂହପୁର-୪ | ବିଜେଡି | ବିବେକାନନ୍ଦ ବେହେରା | ୧୦୨୦୮ | ୨୨୪୦ |
| କୁଜଙ୍ଗ-୩ | ବିଜେଡି | ପୁଷ୍ପଲତା ବେହେରା | ୧୪୯୫୭ | ୬୮୨୮ |
| କୁଜଙ୍ଗ-୪ | ବିଜେଡି | କନକପ୍ରଭା ବେହେରା | ୧୭୮୮୪ | ୭୬୫୨ |
| ତିର୍ତ୍ତୋଲ-୩ | ବିଜେଡି | ସୁନୀଲ କୁମାର ବେହେରା | ୧୭୨୦୧ | ୯୬୭୮ |
| ତିର୍ତ୍ତୋଲ-୪ | ବିଜେଡି | ଗଙ୍ଗାଧର ବିଶ୍ୱାଳ | ୧୩୧୮୭ | ୬୬୧୫ |

## ଯାଜପୁର

| | | | | |
|---|---|---|---|---|
| ବଡ଼ଚଣା-୪ | ବିଜେଡି | ଅରବିନ୍ଦ ସାମଲ | ୧୬୯୩୦ | ୧୦୬୩୧ |
| ବଡ଼ଚଣା-୫ | ବିଜେଡି | ଜୟଶ୍ରୀ ସାମଲ | ୧୫୯୯୫ | ୫୭୬୧ |
| ବରୀ-୩ | ବିଜେଡି | ସୁମିତ୍ରା ଯାଦବ | ୧୨୮୩୩ | ୫୨୪୫ |
| ବରୀ-୪ | ବିଜେଡି | ସନ୍ତୋଷ କୁମାର ସାମଲ | ୧୧୦୬୮ | ୩୪୯୧ |
| ବିଞ୍ଝାରପୁର-୩ | ବିଜେଡି | ସୁନୀତା ନାୟକ | ୧୪୪୦୨ | ୬୯୦୨ |
| ବିଞ୍ଝାରପୁର-୪ | ବିଜେଡି | ଖଗେଶ୍ୱର ମହାନ୍ତି | ୧୩୯୫୧ | ୭୧୪ |
| ଦାନଗଦି-୩ | ବିଜେଡି | ସୁଚିତ୍ରା ବିଶ୍ୱାଳ | ୧୪୯୬୧ | ୩୧୫୪ |
| ଦଶରଥପୁର-୩ | ବିଜେଡି | ମାମିନା ମଲ୍ଲିକ | ୧୮୨୦୩ | ୬୫୮୩ |
| ଦଶରଥପୁର-୪ | ବିଜେଡି | ନିନାରାଣୀ ସାମଲ | ୧୭୫୩୩ | ୫୬୫୭ |
| ଧର୍ମଶାଳା-୪ | ବିଜେଡି | ଜଳଧର ମହାନ୍ତି | ୧୬୭୧୦ | ୬୭୬୩ |
| ଧର୍ମଶାଳା-୫ | ବିଜେଡି | ଭାଗ୍ୟଧର ସେଠୀ | ୧୪୧୧୨ | ୪୧୨୦ |
| ଯାଜପୁର-୩ | ବିଜେଡି | ବିନୋଦ କୁମାର ମାଝୀ | ୧୯୯୦୧ | ୧୨୩୩୮ |
| ଯାଜପୁର-୪ | ବିଜେଡି | ପ୍ରଭାତି ଆଚାର୍ଯ୍ୟ | ୧୮୬୦୦ | ୧୫୩୬୮ |
| କୋରେଇ-୩ | ବିଜେଡି | ନଳିନୀପ୍ରଭା ଜେନା | ୨୨୯୮୫ | ୧୪୪୨୮ |
| ରସୁଲପୁର-୩ | ବିଜେଡି | ଶଶିରେଖା ପୁଷ୍ଟି | ୨୧୦୫୩ | ୧୫୧୦୪ |
| ରସୁଲପୁର-୪ | ବିଜେଡି | ଭାରତୀ ବିଶ୍ୱାଳ | ୧୬୪୯୨ | ୧୧୯୭୫ |
| ସୁକିନ୍ଦା-୩ | ବିଜେଡି | ପ୍ରତାପ ପଟ୍ଟନାୟକ | ୧୬୭୧୦ | ୪୬୪୨ |

## କୋରାପୁଟ

| | | | | |
|---|---|---|---|---|
| ବୋରିଗୁମ୍ମା-୩ | କଂଗ୍ରେସ | ନୃସିଂହ ନାଥ ଶତପଥୀ | ୧୧୬୮୭ | ୧୭୦୦ |
| ଜୟପୁର-୩ | ବିଜେଡି | ରଶ୍ମୀ ରଥ | ୮୪୩୧ | ୧୦୪୨ |

## କଳାହାଣ୍ଡି

| | | | | |
|---|---|---|---|---|
| ଭବାନୀପାଟଣା-୩ | ବିଜେଡି | ପୁଷ୍ପଲତା ନାଏକ | ୧୫୨୧୩ | ୧୦୮୦୩ |
| ଭବାନୀପାଟଣା-୪ | ବିଜେଡି | ଲକ୍ଷ୍ମୀ ସାହୁ | ୧୦୭୮୬ | ୨୬୩୨ |
| ଧର୍ମଗଡ଼-୩ | ବିଜେଡି | ପ୍ରଣବ କିଶୋର ଭଇଁଶାଳ | ୮୭୧୭ | ୧୬୩୪ |
| ଗୋଲାମୁଣ୍ଡା-୩ | ବିଜେଡି | ଜୟସେନ୍ ସାହୁ | ୧୪୨୯୨ | ୮୦୧୦ |
| ଜୟପାଟଣା-୩ | ବିଜେଡି | ମଧୁମିତା ରାଉତ | ୧୧୫୪୮ | ୫୪୧୪ |
| ଜୁନାଗଡ଼-୩ | ବିଜେଡି | ଲାଲ ବାହାଦୁର ଜାନୀ | ୧୨୭୪୨ | ୫୫୫୧ |
| ଜୁନାଗଡ଼-୪ | ବିଜେଡି | ସଙ୍ଗୀତା ଖରସେଲ୍ | ୧୧୫୪୫ | ୪୨୦୭ |
| କେଶିଙ୍ଗା-୩ | ବିଜେଡି | ସୁନୀତା ଶବର | ୧୨୯୩୨ | ୬୮୦୩ |
| କୋକସରା-୩ | ବିଜେଡି | ବୈଜୟନ୍ତୀ ପୁଜାହାରୀ | ୧୦୪୪୯ | ୨୮୮୯ |
| ନର୍ଲା-୩ | ବିଜେଡି | ଲିଲି ଦିପ୍ | ୧୦୦୩୭ | ୨୦୭୫ |

## ମୟୂରଭଞ୍ଜ

| | | | | |
|---|---|---|---|---|
| ବଡ଼ସାହି-୩ | ବିଜେଡି | ଜଗନ୍ନାଥ ମଲ୍ଲିକ | ୧୭୮୫୧ | ୯୩୬୦ |
| ବେତନଟି-୩ | ବିଜେଡି | ଧାନି କିସ୍‌କୁ | ୧୬୭୪୦ | ୫୧୭୯ |
| କପ୍ତିପଦା-୩ | ବିଜେଡି | ବିପିନ ସିଂ ବଦ୍ରା | ୧୦୬୩୯ | ୬୨୧୬ |
| ମୋରଡ଼ା-୩ | ବିଜେଡି | ମିନାକ୍ଷୀ ସୋରେନ | ୧୦୧୫୫ | ୨୯୧୫ |

# ବିପୁଳ ବିଜୟ ପାଇଁ ଧନ୍ୟବାଦ ଜଣାଇଲେ ନବୀନ



**ଭୁବନେଶ୍ୱର, ୧୩(ବ୍ୟୁରୋ):** ପଞ୍ଚାୟତ ନିର୍ବାଚନରେ ବିପୁଳ ବିଜୟ ମିଳିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି ଯେ, ଅକୁଣ୍ଠ ଭଲ ପାଇବା ଦେଇ ତ୍ରିସ୍ତରୀୟ ନିର୍ବାଚନ ୨୦୨୨ରେ ବିଜେଡିକୁ ବିଜୟୀ କରିଥିବାରୁ ସମସ୍ତଙ୍କୁ ଶୁଭେଚ୍ଛା। ଏହି ଜନମତ ସେବା ପାଇଁ ଆମ ସଂକଳ୍ପକୁ ଆହୁରି ଦୃଢ଼ କରିଛି। ବିଜୟୀ ଦଳୀୟ ପ୍ରାର୍ଥୀ ଓ ଉତ୍ସର୍ଗୀକୃତ କାର୍ଯ୍ୟ ମାଧ୍ୟମରେ ବିଜେଡିକୁ ଆନ୍ଦୋଳନରେ ପରିଣତ କରିଥିବା ସମସ୍ତ କର୍ମୀଙ୍କୁ ନବୀନ ଶୁଭେଚ୍ଛା ଜଣାଇଛନ୍ତି। ଚଳିତ ପଞ୍ଚାୟତ ନିର୍ବାଚନରେ ରାଜ୍ୟର ମୋଟ ୮୫୨ ଜିଲା ପରିଷଦ ଆସନ ପାଇଁ ନିର୍ବାଚନ ହୋଇଥିବା ବେଳେ ବିଜେଡି ମୋଟ ୭୬୬ ଆସନରେ ସଫଳତା ପାଇଛି। ମୋଟ ଆସନକୁ ଦେଖିଲେ ବିଜେଡିକୁ ୯୦ ପ୍ରତିଶତ ସଫଳତା ମିଳିଛି।

## କେନ୍ଦ୍ରାପଡ଼ା

| | | | | |
|---|---|---|---|---|
| ଆଳି-୩ | ବିଜେଡି | ସ୍ୱାଗତିକା ରାଉତ | ୯୬୯୬ | ୨୨୪୪ |
| ଆଳି-୪ | ବିଜେଡି | ଜୟରାମ ସାହୁ | ୧୧୮୬୬ | ୪୦୬୦ |
| ଡେରାବିଶ-୩ | ବିଜେଡି | ଅରବିନ୍ଦ ମଲ୍ଲିକ | ୧୬୭୫୫ | ୭୩୯୫ |
| ଗରଦପୁର-୩ | ଭାଜପା | ଡଲି ଶତପଥୀ | ୧୨୪୨୩ | ୨୩୫୪ |
| କେନ୍ଦ୍ରାପଡ଼ା-୩ | ବିଜେଡି | ମଧୁଛନ୍ଦା ମହାନ୍ତି | ୧୩୨୩୩ | ୭୫୯୩ |
| କେନ୍ଦ୍ରାପଡ଼ା-୪ | ବିଜେଡି | ରଶ୍ମୀରଞ୍ଜନ ରାଉତ | ୧୫୭୪୫ | ୧୦୦୩୦ |
| ମହାକାଳପଡ଼ା-୪ | ବିଜେଡି | ଅପୁ ପରିଡ଼ା | ୧୫୪୪୫ | ୪୬୭୨ |
| ମହାକାଳପଡ଼ା-୫ | ବିଜେଡି | ମୃତ୍ୟୁଞ୍ଜୟ ମଣ୍ଡଳ | ୧୨୭୪୪ | ୨୬୧୩ |
| ମାର୍ଶାଘାଇ-୩ | ବିଜେଡି | ପ୍ରତାପ କୁମାର ମଲ୍ଲିକ | ୧୨୬୨୫ | ୩୧୧୯ |
| ପଟ୍ଟାମୁଣ୍ଡାଇ-୩ | ବିଜେଡି | ରଞ୍ଜନ ବିଶ୍ୱାଳ | ୧୨୦୦୬ | ୨୧୪୪ |
| ପଟ୍ଟାମୁଣ୍ଡାଇ-୪ | ବିଜେଡି | ରଶ୍ମି ମଲିକ | ୧୧୯୦୨ | ୫୮୬୬ |
| ରାଜକନିକା-୩ | ବିଜେଡି | ଅମିତା ସାହୁ | ୧୭୨୯୯ | ୫୫୪୬ |
| ରାଜନଗର-୩ | ବିଜେଡି | ଖୁକୁମିନା କୁଅଁର | ୧୭୫୭୮ | ୭୨୯୮ |

## କେନ୍ଦୁଝର

| | | | | |
|---|---|---|---|---|
| ଆନନ୍ଦପୁର-୩ | ଭାଜପା | ଅସୀମା ମିଶ୍ର | ୯୭୮୧ | ୨୨୫୬ |
| ଚମ୍ପୁଆ-୩ | ବିଜେଡି | ରମଣୀ ନାୟକ | ୧୦୭୭୦ | ୭୧୨ |
| ଘଷିପୁରା-୩ | ବିଜେଡି | ସଞ୍ଜୟ କୁମାର ମଲ୍ଲିକ | ୨୩୧୫୮ | ୧୮୦୮୩ |
| ଘଟଗାଁ-୩ | ବିଜେଡି | ସୁରେନ୍ଦ୍ର ଜେନା | ୧୧୦୭୬ | ୩୧୭୭ |
| ହରିଚନ୍ଦନପୁର-୩ | ବିଜେଡି | ମଇନା ସୋରେନ୍ | ୧୪୮୫୮ | ୬୩୨୮ |
| ହାଟଡ଼ିହି-୩ | ବିଜେଡି | କୌଶଲ୍ୟା ସେଠୀ | ୧୩୫୯୦ | ୪୮୧ |
| ହାଟଡ଼ିହି-୪ | ବିଜେଡି | ବିମ୍ବାଧର ବିଶ୍ୱାଳ | ୧୩୫୧୯ | ୪୬୨୪ |
| ଝୁମ୍ପୁରା-୩ | ବିଜେଡି | ରାଧାକାନ୍ତ ନାଏକ | ୧୨୫୯୫ | ୧୦୨୩ |
| ଯୋଡ଼ା-୩ | ଭାଜପା | ଡମ୍ବରୁଧର କୁଡ଼ଡ଼ାହ | ୮୮୨୪ | ୨୦୧ |
| କେନ୍ଦୁଝର-୩ | ବିଜେଡି | ଆଶିଷ ଚକ୍ରବର୍ତ୍ତୀ | ୧୯୪୭୮ | ୧୦୪୩୨ |
| ପାଟଣା-୩ | ବିଜେଡି | ରୁନୁ ମହନ୍ତ | ୧୨୬୧୦ | ୩୪୦୨ |

## ଖୋର୍ଦ୍ଧା

| | | | | |
|---|---|---|---|---|
| ବାଲିଅନ୍ତା-୩ | ବିଜେଡି | ମଙ୍ଗରାଜ ବେହେରା | ୧୪୬୯୪ | ୪୦୦୦ |
| ବାଲିପାଟଣା-୩ | ବିଜେଡି | ପବିତ୍ର ମୋହନ ପଟେଲ | ୯୫୮୦ | ୪୭୫୯ |
| ବାଣପୁର-୩ | ବିଜେଡି | ଗୋପୀନାଥ ମହାରଣା | ୧୩୧୩୮ | ୨୧୪୭ |
| ବେଗୁନିଆ-୩ | ବିଜେଡି | ତନୁଜା ପାଟ୍ଟଶାଣୀ | ୧୭୪୪୩ | ୧୦୭୯୭ |
| ଭୁବନେଶ୍ୱର-୩ | ବିଜେଡି | ବବିତା ରାଉତ | ୧୧୮୫୫ | ୭୧୬୩ |
| ବୋଲଗଡ଼-୩ | ବିଜେଡି | ପ୍ରଦୀପ୍ତ କିଶୋର ଛୋଟରାୟ | ୧୩୫୬୧ | ୩୪୦୧ |
| ଚିଲିକା-୩ | ବିଜେଡି | ସବିତା ସୁନ୍ଦରାୟ | ୯୮୨୦ | ୧୨୨୯ |
| ଖୋର୍ଦ୍ଧା-୩ | ବିଜେଡି | ରୁପଶ୍ରୀ ରାଣୀ ଗୁମାନସିଂ | ୧୯୧୯୫ | ୧୧୦୭୨ |
| ଟାଙ୍ଗୀ-୩ | ବିଜେଡି | ଅନସୂୟା ବେହେରା | ୧୮୫୯୧ | ୧୨୨୪୫ |
| ଟାଙ୍ଗୀ-୪ | ବିଜେଡି | ବିଜୟ ଗୁମାର ପାଲଟାସିଂ | ୧୪୦୬୩ | ୫୮୦୯ |

## ମାଲକାନଗିରି

| | | | | |
|---|---|---|---|---|
| କାଲିମେଲା-୩ | ବିଜେଡି | ପତିତପାବନ ବୈଦ୍ୟ | ୧୨୬୯୬ | ୧୯୨୬ |
| ମାଲକାନଗିରି-୩ | କଂଗ୍ରେସ | କୃଷ୍ଣଚନ୍ଦ୍ର ଅନୁଗୁ | ୪୮୬୫ | ୫୨୪ |
| ମାଥିଲି-୩ | ବିଜେଡି | ସସ୍ମିତା ମାଝି | ୬୮୨୪ | ୧୭୪୨ |

## ଝାରସୁଗୁଡ଼ା

| | | | | |
|---|---|---|---|---|
| ଲଖନପୁର-୩ | ବିଜେଡି | ପୁଷ୍ପଲତା ସେଠ | ୧୯୧୯୫ | ୧୩୬୫୨ |

## ନବରଙ୍ଗପୁର

| | | | | |
|---|---|---|---|---|
| ଝରିଗାଁ-୩ | ବିଜେଡି | ତ୍ରମିଳା ପୂଜାରୀ | ୧୧୭୪୭ | ୪୫୮୬ |
| କୋଷାଗୁମୁଡ଼ା-୩ | ବିଜେଡି | କ୍ଷୀରୋଦ କୁମାର ନାୟକ | ୧୫୪୨୮ | ୭୩୨୫ |
| ପାପଡ଼ାହାଣ୍ଡି-୩ | ବିଜେଡି | ମୋତିରାମ ନାୟକ | ୧୧୩୦୨ | ୩୨୦୬ |
| ରାଇଘର-୩ | ବିଜେଡି | ଲିପିକା ବାରୋଇ | ୧୦୯୧୪ | ୨୨୬୨ |
| ରାଇଘର-୪ | ବିଜେଡି | ଖଗେଶ୍ୱର ହରିଜନ | ୧୪୫୯୨ | ୫୯୯୧ |
| ଉମରକୋଟ-୩ | ବିଜେଡି | ଡାଳିମ୍ବୋ ଭତ୍ରା | ୧୪୦୮୦ | ୬୮୬୮ |

## ନୟାଗଡ଼

| | | | | |
|---|---|---|---|---|
| ଭାପୁର-୩ | ବିଜେଡି | ବିଜୟ କୁମାର ସାମନ୍ତରାୟ | ୧୧୮୩୩ | ୩୨୧୫ |
| ଦଶପଲା-୩ | ବିଜେଡି | ବସନ୍ତ କୁମାର ପ୍ରଧାନ | ୧୦୪୨୯ | ୪୭୦୦ |
| ଖଣ୍ଡପଡ଼ା-୩ | ବିଜେଡି | ବିଷ୍ଣୁପ୍ରିୟା ବେହେରା | ୯୪୧୮ | ୧୨୦୪ |
| ନୟାଗଡ଼-୩ | ବିଜେଡି | ଆଶିଷ କୁମାର ଅଗ୍ରୱାଲ | ୧୨୫୦୧ | ୩୨୧୭ |
| ନୟାଗଡ଼-୪ | ବିଜେଡି | ସରୋଜ କୁମାର ରଣସିଂହ | ୧୪୪୯୫ | ୫୫୧୩ |
| ଓଡ଼ଗାଁ-୩ | ବିଜେଡି | ଚିନ୍ମୟୀ ଦାସ | ୧୩୧୮୨ | ୪୩୦୩ |
| ଓଡ଼ଗାଁ-୪ | ବିଜେଡି | ସଂଯୁକ୍ତା ପଡ଼ିଆରୀ | ୧୩୫୫୮ | ୧୩୧୦ |
| ରଣପୁର-୩ | ଭାଜପା | ଲକ୍ଷ୍ମୀପ୍ରିୟା ତରେଇ | ୧୨୦୫୮ | ୧୦୨୪ |
| ରଣପୁର-୪ | ବିଜେଡି | ଜ୍ୟୋତ୍ସ୍ନାମୟୀ ଦଳବେହେରା | ୧୫୪୩୭ | ୬୨୬୬ |

## ନୂଆପଡ଼ା

| | | | | |
|---|---|---|---|---|
| ଖରିଆର-୩ | ବିଜେଡି | ମାଲ୍ୟବନ୍ତ ସୁନା | ୭୭୮୨ | ୧୨୦୫ |
| କୋମନା-୩ | ବିଜେଡି | ଦୀପିକା କୌଶଲ୍ୟା | ୧୮୬୪୩ | ୧୦୭୯୨ |
| ନୂଆପଡ଼ା-୩ | କଂଗ୍ରେସ | ଭରତଲାଲ ରାଉତ | ୮୯୯୮ | ୫୮୯ |
| ସିନାପାଲି-୩ | ଭାଜପା | ଆଶା ଜୈନ | ୭୪୬୭ | ୬୧୦ |

## ରାୟଗଡ଼ା

| | | | | |
|---|---|---|---|---|
| କାଶୀପୁର-୩ | ବିଜେଡି | ସରସ୍ୱତୀ ମାଝୀ | ୯୬୩୭ | ୧୦୨୧ |
| ରାୟଗଡ଼ା-୩ | ବିଜେଡି | ସନ୍ଧ୍ୟା ପୁଲକ | ୧୦୯୦୪ | ୬୮୧୩ |

## ପୁରୀ

| | | | | |
|---|---|---|---|---|
| ବ୍ରହ୍ମଗିରି-୩ | ବିଜେଡି | ଜମ୍ଭେଶ୍ୱର ସାହୁ | ୧୫୭୫୬ | ୩୪୪୦ |
| ଡେଲାଙ୍ଗ-୩ | ବିଜେଡି | ଦୀପ୍ତିଶ୍ରୀ ରାଉତରାୟ | ୧୪୨୭୭ | ୩୭୫୫ |
| ଗୋପ-୩ | ବିଜେଡି | ମୋନାଲିସା ସେଠୀ | ୧୬୭୧୨ | ୫୫୭୪ |
| ଗୋପ-୪ | ବିଜେଡି | ସାଗରିକା ନାୟକ | ୧୦୮୬୫ | ୧୬୧ |
| କାକଟପୁର-୩ | ବିଜେଡି | ସ୍ୱାଧୀନ କୁମାର ନାୟକ | ୧୦୬୭୭ | ୩୬୭୦ |
| କଣାସ-୩ | ଭାଜପା | ଲତାମଣି ଜଗଦେବ | ୧୪୬୦୩ | ୧୭୨୮ |
| ନିମାପଡ଼ା-୩ | ବିଜେଡି | ରବୀନ୍ଦ୍ରନାଥ ମଲ୍ଲିକ | ୧୬୭୮୮ | ୩୮୪୧ |
| ନିମାପଡ଼ା-୪ | ବିଜେଡି | ସସ୍ମିତା ନାୟକ | ୧୭୯୨୨ | ୫୯୭୦ |
| ପିପିଲି-୩ | ବିଜେଡି | ଧରଣୀଧର ସାହୁ | ୧୩୫୮୨ | ୧୧୬୭ |
| ପୁରୀ ସଦର-୩ | ବିଜେଡି | ସରୋଜିନୀ ବେହେରା | ୧୭୩୫୩ | ୫୩୮୦ |
| ସତ୍ୟବାଦୀ-୩ | ଭାଜପା | ରତିକାନ୍ତ ମିଶ୍ର | ୧୧୪୧୫ | ୫୦୧ |

# ଓଡ଼ିଶା ସରକାର
## ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ

ତା.୧୦.୦୧.୨୦୨୨ ପତ୍ର ସଂଖ୍ୟା / FE-DIV-FLD-0042-2020/627/FE&CC,
10F (Cons) 156/2020

### ନିର୍ଦ୍ଦେଶନାମା

**ବିଷୟ: ଓଡ଼ିଶା ଜଳ ବିଦ୍ୟୁତ୍ ନିଗମର ଉପର ଇନ୍ଦ୍ରାବତୀ ପମ୍ପଷ୍ଟୋରେଜ ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ଡ୍ରିଫ୍ଟ, ଡ୍ରିଫ୍ଟରୁ ବାହାରୁ ଥିବା ମକ୍ ନିଷ୍କାସନ ଏବଂ ଭୂତଳ ଅନୁସନ୍ଧାନ ଟନେଲ ପାଇଁ କଳାହାଣ୍ଡି ବନଖଣ୍ଡ ଅନ୍ତର୍ଗତ ୦୦.୯୯ ହେକ୍ଟର ଜଙ୍ଗଲ ଜମି ଅଣ-ଜଙ୍ଗଲ କାର୍ଯ୍ୟରେ ବ୍ୟବହାର ନିମନ୍ତେ ।**

ଯେହେତୁ ସହାୟକ ମହାପ୍ରବନ୍ଧକ (ବିଦ୍ୟୁତ୍), ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ, ମୁଖ୍ୟ କାର୍ଯ୍ୟାଳୟ, ଜନପଥ, ଭୁବନେଶ୍ୱରଙ୍କ ଦ୍ୱାରା ଉପର ଇନ୍ଦ୍ରାବତୀ ପମ୍ପଷ୍ଟୋରେଜ ଜଳ ବିଦ୍ୟୁତ୍ ପ୍ରକଳ୍ପ **(UIPSHEP)** ପାଇଁ ଡ୍ରିଫ୍ଟରୁ ବାହାରୁ ଥିବା ମକ୍ ନିଷ୍କାସନ (muck disposal) ଏବଂ ଭୂତଳ ଅନୁସନ୍ଧାନମୂଳକ ସୁଡଙ୍ଗ ଖନନ ପାଇଁ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ୦.୯୯ ହେକ୍ଟର ଜଙ୍ଗଲ ଜମି ବ୍ୟବହାର ନିମନ୍ତେ ଆବେଦନ କରିଥିଲେ ।

ଏବଂ ଯେହେତୁ ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଭାରତ ସରକାର (ଆଇ ଆର ଓ) ୦.୯୯ ହେକ୍ଟର ଜଙ୍ଗଲ ଜମି, ଯାହାକି କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ, ତାହାକୁ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଉପର ଇନ୍ଦ୍ରାବତୀ ପମ୍ପଷ୍ଟୋରେଜ ଜଳ ବିଦ୍ୟୁତ୍ ପ୍ରକଳ୍ପ (UIPSHEP) ପାଇଁ ଡ୍ରିଫ୍ଟରୁ ବାହାରୁଥିବା ମକ୍ ନିଷ୍କାସନ (muck disposal) ଏବଂ ଭୂତଳ ଅନୁସନ୍ଧାନ ମୂଳକ ସୁଡ଼ଙ୍ଗ ଖନନ ନିମନ୍ତେ ନିତିଗତ (Stage-I) ଅନୁମୋଦନ, ତାହାର ପତ୍ର ସଂଖ୍ୟା.5-OR-B436/2020-BHU, Dated.21.12.2020 **(ପରିଶିଷ୍ଟ-୧)** ଦ୍ୱାରା ସର୍ତ୍ତମୂଳକ ଭାବେ କରିଥିଲେ ।

ନିତିଗତ ଅନୁମୋଦନ ସର୍ତ୍ତଗୁଡ଼ିକର ଅନୁପାଳନକୁ ଦୃଷ୍ଟିରେ ରଖି ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ, ଭାରତ ସରକାର (ଆଇ ଆର ଓ) ପତ୍ର ସଂଖ୍ୟା.5-OR-B436/2020-BHU, ତା.୨୯.୧୨.୨୦୨୧ ରିଖ ଦ୍ୱାରା Stage-II/Final Approval ଜଙ୍ଗଲ ସଂରକ୍ଷଣ ଅଧିନିୟମ ୧୯୮୦ ଧାରା ୨ ଅନୁଯାୟୀ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମକୁ ଅନୁମୋଦନ ପ୍ରଦାନ କରିଅଛନ୍ତି ।

ତେଣୁ ବର୍ତ୍ତମାନ ଓଡ଼ିଶା ସରକାର PCCF & HoFF ପତ୍ର ସଂଖ୍ୟା.୧୯୫୬୫, ତା. ୨୧.୦୯.୨୦୨୦କୁ ଭିତ୍ତିକରି ଏବଂ ଚୂଡ଼ାନ୍ତ ଜଙ୍ଗଲ ମଞ୍ଜୁର ଆଦେଶର ସର୍ତ୍ତପୂରଣ ଅନୁଯାୟୀ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମକୁ ଉପର ଇନ୍ଦ୍ରାବତୀ ପମ୍ପଷ୍ଟୋରେଜ ଜଳ ବିଦ୍ୟୁତ୍ ପ୍ରକଳ୍ପ (UIPSHEP) ପାଇଁ ଡ୍ରିଫ୍ଟରୁ ବାହାରୁଥିବା ମକ୍ ନିଷ୍କାସନ (muck disposal) ଏବଂ ଭୂତଳ ଅନୁସନ୍ଧାନମୂଳକ ସୁଡ଼ଙ୍ଗ ଖନନ ପାଇଁ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ୦.୯୯ ହେକ୍ଟର ଜଙ୍ଗଲ ଜମି ବ୍ୟବହାର ନିମନ୍ତେ ଅନୁମୋଦନ ପ୍ରଦାନ କରୁଅଛନ୍ତି । ଭୂ-ଅନୁସୂଚି ଯାହାକୁ PCCF & HoFFଙ୍କଠାରୁ ପତ୍ର ସଂଖ୍ୟା.୧୯୫୬୫, ତା. ୨୧.୦୯.୨୦୨୦ ରିଖରେ ପ୍ରାପ୍ତ ହୋଇଥିଲା, ତାହା **ପରିଶିଷ୍ଟ-୩** ରେ ସଲଗ୍ନ କରିଥିଲେ ।

ସର୍ତ୍ତାବଳୀ ଗୁଡ଼ିକର ଅନୁପାଳନ ପରେ ଆଇନ ଦ୍ୱାରା ସ୍ଥିରିକୃତ ପଦ୍ଧତି ଅବଲମ୍ବନ କରି ଜିଲ୍ଲାପାଳ, କଳାହାଣ୍ଡି ଏବଂ ବନଖଣ୍ଡ ଅଧିକାରୀ (କଳାହାଣ୍ଡି ଦକ୍ଷିଣ) ନିଜ ନିଜ ଅଧିନରେ ଥିବା ଅନୁମୋଦନ ଜଙ୍ଗଲ ଜମିକୁ ହସ୍ତାନ୍ତର କରିବାପାଇଁ କ୍ଷମତା ପ୍ରଦାନ କରାଗଲା । ରାଜ୍ୟ ଜଙ୍ଗଲ ବିଭାଗ ଦ୍ୱାରା ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥାକୁ ଜମି ହସ୍ତାନ୍ତର କରିବା ପୂର୍ବରୁ ଏହା ସୁନିଶ୍ଚିତ କରିବା ଉଚିତ୍ ଯେ ଏହା ପ୍ରକଳ୍ପରେ ଥିବା ଜଙ୍ଗଲ ଜମି ପାଇଁ ବର୍ତ୍ତମାନ ପ୍ରଯୁଜ୍ୟ ମୂଲ୍ୟ ଉପଯୁକ୍ତ ହିସାବରେ ପ୍ରଦାନ କରାଯାଇଅଛି ।

ବନଖଣ୍ଡ ଅଧିକାରୀ (କଳାହାଣ୍ଡି ଦକ୍ଷିଣ)ଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଉଛି ଜଙ୍ଗଲ ଜମିର ଅଣ-ଜଙ୍ଗଲ ବ୍ୟବହାର ନିମନ୍ତେ ଜଙ୍ଗଲ ଅନୁମୋଦନ / ବନ୍ୟପ୍ରାଣୀ ଅନୁମୋଦନରେ ସ୍ଥିରିକୃତ ସର୍ତ୍ତାବଳୀର ଅନୁପାଳନକୁ ତଦାରଖ କରିବେ ଓ କୌଣସି ସର୍ତ୍ତ ଉଲ୍ଲଙ୍ଘନ ହେଲେ ସେ ସମ୍ପର୍କରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟର Nodal Officer ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ବିବରଣୀ ଦେବେ ।

ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଲାଗୁହୋଇଥିବା ସମସ୍ତ ଅଧିନିୟମ ଓ ନିୟମ ଅନୁସାରେ ସମସ୍ତ ବୈଧାନିକ ଅନୁମୋଦନ ମିଳିବା, ଆବଶ୍ୟକ ପାଣ୍ଠିର ଜମା ଏବଂ ଅଦାଲତ ନିର୍ଦ୍ଦେଶନାମାର ଅନୁପାଳନ ଉପରେ ନିର୍ଭର କରେ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**(ସୁଶାନ୍ତ ନନ୍ଦ)**
**ନିର୍ଦ୍ଦେଶକ-ପରିବେଶ ଏବଂ ସ୍ୱତନ୍ତ୍ର ଶାସନ ସଚିବ**

**ଜ୍ଞାପକ ସଂଖ୍ୟା: ୬୨୮/FE&CC, ତା.୧୦.୦୧.୨୦୨୨ ରିଖ**

ଏହାର ଏକକିତା ନକଲ ପରିଶିଷ୍ଟ-୧, ପରିଶିଷ୍ଟ-୨ ଓ ପରିଶିଷ୍ଟ-୩ ସହିତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡ଼ିଶାଙ୍କ ସଦୟ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ବନଖଣ୍ଡ ଅଧିକାରୀ, କଳାହାଣ୍ଡି (ଦକ୍ଷିଣ) ବନଖଣ୍ଡ ଓ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥାକୁ ଯଥୋଚିତ ନିର୍ଦ୍ଦେଶ ଦିଆଯାଉଛି ଯେ ସେମାନେ ତାଙ୍କ ତରଫରୁ ଦରକାର ଥିବା କାର୍ଯ୍ୟଗୁଡ଼ିକ କରିବେ । ବନଖଣ୍ଡ ଅଧିକାରୀ, କଳାହାଣ୍ଡି (ଦକ୍ଷିଣ) ବନଖଣ୍ଡ ସୁନିଶ୍ଚିତ କରିବେ ଯେ, ଜଙ୍ଗଲ ଜମିର ମୋଟ ବର୍ତ୍ତମାନ ମୂଲ୍ୟ (Net Present Value) ଏହି ପ୍ରକଳ୍ପ ପାଇଁ ଏବଂ ଏହି ବ୍ୟବହାରକାରୀ ସଂସ୍ଥା ପାଖରେ ଥିବା ଅନ୍ୟ ପ୍ରକଳ୍ପଗୁଡ଼ିକ ପାଇଁ ସମ୍ପୂର୍ଣ୍ଣ ଭାବରେ ଯଥୋଚିତ ମୂଲ୍ୟରେ ଉପଯୁକ୍ତ ପାଣ୍ଠି ଜମା କରାଯାଇଅଛି । ଜଙ୍ଗଲ ଓ ବନ୍ୟ ପ୍ରାଣୀ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀର ତ୍ରୟମାସିକ ଅନୁପାଳନ ପତ୍ର ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା, ବନଖଣ୍ଡ ଅଧିକାରୀ କଳାହାଣ୍ଡି (ଦକ୍ଷିଣ) ବନଖଣ୍ଡକୁ ଦେବାପାଇଁ ନିର୍ଦ୍ଦେଶ ଦେବେ ।

**ନିର୍ଦ୍ଦେଶକ-ପରିବେଶ ଏବଂ ସ୍ୱତନ୍ତ୍ର ଶାସନ ସଚିବ**

**ଜ୍ଞାପକ ସଂଖ୍ୟା: ୬୨୯/FE&CC, ତା.୧୦.୦୧.୨୦୨୨ ରିଖ**

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଙ୍କ ତା.୨୪.୦୭.୨୦୧୩ ରିଖ ପତ୍ର ସଂଖ୍ୟା.F.No.7-23/2012-FC, ତା.୦୭.୧୧.୨୦୧୨ ଆଦେଶକ୍ରମେ ଏହାର ଏକକିତା ନକଲ ସମସ୍ତ ପରିଶିଷ୍ଟ ସହିତ ସହକାରୀ ବନ ମହାନିରୀକ୍ଷକ, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ବନ ସଂରକ୍ଷଣ ବିଭାଗ), ଇନ୍ଦିରା ପର୍ଯ୍ୟାବରଣ ଭବନ, ଜୋରବାଗ, ଅଲିଗଞ୍ଜ ରୋଡ, ନୂଆଦିଲ୍ଲୀ, ପିନ୍-୧୧୦୦୦୩/ଡେପୁଟି ଡାଇରେକ୍ଟର ଜେନେରାଲ (କେନ୍ଦ୍ରୀୟ), ପରିବେଶ, ଜଙ୍ଗଲ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ସମନ୍ୱିତ ଆଞ୍ଚଳିକ କାର୍ଯ୍ୟାଳୟ, ଏ/୩, ଚନ୍ଦ୍ରଶେଖରପୁର, ଭୁବନେଶ୍ୱରଙ୍କ ସଦୟ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

**ନିର୍ଦ୍ଦେଶକ-ପରିବେଶ ଏବଂ ସ୍ୱତନ୍ତ୍ର ଶାସନ ସଚିବ**

**ଜ୍ଞାପକ ସଂଖ୍ୟା: ୬୩୦/FE&CC, ତା.୧୦.୦୧.୨୦୨୨ ରିଖ**

ଏହାର ଏକକିତା ନକଲ ସମସ୍ତ ପରିଶିଷ୍ଟ ସହିତ ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ଓଡ଼ିଶା/ ନିର୍ଦ୍ଦେଶକ ପରିବେଶ ଜଙ୍ଗଲ ଓ ପରିବେଶ ବିଭାଗ/ ସଦସ୍ୟ ସଚିବ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶାଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

**ନିର୍ଦ୍ଦେଶକ-ପରିବେଶ ଏବଂ ସ୍ୱତନ୍ତ୍ର ଶାସନ ସଚିବ**

**ଜ୍ଞାପକ ସଂଖ୍ୟା: ୬୩୧/FE&CC, ତା.୧୦.୦୧.୨୦୨୨ ରିଖ**

ଏହାର ଏକକିତା ନକଲ ସମସ୍ତ ପରିଶିଷ୍ଟ ସହିତ ଜଙ୍ଗଲ ବିଭାଗର ଆଞ୍ଚଳିକ ମୁଖ୍ୟ ସଂରକ୍ଷଣକାରୀ, ଭବାନୀପାଟଣା/ ବିଭାଗୀୟ ବନ ଅଧିକାରୀ (କଳାହାଣ୍ଡି ଦକ୍ଷିଣ) ଅବଗତି ଓ ତୁରନ୍ତ ଆଜ୍ଞା ପାଳନ ନିମନ୍ତେ ପ୍ରେରଣ କରାଗଲା ।

ବନଖଣ୍ଡ ଅଧିକାରୀ (କଳାହାଣ୍ଡି ଦକ୍ଷିଣ) ସୁନିଶ୍ଚିତ କରିବେ ଯେ ଜଙ୍ଗଲ ଜମିର ମୋଟ ବର୍ତ୍ତମାନ ମୂଲ୍ୟ (Net Present Value) ଏହି ପ୍ରକଳ୍ପ ପାଇଁ ଏବଂ ଏହି ବ୍ୟବହାରକାରୀ ସଂସ୍ଥା ପାଖରେ ଥିବା ଅନ୍ୟ ପ୍ରକଳ୍ପଗୁଡ଼ିକ ପାଇଁ ସମ୍ପୂର୍ଣ୍ଣ ଭାବରେ ଯଥୋଚିତ ମୂଲ୍ୟରେ ଉପଯୁକ୍ତ ପାଣ୍ଠିରେ ଜମା କରାଯାଇଅଛି । ଏହାଛଡା ଦିଆଯିବାକୁ ଥିବା ଅନ୍ୟ ସମସ୍ତ ପାଣ୍ଠି ବ୍ୟବହାରକାରୀ ସଂସ୍ଥା ତରଫରୁ ପୈଠ ହେବା ବନଖଣ୍ଡ ଅଧିକାରୀ ଜଙ୍ଗଲ ଜମି ହସ୍ତାନ୍ତର ପୂର୍ବରୁ ସୁନିଶ୍ଚିତ କରାଇବେ । ଜଙ୍ଗଲ ଓ ବନ୍ୟପ୍ରାଣୀ ସମ୍ବନ୍ଧୀୟ ସର୍ତ୍ତାବଳୀର ତ୍ରୈମାସିକ ଅନୁପାଳନ ପତ୍ର ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା, ବନଖଣ୍ଡ ଅଧିକାରୀ (କଳାହାଣ୍ଡି ଦକ୍ଷିଣ) ଦେବାପାଇଁ ନିର୍ଦ୍ଦେଶ ଦେବେ, ଯଦ୍ୱାରା ସମସ୍ତ ସର୍ତ୍ତାବଳୀର ଅନୁପାଳନ ହୋଇପାରିବ । ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥାଙ୍କ ପ୍ରତି ଥିବା ସମସ୍ତ ନିର୍ଦ୍ଦେଶ ତୁରନ୍ତ ପାଳନ ହେବା ସୁନିଶ୍ଚିତ କରିବା ପାଇଁ ବନଖଣ୍ଡ ଅଧିକାରୀ (କଳାହାଣ୍ଡି ଦକ୍ଷିଣ)କୁ ନିର୍ଦ୍ଦେଶ ଦିଆଗଲା ।

ଆବେଦନକାରୀ ସଂସ୍ଥାକୁ ଦିଆଯାଇଥିବା ନିର୍ଦ୍ଦେଶ ତୁରନ୍ତ କାର୍ଯ୍ୟକାରୀ ହେବ କି ନାହିଁ ତାହା ନିଶ୍ଚିନ୍ତ କରିବା ପାଇଁ ବନଖଣ୍ଡ ଅଧିକାରୀ (କଳାହାଣ୍ଡି ଦକ୍ଷିଣ)କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

**ନିର୍ଦ୍ଦେଶକ-ପରିବେଶ ଏବଂ ସ୍ୱତନ୍ତ୍ର ଶାସନ ସଚିବ**

**ଜ୍ଞାପକ ସଂଖ୍ୟା: ୬୩୨/FE&CC, ତା.୧୦.୦୧.୨୦୨୨ ରିଖ**

ଏହାର ଏକକିତା ନକଲ ସମସ୍ତ ପରିଶିଷ୍ଟ ସହିତ ଶକ୍ତି ବିଭାଗ/ ଜଳ ସମ୍ପଦ ବିଭାଗ/ ଜିଲ୍ଲାପାଳ, କଳାହାଣ୍ଡିଙ୍କ ଅବଗତି ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

**ନିର୍ଦ୍ଦେଶକ-ପରିବେଶ ଏବଂ ସ୍ୱତନ୍ତ୍ର ଶାସନ ସଚିବ**

**ଜ୍ଞାପକ ସଂଖ୍ୟା: ୬୩୩/FE&CC, ତା.୧୦.୦୧.୨୦୨୨ ରିଖ**

ଏହାର ଏକକିତା ନକଲ ସମସ୍ତ ପରିଶିଷ୍ଟ ସହିତ ମାନ୍ୟବର ମନ୍ତ୍ରୀ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗଙ୍କ ସଦୟ ଅବଗତି ନିମନ୍ତେ ବ୍ୟକ୍ତିଗତ ସଚିବଙ୍କ ନିକଟକୁ ପ୍ରେରଣ କରାଗଲା ।

**ନିର୍ଦ୍ଦେଶକ-ପରିବେଶ ଏବଂ ସ୍ୱତନ୍ତ୍ର ଶାସନ ସଚିବ**

**ଜ୍ଞାପକ ସଂଖ୍ୟା: ୬୩୪/FE&CC, ତା.୧୦.୦୧.୨୦୨୨ ରିଖ**

ଏହାର ଏକକିତା ନକଲ ସମସ୍ତ ପରିଶିଷ୍ଟ ସହିତ ସହାୟକ ମହାପ୍ରବନ୍ଧକ (ବିଦ୍ୟୁତ୍), ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍, ବାଣୀବିହାର, ଜନପଥ, ଭୁବନେଶ୍ୱର-୨୨ ଅବଗତି ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଙ୍କ ତା.୦୭.୧୧.୨୦୧୨ ରିଖ ଅପିଲ୍ ସଂଖ୍ୟା ୦୭/୨୦୧୨ ଦ୍ୱାରା ପ୍ରେରିତ ମାନ୍ୟବର ଜାତୀୟ ସବୁଜ ପ୍ରାଧିକରଣ ପତ୍ର ସଂଖ୍ୟା ୦୭-୨୩/୨୦୧୨-FC ତା.୨୪.୦୭.୨୦୧୩ ରିଖ ଆଦେଶକ୍ରମେ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ତୁରନ୍ତ ନିମ୍ନଲିଖିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

୧. ଜଙ୍ଗଲ ଜମି ଅଣ-ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଦିଆଯାଇଥିବା ଅନୁମୋଦନ ସହିତ କେନ୍ଦ୍ର ସରକାରଙ୍କ ଅନୁମୋଦନ କ୍ରମ ଚରଣ ଅନୁମୋଦନରେ ଦିଆଯାଇଥିବା ସମସ୍ତ ସର୍ତ୍ତାବଳୀକୁ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ୨ଟି ବହୁଳ ପ୍ରସାରିତ ସମ୍ବାଦପତ୍ରରେ, ଗୋଟିଏ ଇଂରାଜୀ ଓ ଗୋଟିଏ ସ୍ଥାନୀୟ ଭାଷାରେ ପ୍ରକାଶିତ କରିବେ ।

୨. ସେମାନେ କେନ୍ଦ୍ର ସରକାର/ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଜଙ୍ଗଲ ମଞ୍ଜୁରି ଆଦେଶର ନକଲ ଗୁଡ଼ିକ ସରକାରଙ୍କ ସମ୍ପୃକ୍ତ କାର୍ଯ୍ୟାଳୟ ବ୍ୟତୀତ ସ୍ଥାନୀୟ ସଂସ୍ଥା, ପଞ୍ଚାୟତ ଏବଂ ମୁନିସିପାଲ ସଂସ୍ଥାରେ ମୁଖ୍ୟଙ୍କ ନିକଟରେ ଦାଖଲ କରିବେ, ଯାହାକୁ ପ୍ରାପ୍ତ ତାରିଖଠାରୁ ୩୦ ଦିନ ପାଇଁ ସେଠାରେ ପ୍ରଦର୍ଶିତ କରାଯିବ ।

୩. ରାଜ୍ୟ ସରକାରଙ୍କ ଉପରୋକ୍ତ ଆଦେଶ ପାଳନ ଅନୁଯାୟୀ ଦିଆଯାଇଥିବା ବିସ୍ତୃତ କାର୍ଯ୍ୟ ବିଭାଗୀୟ ବନ ଅଧିକାରୀ (କଳାହାଣ୍ଡି ଦକ୍ଷିଣ) ବନ ବିଭାଗ, ଜଙ୍ଗଲର ଆଞ୍ଚଳିକ ମୁଖ୍ୟ ସଂରକ୍ଷଣକାରୀ, ଭବାନୀପାଟଣା/ ଜଙ୍ଗଲର ମୁଖ୍ୟ ସଂରକ୍ଷଣକାରୀ, ଓଡ଼ିଶା/ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ଜଣାଇବେ ।

ଉପରୋକ୍ତ ବିଷୟ ଗୁଡ଼ିକ ବ୍ୟତୀତ, ଆବେଦନକାରୀ ସଂସ୍ଥାକୁ ଜଙ୍ଗଲ ଜମିର ମୋଟ ବର୍ତ୍ତମାନ ମୂଲ୍ୟ (Net Present Value) ଯଦି କୌଣସି ବାକି ରହିଥାଏ, ଏହି ପ୍ରକଳ୍ପ ପାଇଁ ଜମା କରିବାକୁ ପଡ଼ିବ । ଯଦି ଅନ୍ୟ କୌଣସି ଦେୟ ଏହି ପ୍ରକଳ୍ପ ପାଇଁ ବାକି ରହିଥାଏ ତାହା ଉପଯୁକ୍ତ ପାଣ୍ଠିରେ ଜମା କରିବାପାଇଁ ପଡ଼ିବ ।

ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା, ଜଙ୍ଗଲ ଓ ବନ୍ୟପ୍ରାଣୀ ମଞ୍ଜୁରି ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀକୁ ଅନୁପାଳନ କରିବେ ଏବଂ ସମସ୍ତ ସର୍ତ୍ତାବଳୀର ତ୍ରୈମାସୀକ ଅନୁପାଳନ ପତ୍ର ବନଖଣ୍ଡ ଅଧିକାରୀଙ୍କୁ (କଳାହାଣ୍ଡି ଦକ୍ଷିଣ) ପ୍ରଦାନ କରିବେ ।

**ନିର୍ଦ୍ଦେଶକ-ପରିବେଶ ଏବଂ ସ୍ୱତନ୍ତ୍ର ଶାସନ ସଚିବ**

**ଜ୍ଞାପକ ସଂଖ୍ୟା: ୬୩୫/FE&CC, ତା.୧୦.୦୧.୨୦୨୨ ରିଖ**

ଏହାର ଏକକିତା ନକଲ ସମସ୍ତ ପରିଶିଷ୍ଟ ସହିତ ମୁଖ୍ୟ, ରାଜ୍ୟ ପୋର୍ଟାଲ, ସୂଚନା ଏବଂ ପ୍ରଯୁକ୍ତି କେନ୍ଦ୍ର ସଚିବାଳୟ, ଭୁବନେଶ୍ୱରଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ତାଙ୍କୁ ଅନୁରୋଧ କରାଯାଉଛି ଯେ ସେ ଏହି ନର୍ଦ୍ଦେଶନାମା ସମସ୍ତ ପରିଶିଷ୍ଟ ସହିତ ଜଙ୍ଗଲ ଓ ପରିବେଶ ବିଭାଗର ୱେବସାଇଟରେ ତୁରନ୍ତ ଅପଲୋଡ୍ କରନ୍ତୁ । ଏହା ସବୁଜ ପ୍ରାଧିକରଣ ଅପିଲ୍ ସଂଖ୍ୟା.୭/୨୦୧୨, ତା. ୦୭.୧୨.୨୦୧୨ ରିଖ ଅନୁପାଳନ ନିମନ୍ତେ ତୁରନ୍ତ କରାଯିବା ଉଚିତ୍ ।

**ନିର୍ଦ୍ଦେଶକ-ପରିବେଶ ଏବଂ ସ୍ୱତନ୍ତ୍ର ଶାସନ ସଚିବ**

**ଜ୍ଞାପକ ସଂଖ୍ୟା: ୬୩୬/FE&CC, ତା.୧୦.୦୧.୨୦୨୨ ରିଖ**

ଏହାର ଏକକିତା ନକଲ ସମସ୍ତ ପରିଶିଷ୍ଟ ସହିତ ଉପ ଶାସନ ସଚିବ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ (ତା.୧୬.୦୭.୨୦୧୬ ରିଖ ପତ୍ର ସଂଖ୍ୟା ୧୨୯୩୯/FE ସମ୍ବନ୍ଧରେ)ଙ୍କ ଅବଗତି କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

**ନିର୍ଦ୍ଦେଶକ-ପରିବେଶ ଏବଂ ସ୍ୱତନ୍ତ୍ର ଶାସନ ସଚିବ**

---

# ଭାରତ ସରକାର
## ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ

ଇଣ୍ଟିଗ୍ରେଟେଡ ଆଞ୍ଚଳିକ କାର୍ଯ୍ୟାଳୟ
A/3, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ତା.୨୧.୧୨.୨୦୨୦
File No:5-ORB436/2020-BHU

ସତ୍ୟମେଵ ଜୟତେ

ପ୍ରାପ୍ତେଷୁ,
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ଜଙ୍ଗଲ ଏବଂ ପରିବେଶ ବିଭାଗ
ଓଡ଼ିଶା ସରକାର, ଭୁବନେଶ୍ୱର-୭୫୧୦୦୧

**ବିଷୟ: ଓଡିଶା ଜଳ ବିଦ୍ୟୁତ୍ ନିଗମର ଉପର ଇନ୍ଦ୍ରାବତୀ ପମ୍ପଷ୍ଟୋରେଜ ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ଡ୍ରିଫ୍ଟ, ଡ୍ରିଫ୍ଟରୁ ବାହାରୁ ଥିବା ମକ୍ ନିଷ୍କାସନ ଏବଂ ଭୂତଳ ଅନୁସନ୍ଧାନ ଟନେଲ ପାଇଁ କଳାହାଣ୍ଡି ବନଖଣ୍ଡ ଅନ୍ତର୍ଗତ ୦୦.୯୯ ହେକ୍ଟର ଜଙ୍ଗଲ ଜମି ଅଣ-ଜଙ୍ଗଲ କାର୍ଯ୍ୟରେ ବ୍ୟବହାର ନିମନ୍ତେ ।**

ମହାଶୟା,

ମୋତେ ରାଜ୍ୟ ସରକାରଙ୍କ ଉପରୋକ୍ତ ବିଷୟରେ ପ୍ରଦତ୍ତ ପତ୍ର ସଂଖ୍ୟା10F (Cons)156/2020-16305/F&E, ତା.୨୦.୧୦.୨୦୨୦ ଯେଉଁଥିରେ ଜଙ୍ଗଲ (ସଂରକ୍ଷଣ) ଅଧିନିୟମ, ୧୯୮୦ ଧାରା-୨ ଅନୁଯାୟୀ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପୂର୍ବ ଅନୁମୋଦନ ଲୋଡ଼ିଛି, ତାହାକୁ ଅନୁସରଣ କରିବାକୁ କୁହାଯାଇଅଛି ।

୨. ରାଜ୍ୟ ସରକାରଙ୍କ ପ୍ରସ୍ତାବର ଯତ୍ନର ସହ ପରୀକ୍ଷା ପରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଓଡ଼ିଶା ଜଳ ବିଦ୍ୟୁତ୍ ନିଗମକୁ କଳାହାଣ୍ଡି (ଦକ୍ଷିଣ) ବନଖଣ୍ଡ ଜଙ୍ଗଲ ଜମିରେ ଡ୍ରିଫ୍ଟ ମକ ନିଷ୍କାସନ ଏବଂ ଅନୁସନ୍ଧାନମୂଳକ ସୁଡ଼ଙ୍ଗ ଖନନ ନିମନ୍ତେ ନିମ୍ନଲିଖିତ ସର୍ତ୍ତ ସହ ନିତିଗତ (Stage-I) ଅନୁମୋଦନ ପ୍ରଦାନ କରିଛନ୍ତି ।

ଏ. **ରାଜ୍ୟ ସରକାରଙ୍କ ଦ୍ୱାରା ଜଙ୍ଗଲ ଜମି ହସ୍ତାନ୍ତର ପୂର୍ବରୁ ଯେଉଁ ସର୍ତ୍ତଗୁଡ଼ିକ ପୂରଣ ହେବା ଦରକାର.**

* ମାନ୍ୟବର ସୁପ୍ରିମକୋର୍ଟଙ୍କର ୨୮.୦୩.୨୦୦୮, ୨୪.୦୪.୨୦୦୮ ଏବଂ ୦୯.୦୫.୨୦୦୮ ରାଇଟ୍ ପିଟିସନ (ସିଭିଲ) ନଂ. ୨୦୨/୧୯୯୫ ଏବଂ ଏହି ମନ୍ତ୍ରଣାଳୟ ପତ୍ର ସଂଖ୍ୟା. 5-3/2007-FC ତା. ୦୫.୦୨.୨୦୦୯ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଉପଭୋକ୍ତା ଏଜେନ୍ସି ୦.୯୯ ହେକ୍ଟର ଜଙ୍ଗଲ ଜମିର ବର୍ତ୍ତମାନ ପ୍ରଯୁଜ୍ୟ ମୂଲ୍ୟ ଅନଲାଇନ ମାଧ୍ୟମରେ ସ୍ଥାନାନ୍ତର କରିବେ । ଆବଶ୍ୟକ ପାଣ୍ଠି ଅନଲାଇନରେ ରାଜ୍ୟ CAMPA ଆକାଉଣ୍ଟକୁ ସ୍ଥାନାନ୍ତର କରାଯିବ ।
* ପ୍ରତିକାରକ ବୃକ୍ଷରୋପଣ ଉଦ୍ଦେଶ୍ୟରେ ଚିହ୍ନଟ ହୋଇଥିବା ଜମିକୁ 1:5000 ସ୍କେଲରେ ଏକ ସର୍ଭେ ଅଫ ଇଣ୍ଡିଆ ଟପୋସିଟ ଉପରେ ସ୍ପଷ୍ଟ ଭାବରେ ଚିତ୍ରଣ କରାଯିବ, ଉପଭୋକ୍ତା ଏଜେନ୍ସି ସମ୍ପୃକ୍ତ ରାଜ୍ୟର CAMPA ଆକାଉଣ୍ଟରେ ଅନଲାଇନ ପୋର୍ଟାଲ ଜରିଆରେ ରାଜ୍ୟ ଜଙ୍ଗଲ ବିଭାଗ ସହିତ ପରାମର୍ଶକରି ବର୍ତ୍ତମାନର ମଜୁରି ହାରରେ ପ୍ରତିକାରକ ବୃକ୍ଷରୋପଣ ବୃଦ୍ଧି ଏବଂ ପରିଚାଳନା ପାଇଁ ଖର୍ଚ୍ଚ ସ୍ଥାନାନ୍ତର କରିବେ, ପରବର୍ତ୍ତୀ ବର୍ଷଗୁଡ଼ିକ ପାଇଁ କାର୍ଯ୍ୟସୂଚୀ ସହିତ ଆନୁମାନିକ ମୂଲ୍ୟ ବୃଦ୍ଧି ପାଇଁ ଏହି ଯୋଜନାରେ ଉପଯୁକ୍ତ ବ୍ୟବସ୍ଥା ଅନ୍ତର୍ଭୁକ୍ତ ହୋଇପାରେ ।
* ପ୍ରକଳ୍ପ ଅଧୀନରେ ଉପଭୋକ୍ତା ଏଜେନ୍ସିରୁ ପ୍ରାପ୍ତ ସମସ୍ତ ପାଣ୍ଠି କେବଳ ଇ-ପୋର୍ଟାଲ୍ (https://parivesh.nic.in/) ମାଧ୍ୟମରେ CAMPA ଆକାଉଣ୍ଟରେ ସ୍ଥାନାନ୍ତରିତ/ଜମା ହେବ । ଅନ୍ୟ ମୋଡ୍ ମାଧ୍ୟମରେ ଜମା ହୋଇଥିବା ପରିମାଣ ପ୍ରଥମ ପର୍ଯ୍ୟାୟ ଅନୁମୋଦନର ଅନୁପାଳନ ଭାବରେ ଗ୍ରହଣ କରାଯିବ ନାହିଁ ।
* ବୃକ୍ଷ କାଟିବାର ମୂଲ୍ୟ ଉପଭୋକ୍ତା ଏଜେନ୍ସି ଦ୍ୱାରା ରାଜ୍ୟ ଜଙ୍ଗଲ ବିଭାଗରେ ଜମା ହେବ ।
* ପ୍ରଥମ ପର୍ଯ୍ୟାୟ ଅନୁମୋଦନ ରିପୋର୍ଟ ଇ-ପୋର୍ଟାଲରେ ଅପଲୋଡ୍ ହେବ (https://parivesh.nic.in/) ।
* ସମ୍ପୃକ୍ତ ଜିଲ୍ଲା କଲେକ୍ଟରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ପ୍ରମାଣପତ୍ର ମାଧ୍ୟମରେ FRA, 2006 ର ସମ୍ପୂର୍ଣ୍ଣ ଅନୁପାଳନ ନିଶ୍ଚିତ ହେବ ।
* ବ୍ୟବହୃତ ଜଙ୍ଗଲ ଜମିର ସୀମାକୁ ପ୍ରକଳ୍ପ ମୂଲ୍ୟରେ ଚାରିଫୁଟ ଉଚ୍ଚ ସଶକ୍ତ ସିମେଣ୍ଟ କଂକ୍ରିଟ୍ ସ୍ତମ୍ଭ ନିର୍ମାଣ କରି ପ୍ରତ୍ୟେକଟିରେ ଏହାର କ୍ରମିକ ନଂ, ସ୍ତମ୍ଭ ଠାରୁ ସ୍ତମ୍ଭର ଦୂରତା ଏବଂ ଜିପିଏସ କୋଏଡିନେଏଟ୍ ଲେଖାଯିବ ।
* ଏହି ସର୍ତ୍ତଗୁଡ଼ିକ ମଧ୍ୟରୁ ଯେକୌଣସିଟିର ଉଲ୍ଲଂଘନ ଜଙ୍ଗଲ (ସଂରକ୍ଷଣ) ଅଧିନିୟମ, 1980ର ଉଲ୍ଲଂଘନ ହେବ ଏବଂ ଏହା ହେଲେ ଏହି ମନ୍ତ୍ରଣାଳୟର ପତ୍ର ସଂଖ୍ୟା 5-2 / 2017-FC ତା. ୨୮.୦୩.୨୦୧୯ ରେ ଜାରି କରାଯାଇଥିବା ଜଙ୍ଗଲ (ସଂରକ୍ଷଣ) ଅଧିନିୟମର ହ୍ୟାଣ୍ଡବୁକ୍ ର ଅଧ୍ୟାୟ ୧ ର ପାରା ୧.୨୧ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ବି: ସର୍ତ୍ତଗୁଡ଼ିକ ଯାହା ଜଙ୍ଗଲ ଜମିକୁ ରାଜ୍ୟ ଜଙ୍ଗଲ ବିଭାଗ ଦ୍ୱାରା ଉପଭୋକ୍ତା ଏଜେନ୍ସି ହସ୍ତାନ୍ତର କରିବା ପରେ କ୍ଷେତ୍ର ଉପରେ କଡ଼ାକଡ଼ି ଭାବରେ ପାଳନ କରାଯିବା ଆବଶ୍ୟକ କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟ ଅନୁମୋଦନ ପୂର୍ବରୁ ଦାୟିତ୍ୱ ଗ୍ରହଣ ପାଇଁ ପ୍ରତିଶ୍ରୁତି ପ୍ରଦାନ କରିବାକୁ ପଡ଼ିବ ।

i. ଡାଇଭର୍ସନ ପାଇଁ ପ୍ରସ୍ତାବିତ ଜଙ୍ଗଲ ଜମିର ଆଇନଗତ ସ୍ଥିତି ଅପରିବର୍ତ୍ତିତ ରହିବ ।

ii. କଳାହାଣ୍ଡି (ଦକ୍ଷିଣ) ଡିଭିଜନର ଜୟପାଟଣା ରେଞ୍ଜର ମିନିଗୁଡ଼ା ଆରଏଫରେ ଚିହ୍ନିତ 51 ହେକ୍ଟରର ଅବନତି ହୋଇଥିବା ଜଙ୍ଗଲ ଜମିକୁ ଦ୍ୱିତୀୟ ପର୍ଯ୍ୟାୟ କ୍ଲିୟରାନ୍ସ ତାରିଖଠାରୁ ତିନି ବର୍ଷ ମଧ୍ୟରେ ବୃଦ୍ଧି କରାଯିବ ଏବଂ ଏହା ପରେ ରାଜ୍ୟ ବନ ବିଭାଗ ଦ୍ୱାରା ଉପଭୋକ୍ତା ଏଜେନ୍ସି ଖର୍ଚ୍ଚରେ ରକ୍ଷଣାବେକ୍ଷଣ କରାଯିବ । ଅତିକମରେ 10260 ଟି ବୃକ୍ଷରୋପଣ ଏବଂ ପରବର୍ତ୍ତୀ ରକ୍ଷଣାବେକ୍ଷଣ ଉପରେ ଦଶ ବର୍ଷ ପାଇଁ ଚୂଡ଼ାନ୍ତ ଅନୁମୋଦନ ପ୍ରଦାନର ତିନି ବର୍ଷ ମଧ୍ୟରେ ଚିହ୍ନିତ ଅବକ୍ଷୟ ହୋଇଥିବା ଜଙ୍ଗଲ ଜମି ଉପରେ ଉଦ୍ଭିଦ ଲଗାଯିବ ।

iii. ଯଦି ମାନ୍ୟବର ସୁପ୍ରିମକୋର୍ଟର ଚୂଡ଼ାନ୍ତ ନିଷ୍ପତ୍ତି ଅନୁଯାୟୀ ସ୍ଥିର ହୁଏ ତେବେ ନେଟ୍ ପ୍ରେଜେଣ୍ଟ ଭାଲ୍ୟୁ (NPV) ତତ୍କାଳୀନ ପ୍ରଚଳିତ ହାରରେ ଦେୟ ପ୍ରଦାନ ସମୟରେ, ଉପଭୋକ୍ତା ଏଜେନ୍ସି ଅତିରିକ୍ତ ପରିମାଣର NPV ପ୍ରଦାନ କରିବାକୁ ଏକ ପ୍ରତିଶୃତି ପ୍ରଦାନ କରିବେ ।

iv. ନିର୍ଦ୍ଦିଷ୍ଟ ସ୍ଥାନଗୁଡ଼ିକରେ ମକ୍ ର ନିଷ୍କାସନ କରାଯିବ ଏବଂ କୌଣସି ପରିସ୍ଥିତିରେ ଜଙ୍ଗଲ ଜମିରେ ପକାଯିବ ନାହିଁ ।

v. ଯଦି ଦରକାର, ତେବେ ବ୍ୟବହାରକାରୀ ଏଜେନ୍ସି ପରିବେଶ (ସୁରକ୍ଷା) ଅଧିନିୟମ, 1984ରେ ବ୍ୟବସ୍ଥା ଅନୁଯାୟୀ ପରିବେଶ କ୍ଲିୟରାନ୍ସ ଆଣିବେ ।

vi. ଜଙ୍ଗଲ ଜମିରେ କୌଣସି ଶ୍ରମ ଶିବିର ପ୍ରତିଷ୍ଠା କରାଯିବ ନାହିଁ ଏବଂ ଉପଭୋକ୍ତା ଏଜେନ୍ସି ସେହି ସ୍ଥାନରେ କାର୍ଯ୍ୟ କରୁଥିବା ଶ୍ରମିକ ଏବଂ କର୍ମଚାରୀଙ୍କୁ ବିକଳ୍ପ ଇନ୍ଧନ ଯୋଗାଇ ଦେବେ ଯାହାଦ୍ୱାରା ନିକଟ ଜଙ୍ଗଲ ଅଞ୍ଚଳରେ କୌଣସି କ୍ଷତି ଏବଂ ଚାପ ପକାଇବ ନାହିଁ ।

vii. ପ୍ରକଳ୍ପ କାର୍ଯ୍ୟ ସହିତ ଜଡ଼ିତ କୌଣସି କାର୍ଯ୍ୟକଳାପ ପାଇଁ ଜଙ୍ଗଲ ପରିସରରେ କୌଣସି ଅତିରିକ୍ତ କିମ୍ବା ନୂତନ ରାସ୍ତା ନିର୍ମାଣ ହେବ ନାହିଁ ।

viii. କାର୍ଯ୍ୟ ସଂପାଦନ କରୁଥିବା ସମୟରେ ଉପଭୋକ୍ତା ଏଜେନ୍ସି ଆଖପାଖର ଜଙ୍ଗଲ ଅଞ୍ଚଳରେ ଜଙ୍ଗଲ ବୃଦ୍ଧିରେ କ୍ଷତି ପହଞ୍ଚାଇବ ନାହିଁ ।

ix. ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପୂର୍ବ ଅନୁମୋଦନ ବିନା ପ୍ରସ୍ତାବିତ ଜଙ୍ଗଲ ଜମିର ଲେଆଉଟ୍ ଯୋଜନା ପରିବର୍ତ୍ତନ କରାଯିବ ନାହିଁ ।

x. ପ୍ରସ୍ତାବରେ ଉଲ୍ଲେଖ କରାଯାଇଥିବା ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟରେ ଜଙ୍ଗଲ ଜମି ବ୍ୟବହାର କରାଯିବ ନାହିଁ ।

xi. ପ୍ରସ୍ତାବିତ ଜଙ୍ଗଲ ଜମି କୌଣସି ପରିସ୍ଥିତିରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପୂର୍ବ ଅନୁମୋଦନ ବିନା ଅନ୍ୟ କୌଣସି ଉପଭୋକ୍ତା ଏଜେନ୍ସି ବିଭାଗ କିମ୍ବା ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯିବ ନାହିଁ ।

xii. ସଂଲଗ୍ନ ଅଞ୍ଚଳର ଉଭିଦ ଏବଂ ଜୀବଜନ୍ତୁଙ୍କର କୌଣସି କ୍ଷତି ହେବ ନାହିଁ ।

xiii. ସଂପୃକ୍ତ ଡିଭିଜନାଲ ବନ ଅଧିକାରୀ, ଏହାର ତଦାରଖ କରିବେ ଏବଂ ଆବଶ୍ୟକୀୟ ପ୍ରତିକାରକ ପଦକ୍ଷେପ ଗ୍ରହଣ କରିବେ ଯେ ଆଖପାଖ ଜଙ୍ଗଲ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ ।

xiv. ଉପଭୋକ୍ତା ଏଜେନ୍ସି ସର୍ବାଧିକ ସଂଖ୍ୟକ ଗଛର ସଫଳ ପ୍ରତିରୋପଣ ହେବାର ସମ୍ଭାବନାକୁ ଅନୁସନ୍ଧାନ କରିବେ ଏବଂ ନିଶ୍ଚିତ କରିବେ ଯେ, କୌଣସି ଗଛକଟା ରାଜ୍ୟ ଜଙ୍ଗଲ ବିଭାଗର କଡ଼ା ତତ୍ତ୍ୱାବଧାନରେ ହେବ ।

xv. ଉପଭୋକ୍ତା ଏଜେନ୍ସି ପ୍ରତ୍ୟେକ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟର ନୋଡାଲ ଅଫିସର (ଏଫସିଏ) ଏବଂ ଏହି ମନ୍ତ୍ରଣାଳୟର ସଂପୃକ୍ତ ଇଣ୍ଟିଗ୍ରେଟେଡ୍ ଆଞ୍ଚଳିକ କାର୍ଯ୍ୟାଳୟକୁ ଧାର୍ଯ୍ୟ ସର୍ତ୍ତଗୁଡ଼ିକର ଅନୁପାଳନ ଉପରେ ବାର୍ଷିକ ସ୍ୱୟଂ ମନିଟରିଂ ରିପୋର୍ଟ ଦାଖଲ କରିବେ ।

xvi. ସମୟକ୍ରମେ ଯଦି ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅନ୍ୟ କୌଣସି ସର୍ତ୍ତକୁ ବୃକ୍ଷରୋପଣ, ସଂରକ୍ଷଣ ଏବଂ ସେହି ଅଞ୍ଚଳର ଉଭିଦ ଏବଂ ଜୀବଜନ୍ତୁଙ୍କ ସ୍ୱାର୍ଥରେ ଲଗାଇପାରେ, ତାହା ଉପଭୋକ୍ତା ଏଜେନ୍ସି ଦ୍ୱାରା ପାଳନ କରାଯିବ ।

xvii. ରାଜ୍ୟ ସରକାର ଏବଂ ଉପଭୋକ୍ତା ଏଜେନ୍ସି ଏହି କାର୍ଯ୍ୟ ପାଇଁ ଦରକାର ହେଉଥିବା ସମସ୍ତ ନିୟମ, ନିୟମାବଳୀ, ଗାଇଡଲାଇନ, NGT ଅର୍ଡର (ମାନ) ଏବଂ ମାନ୍ୟବର କୋର୍ଟଅର୍ଡର (ଗୁଡ଼ିକ)ର ନିୟମାବଳୀକୁ ନିଶ୍ଚିତ ପାଳନ କରିବେ ।

3. ଉପରୋକ୍ତ ସର୍ତ୍ତଗୁଡ଼ିକର ଅନୁପାଳନ ଉପରେ ରିପୋର୍ଟ ଗ୍ରହଣ କରିବା ପରେ, ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ଜଙ୍ଗଲ (ସଂରକ୍ଷଣ) ଅଧିନିୟମ, 1980 ଅନୁଯାୟୀ ଉକ୍ତ ଜଙ୍ଗଲ ଜମିକୁ ଡାଇଭର୍ସନ ପାଇଁ ଚୂଡ଼ାନ୍ତ / ଦ୍ୱିତୀୟ ପର୍ଯ୍ୟାୟ ଅନୁମୋଦନ ପ୍ରଦାନ କରାଯିବ । ଏହି ମନ୍ତ୍ରଣାଳୟ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଏହାର ବିବିଧତା ପାଇଁ ଚୂଡ଼ାନ୍ତ / ଦ୍ୱିତୀୟ ପର୍ଯ୍ୟାୟ ଅନୁମୋଦନ ନହେବା ପର୍ଯ୍ୟନ୍ତ ଜଙ୍ଗଲ ଜମିକୁ ଉପଭୋକ୍ତା ଏଜେନ୍ସିକୁ ହସ୍ତାନ୍ତର କରିବା ଉଚିତ ନୁହେଁ ।

**ତୁମର ବିଶ୍ୱସ୍ତ,**
**(ପଦ୍ମା ମହାନ୍ତି)**
**ଡେପୁଟି ଇନ୍ସପେକ୍ଟର ଜେନେରାଲ୍ ଫରେଷ୍ଟ (C)**

**ନକଲ ପ୍ରେରଣ କରାଗଲା:-**

1. ପିସିସିଏଫ୍ ଏବଂ ନୋଡାଲ୍ ଅଫିସର (ଏଫସିଏ), ବନ ବିଭାଗ, ଓଡ଼ିଶା ସରକାର, ଅରଣ୍ୟ ଭବନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -751 023।
2. ସହାୟକ ମହାପ୍ରବନ୍ଧକ (ବିଦ୍ୟୁତ୍), ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ, କର୍ପୋରେଟ୍ ଅଫିସ୍, ଜନପଥ, ଭୁବନେଶ୍ୱର -751 022।

**ଡେପୁଟି ଇନ୍ସପେକ୍ଟର ଜେନେରାଲ୍ ଫରେଷ୍ଟ (C)**

---

# ଭାରତ ସରକାର
## ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ

ଇଣ୍ଟିଗ୍ରେଟେଡ ଆଞ୍ଚଳିକ କାର୍ଯ୍ୟାଳୟ
A/3, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ତା.୨୧.୧୨.୨୦୨୦
File No:5-ORB436/2020-BHU

ସତ୍ୟମେଵ ଜୟତେ

ପ୍ରାପ୍ତେଷୁ,
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ଜଙ୍ଗଲ ଏବଂ ପରିବେଶ ବିଭାଗ
ଓଡ଼ିଶା ସରକାର, ଭୁବନେଶ୍ୱର-୭୫୧୦୦୧

**ବିଷୟ: ଓଡ଼ିଶା ଜଳ ବିଦ୍ୟୁତ୍ ନିଗମର ଉପର ଇନ୍ଦ୍ରାବତୀ ପମ୍ପଷ୍ଟୋରେଜ ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ଡ୍ରିଫ୍ଟ, ଡ୍ରିଫ୍ଟରୁ ବାହାରୁ ଥିବା ମକ୍ ନିଷ୍କାସନ ଏବଂ ଭୂତଳ ଅନୁସନ୍ଧାନ ଟନେଲ ପାଇଁ କଳାହାଣ୍ଡି ବନଖଣ୍ଡ ଅନ୍ତର୍ଗତ ୦୦.୯୯ ହେକ୍ଟର ଜଙ୍ଗଲ ଜମି ଅଣ-ଜଙ୍ଗଲ କାର୍ଯ୍ୟରେ ବ୍ୟବହାର ନିମନ୍ତେ ।**

ମହାଶୟା,

ମୋତେ ରାଜ୍ୟ ସରକାରଙ୍କ ଉପରୋକ୍ତ ବିଷୟରେ ପ୍ରଦତ୍ତ ପତ୍ର ସଂଖ୍ୟା 10F (Cons)156/2020-16305/F&E, ତା.୨୦.୧୦.୨୦୨୦ ଯେଉଁଥିରେ ଜଙ୍ଗଲ (ସଂରକ୍ଷଣ) ଅଧିନିୟମ, ୧୯୮୦ ଧାରା-୨ ଅନୁଯାୟୀ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପୂର୍ବ ଅନୁମୋଦନ ପାଇଁ ଆବେଦନ କରାଯାଇଅଛି । ଏହି ଆବେଦନକୁ ଗ୍ରହଣ କରି ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ୨୧.୧୨.୨୦୨୦ରେ "ନିତିଗତ" ଅନୁମୋଦନ ସର୍ତ୍ତମୂଳକ ଭାବେ ପ୍ରଦାନ କରିଥିଲେ ରାଜ୍ୟ ସରକାରଙ୍କ ନୋଡାଲ ଅଫିସର (ଏଫସିଏ) ନିତିଗତ ଅନୁମୋଦନ ଅନୁଯାୟୀ ଧାର୍ଯ୍ୟ ସର୍ତ୍ତଗୁଡ଼ିକ ଉପରେ ଅନୁପାଳନ ରିପୋର୍ଟ ପ୍ରଦାନ କରିଛନ୍ତି ।

୨. ଏହି ସମ୍ପର୍କରେ ମୋତେ କହିବାକୁ ନିର୍ଦ୍ଦେଶ ଦିଆଯାଇଛି ଯେ CF (Nodal) ଓଡ଼ିଶାଙ୍କ ଦ୍ୱାରା ପଠାଯାଇଥିବା ପତ୍ର ସଂଖ୍ୟା 20637/9F (Misc)-347/2021, ତା. ୦୩.୧୨.୨୦୨୧ ଅନୁଯାୟୀ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମକୁ କଳାହାଣ୍ଡି (ଦକ୍ଷିଣ) ବନଖଣ୍ଡ ଅନ୍ତର୍ଗତ ୦.୯୯ ହେକ୍ଟର ଡ୍ରିଫ୍ଟରୁ ବାହାରୁ ଥିବା ମକ୍ ନିଷ୍କାସନ ଏବଂ ଭୂତଳ ଅନୁସନ୍ଧାନ ଟନେଲ ଖନନ ନିମନ୍ତେ ବନ (ସଂରକ୍ଷଣ) ଅଧିନିୟମ, ୧୯୮୦ର ଧାରା ୨ ଅନୁଯାୟୀ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ନିମ୍ନଲିଖିତ ସର୍ତ୍ତ ମୁତାବକ ଚୂଡ଼ାନ୍ତ ଅନୁମୋଦନ ପ୍ରଦାନ କରିଛନ୍ତି ।

ଏ. ଜଙ୍ଗଲ ଜମି ହସ୍ତାନ୍ତର କରିବା ପୂର୍ବରୁ ଯେଉଁ ସର୍ତ୍ତଗୁଡ଼ିକ ପାଳନ କରାଯିବା ଆବଶ୍ୟକ ।

i. ରାଜ୍ୟ ସରକାର FRA, 2006ରେ ସମ୍ପୂର୍ଣ୍ଣ ଅନୁପାଳନ ନିଶ୍ଚିତ କରିବେ ।

ii. ରାଜ୍ୟ ସରକାର ନିଶ୍ଚିତ କରିବେ ଯେ ଯଦି ପ୍ରଯୁଜ୍ୟ, ତେବେ ପରିବେଶ (ସୁରକ୍ଷା) ଅଧିନିୟମ, 1984ରେ ନିୟମାବଳୀ ଅନୁଯାୟୀ ଉପଭୋକ୍ତା ଏଜେନ୍ସି ପରିବେଶ ମଞ୍ଜୁରୀ ଆଣିବେ ।

iii. ରାଜ୍ୟ ସରକାର ସୁନିଶ୍ଚିତ କରିବେ ଯେ, ବ୍ୟବହୃତ ଜଙ୍ଗଲ ଜମିର ସୀମାକୁ ପ୍ରକଳ୍ପ ମୂଲ୍ୟରେ ଚାରିଫୁଟ ଉଚ୍ଚ ସଶକ୍ତ ସିମେଣ୍ଟ କଂକ୍ରିଟ୍ ସ୍ତମ୍ଭ ନିର୍ମାଣ କରି ପ୍ରତ୍ୟେକଟିରେ ଏହାର କ୍ରମିକ ନଂ, ସ୍ତମ୍ଭଠାରୁ ସ୍ତମ୍ଭ ଦୂରତା ଏବଂ ଜିପିଏସ କୋଏଡିନେଏଟ୍ ଲେଖାଯିବ ।

iv. ରାଜ୍ୟ ସରକାର ନିଶ୍ଚିତ କରିବ ଯେ, ସ୍ଥାନାନ୍ତର ଜଙ୍ଗଲ, ଜଙ୍ଗଲ ଜମି ଏବଂ CA ଅଞ୍ଚଳର KML ଫାଇଲଗୁଡ଼ିକ E-Green Watch ପୋର୍ଟାଲରେ ଅପଲୋଡ୍ ହେବ ।

ବି: **ଯେଉଁ ସର୍ତ୍ତଗୁଡ଼ିକ ଉପରୋକ୍ତ ଏଜେନ୍ସିକୁ ଜଙ୍ଗଲ ଜମି ହସ୍ତାନ୍ତର କରିବା ପରେ କରିବା ପାଇଁ ପଡ଼ିବ ।**

i. ବ୍ୟବହୃତ ଜଙ୍ଗଲ ଜମିର ଆଇନଗତ ସ୍ଥିତି ଅପରିବର୍ତ୍ତିତ ରହିବ ।

ii. ରାଜ୍ୟ ସରକାର ନିଶ୍ଚିତ କରିବ ଯେ ଉପରୋକ୍ତ ଏଜେନ୍ସି ଦ୍ୱାରା CAMPA ପାଣ୍ଠିରେ ଦିଆଯାଇଥିବା ଅର୍ଥରେ ରାଜ୍ୟ ଜଙ୍ଗଲ ବିଭାଗ ଦ୍ୱାରା କଳାହାଣ୍ଡି (ଦକ୍ଷିଣ) ବନଖଣ୍ଡ, ଜୟପାଟଣା ରେଞ୍ଜର ମିନିଗୁଡ଼ା ଆରଏଫରେ ଚିହ୍ନିତ 51 ହେକ୍ଟରର ଅବନତି ହୋଇଥିବା ଜଙ୍ଗଲ ଜମି ଉପରେ ଷ୍ଟେଜ୍-୨ କ୍ଲିୟରାନ୍ସ ତାରିଖଠାରୁ ତିନିବର୍ଷ ମଧ୍ୟରେ ପ୍ରତିପୂରକ ବୃକ୍ଷ ରୋପଣ କରିବେ ଏବଂ ତା'ପରେ ଜମା ହୋଇଥିବା ପାଣ୍ଠିରୁ ରକ୍ଷଣାବେକ୍ଷଣ କରିବେ । ଅତିକମରେ 10260 ସଂଖ୍ୟକ ଚାରା ରୋପଣ କରାଯିବ। CA ଯୋଜନାରେ ଲଗାଯିବାକୁ ଥିବା ପ୍ରଜାତିଗୁଡ଼ିକ ଟିକ୍ ଏବଂ ବିଦେଶୀ ପ୍ରଜାତି ନହୋଇ ଦେଶୀ ପ୍ରଜାତିର ହେବା ଆବଶ୍ୟକ । ବୃକ୍ଷରୋପଣର ତୀବ୍ର ନିରୀକ୍ଷଣ କରିବା ଏବଂ ଜିଓ ଟ୍ୟାଗିଂ ବ୍ୟବହାର କରି ଦସ୍ତାବିଜ କରିବା ଆବଶ୍ୟକ ଯାହାଦ୍ୱାରା ନିୟମିତ ବ୍ୟବଧାନରେ Canopy ଘନତା ଏବଂ ବଞ୍ଚିବା ଏବଂ ବୃକ୍ଷରୋପଣର ବୃଦ୍ଧିକୁ ମୂଲ୍ୟାଙ୍କନ କରାଯାଇପାରିବ ।

iii. ଭାରତର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟର ଚୂଡ଼ାନ୍ତ ନିଷ୍ପତ୍ତି ଅନୁଯାୟୀ ଉପଭୋକ୍ତା ଏଜେନ୍ସି ଅତିରିକ୍ତ ପରିମାଣର NPV ଦେବେ ।

iv. ରାଜ୍ୟ ସରକାର ଏବଂ ଉପଭୋକ୍ତା ଏଜେନ୍ସି ନିଶ୍ଚିତ କରିବେ ଯେ ନିର୍ଦ୍ଦିଷ୍ଟ ସ୍ଥାନଗୁଡ଼ିକରେ ମକ୍ ର ନିଷ୍କାସନ କରାଯିବ ଏବଂ କୌଣସି ପରିସ୍ଥିତିରେ ଜଙ୍ଗଲ ଜମିରେ ପକାଯିବ ନାହିଁ ।

v. ରାଜ୍ୟ ସରକାର ରାଜ୍ୟ ଜଙ୍ଗଲ ବିଭାଗର ତତ୍ତ୍ୱାବଧାନରେ ଆବଶ୍ୟକତା ଅନୁଯାୟୀ ଗଛ କାଟିବା ପର୍ଯ୍ୟାୟ କ୍ରମେ ନିଆଯିବା ନିଶ୍ଚିତ ହେବ ।

vi. ରାଜ୍ୟ ସରକାର ସୁନିଶ୍ଚିତ କରିବେ ଯେ ଜଙ୍ଗଲ ଜମିରେ କୌଣସି ଶ୍ରମ ଶିବିର ପ୍ରତିଷ୍ଠା ହେବ ନାହିଁ ଏବଂ ଉପଭୋକ୍ତା ଏଜେନ୍ସି ଉକ୍ତ ସ୍ଥାନରେ କାର୍ଯ୍ୟ କରୁଥିବା ଶ୍ରମିକ ଏବଂ କର୍ମଚାରୀଙ୍କୁ ଇନ୍ଧନ ପ୍ରଦାନ କରିବେ ଯାହା ଦ୍ୱାରା ନିକଟ ଜଙ୍ଗଲ ଅଞ୍ଚଳରେ କୌଣସି କ୍ଷତି ଏବଂ ଚାପ ନହୁଏ ।

vii. ରାଜ୍ୟ ସରକାର ଏବଂ ଉପଭୋକ୍ତା ଏଜେନ୍ସି ନିଶ୍ଚିତ କରିବେ ଯେ ପ୍ରକଳ୍ପ କାର୍ଯ୍ୟ ସହିତ ଜଡ଼ିତ କୌଣସି କାର୍ଯ୍ୟ କଳାପ ପାଇଁ ଜଙ୍ଗଲ ଅଞ୍ଚଳରେ କୌଣସି ଅତିରିକ୍ତ କିମ୍ବା ନୂତନ ରାସ୍ତା ନିର୍ମାଣ ହେବ ନାହିଁ ।

viii. ରାଜ୍ୟ ସରକାର ଏବଂ ଉପଭୋକ୍ତା ଏଜେନ୍ସି ନିଶ୍ଚିତ କରିବେ ଯେ ସଂଲଗ୍ନ ଅଞ୍ଚଳର ଉଭିଦ ଏବଂ ଜୀବଜନ୍ତୁଙ୍କର କୌଣସି କ୍ଷତି ହେବ ନାହିଁ ।

ix. ରାଜ୍ୟ ସରକାର ସୁନିଶ୍ଚିତ କରିବେ ଯେ ସଂପୃକ୍ତ ବିଭାଗୀୟ ବନ ଅଧିକାରୀ, ଏହାର ତଦାରଖ କରିବେ ଏବଂ ଆବଶ୍ୟକୀୟ ପ୍ରତିକାରକ ପଦକ୍ଷେପ ଗ୍ରହଣ କରିବେ ଯେ ଆଖପାଖ ଜଙ୍ଗଲ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ ।

x. ରାଜ୍ୟ ସରକାର ଏବଂ ଉପଭୋକ୍ତା ଏଜେନ୍ସି ନିଶ୍ଚିତ କରିବେ ଯେ ମକ୍ ନିଷ୍କାସନ ସାମଗ୍ରୀକୁ ଅଣାଯିବ ନାହିଁ କିମ୍ବା ନିର୍ମାଣ ସମୟରେ ବାହାର ହୋଇଥିବା ଆବର୍ଜନାଗୁଡ଼ିକ ଉପଭୋକ୍ତା ଏଜେନ୍ସି ଦ୍ୱାରା ସଂଲଗ୍ନ ଜଙ୍ଗଲ ଅଞ୍ଚଳରେ ପକାଯିବ ନାହିଁ ।

xi. ରାଜ୍ୟ ସରକାର ଏବଂ ଉପଭୋକ୍ତା ଏଜେନ୍ସି ସୁନିଶ୍ଚିତ କରିବେ ଯେ କାର୍ଯ୍ୟଗୁଡ଼ିକ କାର୍ଯ୍ୟକାରୀ କରିବା ସମୟରେ ନିର୍ଦ୍ଦିଷ୍ଟ ଅଞ୍ଚଳ ଛଡ଼ା ଅନ୍ୟ ଅଞ୍ଚଳ ଗୁଡ଼ିକରେ ଗଛ କଟାଯିବ ନାହିଁ କିମ୍ବା ପାରିପାର୍ଶ୍ୱିକ ବୃକ୍ଷକୁ କୌଣସି ରୂପରେ କ୍ଷତି ପହଞ୍ଚାଯିବ ନାହିଁ ।

xii. ରାଜ୍ୟ ସରକାର ଏବଂ ଉପଭୋକ୍ତା ଏଜେନ୍ସି ନିଶ୍ଚିତ କରିବେ ଯେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅନୁମୋଦନ ବିନା ପ୍ରସ୍ତାବର ଲେଆଉଟ୍ ଯୋଜନା ପରିବର୍ତ୍ତନ ହେବ ନାହିଁ ।

xiii. ରାଜ୍ୟ ସରକାର ସୁନିଶ୍ଚିତ କରିବେ ଯେ ପ୍ରସ୍ତାବରେ ଥିବା କାର୍ଯ୍ୟ ବ୍ୟତୀତ ଜଙ୍ଗଲ ଜମିକୁ ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହାର କରାଯିବ ନାହିଁ ଏବଂ କୌଣସି ପରିସ୍ଥିତିରେ ଜଙ୍ଗଲ ଜମି ଅନ୍ୟ କୌଣସି ସଂସ୍ଥା, ବିଭାଗ କିମ୍ବା ବ୍ୟକ୍ତି ବିଶେଷଙ୍କୁ ପୂର୍ବ ଅନୁମୋଦନ ବିନା ହସ୍ତାନ୍ତର କରାଯିବ ନାହିଁ ।

xiv. ରାଜ୍ୟ ସରକାର ନିଶ୍ଚିତ କରିବେ ଯେ ଉପଭୋକ୍ତା ଏଜେନ୍ସି ବାର୍ଷିକ ମାର୍ଚ୍ଚ ମାସ ଶେଷ ସୁଧା ବାର୍ଷିକ ଆତ୍ମ-ମନିଟରିଂ ରିପୋର୍ଟ ରାଜ୍ୟ ସରକାର ଦାଖଲ କରିବେ ଏବଂ ଇଣ୍ଟିଗ୍ରେଟେଡ୍ ଆଞ୍ଚଳିକ ନୋଡାଲ୍ ଅଫିସ (FCA) ରେ ଦାଖଲ ହେବ ।

xv. ରାଜ୍ୟ ସରକାର ସୁନିଶ୍ଚିତ କରିବେ ଯେ ପରବର୍ତ୍ତୀ ଯେ କୌଣସି ସମୟରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅନ୍ୟ ଯେଉଁ କିଛି ସର୍ତ୍ତ ବୃକ୍ଷ ପ୍ରତିରୋପଣ ସ୍ୱାର୍ଥରେ, ବୃକ୍ଷ ବଞ୍ଚାଇବା ଉଦ୍ଦେଶ୍ୟରେ ଏବଂ ପରିଚାଳନା ପାଇଁ ଲାଗୁ କରିବେ, ତାହାକୁ ଉପଭୋକ୍ତା ଏଜେନ୍ସିକୁ ମାନିବାକୁ ପଡ଼ିବ ।

xvi. ରାଜ୍ୟ ସରକାର ଏବଂ ଉପଭୋକ୍ତା ଏଜେନ୍ସି ନିଶ୍ଚିତ କରିବେ ଯେ ଏହି ପ୍ରସ୍ତାବ କାର୍ଯ୍ୟକାରୀ କରିବା ପାଇଁ ପ୍ରଯୁଜ୍ୟ ଆଇନ ଅନୁଯାୟୀ ଥିବା ପ୍ରସ୍ତାବ, ନିୟମ, ନିୟମାବଳୀ, ଗାଇଡଲାଇନ, NGT ଅର୍ଡର (ମାନ) ଏବଂ ମାନ୍ୟବର କୋର୍ଟ ଅର୍ଡର (ଗୁଡ଼ିକ)ର ନିୟମାବଳୀକୁ ନିଶ୍ଚିତ ରୂପେ ପାଳନ କରିବେ ।

xvii. ଦୟାକରି ଧ୍ୟାନ ଦିଆଯାଇପାରେ ଯେ ଏହି ସର୍ତ୍ତଗୁଡ଼ିକ ମଧ୍ୟରୁ ଯେକୌଣସିଟିର ଉଲ୍ଲଂଘନ ଜଙ୍ଗଲ (ସଂରକ୍ଷଣ) ଅଧିନିୟମ, 1980ର ଉଲ୍ଲଂଘନ ହେବ ଏବଂ ଏହା ହେଲେ ଏହି ମନ୍ତ୍ରାଣାଳୟର ପତ୍ର ସଂଖ୍ୟା 5-2 / 2017-FC ତା. ୨୮.୦୩.୨୦୧୯ରେ ଜାରି କରାଯାଇଥିବା ଜଙ୍ଗଲ (ସଂରକ୍ଷଣ) ଅଧିନିୟମର ହ୍ୟାଣ୍ଡବୁକ୍ ର ଅଧ୍ୟାୟ ୧ର ପାରା ୧.୨୧ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ତୁମର ବିଶ୍ୱସ୍ତ,**
**(ପଦ୍ମା ମହାନ୍ତି)**
**ଡେପୁଟି ଇନ୍ସପେକ୍ଟର ଜେନେରାଲ୍ ଫରେଷ୍ଟ (C)**

**ନକଲ ପ୍ରେରଣ କରାଗଲା:-**

1. ପିସିସିଏଫ୍ ଏବଂ ନୋଡାଲ୍ ଅଫିସର (ଏଫସିଏ), ବନ ବିଭାଗ, ଓଡିଶା ସରକାର, ଅରଣ୍ୟ ଭବନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -751023।
2. ସହାୟକ ମହାପ୍ରବନ୍ଧକ (ବିଦ୍ୟୁତ୍), ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ, କର୍ପୋରେଟ୍ ଅଫିସ୍, ଜନପଥ, ଭୁବନେଶ୍ୱର -751 022।

**ଡେପୁଟି ଇନ୍ସପେକ୍ଟର ଜେନେରାଲ୍ ଫରେଷ୍ଟ (C)**

---

### ସଂଲଗ୍ନ -XVII

ପ୍ରକଳ୍ପର ସମ୍ପୂର୍ଣ୍ଣ ଆଖ୍ୟା : ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଉପର ଇନ୍ଦ୍ରାବତୀ ପମ୍ପ ଷ୍ଟୋରେଜ୍ ପ୍ରୋଜେକ୍ଟ ପାଇଁ ଡ୍ରିଫ୍ଟ ଏବଂ ମକ୍ ନିଷ୍କାସନ ନିମନ୍ତେ ।
ଫାଇଲ୍ ନମ୍ବର : OR-022/2019 ।
ପ୍ରସ୍ତାବର ତାରିଖ : 28.03.2019 ।

**ଯାଞ୍ଚ ତାଲିକା ସଂଖ୍ୟା : ୦୭**

ଡାଇଭର୍ସନ୍ ପାଇଁ ପ୍ରସ୍ତାବିତ ଜଙ୍ଗଲ କ୍ଷେତ୍ରର ସବିଶେଷ ବିବରଣୀ ।

| କ୍ରମିକ ସଂଖ୍ୟା | ବନଖଣ୍ଡ | ବନାଞ୍ଚଳ | ଗ୍ରାମ ସୀମା | ସର୍ଭେ / କମ୍ପାର୍ଟମେଣ୍ଟ ନମ୍ବର / K.M Store | ଜଙ୍ଗଲ କ୍ଷେତ୍ର ଡାଇଭର୍ସନ ପାଇଁ ପ୍ରସ୍ତାବିତ । | ଜଙ୍ଗଲ ଜମିର ଆଇନଗତ ସ୍ଥିତି । | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜିଲ୍ଲା: କଳାହାଣ୍ଡି | | | | | | | |
| ୧ | କଳାହାଣ୍ଡି (ଦକ୍ଷିଣ) | ଜୟପାଟଣା | ରାଣୀବାହଲ, ଜୟପାଟଣା ତହସିଲ, ଜୟପାଟଣା ବନାଞ୍ଚଳ | Unsurveyed land hosting 2011 RLTP Teak Plantation | ୦.୯୯ ହେକ୍ଟର | Unsurveyed Forest Area. | |

**ବିଭାଗୀୟ ବନ ଅଧିକାରୀ**
**କଳାହାଣ୍ଡି ଦକ୍ଷିଣ ବିଭାଗ ।**

## ମାର୍ଚ୍ଚରେ ୧୩ ଦିନ ବ୍ୟାଙ୍କ ବନ୍ଦ

ମୁମ୍ବାଇ : ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଚଳିତ ମାସର ବ୍ୟାଙ୍କ ଛୁଟିଦିନର ଏକ ତାଲିକା ପ୍ରକାଶ କରାଯାଇଛି। ମାର୍ଚ୍ଚରେ ମୋଟ ୧୩ ଦିନ ବ୍ୟାଙ୍କ ବନ୍ଦ ରହିବ ବୋଲି ସୂଚନା ମିଳିଛି। ଚଳିତ ମାସ ରାଜ୍ୟରେ ୮ଦିନ ବ୍ୟାଙ୍କଗୁଡ଼ିକ ବନ୍ଦ ରହିବ। କିନ୍ତୁ ସର୍ବଭାରତୀୟ ସ୍ତରରେ ମୋଟ ୧୩ ଦିନ ବ୍ୟାଙ୍କ ବନ୍ଦ ରହିବ ବୋଲି ଆର୍‌ବିଆଇ ପକ୍ଷରୁ କୁହାଯାଇଛି। ଏହି ଛୁଟିଦିନଗୁଡ଼ିକ ମଧ୍ୟରୁ କେତେକ ଆଞ୍ଚଳିକ ଛୁଟି ରହିଛି। ସେହିଭଳି ୪ ରବିବାର ଏବଂ ଦ୍ୱିତୀୟ ଶନିବାର ଓ ଚତୁର୍ଥ ଶନିବାର ଯୋଗୁ ମାର୍ଚ୍ଚରେ ୬ ଦିନ ବ୍ୟାଙ୍କ ବନ୍ଦ ରହିବ।

# ସୋନି ଇଣ୍ଡିଆ ପକ୍ଷରୁ ଦିନକିଆ କର୍ମଶାଳା




ଭୁବନେଶ୍ୱର,୧।୩

କୋଭିଡ୍ ମହାମାରୀର ପ୍ରଭାବ ଧୀରେ ଧୀରେ ହ୍ରାସ ପାଉଛି। ଇତିମଧ୍ୟରେ ସୋନି ଇଣ୍ଡିଆ ପକ୍ଷରୁ ୧ମ ବୈଷୟିକ କର୍ମଶାଳା ନିକଟରେ ସ୍ଥାନୀୟ ୟୁନିଟ-୪ ଅଞ୍ଚଳର ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି କମ୍ପାନୀର ନୂତନ ଉତ୍ପାଦର ବ୍ୟବହାର ପ୍ରଣାଳୀ ଓ ଏହାର ଫୁଲ୍ ଫ୍ରେମ୍ ମିରରଲେସ୍ କ୍ୟାମେରା ୭ଏମ୍୪ ପାଇଁ ଏକ ଉଚ୍ଚସ୍ତରୀୟ କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ବୈଷୟିକ ଅଧିକାରୀ ସରୋଜ କୁମାର ଦୋରା, ଏଏସ୍‌ଏମ୍ ସିଦ୍ଧାର୍ଥ ପଟ୍ଟନାୟକ ଏବଂ ମାର୍କେଟିଂ ମ୍ୟାନେଜର ଅଶ୍ୱିନୀ ଆଲୋକ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା କମ୍ପାନୀର ନୂତନ କ୍ୟାମେରା ଓ ଏହାର ବ୍ୟବହାର ଏବଂ ସେବା ପରବର୍ତ୍ତୀ ସହାୟତା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଫଳରେ ଏହା କମ୍ପାନୀର ନୂଆ କ୍ୟାମେରା କିଣିଥିବା ସମସ୍ତ ଗ୍ରାହକଙ୍କ ପାଇଁ ବେଶ୍ ଉପଯୋଗୀ ରହିଥିଲା ବୋଲି କୁହାଯାଇଛି। ଉକ୍ତ କ୍ୟାମେରାରେ ଅନେକ ସୁବିଧା ଓ ନୂତନ ବୈଶିଷ୍ଟ୍ୟ ଆଦି ରହିଛି। ଏହାର ବାର୍ଡ ଆଇ ଅଟୋ ଫୋକସିଂ, ରିଅଲ ଟାଇମ୍ ଅଟୋ ଫୋକସ୍ ଏବଂ ୪କେ ଭଳି ମୁଭି ରେକର୍ଡିଂ ସୁବିଧା ଇତ୍ୟାଦି ରହିଛି। ସେହିଭଳି ବିବାହ କାର୍ଯ୍ୟକ୍ରମ ସାଙ୍ଗକୁ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର ଏବଂ ଭିଡିଓଗ୍ରାଫରମାନଙ୍କ ପାଇଁ ଏହା ଏକ ଉଚ୍ଚ ମାନର କ୍ୟାମେରା ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଫେବୃୟାରୀରେ ଜିଏସ୍‌ଟି ସଂଗ୍ରହ ୧.୩ ଲକ୍ଷ କୋଟି

ନୂଆଦିଲ୍ଲୀ,୧।୩

ଭାରତର ଅର୍ଥନୀତିକୁ ସୁଦୃଢ଼ କରୁଥିବା ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହର ସବିଶେଷ ସୂଚନା ମଙ୍ଗଳବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଛି। ଉକ୍ତ ସୂଚନା ଅନୁସାରେ ଗତ ଫେବୃୟାରୀରେ ଦେଶର ଜିଏସ୍‌ଟି ସଂଗ୍ରହ ପ୍ରାୟ ୧.୩୩ ଲକ୍ଷ କୋଟି ଟଙ୍କା ରହିଛି। ଏହା ଫେବୃୟାରୀ ୨୦୨୧ ତୁଳନାରେ ୧୮% ଅଧିକ ବୋଲି ସୂଚନା ମିଳିଛି। ମାତ୍ର ଜାନୁୟାରୀ ୨୦୨୨ ତୁଳନାରେ ପ୍ରାୟ ୫.୬% କମ୍ ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଓଡ଼ିଶାରେ ଜିଏସ୍‌ଟି ଆଦାୟ ୨୩% ବୃଦ୍ଧି




ଅପରପକ୍ଷରେ ୨୦୨୨ ଜାନୁୟାରୀରେ ଦେଶର ଜିଏସ୍‌ଟି ରାଜସ୍ୱ ୧ ଲକ୍ଷ ୪୦ ହଜାର କୋଟି ରହିଥିଲା। ସେହିଭଳି ୨୦୨୨ ଫେବୃୟାରୀରେ ସଂଗ୍ରହ ହୋଇଥିବା ୧.୩୩ ଲକ୍ଷ କୋଟିରୁ କେନ୍ଦ୍ରୀୟ ଜିଏସ୍‌ଟି ୨୪,୪୩୫କୋଟି ଥିବାବେଳେ ରାଜ୍ୟ ଜିଏସ୍‌ଟି ୩୦,୭୭୯ କୋଟି ଟଙ୍କା ରହିଛି। ସେହିପରି ଇଣ୍ଟିଗ୍ରେଟେଡ୍ ଜିଏସ୍‌ଟି ୬୭,୪୭୧ କୋଟି ଟଙ୍କା ଓ ସେସ୍ ୧୦,୩୪୦ କୋଟି ଟଙ୍କା ଅନ୍ତର୍ଭୁକ୍ତ ରହିଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅର୍ଥ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ଫେବୃୟାରୀରେ ଓଡ଼ିଶାରେ ଜିଏସ୍‌ଟି ଆଦାୟ ୨୩% ଅଧିକ ହୋଇ ୪,୧୦୧ କୋଟିକୁ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନିମାସରେ କରୋନା ମହାମାରୀର ୨ୟ ଲହରର ପ୍ରକୋପ ଅଧିକ ଥିବାରୁ ବିଭିନ୍ନ ରାଜ୍ୟ ପୁଣି ଥରେ ଲକ୍‌ଡାଉନ ଲାଗୁ କରିଥିଲେ। ଏହା ଫଳରେ ଅର୍ଥନୀତି ପ୍ରଭାବିତ ହେବା ସହ ଜିଏସ୍‌ଟି ରାଜସ୍ୱ ହ୍ରାସ ପାଇଥିଲା। ତେବେ କରୋନାର ପ୍ରକୋପ କମିବା ସହ ଲକ୍‌ଡାଉନ କଟକଣା କୋହଳ ହେବା ସହ ଅର୍ଥନୈତିକ କାର୍ଯ୍ୟକଳାପ ସ୍ୱାଭାବିକ ହୋଇଥିଲା। ଏହା ଜିଏସ୍‌ଟି ରାଜସ୍ୱ ବୃଦ୍ଧିର କାରଣ ବୋଲି କୁହାଯାଉଛି। ଚଳିତ ଆର୍ଥିକ ବର୍ଷରେ ୫ମ ଥର ପାଇଁ ମାସିକ ଜିଏସ୍‌ଟି ରାଜସ୍ୱ ୧ ଲକ୍ଷ ୩୦ ହଜାର କୋଟି ଉପରେ ରହିଛି। ତେବେ ଫେବୃୟାରୀ ୨୮ ଦିନିଆ ହୋଇଥିବାରୁ ଜିଏସ୍‌ଟି ସଂଗ୍ରହ ଜାନୁୟାରୀ ତୁଳନାରେ କମିଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଭାରତ ପେ’ରୁ ଇସ୍ତଫା ଦେଲେ ଗ୍ରୋଭର

ନୂଆଦିଲ୍ଲୀ,୧।୩

ବିବାଦ ଘେରରେ ଥିବା ଫିନ୍‌ଟେକ୍ କମ୍ପାନୀ ଭାରତପେ’ର କୋ-ଫାଉଣ୍ଡର ଆଶନୀର ଗ୍ରୋଭର କମ୍ପାନୀ ଏବଂ ଏହାର ବୋର୍ଡରୁ ମଙ୍ଗଳବାର ଇସ୍ତଫା ଦେଇଛନ୍ତି। ସେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଏବଂ ବୋର୍ଡ ଡାଇରେକ୍ଟର ପଦବୀରୁ ଇସ୍ତଫା ଦେଇଛନ୍ତି। ଚଳିତ ବର୍ଷ ଆରମ୍ଭରୁ ତାଙ୍କ ଉପରେ ଭିତ୍ତିହୀନ ଆରୋପ ଲଗାଯାଇଛି। ତେଣୁ ସେ ନିଜେ ଗଢ଼ିଥିବା ଏହି କମ୍ପାନୀରୁ ଇସ୍ତଫା ଦେବାକୁ ବାଧ୍ୟ ହେଉଛନ୍ତି ବୋଲି ଗ୍ରୋଭର କହିଛନ୍ତି। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ତାଙ୍କ ସ୍ତ୍ରୀ ମାଧୁରୀ ଜୈନ ଗ୍ରୋଭରଙ୍କ ଉପରେ କମ୍ପାନୀର ଅର୍ଥ ହଡ଼ପ କରିଥିବା ଆରୋପ ଲଗାଯାଇଥିଲା। ପରେ ସେ ଭାରତପେ’ରୁ ଇସ୍ତଫା ଦେଇଥିଲେ।

## ୧୦୮ଟଙ୍କା ବଢ଼ିଲା କମର୍ସିଆଲ ଗ୍ୟାସ୍

ନୂଆଦିଲ୍ଲୀ,୧।୩

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡ଼ିକ ରନ୍ଧନ ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ବୃଦ୍ଧି କରିଛନ୍ତି। କମ୍ପାନୀଗୁଡ଼ିକର ସୂଚନା ଅନୁସାରେ ମଙ୍ଗଳବାର ଭୁବନେଶ୍ୱରରେ ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ୧୦୮ ବଢ଼ିଥିବା ବେଳେ ଘରୋଇ ଏଲ୍‌ପିଜି ମୂଲ୍ୟ ପୂର୍ବ ପରି ସ୍ଥିର ରହିଛି। ତେବେ ଏହି ବର୍ଦ୍ଧିତ ମୂଲ୍ୟ ଯୋଗୁ କମର୍ସିଆଲ ସିଲିଣ୍ଡର ପିଛା ୨୦୧୨ ବଦଳରେ ଗ୍ରାହକଙ୍କୁ ୨୧୨୦ ଟଙ୍କା ଦେବାକୁ ପଡିବ। ସେହିଭଳି ଘରୋଇ ଏଲ୍‌ପିଜି ଦର ପୂର୍ବପରି ୯୨୬ ଟଙ୍କାରେ ବିକ୍ରି ହେଉଛି। ମାର୍ଚ୍ଚ ଆରମ୍ଭରେ ବୃଦ୍ଧି ପାଇଛି ରନ୍ଧନ ଗ୍ୟାସ୍ ଦର। ନ୍ୟାଶନାଲ ଅଏଲ୍ ମାର୍କେଟିଂ କମ୍ପାନୀ ପକ୍ଷରୁ ଦର ବୃଦ୍ଧି ଘୋଷଣା କରାଯାଇଛି। ଅପରପକ୍ଷରେ ଦିଲ୍ଲୀରେ ୧୯ କିଲୋଗ୍ରାମ୍ ଏଲ୍‌ପିଜି ସିଲିଣ୍ଡର ଦରରେ ୧୦୫ ଟଙ୍କା ବୃଦ୍ଧି ଘଟି ୨୦୧୨ ଟଙ୍କାରେ ରହିଛି। ସେହିପରି ୫ କିଲୋଗ୍ରାମ୍ ଏଲ୍‌ପିଜି ସିଲିଣ୍ଡର ଦରରେ ୨୭ ଟଙ୍କା ବୃଦ୍ଧି ଘଟିଛି। ଦିଲ୍ଲୀରେ ବର୍ତ୍ତମାନ ଏହି ସିଲିଣ୍ଡର ଦର ୫୬୯ ଟଙ୍କାରେ ବିକ୍ରି ହେଉଛି।

# ହୋଣ୍ଡା ଓ ଏଚ୍‌ପିସିଏଲ୍ ମଧ୍ୟରେ ସହଯୋଗିତା ସ୍ଥାପନ

ନୂଆଦିଲ୍ଲୀ,୧।୩




ଭାରତରେ ଇଭି ଯାନ ଚଳାଚଳକୁ ଆଖି ଆଗରେ ରଖି ହୋଣ୍ଡା ମୋଟରର ସହଯୋଗୀ ସଂସ୍ଥା ହୋଣ୍ଡା ପାୱାର ପ୍ୟାକ୍ ଏନର୍ଜି ଇଣ୍ଡିଆ ଲିମିଟେଡ୍ ଏବଂ ମହାରତ୍ନ ତୈଳ କମ୍ପାନୀ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ଏଚ୍‌ପିସିଏଲ୍) ମଧ୍ୟରେ ବ୍ୟାଟେରି ଶେୟାରିଂ ସେବାକୁ ନେଇ ଏକ ସହଯୋଗିତା ସ୍ଥାପନ କରାଯାଇଛି। ଏହା ଜରିଆରେ କମ୍ପାନୀ ସାରା ଦେଶରେ ଥିବା ଏଚ୍‌ପିସିଏଲ୍‌ର ସମସ୍ତ ରିଟେଲ ଆଉଟ୍‌ଲେଟ୍‌ରେ ବ୍ୟାଟେରି ଶେୟାରିଂ ସେବା ପ୍ରଦାନ କରିବ ବୋଲି ଜଣାପଡ଼ିଛି।

ଏଚ୍‌ପିସିଏଲ୍‌ର ରିଟେଲ ଆଉଟ୍‌ଲେଟ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ କମ୍ପାନୀ ବ୍ୟାଟେରି ସ୍ୱାପିଂ କେନ୍ଦ୍ର ମଧ୍ୟ ସ୍ଥାପନ କରିବ। ବେଙ୍ଗାଲୁରୁ ସହରରୁ ଏହି ସେବା ଆରମ୍ଭ କରାଯିବା ପରେ ପର୍ଯ୍ୟାୟକ୍ରମେ ତାହାକୁ ଅନ୍ୟ ସହରଗୁଡ଼ିକୁ ସମ୍ପ୍ରସାରିତ କରାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ତିନିଚକିଆ ଓ ପରେ ଦୁଇଚକିଆଗୁଡିକ ପାଇଁ ଏହି ସେବା ଉପଲବ୍ଧ ହେବ।

ନିକଟରେ ଏହି ୨ବୃହତ୍ କମ୍ପାନୀ ମଧ୍ୟରେ ଅନ୍‌ଲାଇନରେ ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହୋଣ୍ଡା ପାୱାର ପ୍ୟାକ୍ ଏନର୍ଜି ଇଣ୍ଡିଆର ସଭାପତି ଓ ସିଏମ୍‌ଡି କିୟୋସି ଇଟୋ କହିଛନ୍ତି, ଭାରତରେ ଏକ ଭରସାଯୋଗ୍ୟ ଓ ଗ୍ରାହକ କୈନ୍ଦ୍ରିକ ବ୍ୟାଟେରି ଶେୟାରିଂ ସେବା ଆରମ୍ଭ କରିବା ଓ ସବୁଜ ଭବିଷ୍ୟତକୁ ନିଶ୍ଚିତ କରିବା ଲାଗି ହୋଣ୍ଡା ଓ ଏଚ୍‌ପିସିଏଲ୍ ମଧ୍ୟରେ ଏକ ଦୀର୍ଘସ୍ଥାୟୀ ସହଯୋଗିତାକୁ ସେ ଚାହିଁରହିଛନ୍ତି। ଏଚ୍‌ପିସିଏଲ୍ ସହ ସହଯୋଗିତାକୁ ସେ ଠିକ୍ ସମୟରେ ଠିକ୍ ସାଥୀ ମିଳିଥିବା କହିଛନ୍ତି। ସେହିଭଳି ଏଚ୍‌ପିସିଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (କର୍ପୋରେଟ୍ ଷ୍ଟ୍ରାଟେଜି ପ୍ଲାନିଂ ଆଣ୍ଡ ବିଜ୍‌ନେସ୍ ଡେଭେଲପ୍‌ମେଣ୍ଟ) ରଜନୀଶ ମେହେଟ୍ଟା କହିଛନ୍ତି, ୨୦୪୦ ସୁଦ୍ଧା ଏକ ନେଟ୍ ଜିରୋ କମ୍ପାନୀରେ ପରିଣତ ହେବା ଲାଗି ଏଚ୍‌ପିସିଏଲ୍ ପ୍ରତିବଦ୍ଧ ରହିଛି। ହୋଣ୍ଡା ସହ ଏହି ସହଯୋଗିତା ସେହି ଲକ୍ଷ୍ୟ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଶକ୍ତି ରୂପାନ୍ତରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ହୋଣ୍ଡା ଓ ଏଚ୍‌ପିସିଏଲ୍ ମଧ୍ୟରେ ସହଯୋଗିତା ଉଭୟ ସଂସ୍ଥା ଲାଗି ପଥ ପ୍ରଦର୍ଶନ କରିବ। ଫଳରେ ଉଭୟ ସଂସ୍ଥା ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗମନକୁ ହ୍ରାସ କରି ଭାରତରେ ଏକ ସବୁଜ ଭବିଷ୍ୟତ ଗଠନ କରିବା ଏବଂ ଅକ୍ଷୟ ଶକ୍ତିର ବ୍ୟବହାରକୁ ବଢ଼ାଇବା ସହ ସବୁଜ ଗ୍ୟାସ୍ ନିର୍ଗମନ ପ୍ରତି ୨୦% ଅବଦାନ ଦେଉଥିବା ପରିବହନ କ୍ଷେତ୍ରର ବିଦ୍ୟୁତ୍‌କରଣ ଲାଗି ପ୍ରତିବଦ୍ଧତାକୁ ଦୋହରାଇଛନ୍ତି।

# ବିଓଏମ୍‌ର ୩୯ତମ ଜେଡ୍‌ଓ ଉଦ୍‌ଘାଟିତ

ଭୁବନେଶ୍ୱର,୧।୩

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍) ର ୩୯ତମ ଜୋନାଲ ଅଫିସ(ଜେଡ୍‌ଓ) ସ୍ଥାନୀୟ ରୂପାଲୀଛକଠାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏ.ଏସ୍. ରାଜୀବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଞ୍ଚଳିକ କାର୍ଯ୍ୟାଳୟ ସହ ଶହୀଦନଗର ଶାଖାର ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ କହିଥିଲେ, ବ୍ୟବସାୟିକ ଅଭିବୃଦ୍ଧି ଦୃଷ୍ଟିକୋଣରୁ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ବର୍ତ୍ତମାନ ଶ୍ରେଷ୍ଠତମ ସ୍ଥାନରେ ରହିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ଓ ଦ୍ୱିତୀୟ ତ୍ରୈମାସରେ ପବ୍ଲିକ ସେକ୍ଟର ବ୍ୟାଙ୍କଗୁଡିକ ମଧ୍ୟରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ୟାଙ୍କ ଭାବେ ଗଣାହେଉଛି ବୋଲି ରାଜୀବ ମତବ୍ୟକ୍ତ କରିଛନ୍ତି। ସେହିଭଳି ବ୍ୟାଙ୍କର ଭୁବନେଶ୍ୱର ଜୋନ୍‌ର ଜୋନାଲ ମ୍ୟାନେଜର ବିନୟ କୁମାର ଭୁବନେଶ୍ୱରରେ ଖୋଲିଥିବା ନୂତନ ଜୋନ୍‌କୁ ନେଇ ନିଜର ଖୁସି ବ୍ୟକ୍ତ କରିଥିବା ସହ ଶାଖାଗୁଡ଼ିକର ବିସ୍ତାରିତ ନେଟ୍‌ୱର୍କ ଏବଂ ଅନ୍ୟାନ୍ୟ ଚ୍ୟାନେଲ ମାଧ୍ୟମରେ ଖୁଚୁରା ଗ୍ରାହକମାନଙ୍କୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବାର ପ୍ରତିଶ୍ରୁତିକୁ ପୂରଣ କରାଯାଇପାରିବ ବୋଲି ସେ କହିଛନ୍ତି। ଉକ୍ତ ଆଞ୍ଚଳିକ କାର୍ଯ୍ୟାଳୟ ଓଡ଼ିଶାରେ ସମସ୍ତ ସାଧାରଣ ବ୍ୟାଙ୍କିଙ୍ଗ୍ କାରବାର ଏବଂ ଗ୍ରାହକଙ୍କ ସ୍ୱତନ୍ତ୍ର ଆବଶ୍ୟକତାକୁ ପୂରଣ କରିବା ସହ ରିଟେଲ, କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଉତ୍ପାଦ ଏବଂ ଆର୍ଥିକ ସେବା ପ୍ରଦାନ କରିବ। ଚଳିତ ବର୍ଷ ଜୁନ୍ ସୁଦ୍ଧା ଓଡ଼ିଶାରେ ୧୩ଟି ନୂତନ ଶାଖା ଖୋଲାଯିବାର ଯୋଜନା ରହିଛି ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

BIRTHDAY WISH



You are the beautiful gift God sent for us. This day is just as much as special as you are special to us.
Happy Birthday Chiki
(Mummy, Kisan, Mamu, Mainee, Aiee & others).
D-23280

ଦ୍ୱିତୀୟ ଜନ୍ମବାର୍ଷିକ



ଶ୍ରେୟାଂଶ (ବିଭୁ)
ବାସୁକେରା, ସାକ୍ଷୀଗୋପାଳ
ତୋର ଦୀର୍ଘ ନିରାମୟ ଜୀବନ କାମନା ପୂର୍ବକ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
-:ଶୁଭେଚ୍ଛା ସହ:-
ଜେଜେ, ଜେଜେମା’, ଅଜା, ଆଈ, ମାମୁ, ମାଇଁ, ବିଷ୍ଣୁ, କାହ୍ନା, ସୁବୁ ଓ ପରିବାର ।
ଧ-୨୩୨୮୭

MISSING



ନାମ: ଶାନ୍ତିଲତା ମାଝୀ, ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.– 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି– 9438411083.
ଧ-୨୩୨୧୮

## ଫୁର୍‌ସତ୍

# ଫି ବଢ଼ାଇଲେ ଶାହିଦ



ଶାହିଦ କପୁର

**ମୁମ୍ବାଇ:** ବଲିଉଡ ଅଭିନେତା ଶାହିଦ୍ କପୁରଙ୍କ ଆଗାମୀ ଫିଲ୍ମ ଜର୍ସି ୧୪ ଏପ୍ରିଲରେ ରିଲିଜ ହେବ । ଏହି ଫିଲ୍ମ ପାଇଁ ଅଭିନେତା ପ୍ରଥମେ ୩୧ କୋଟି ଟଙ୍କା ପାଉଣା ଦାବି କରିଥିଲେ। ଶେଷ ମୁହୂର୍ତ୍ତରେ ଓମିକ୍ରନ କାରଣରୁ ଫିଲ୍ମର ରିଲିଜ ବିଳମ୍ବ ହୋଇଥିଲା। ପରେ ଶାହିଦ ଫି କାଟ୍ କରିଥିଲେ। ମାତ୍ର ଏବେ ସେ ଅଲି ଅବ୍ବାସ ଜାଫରଙ୍କ ଆଗାମୀ ଥ୍ରିଲର ମୁଭି ପାଇଁ ପୁଣି ତାଙ୍କ ବଢ଼ାଇଛନ୍ତି। ଶାହିଦଙ୍କ ଅଭିନୀତ ତଥା ଅଲି ଅବ୍ବାସ ଜାଫରଙ୍କ ନିର୍ଦ୍ଦେଶିତ ପରବର୍ତ୍ତୀ ଆକ୍ସନ-ପ୍ୟାକ୍ ଥ୍ରୀଲର ଫିଲ୍ମ ପାଇଁ ସହିଦ ୩୮ କୋଟି ଟଙ୍କା ଆଦାୟ କରିଛନ୍ତି। ଏହି ଫି ଜର୍ସି ଠାରୁ ୨୫ ପ୍ରତିଶତ ଅଧିକ। ଗୌତମ ତିନାନୁରୀଙ୍କ ନିର୍ଦ୍ଦେଶିତ ଫିଲ୍ମ ‘ଜର୍ସି’ ଜଣେ କ୍ରିକେଟରଙ୍କ କାହାଣୀ ଉପରେ ଆଧାରିତ। କ୍ରିକେଟର ଅର୍ଜୁନ ପରିସ୍ଥିତିର ଚାପରେ ପଡ଼ି କ୍ରିକେଟ କ୍ୟାରିୟର ଛାଡ଼ିଦେଇଛନ୍ତି। ହେଲେ ପରେ ପୁଅର ଇଚ୍ଛାକୁ ଦେଖି ସେ ୩୬ ବର୍ଷ ବୟସରେ ପୁଣି କ୍ରିକେଟ ପଡ଼ିଆକୁ ଓହ୍ଲାଇ ଭାରତୀୟ ଟିମ୍‌ରେ ଖେଳିବା ସହ କିପରି ସଫଳତା ପାଇଛନ୍ତି ତାହା ଉପରେ ଫିଲ୍ମ ଗତିଶୀଳ ହୋଇଛି। ଏଥିରେ ଶାହିଦ କପୁର ‘ଅର୍ଜୁନ’ଙ୍କ ଭୂମିକାରେ ରହିଛନ୍ତି। ‘ଜର୍ସି’ ଦକ୍ଷିଣ ଭାରତୀୟ ଫିଲ୍ମର ହିନ୍ଦୀ ରିମେକ୍।

# ଦୁର୍ଘଟଣାରେ ‘କାଚା ବାଦାମ’ର ଭୁବନ ଆହତ

ମୁମ୍ବାଇ



ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି କାଚା ବାଦାମ ସଙ୍ଗୀତ ଗାଇଥିବା ପଶ୍ଚିମବଙ୍ଗର ଭୁବନ ବିଦ୍ୟାକର। ତାଙ୍କ ଛାତିରେ ଏବଂ ଶରୀରର ବିଭିନ୍ନ ଅଙ୍ଗରେ ଆଘାତ ଲାଗିଥିବାରୁ ଚିକିତ୍ସା ପାଇଁ ପଶ୍ଚିମବଙ୍ଗସ୍ଥିତ ବୀରଭୂମି ସରି ସୁପର ସ୍ପେଶାଲିଷ୍ଟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୂଚନା ମୁତାବକ, କାଚା ବାଦାମ ଗୀତ ଗାଇ ରାତାରାତି ଲୋକପ୍ରିୟ ହେବା ପରେ ନିକଟରେ ଭୁବନ ଏକ ସେକେଣ୍ଡ ହ୍ୟାଣ୍ଡ କାର୍ କିଣିଛନ୍ତି। ତେବେ କାର ଚଳାଇବା ଶିଖିବା ସମୟରେ ସେ ଦୁର୍ଘଟଣାର ଶିକାର ହୋଇଛନ୍ତି। ୫୦ ବର୍ଷୀୟ ଭୁବନ ପଶ୍ଚିମବଙ୍ଗର ବୀରଭୂମି ଜିଲା ଦୁବରାଜପୁର ବ୍ଲକ କୁରାଲଜୁରି ଗାଁରେ ବାଦାମ ବିକ୍ରି କରିବା ସହ କାଚା ବାଦାମ ଗୀତ ଗାଉଥିଲେ। ସୋସିଆଲ ମିଡିଆରେ ଏହି ଗୀତ ଅପଲୋଡ ହେବା ପରେ ରାତାରାତି ସେହି ଗୀତର ଡିମାଣ୍ଡ ବଢ଼ିବାକୁ ଲାଗିଲା। ଫଳରେ ଛୋଟରୁ ବଡ ପର୍ଯ୍ୟନ୍ତ ଏହି ଗୀତରେ ଭିଡିଓ କରିଥିଲେ।

# ଭିନ୍ନ ପରିଚୟ ଦେଇଛି ମହାଦେବଙ୍କ ଚରିତ୍ର





**ମୁମ୍ବାଇ:** ଟିଭି ପରଦାରେ ଶିବଙ୍କ କଥା ଉଠିଲେ ମନରେ ତରୁଣ ଖାନ୍ନାଙ୍କ ମୁଖ ସାମ୍ନାକୁ ଆସେ। ଲୋକପ୍ରିୟ କଳାକାର ଭାବେ ତରୁଣ ଛୋଟ ପରଦାରେ ଆଠରୁ ଅଧିକ ଥର ମହାଦେବଙ୍କ ଭୂମିକାରେ ନଜର ଆସିଛନ୍ତି। ପ୍ରଥମ ଥର ପାଇଁ ସେ ‘ସନ୍ତୋଷୀ ମା’ ଧାରାବାହିକରେ ଶିବ ହୋଇଥିଲେ। ଏହାପରେ ସେ ‘କର୍ମଫଳ ଦାତା ଶନି’, ‘ପରମାବତାର ଶ୍ରୀକୃଷ୍ଣ’, ‘ରାଧାକୃଷ୍ଣ’, ‘ଦେବୀ ଆଦି ପରାଶକ୍ତି’, ‘ନମଃ’, ‘ରାମ ସିୟା କେ ଲବକୁଶ’ରେ ସମାନ ଭୂମିକାରେ ନଜରକୁ ଆସିଥିଲେ। ତେବେ ସେ ଷ୍ଟାର ଭାରତର ଧାରାବାହିକ ‘ଜୟ କନ୍ହେୟା ଲାଲ କି’ରେ ଭଗବାନ ଶିବଙ୍କ ଭୂମିକାରେ ନଜରକୁ ଆସିବେ। ତରୁଣ ଷ୍ଟାର ପ୍ଲସରେ ପ୍ରସାରିତ ହେଉଥିବା ଧାରାବାହିକ ‘ଅବିନାଶ ଆଇପିଏସ୍’ ଜରିଆରେ ଅଭିନୟ ଦୁନିଆରେ ଡେବ୍ୟୁ କରିଥିଲେ। ୨୦୧୪ରେ ସେ ସ୍ମୃତି ଖାନ୍ନାଙ୍କୁ ବିବାହ କରିଥିଲେ। ସେ ‘ମିଶନ ଜୁଲାଇ ଏବଂ ଡିସୁମ୍’ ଆଦି ଚଳଚ୍ଚିତ୍ରରେ ମଧ୍ୟ କାମ କରିଛନ୍ତି। ଅନେକ ପଞ୍ଜାବୀ ଫିଲ୍ମରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିଥିଲା। ମହାଦେବ ଚରିତ୍ର ତାଙ୍କୁ ଏକ ଭିନ୍ନ ପରିଚୟ ଦେଇଛି ବୋଲି ସେ କହିଛନ୍ତି।

ମନେ ପଡ଼ନ୍ତି

ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ କାଶୀନାଥ ରଥ
ବୀରରାମଚନ୍ଦ୍ରପୁର, ପୁରୀ
ତିରୋଧାନ: ୦୬।୦୩।୨୦୧୯
ଆପଣଙ୍କ ଭଲପାଇବା, ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ପରୋପକାରିତା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ ।
ଧ-୨୩୨୪୦

# ଫୁଲ ସଦୃଶ ପଥର

**ନୂଆଦିଲ୍ଲୀ:** ପୃଥିବୀ ଛଡା ଅନ୍ୟ ଗ୍ରହରେ ମଣିଷ ବଞ୍ଚିବା ସମ୍ଭବ କି ନୁହେଁ, ଏନେଇ ବୈଜ୍ଞାନିକମାନେ ଗବେଷଣା ଜାରି ରଖିଛନ୍ତି। ପୂର୍ବରୁ ଚନ୍ଦ୍ର ପରେ ମଙ୍ଗଳରେ ମନୁଷ୍ୟ ବଞ୍ଚିବା ପାଇଁ ପାଣି ରହିଛି ବୋଲି ସୂଚନା ମିଳିଥିଲା। ନିକଟରେ ମଙ୍ଗଳ ଗ୍ରହରୁ ନାସା ପକ୍ଷରୁ ଉଠାଯାଇଥିବା ଫଟୋରେ ଏପରି ଏକ ଦୃଶ୍ୟ ସାମ୍ନାକୁ ଆସିଛି, ଯାହା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଫଟୋରେ ମଙ୍ଗଳରେ ଫୁଲ ଫୁଟିଥିବା ନଜରକୁ ଆସିଛି। ଯଦି ମଙ୍ଗଳରେ ଗଛ ବଞ୍ଚିବା ସମ୍ଭବ ହେଉଛି ତେବେ ମନୁଷ୍ୟ ପାଇଁ ଏହା ଅତ୍ୟନ୍ତ ଲାଭଦାୟକ ହେବ ବୋଲି ବୈଜ୍ଞାନିକ ମତ ରଖିଛନ୍ତି। କିନ୍ତୁ ଏହି ଫଟୋର ସତ୍ୟାସତ୍ୟ ବୈଜ୍ଞାନିକ ପ୍ରକାଶ କରିଛନ୍ତି। ପ୍ରକୃତରେ ମିଳିଥିବା ଫଟୋ ଏକ ପଥର, ଯାହାକି ଦେଖିବାକୁ ଫୁଲ ଆକୃତିର। ପ୍ରଥମ ଥର ପାଇଁ ଯେତେବେଳେ ଏହାକୁ ବୈଜ୍ଞାନିକମାନେ ଦେଖିଥିଲେ, ସେମାନେ ମଧ୍ୟ ଦ୍ୱନ୍ଦ୍ୱରେ ପଡିଥିଲେ। ପରେ ଫଟୋ ଯାଞ୍ଚ କରିବାରୁ ତାହା ପଥର ବୋଲି ଜଣାପଡିଥିଲା। ଏହି ଫୁଲ ସଦୃଶ ପଥରର ନାମ ବ୍ଲୌକଥର୍ନ ସଲ୍ଟ ବୋଲି ରଖାଯାଇଛି।



CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385 8637280816, 7894447167, 9338226625

ବାଲାଜୀ ଫାଇନାନ୍ସ
ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ପର୍ସନାଲ, ସବୁ ପ୍ରକାର ଋଣ ।
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ।
40% ଛାଡ଼ ।
ଘରେ ବସି ମାତ୍ର 1 ଦିନରେ ।
ଠକମାନଙ୍କ ପ୍ରତି ସାବଧାନ ।
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ ।
77038 98439

!! LOAN !! LOAN !!
ଫୋନ୍ ମାଧ୍ୟମରେ ଲୋନ୍ କରାଯାଏ ନାହିଁ, ବ୍ୟାଙ୍କକୁ ଯିବା ଆବଶ୍ୟକ ।
ଓଡିଶାର ସମସ୍ତ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ମାଧ୍ୟମରେ ଯଦି ଆପଣଙ୍କର କର୍ମଚାରୀଙ୍କ ଦରମା ସ୍ଲିପ୍ ଏବଂ ବ୍ୟବସାୟୀଙ୍କ ପାଇଁ ବ୍ୟବସାୟ ଲାଇସେନ୍ସ ଅଛି । ତେବେ ଆପଣ ଆପଣଙ୍କର ସ୍ଥାନୀୟ ବ୍ୟାଙ୍କରୁ ୫ଲକ୍ଷ ରୁ ୪୦ଲକ୍ଷ ପର୍ଯ୍ୟନ୍ତ ୮% ରୁ ୧୦% ସିକ୍ୟୁରିଟି ରେ ୧୨-୧୫ ଦିନ ମଧ୍ୟରେ ଲୋନ୍ ନେଇପାରିବେ ।
ନୋଟ୍- ୧.ପ୍ରଥମେ ଲୋନ୍ ନିଅନ୍ତୁ, ତା ପରେ କମିସନ ଦିଅନ୍ତୁ । ୨.ପର୍ସନାଲ କିମ୍ବା କମ୍ପାନୀ ନାମରେ ଲୋନ୍ ନିଅନ୍ତୁ - କୌଣସି ଫାଇଲ୍ ଚାର୍ଜେସ୍, ବୀମା କିମ୍ବା ଅନ୍ୟ କୌଣସି ଚାର୍ଜେସ୍ ଦେଇ ଠକାମିର ଶୀକାର ହୁଅନ୍ତୁ ନାହିଁ ।
+91 9038258863
+91 7797044021

ALL EDITION - B/W (Everyday)
for Booking Contact:
0674-2580385
8637280816, 7894447167, 9338226625

ବେରୋଜଗାରରୁ ସ୍ୱାବଲମ୍ବୀ ହୁଅନ୍ତୁ
ନିଜ ଘରେ ଡିସ୍‌ପୋଜେବଲ୍, ପ୍ଲାଷ୍ଟିକ୍ କପ୍, ପ୍ଲେଟ୍, ଗ୍ଲାସ୍, ମାସ୍କ, ଜୋତା, ଚପଲ, ମୋବାଇଲ ଚାର୍ଜର, ପାଣି ବୋତଲ, ୱାଲପେପର୍, ଏଲ୍‌ଇଡି ବଲ୍‌ବ, ଟିଶାର୍ଟ, ଟିସୁ, କୁର୍‌କୁରେ, ସର୍ଫ, ସାବୁନ, କ୍ୟାରି ବ୍ୟାଗ୍, ଟବ୍, ବାଲ୍‌ଟି ଆଦିର ଫ୍ୟାକ୍ଟ୍ରି ବସାନ୍ତୁ ।
କମ୍ପାନୀ ଘରେ ବସି କାମ ଦେବ କେବଳ ମାଲ୍ ତିଆରି କରନ୍ତୁ ଓ ତିଆରି ମାଲ୍ କମ୍ପାନୀକୁ ବିକନ୍ତୁ
ଛୋଟ ମେଶିନ୍, ବଡ଼ ଫାଇଦା, ଥରେ ସେଟ୍ ଅପ୍ କରନ୍ତୁ ସାରା ଜୀବନ ରୋଜଗାର କରନ୍ତୁ
ଦୈନିକ 12000+ ରୋଜଗାର କରନ୍ତୁ
ଛୋଟ ଚାକିରି ଛାଡ଼ି ନିଜ କମ୍ପାନୀର ମାଲିକ ହୁଅନ୍ତୁ
Contact: 7827633638

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ନଳିତା ଜମି ପ୍ରସ୍ତୁତି



**ନ**ଳିତା ବୁଣିବା ପାଇଁ ଜମି ପ୍ରସ୍ତୁତ କରନ୍ତୁ। ଯେଉଁ ଅଞ୍ଚଳରେ କେନାଲ କିମ୍ବା ଉଠାଜଳସେଚନର ସୁବିଧା ଅଛି, ସେଠାରେ ମାର୍ଚ୍ଚ ୧୫ ତାରିଖଠାରୁ ପିତା ନଳିତା ବୁଣାବୁଣି କାର୍ଯ୍ୟ ଆରମ୍ଭ କରାଯାଇପାରିବ। ମାଟିକୁ ଭଲ ଭାବରେ ଗୁଣ୍ଡ କରି ହେକ୍ଟର ପ୍ରତି ୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ହେକ୍ଟର ପ୍ରତି ପିତା ନଳିତା ପାଇଁ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର, ମଧୁର ନଳିତାରେ ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଶେଷଓଡ଼ ଚାଷ ସମୟରେ ସମୁଦାୟ ଫସ୍‌ଫରସ୍ ଓ ପଟାସ୍ ସାରକୁ ମାଟିରେ ମିଶାଇ ଦିଅନ୍ତୁ । ଯବକ୍ଷାରଜାନ ସାରର ଅର୍ଦ୍ଧେକ ବୁଣିବାର ୨୦-୨୫ ଦିନ ପରେ ଘାସବଛା ଓ କୋଡ଼ାଖୁସା ସମୟରେ ପ୍ରୟୋଗ କରନ୍ତୁ। ଅବଶିଷ୍ଟ ଅର୍ଦ୍ଧେକ ଏହାର ୧୫ ଦିନ ପରେ ପ୍ରୟୋଗ କରନ୍ତୁ। ଧାଡ଼ିବୁଣା ପାଇଁ ହେକ୍ଟର ପ୍ରତି ୫ କିଲୋଗ୍ରାମ୍ ଓ ଛଟାବୁଣା ପାଇଁ ୭.୫ କିଲୋଗ୍ରାମ୍ ବିହନ ଆବଶ୍ୟକ । ୧ କି.ଗ୍ରା. ବିହନ ବିଶୋଧନ ପାଇଁ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଆବଶ୍ୟକ। ମଧୁର ନଳିତା କିସମଗୁଡ଼ିକ ହେଲା ରେବତୀ, ମହାଦେବ, ବୈଶାଖୀ ତୋଷା, ଚୈତାଳି ତୋଷା, ସୂର୍ଯ୍ୟ, ସୁରେନ୍ ଏବଂ ପିତା ନଳିତା କିସମଗୁଡ଼ିକ ହେଲା ବଳଦେବ, ଜୟଦେବ, ଶ୍ରେଷ୍ଠା, ସବୁଜସୁନା, ଶ୍ୟାମଳି, ଶ୍ରାବନ୍ତୀ।

## ଖରାଦିନିଆ ପନିପରିବା ଚାଷ

**ଖ**ରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ। ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା: ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ। ୧ ମାସର ବାଇଗଣ ତଳି ମୁଖ୍ୟ ଜମିରେ ଲଗାନ୍ତୁ। ସମସ୍ତ ପ୍ରକାରର କଖାରୁଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨-୩ଟି ସୁସ୍ଥ ସବଳର ଗଛ ରଖି ଅନ୍ୟାନ୍ୟ ଚାରାଗୁଡ଼ିକୁ ଉପାଡ଼ି ଦିଅନ୍ତୁ। ଉନ୍ନତ କିସମ ବା ସଙ୍କରଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ। ଜମିକୁ ଭଲଭାବରେ ଚାଷ କରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବର ଖତ ବା ଜିଆଖତ ବ୍ୟବହାର କରନ୍ତୁ। ପ୍ରତ୍ୟେକ ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷା କରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ ।



## ଅଧିକ ଅମଳକ୍ଷମ ଫଳଚାଷ



**ଅ**ଧିକ ଅମଳ ପାଇବା ପାଇଁ ଗଛର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ। ଆମ୍ବ ଡାହାଣୀ ଦମନ ପାଇଁ ଆମ୍ବକଷି ଧରିବା ଅବସ୍ଥାରେ ଥରେ ୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ କିମ୍ବା ଥାୟୋମିଥୋକ୍‌ସାମ୍ (୩ ଗ୍ରାମ୍) ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫିମ୍ପି ତଥା ପାଉଁଶିଆ ରୋଗର ପ୍ରତିକାର ପାଇଁ ବଉଳ ହେବାର ୧୫ ଦିନ ପରେ ଥରେ ସଲ୍‌ଫର (ସେଚିତ ଗୁଣ୍ଡ) ୦.୪% କିମ୍ବା ୦.୧୦% ବାଭିଷ୍ଟିନ୍ ବା ପେନ୍‌କୋନାଜୋଲ୍ ୦.୫ ମି.ଲି./ଲିଟର ପାଣି ସିଞ୍ଚନ କରନ୍ତୁ। ଅଧିକ ଅମଳ ପାଇବା ପାଇଁ ଚଣା ଅବସ୍ଥାରେ ଗଛରେ ପ୍ଲାନୋଫିକ୍ସ କିମ୍ବା ପ୍ଲାନୋଭିଟା ୭ ମି.ଲି.କୁ ୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କଷି ଧରି ସାରିଥିଲେ ଜଳସେଚନର ବ୍ୟବସ୍ଥା କରନ୍ତୁ। ଫଳ ବଗିଚାକୁ ଉଇଦାଉରୁ ରକ୍ଷା କରିବା ପାଇଁ ଜଳସେଚନ ପୂର୍ବରୁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛ ପ୍ରତି ୧୦ ରୁ ୨୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ । ଦହିଆ ପୋକକୁ ନିୟନ୍ତ୍ରଣ କରିବାକୁ ହେଲେ ଗଛର ଗଣ୍ଡି ଚାରିପଟେ ଗ୍ରୀଜ୍‌ର ଲେପ କିମ୍ବା ମସୃଣ ଟିଣ ବ୍ୟାଣ୍ଡ୍ (୪ରୁ ୬ ଇଞ୍ଚ ଓସାର) ଭୂମି ପତନଠାରୁ ଦେଢ଼ ଫୁଟ ଉଚ୍ଚରେ ଦିଅନ୍ତୁ ।



## ଚିନାବାଦାମରେ ଘାସବଛା

**ଚି**ନାବାଦାମ ବୁଣିବାର ଦୁଇ ତିନି ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ। ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ, ତେବେ ଏହିସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇ ପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ। ୧୨ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ। ଲାଲ୍‌ଶୁଁଆଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ। ଜଉପୋକ ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ୧୨୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ। ପତ୍ରଦାଗ ରୋଗ (ଟିକା) ଦେଖାଦେଲେ ହେକ୍ଟର ପ୍ରତି ୫୦୦ ମି.ଲି. ଟେବୁକୋନାଜୋଲ୍/ ହେକ୍ସାକୋନାଜଲ୍ କିମ୍ବା କ୍ଲୋରୋଥାଲୋନିଲ୍ ୨ ଗ୍ରାମ୍/ ଲିଟର ପାଣି ସିଞ୍ଚନ କରନ୍ତୁ।

## ସୋରିଷରେ ପତ୍ରଚିତା ରୋଗ ହେଲେ..



**ସୋ**ରିଷ ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଅଧିକ ଅମଳକ୍ଷମ ସୋରିଷ ଚାଷ ।ଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍.ଜି.- ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ। କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## କୁକୁଡ଼ାଙ୍କୁ ରାଣୀକ୍ଷେତ ରୋଗ ହେଲେ...



**ରା**ଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ରୁ ୭ ଦିନର କୁକୁଡ଼ା ଚିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ। ୨୧ ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ। ୫୬ ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ଟିକା ଦିଅନ୍ତୁ। ୧୧୨ ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ବୁଷ୍ଟର ଟିକା ଦିଅନ୍ତୁ। ବର୍ତ୍ତମାନ କୁକୁଡ଼ା ଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଚିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜ୍‌ବେଷ୍ଟସ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ । ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା'ପରେ ୬ ମାସ ଅନ୍ତରରେ ଆର୍.ଟୁ.ବି. ଟିକା ଦିଅନ୍ତୁ, ଯାହା ଫଳରେ ରାଣୀକ୍ଷେତ ରୋଗ ହେବ ନାହିଁ ।

# ଡାଲୁଅ ଧାନରେ କାଣ୍ଡବିନ୍ଧା ପୋକ ଦମନ

### ଏ ମାସର କୃଷି ସୂଚନା



**ଡା**ଲୁଅ ଧାନରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏବେ ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବାର ସମ୍ଭାବନା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ଦିନେ ଦୁଇ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ଟି ବୁଢ଼ିଆଣୀ ଥିଲେ ପୋକସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଗହମ :** ଗହମ ଗଛ ସମ୍ପୂର୍ଣ୍ଣ ହଳଦିଆ ପଡ଼ି ଶୁଖିଗଲେ ବା କେଣ୍ଡାରେ ଗହମ ଦାନା ଝଣ ଝଣ ଶବ୍ଦ କଲେ ସେଗୁଡ଼ିକ କାଟିଆଣି ଅମଳ କରି ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

**ଡାଲିଜାତୀୟ ଫସଲ :** ଜଳସେଚନର ସୁବିଧା ଥିଲେ ମୁଗ ଓ ବିରି ଫସଲରେ ୨୦-୨୫ ଦିନ ବେଳକୁ ଥରେ ଜଳସେଚନ କରନ୍ତୁ। ଜଳସେଚନ ପୂର୍ବରୁ ଟାର୍ଗା ସୁପର ୨ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ଫସଲକୁ ୧୫-୨୦ ଦିନ ବେଳକୁ ସିଞ୍ଚନ କଲେ ଏକ ବୀଜପତ୍ରୀ ଅନାବନା ଘାସଦାଉରୁ ସମ୍ପୂର୍ଣ୍ଣ ରକ୍ଷା ମିଳିଥାଏ ।

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦାମ :** ଚିନାବାଦାମ ଅମଳଯୋଗ୍ୟ ହେଲେ ଅର୍ଥାତ୍ ଗଛ ହଳଦିଆ ପଡ଼ି ଶୁଖି ଆସିଲେ, ଚିନାବାଦାମ ଖୋସା ଭିତର ପଟେ କଳାଦାଗ ପଡ଼ିଲେ ଓ ଚିନାବାଦାମ ମଞ୍ଜି ଚୋପା ଗୋଲାପି ପଡ଼ିଆସିଲେ ଚିନାବାଦାମ ଅମଳ କରନ୍ତୁ । ଅମଳ ଚିନାବାଦାମକୁ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

**ରାଶି :** ଖରାଦିନିଆ ରାଶି ଫସଲ ୩ ସପ୍ତାହର ହୋଇଗଲେ ପ୍ରଥମେ ଜଳସେଚନ କରି କୋଡ଼ାଖୁସା କରନ୍ତୁ ଓ ଘାସ ବାଛି ଦିଅନ୍ତୁ।

**ସୂର୍ଯ୍ୟମୁଖୀ :** ଫସଲରେ ଧଳାମାଛି ବା ପତ୍ର ଉକୁଣୀ ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଆସିଟାମିପ୍ରିଡ୍ ବା ୧୨୫ ଗ୍ରାମ୍ ଥାଇଓମେଥୋକ୍‌ଜାମ୍ ଔଷଧକୁ ୫୦୦ ଲିଟର ପାଣି ସହ ମିଶାଇ ସିଞ୍ଚନ କରିବା ଆବଶ୍ୟକ।

**ଆଖୁ :** ଆଖୁ ଲଗାଇବା କାର୍ଯ୍ୟ ଶେଷ କରନ୍ତୁ। ପୂର୍ବରୁ ଲଗାଯାଇଥିବା ଆଖୁ ଫସଲରେ ସଅଳ କିସମରେ ୪୫ ଓ ୯୦ ଦିନରେ ଏବଂ ମଧ୍ୟମ ଓ ବିଳମ୍ବ କିସମରେ ୪୫, ୯୦ ଓ ୧୨୦ ଦିନରେ ହେକ୍ଟର ପ୍ରତି ୩୦୦ କି.ଗ୍ରା. ଯବକ୍ଷାରଜାନ ସାର ସମାନ କିସ୍ତିରେ ପ୍ରୟୋଗ କରନ୍ତୁ। ୧୨୦ ଦିନ ପରେ ଆଖୁ ଫସଲରେ ଯବକ୍ଷାରଜାନ ସାର ପ୍ରୟୋଗ କରିବା ଉଚିତ ନୁହେଁ। କଳାଛଟା ରୋଗ ଆଖୁ ଗଛରେ ଦେଖାଦେଲେ ଆକ୍ରାନ୍ତ ଗଛକୁ ମୂଳରୁ ଓପାଡ଼ି କିଆରି ବାହାରେ ପୋଡ଼ି ଦିଅନ୍ତୁ। ଆକ୍ରାନ୍ତ କିଆରିରେ ପ୍ରୋପିକୋନାଜୋଲ୍ ୧.୦ ମି.ଲି., ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଫୁଲଚାଷ :** ବ୍ୟବସାୟିକ ଭିତ୍ତିରେ ଗେଣ୍ଡୁ, ରଜନୀଗନ୍ଧା, ଜିନିଆ ଆଦି ଫୁଲଚାଷ କରନ୍ତୁ । ବାଡ଼ି ବଗିଚା ଅଭାବରେ ଟେବୁଲ୍ ଗୋଲାପ, ଲିଲିୟମ୍ ଓ ସୂର୍ଯ୍ୟମୁଖୀ ଇତ୍ୟାଦି ଫୁଲକୁ କୁଣ୍ଡରେ ମଧ୍ୟ ଲଗାଯାଇ ପାରିବ। ବିହନ ମଞ୍ଜି, କୋଲା ଓ ଖଣ୍ଡରୁ ଚାରା ଉତ୍ପନ୍ନ କରାଯାଇ ପାରିବ।

**ପଶୁପାଳନ :** ଗୋରୁଗାଈଙ୍କୁ ଛାଇରେ ରଖନ୍ତୁ ଏବଂ ପରିଷ୍କାର ପାଣି ପିଇବାକୁ ଦିଅନ୍ତୁ । ଦୁଧିଆଳୀ ଓ ଗର୍ଭବତୀ ଗାଈଙ୍କୁ ଦୈନିକ ଅନ୍ୟାନ୍ୟ ଖାଦ୍ୟ ସହିତ ୩୦ ଗ୍ରାମ୍‌ରୁ ୫୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ନିଶ୍ଚୟ ଦିଅନ୍ତୁ। ଛେଳିର ଓଜନ ଓ ପ୍ରଜନନ ବୃଦ୍ଧି ପାଇଁ ପ୍ରତ୍ୟେକ ଦିନ ୫ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଦିଅନ୍ତୁ। ଗାଈମାନଙ୍କୁ ଚରିବାକୁ ଛାଡୁଥିଲେ ସକାଳୁ ଓ ଉପରଓଳି ଚରାନ୍ତୁ । ଜର୍ସୀ, ହଲଷ୍ଟିନ୍ ବା ସଙ୍କରଜାତୀୟ ଗାଈକୁ ଦିନବେଳେ ଗାଧୋଇ ଦିଅନ୍ତୁ।

**ଛେଳି ଓ ମେଣ୍ଢା ପାଳନ :** ମାର୍ଚ୍ଚ ମାସ ବେଳକୁ ଚରିବା ପାଇଁ ଘାସ ଯଥେଷ୍ଟ ମିଳେ ନାହିଁ । ତେଣୁ ଛେଳି ଓ ମେଣ୍ଢାମାନଙ୍କୁ ଚରି ଆସିଲା ପରେ ଯଥେଷ୍ଟ ଡାଳପତ୍ର କାଟି ଖାଇବାକୁ ଦେବା ଉଚିତ ଓ ଛେଳି ବା ମେଣ୍ଢା ପିଛା ଦୈନିକ ୧୦୦ରୁ ୨୦୦ ଗ୍ରାମ୍ ସନ୍ତୁଳିତ ଦାନା ଖାଇବାକୁ ଦେଲେ ସେମାନେ ଅଧିକ ଓଜନର ହୁଅନ୍ତି ଓ ସେମାନଙ୍କର ମୃତ୍ୟୁ ମଧ୍ୟ ହୋଇ ନ ଥାଏ । ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ କରି ଏଣ୍ଟେରୋଟକ୍ସିମିଆ ଓ ପି.ପି.ଆର୍. ରୋଗ ଟିକା ଦିଅନ୍ତୁ ।

**ମାଛଚାଷ :** ୧ ହେକ୍ଟର ବିଶିଷ୍ଟ ପୋଖରୀ ପାଇଁ ଦୈନିକ ୭.୫ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୭.୫ କି.ଗ୍ରା. ଚିନାବାଦାମ ପିଡ଼ିଆର ମିଶ୍ରଣ ପ୍ରସ୍ତୁତ କରି ମାଛମାନଙ୍କୁ ଖାଇବାକୁ ଦିଅନ୍ତୁ ।

**ଛତୁଚାଷ :** ଛତୁଚାଷ କରୁଥିଲେ ଛତୁଘର ବିଶୋଧନ କରି ପାଳଛତୁ ଚାଷ ଆରମ୍ଭ କରିଦିଅନ୍ତୁ।

– କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର-୩



## ଆଳୁ ଅମଳ ସମୟରେ...



ବର୍ତ୍ତମାନ ଆଳୁ ଅମଳ ସମୟ। ଏ ସମୟରେ ଚାଷୀଭାଇ କେତୋଟି ଦିଗ ପ୍ରତି ଯତ୍ନଶୀଳ ହେଲେ ଉତ୍କୃଷ୍ଟମାନର ଆଳୁ ଅମଳ କରିବା ସହ ପରବର୍ତ୍ତୀ ସମୟରେ ଆଳୁ ପଚିଯିବା ସମସ୍ୟାକୁ ରୋକାଯାଇପାରିବ। ଆଳୁ ଅମଳ କରିବାର ୧୦-୧୫ ଦିନ ପୂର୍ବରୁ ଜମିରେ ଜଳସେଚନ ବନ୍ଦ କରିଦେବା ଆବଶ୍ୟକ। ଏହାଦ୍ୱାରା ଆଳୁର ଉପର ଚୋପା ଟାଣ ହୁଏ ଏବଂ ଅମଳ ସମୟରେ ଓ ଅମଳ ପରେ ଶଢ଼ିବାର ଆଶଙ୍କା କମ୍ ରହେ। ଆଳୁ ଅମଳ ସମୟରେ ଚାଷୀଭାଇ ଯତ୍ନର ସହ ହୁଡ଼ା ଭାଙ୍ଗି ଆଳୁ ଖୋଳିବା ଆବଶ୍ୟକ, ଯେପରିକି ଆଳୁ କଟି ନଯାଏ। ଯଦି କାଁ ଭାଁ କିଛି ଆଳୁ କଟିଯାଏ କିମ୍ବା ଆଘାତ ପାଏ, ସେଗୁଡ଼ିକୁ ଅଲଗା କରି ଶୀଘ୍ର ଖାଇବା ପାଇଁ ବ୍ୟବହାର କରିଦେବା ଆବଶ୍ୟକ। ଆଳୁ ଖୋଳିବା ପରେ ତାହାକୁ ପବନ ଚଳାଚଳ କରୁଥିବା ଛାଇ ଜାଗାରେ (ଖୋଲା ଘର, ଛାତ ଥିବା ଖଳା ପ୍ରଭୃତି) ପତଳା ସ୍ତରରେ ୬-୮ ଦିନ ରଖି ୩-୪ ଦିନ ଅନ୍ତରରେ ପଚା ଆଳୁକୁ ଅଲଗା କରିବା ଆବଶ୍ୟକ ।

# ଖରାଦିନେ ଗୋରୁଙ୍କ ସୁରକ୍ଷା



ଡା. ବୀରକିଶୋର ପରିଡ଼ା

**କୃ**ଷି ସହିତ ପଶୁପାଳନ ଅଙ୍ଗାଙ୍ଗୀଭାବେ ଜଡ଼ିତ। ତେଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସେହି ସୀମିତ ଜମି ମଧ୍ୟରେ ଉନ୍ନତ ଧରଣର ଅଧିକ ଉତ୍ପାଦନଭିତ୍ତିକ ଚାଷ ସହିତ ଅଧିକ ଉତ୍ପାଦନକ୍ଷମ ପଶୁପାଳନର ଆବଶ୍ୟକତା ରହିଛି। ବର୍ତ୍ତମାନ ସରକାରଙ୍କ ତରଫରୁ ପ୍ରାଣୀସମ୍ପଦ କୃତ୍ରିମ ପ୍ରଜନନ ଦ୍ୱାରା ଆମେ ଦେଶୀଗାଈଠାରୁ ସଙ୍କରଜାତୀୟ ଅଧିକ ଉତ୍ପାଦନକ୍ଷମ ଜର୍ସି, ରେଡ୍ ସିନ୍ଧି, ହରିୟାନା ପ୍ରଭୃତି ଦୁଧିଆଳୀ ଗାଈ ଉତ୍ପନ୍ନ କରାଯିବା ସହିତ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଉନ୍ନତ ସଙ୍କରଜାତୀୟ ଦୁଧିଆଳୀ ଗାଈ ଋଣ ମାଧ୍ୟମରେ ଯୋଗାଇ ଦିଆଯାଉଛି।

**ଖରାଦିନେ ପ୍ରଜନନ ଶକ୍ତିହୀନତା ବା ବନ୍ଧ୍ୟାତ୍ୱର କାରଣ:**

ଖରାଦିନେ ସୂର୍ଯ୍ୟତାପ ପ୍ରଭାବରେ ସମସ୍ତ ସବୁଜ ଘାସ ବା ପତ୍ର ତନ୍ତୁଯୁକ୍ତ ଓ ଟାଣୁଆ ହୋଇଥାଏ ଏବଂ ଖାଦ୍ୟସାର ବା ଧାତବଲବଣ କମ୍ ପରିମାଣରେ ଥାଏ । ତେଣୁ ଖରାଦିନେ ଗୋରୁଗାଈଙ୍କ ସୁରକ୍ଷା, କୃଷି ସହିତ ପଶୁପାଳନ ଅଙ୍ଗାଙ୍ଗୀଭାବେ ଜଡ଼ିତ । ତେଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସେହି ସୀମିତ ଜମି ମଧ୍ୟରେ ଉନ୍ନତ ଧରଣର ଅଧିକ ଉତ୍ପାଦନଭିତ୍ତିକ ଚାଷ ସହିତ ଅଧିକ ଉତ୍ପାଦନକ୍ଷମ ପଶୁପାଳନର ଆବଶ୍ୟକତା ରହିଛି । ବର୍ତ୍ତମାନ ସରକାରଙ୍କ ତରଫରୁ ପ୍ରାଣୀସମ୍ପଦ କୃତ୍ରିମ ପ୍ରଜନନ ଦ୍ୱାରା ଆମେ ଦେଶୀଗାଈଠାରୁ ସଙ୍କରଜାତୀୟ ଅଧିକ ଉତ୍ପାଦନକ୍ଷମ ଜର୍ସି, ରେଡ୍ ସିନ୍ଧି, ହରିୟାନା ପ୍ରଭୃତି ଦୁଧିଆଳୀ ଗାଈ ଉତ୍ପନ୍ନ କରାଯିବା ସହିତ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଉନ୍ନତ ସଙ୍କରଜାତୀୟ ଦୁଧିଆଳୀ ଗାଈ ଋଣ ମାଧ୍ୟମରେ ଯୋଗାଇ ଦିଆଯାଉଛି।

**ଉତ୍ତାପର ପ୍ରଜନନ ଶକ୍ତି ଉପରେ ପ୍ରତ୍ୟକ୍ଷ ପ୍ରଭାବ**

- ଉତ୍ତାପ ଥାଇରଏଡ୍ ହରମୋନ୍ ଉପରେ ସିଧା ପ୍ରଭାବ ପକାଇଥାଏ । ଫଳରେ ଥାଇରଏଡ୍ ନିର୍ଗତ ହରମୋନ୍ ମସ୍ତିଷ୍କରେ ଥିବା ଆଣ୍ଟେରିଅର ପିଟ୍ୟୁଟାରୀ ଉପରେ ପ୍ରଭାବ ପଡ଼େ ଏବଂ ଏହା ଲିଙ୍ଗର କାର୍ଯ୍ୟଦକ୍ଷତା ନିୟନ୍ତ୍ରଣ କରିଥାଏ ।
- ଗ୍ରୀଷ୍ମଋତୁରେ ଏଫ୍.ଏସ୍.ଏଚ୍. ଓ ଏଲ୍.ଏଚ୍. ହରମୋହନର ଅଭାବ ଦେଖାଦେଇଥାଏ। ଏଥିପାଇଁ ଡିମ୍ବାଣୁ ଡିମ୍ବକୋଷରୁ ଖସେ ନାହିଁ।
- ଗରମ ଦିନରେ ରକ୍ତରେ ପ୍ରୋଲାକ୍ଟିନ୍ ହରମୋନ୍ ଅଧିକ ଥାଏ, ଯାହାକି ହାଇପୋଥାଲାମସରୁ ବାହାରୁଥିବା ଗୋନାଡୋଟ୍ରଫିନ୍ ହରମୋନ୍ ଝରଣରେ ବାଧା ସୃଷ୍ଟି କରେ । ଫଳରେ ଗାଈ ପ୍ରଜନନ ଶକ୍ତି ଅସ୍ଥାୟୀ ଭାବେ ହରାଇ ବସନ୍ତି ।

**ଗରମ ବା ରୌଦ୍ରତାପରୁ ସୁରକ୍ଷା ପ୍ରଦାନ**

- ଖରାଦିନେ ପ୍ରଚଣ୍ଡ ଖରା ବା ଗରମରୁ ରକ୍ଷାପାଇବା ପାଇଁ ଗାଈଗୋରୁଙ୍କ ଗୁହାଳ ବା ଫାର୍ମ ନିକଟରେ ବିଭିନ୍ନ କିସମର ଗଛ ଯଥା – ସୁବାବୁଲ୍, ନିମ୍ବ, କୃଷ୍ଣଚୂଡ଼ା, ଅଗସ୍ତି ପ୍ରଭୃତି ଗଛ ଲଗାଇ ଛାଇ ସୃଷ୍ଟି କରିବା ପାଇଁ ପଦକ୍ଷେପ ନେବା ଉଚିତ ।
- ଉପଯୁକ୍ତ ବାସସ୍ଥାନ ଏବଂ ରଖିବା ପ୍ରଣାଳୀ : ଗୁହାଳେ ମୁକ୍ତ ବାୟୁ ଚଳାଚଳ ପାଇଁ ପ୍ରଶସ୍ତ ଝରକା ବିପରୀତମୁଖୀ ଦିଗରେ ହେବା ଆବଶ୍ୟକ । ଗୁହାଳେ ଉତ୍ତାପ ଓ ଆର୍ଦ୍ରତା କମାଇବା ପାଇଁ ପଦକ୍ଷେପ ନେବା ଉଚିତ । ଖରାଦିନେ ଦେଶୀ ଗାଈଗୋରୁଙ୍କୁ ନ ବାନ୍ଧି ଖୋଲାରେ ଗୁହାଳେ ଛାଡ଼ି ଦିଆଯାଇଥାଏ ।
- ସଙ୍କରଜାତୀୟ ଗାଈଗୋରୁ ଜଳବାୟୁର ଉତ୍ତାପ ବୃଦ୍ଧି ଯୋଗୁ ଧଇଁସଇଁ ହୋଇଥାଏ । ଦେହରୁ ଜଳୀୟ ଅଂଶ କମିଯାଏ । କ୍ଷୀର ଉତ୍ପାଦନରେ ବାଧା ସୃଷ୍ଟି ହୁଏ । ତେଣୁ ପ୍ରତ୍ୟେକ ଦିନ ଗାଈଗୋରୁଙ୍କୁ ଗାଧୋଇ ଦେବା ଉଚିତ । ଆବଶ୍ୟକସ୍ଥଳେ ଦିନକୁ ଦୁଇଥର ମଧ୍ୟ ଗାଧୋଇ ଦିଆଯାଏ ।
- ପରିଷ୍କାର ଥଣ୍ଡା ପିଇବା ପାଣି ଯଥେଷ୍ଟ ପରିମାଣରେ ବ୍ୟବସ୍ଥା କରିବା ଉଚିତ । ଗୋଟିଏ ଗୋରୁ ପାଇଁ ଦିନକୁ ୩୫ ଲିଟର ପାଣି ଭରଣ ପୋଷଣ ଏବଂ ୨ ଲିଟର ପାଣି ପ୍ରତି ୧ ଲିଟର କ୍ଷୀର ଉତ୍ପାଦନ ହିସାବରେ ଆବଶ୍ୟକ କରିଥା'ନ୍ତି । ମୋଟ ଉପରେ ଦିନକୁ ୧୦୦ ଲିଟର ପାଣି ଗୋଟିଏ ଗୋରୁ ପିଛା ପିଇବା ଏବଂ ଅନ୍ୟାନ୍ୟ ବାବଦରେ ଖର୍ଚ୍ଚ ହୋଇଥାଏ । ବାହାରେ ମଇଳା, ନାଳ, ନର୍ଦ୍ଦମା ପାଣି ପିଇଲେ ନାଳରକ୍ତ ଝାଡ଼ା ସମ୍ଭାବନା ଥାଏ ।
- ଗୁହାଳକୁ ଥଣ୍ଡା ବା ଉତ୍ତାପ ହ୍ରାସ କରିବାର ଅନ୍ୟାନ୍ୟ କୌଶଳ : ବେଣାମୁଠା ଚେରର ପରଦା, ଛଣର ପରଦା, ବାଉଁଶ ପାଦ ପରଦା କିମ୍ବା ଅଖା ଓଦା କରି ସମସ୍ତ ଝରକା ବା ଦ୍ୱାରମାନଙ୍କରେ ଟାଙ୍ଗିବା ଆବଶ୍ୟକ । ଆଜିକାଲି ଏୟାରକୁଲର, ପଙ୍ଖାର ବ୍ୟବହାର ସହରମାନଙ୍କରେ ହେଲାଣି । ଗୁହାଳର ଛପର ଉପରେ ଛଣ, ଜାମୁଡାଳ ଇତ୍ୟାଦି ପକାଇବାର ବ୍ୟବସ୍ଥା କଲେ ସୁଫଳ ମିଳେ।
- ପଶୁପକ୍ଷୀ ରହୁଥିବା ଘରର ଛାତ ଉପରେ ସ୍ପ୍ରିଙ୍କଲର ବ୍ୟବହାର କରିବା ସହିତ ଘର ଭିତରେ ଫଗର ମେଶିନ ଦ୍ୱାରା ଘର ଭିତରକୁ ଥଣ୍ଡା ରଖିବା ପାଇଁ ପରିବେଶ ସୃଷ୍ଟି କରନ୍ତୁ।

– ଖରାଦିନେ ପ୍ରାଣୀଙ୍କୁ ସୁରକ୍ଷା ଦେବା ନିମନ୍ତେ ଶୀତତାପ ନିୟନ୍ତ୍ରିତ ବା କୁକୁଡ଼ା ଘର ଗୁହାଳର ଥଣ୍ଡା ପରିବେଶ ନିୟନ୍ତ୍ରଣ ବ୍ୟବସ୍ଥା (ପରିବେଶ ନିୟନ୍ତ୍ରଣ) ନିମନ୍ତେ ପଦକ୍ଷେପ ଗ୍ରହଣ କରନ୍ତୁ। (କ୍ରମଶଃ)

– ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ବୁଧବାର, ମାର୍ଚ୍ଚ ୨/୨୦୨୨ Dhenkanal, Wednesday, March 2/ 2022

**ସଂକ୍ଷେପରେ**

## ୱେଷ୍ଟଇଣ୍ଡିଜକୁ ହରାଇଲା ଭାରତ

**ରାଙ୍ଗିଓରା (ନ୍ୟୁଜିଲାଣ୍ଡ), ୧।୩ (ପି.ଟି.):** ଆଇସିସି ମହିଳା ବିଶ୍ୱକପ୍ ପାଇଁ ଭାରତ ମଙ୍ଗଳବାର ଖେଳିଥିବା ଏହାର ଦ୍ୱିତୀୟ ତଥା ଅନ୍ତିମ ୱାର୍ମଅପ୍‌ରେ ୱେଷ୍ଟଇଣ୍ଡିଜକୁ ୮୧ ରନରେ ପରାସ୍ତ କରିଛି। ଓପନର ସ୍ମୃତି ମନ୍ଧାନାଙ୍କ ଉପଯୋଗୀ ଅର୍ଦ୍ଧଶତକ ଏବଂ ବୋଲରମାନଙ୍କ ଶୃଙ୍ଖଳିତ ବୋଲିଂ ଯୋଗୁ ଏହା ସମ୍ଭବ ହୋଇପାରିଛି। ରବିବାର ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ୱାର୍ମଅପ୍‌ରେ ଭାରତ ୨ରନରେ ବିଜୟ ଲାଭ କରିଥିଲା। ରାଙ୍ଗିଓରା ଓଭାଲଠାରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୨୫୮ ରନ କରିଥିଲା। ଦଳର ଆରମ୍ଭ ଭଲ ନ ଥିଲା। ଶେଫାଳି ବର୍ମା ବିନା କୌଣସି ରନ୍‌ରେ ଟିନ୍‌ଲି ହେନ୍‌ରୀଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ପରେ ମନ୍ଧାନାଙ୍କ ସହ ଦୀପ୍ତି ଶର୍ମା ଯୋଗ ଦେଇଥିଲେ। ଦୁହେଁ ଦ୍ୱିତୀୟ ଉଇକେଟରେ ୧୧୭ ରନ ଯୋଗ କରି ଦଳର ଇନିଂସକୁ ଗଢିତୋଳିଥିଲେ। ସେତେବେଳେ ଦଳର ସ୍କୋରିଂ ରେଟ୍ ୬ ପାଖାପାଖି ରହିଥିଲା। ଫର୍ମରେ ଥିବା ମନ୍ଧାନା ଚେରି ଆନ୍ ଫ୍ରେଜରଙ୍କ ବୋଲିଂରେ ଆଉଟ ହେବା ପୂର୍ବରୁ ୭ ଚୌକା ସହ ୬୭ବଲ୍‌ରେ ୬୬ରନ କରିସାରିଥିଲେ। ପରେ ମିଡଲରେ ଅନ୍ୟତମ ସଫଳ ବ୍ୟାଟର ଦୀପ୍ତି ୬୪ ବଲ୍‌ରୁ ୫୪ ରନ କରିଥିଲେ। ସେ କେବଳ ଗୋଟିଏ ଚୌକା ଲଗାଇଥିଲେ। ଦୀପ୍ତିଙ୍କୁ ଫ୍ରେଜର ଆଉଟ କରି ପ୍ୟାଭିଲିଅନ ପଠାଇ ଦେଇଥିଲେ। ଭାରତ ସେତେବେଳେ ୨୭ ଓଭରରେ ୩ ଉଇକେଟ ବିନିମୟରେ ୧୪୨ ରନ କରିଥିଲା। ଅଧିନାୟିକା ମିଥାଲି ରାଜ ୪ ଚୌକା ସହ ୪୨ ବଲ୍‌ରୁ ୩୦ରନ କରିଥିଲେ। ୟାସ୍ତିକା ଭାଟିଆ ୫୩ ବଲ୍‌ରୁ ୪୨ ରନ କରିଥିଲେ। ଜବାବରେ ୱେଷ୍ଟଇଣ୍ଡିଜର ଆରମ୍ଭ ନୈରାଶ୍ୟଜନକ ରହିଥିଲା। ଏକଦା ୫୩ ରନରେ ୪ ଉଇକେଟ ହରାଇଥିବା ଏହି ଦଳ ୯ ଉଇକେଟ ବିନିମୟରେ ୧୭୭ରନ କରିପାରିଥିଲା। ୱିକେଟକିପର କ୍ୟାମ୍ପ୍‌ବେଲି ୮୧ ବଲ୍‌ରୁ ୬୩ ଓ ହେଲି ମାଥ୍ୟୁ ୬୧ ବଲ୍‌ରୁ ୪୪ରନ କରିଥିଲେ।

## କ୍ରିଜରେ ୭୨ ଘଣ୍ଟାରୁ ଊର୍ଦ୍ଧ୍ୱ ରହି ରେକର୍ଡ

**ମୁମ୍ବାଇ, ୧।୩ (ପି.ଟି.):** ଦୀର୍ଘ ସମୟ ବ୍ୟାଟିଂ କରି ନୂଆ ବିଶ୍ୱରେକର୍ଡ ଲକ୍ଷ୍ୟରେ ଥିବା ମୁମ୍ବାଇର ଟିନ୍‌ଏଜ୍ ଖେଳାଳି ସିଦ୍ଧାର୍ଥ ମୋହିତେ ଏକ ମାରାଥନ ନେଟ୍ ସେସନରେ କ୍ରିଜ୍‌ରେ ୭୨ ଘଣ୍ଟା ୫ ମିନିଟ ବିତାଇଛନ୍ତି। ୧୯ ବର୍ଷୀୟ ମୋହିତେ ଏବେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ସ୍ୱୀକୃତିକୁ ଅପେକ୍ଷା କରିଛନ୍ତି। ଦୀର୍ଘ ସମୟ କ୍ରିଜ୍‌ରେ ରହିବାରେ ସେ ସାଥି ଖେଳାଳି ବିରାଗ ମାନେଙ୍କ ୫୦ ଘଣ୍ଟା ରେକର୍ଡକୁ ଅତିକ୍ରମ କରିଥିଲେ। ୨୦୧୫ରେ ବିରାଜ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ନିୟମ ଅନୁସାରେ ଜଣେ ବ୍ୟାଟର ପ୍ରତି ଘଣ୍ଟାରେ ୫ ମିନିଟ ବ୍ରେକ୍ ନେଇ ପାରିବେ। ‘‘ମୁଁ ଜାହା ଚାହୁଁଥିଲି ତାହା ସମ୍ପୂର୍ଣ୍ଣ କରିପାରିଥିବାରୁ ବହୁତ ଖୁସି। ମୋ ନିକଟରେ କିଛି ଅଧିକ କରି ଦେଖାଇବାର କ୍ଷମତା ଅଛି ବୋଲି ଲୋକଙ୍କୁ ଦେଖାଇବାକୁ ଚାହୁଁଥିଲି’’ ବୋଲି ମୋହିତେ ପ୍ରକାଶ କରିଛନ୍ତି। ଯୁବ ଓପନର ଯଶସ୍ୱି ଜୟସ୍ୱାଲଙ୍କ କୋଚ୍ ଜ୍ୱାଲା ସିଂ ହେଉଛନ୍ତି ମୋହିତେଙ୍କ ମେଣ୍ଟର।

## ହାଇଦ୍ରାବାଦରେ ମାଷ୍ଟର୍ସ ଆଥଲେଟିକ୍ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୧।୩ (କ୍ରୀଡ଼ା ପ୍ରତିନିଧି):** ହାଇଦ୍ରାବାଦର ଗାଚିବାଓଲିସ୍ଥିତ ଗନ୍ତି ମୋହନ ଚନ୍ଦ୍ର ବାଲାଯୋଗୀ ଆଥଲେଟିକ୍ ଷ୍ଟାଡିୟମରେ ୪୨ତମ ମାଷ୍ଟର୍ସ ଆଥଲେଟିକ୍ ଚାମ୍ପିୟନଶିପ୍ ଏପ୍ରିଲ ୧୩ରୁ ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ ପାଇଁ ଏଣ୍ଟ୍ରିର ଶେଷ ତାରିଖ ମାର୍ଚ୍ଚ ୧୫କୁ ଧାର୍ଯ୍ୟ କରାଯାଇଛି। ତେଣୁ ଏଥିରେ ଭାଗ ନେବାକୁ ଚାହୁଁଥିବା ଓଡ଼ିଶାର ମାଷ୍ଟର୍ସ ଆଥଲେଟ୍‌ମାନେ ଯଥାଶୀଘ୍ର ରାଜ୍ୟ ଆସୋସିଏଶନ ସମ୍ପାଦକ ଏସ୍.କେ. ଦାସଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆ ଯାଇଛି।

# ଜାତୀୟ ମହିଳା ଚେସ୍: ଦିବ୍ୟା ଦେଶମୁଖ ଅଗ୍ରଣୀ




ଜାତୀୟ ମହିଳା ଚେସ୍‌ର ମଙ୍ଗଳବାର ଅଷ୍ଟମ ରାଉଣ୍ଡରେ ସୌମ୍ୟା ସ୍ୱାମୀନାଥନ-ପଦ୍ମିନୀ ରାଉତ ଏବଂ ଇଶା ଶର୍ମା-ସାଇନା ସାଲୋନିକାଙ୍କ ମଧ୍ୟରେ ମୁକାବିଲା।

**ଭୁବନେଶ୍ୱର, ୧।୩ (କ୍ରୀଡ଼ା ପ୍ରତିନିଧି):** କିଟ୍ ଅନ୍ତର୍ଜାତୀୟ ଚେସ୍ ହଲ୍‌ରେ ଚାଲିଥିବା ଜାତୀୟ ମହିଳା ଚେସ୍ ଚାମ୍ପିୟନଶିପ୍‌ରେ ମଙ୍ଗଳବାର ୮ମ ରାଉଣ୍ଡ ଖେଳ ଶେଷ ହୋଇଛି। ୮ ରାଉଣ୍ଡ ଶେଷ ସୁଦ୍ଧା ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍) ଦିବ୍ୟା ଦେଶମୁଖ ୭.୫ ପଏଣ୍ଟ ସହିତ ଏକକ ଅଗ୍ରଣୀଲାଭ କରିଛନ୍ତି। ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ପ୍ରିୟଙ୍କା ନୁଟକ୍କି ୬.୫ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡବ୍ଲ୍ୟୁଆଇଏମ୍ ସାକ୍ଷୀ ଚିତ୍‌ଲାଙ୍ଗି, ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ସୌମ୍ୟା ସ୍ୱାମୀନାଥନ, ପିଏସ୍‌ପିବି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶା ଆଇଏମ୍ ପଦ୍ମିନୀ ରାଉତ, ଡବ୍ଲ୍ୟୁଜିଏମ୍ ଶ୍ରୀଜା ଶେଷାଦ୍ରି, ଡବ୍ଲ୍ୟୁଆଇଏମ୍ ଇଶା ଶର୍ମା, ଡବ୍ଲ୍ୟୁଆଇଏମ୍ ଅର୍ପିତା ମୁଖାର୍ଜୀ (ସମସ୍ତେ ୬ ପଏଣ୍ଟ), ଆଇଏମ୍ ଆର. ବୈଶାଳୀ ଓ ଡବ୍ଲ୍ୟୁଜିଏମ୍ ମାରିଆନ୍ ଗୋମ୍ସ (ଉଭୟେ ୫.୫) ଟପ୍-୧୦ରେ ରହିଛନ୍ତି। ଅନ୍ୟ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ମହିଳା ଫିଡେ ମାଷ୍ଟର ସାଇନା ସାଲୋନିକା ୫, ସ୍ମାରକୀ ମହାନ୍ତି ୫, ଏଲ୍‌ଆଇସି ପକ୍ଷରୁ ଖେଳୁଥିବା ଡବ୍ଲ୍ୟୁଜିଏମ୍ କିରଣ ମନୀଷା ମହାନ୍ତି ୫, ଯଶିତା ରାଉତ ୪, ଅନନ୍ୟା ଅନାମିକା ୩.୫, ଶ୍ରଦ୍ଧା ସ୍ମରଣିକା ନନ୍ଦ ୩.୫ ଏବଂ ଜୟଲକ୍ଷ୍ମୀ ସାହୁ, ଅନନ୍ତୋୟା ଚାଟାର୍ଜୀ, ପ୍ରତ୍ୟାଶା ଜେନା ଓ ଗୀତାଶ୍ରୀ ବିଶ୍ୱାଳ ୩ ପଏଣ୍ଟ ଲେଖାଏ ପାଇ ପଛକୁ ପଛ ରହିଛନ୍ତି। ୮ମ ରାଉଣ୍ଡରେ ସ୍ମାରକୀ ମହାନ୍ତି ତାମିଲନାଡୁର ସି. ଲକ୍ଷ୍ମୀଙ୍କୁ ହରାଇ ଦେଇଛନ୍ତି। ସାଇନା ସାଲୋନିକା ଉଚ୍ଚ ର୍ୟାଙ୍କ୍‌ପ୍ରାପ୍ତ କର୍ଣ୍ଣାଟକର ଇଶା ଶର୍ମାଙ୍କଠାରୁ ହାରି ଯାଇଥିବାବେଳେ ସୌମ୍ୟା ସ୍ୱାମୀନାଥନ ଓ ପଦ୍ମିନୀ ରାଉତଙ୍କ ମ୍ୟାଚ ଡ୍ର ରହିଛି। ତାମିଲନାଡୁର ଆର. ବୈଶାଳୀଙ୍କୁ ମହାରାଷ୍ଟ୍ରର ଦିବ୍ୟା ଦେଶମୁଖ ହରାଇ ଦେଇଛନ୍ତି।

## ସ୍ପାନିଶ ଅନ୍ତର୍ଜାତୀୟରେ ଭାଗନେବେ ପ୍ରମୋଦ, ଦୀପ୍ ରଞ୍ଜନ

**ଭୁବନେଶ୍ୱର, ୧।୩ (କ୍ରୀଡ଼ା ପ୍ରତିନିଧି):** ପ୍ରଥମ ଥର ପାଇଁ ପାରା ବ୍ୟାଡ୍‌ମିଣ୍ଟନ ନିୟମରେ ପରିବର୍ତ୍ତନ କରାଯାଇଛି। ବ୍ୟାଡ୍‌ମିଣ୍ଟନ ପରି ପାରା ବ୍ୟାଡ୍‌ମିଣ୍ଟନରେ ମଧ୍ୟ ଲେଭଲ-୧, ୨ ଓ ୩ର ପ୍ରଚଳନ ହେବ। ର୍ୟାଙ୍କିଙ୍ଗ୍ ଅନୁସାରେ ଖେଳାଳିମାନେ ବିଭିନ୍ନ ଲେଭଲର ଟୁର୍ଣ୍ଣାମେଣ୍ଟରେ ଖେଳିବେ। ସ୍ପେନ୍‌ର ଭିକ୍ଟୋରିଆଠାରେ ମାର୍ଚ୍ଚ ୧ରୁ ସ୍ପାନିଶ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନର ଲେଭଲ-୨ ପର୍ଯ୍ୟାୟ ଆରମ୍ଭ ହୋଇଛି। ଏହା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। କାଟାଗେନାଠାରେ ୮ରୁ ୧୩ ପର୍ଯ୍ୟନ୍ତ ଲେଭଲ-୧ ପର୍ଯ୍ୟାୟ ଅନୁଷ୍ଠିତ ହେବ। ଓଡ଼ିଶାର ୨ ପ୍ରତିଯୋଗୀ ଏଥିରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସେ ହେଉଛନ୍ତି ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତ ଓ ଦୀପ୍ ରଞ୍ଜନ ବିଷୋୟୀ। ସମ୍ପ୍ରତି ବିଶ୍ୱ ର୍ୟାଙ୍କିଙ୍ଗ୍‌ର ନମ୍ବର ୱାନ୍‌ରେ ଥିବା ପ୍ରମୋଦ ଓ ଦୀପ୍ ରଞ୍ଜନ ବିଜୟ ସହ ସିଜନ ଆରମ୍ଭ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ‘‘ସ୍ପେନ ଟୁର୍ନାମେଣ୍ଟ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ଟୁର୍ନାମେଣ୍ଟ ପ୍ରଥମ ଥର ପାଇଁ ୨ଟି ପର୍ଯ୍ୟାୟରେ ଖେଳାଯିବ। ଉଭୟ ଟୁର୍ନାମେଣ୍ଟରେ ବିଜୟ ସହ ସିଜନ ଆରମ୍ଭ କରିବି ବୋଲି ମୋର ଆଶା। ମୁଁ ୨ ମାସ ହେଲା ସ୍ପେନରେ ଅଭ୍ୟାସ କରିଆସୁଛି ଏବଂ କୋର୍ଟର ଗତି ବିଷୟରେ ଭଲ ଧାରଣା ରହିଛି, ଯାହା ମୋତେ ମ୍ୟାଚ ଖେଳିବାରେ

**ପାରା ବ୍ୟାଡ୍‌ମିଣ୍ଟନ ନିୟମରେ ପରିବର୍ତ୍ତନ**

ସହାୟକ ହେବ। ମୋ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ। କାରଣ ଏହି ବର୍ଷ ବିଶ୍ୱ ଚାମ୍ପିୟନଶିପ୍ ଏବଂ ଏସିଆନ ଗେମ୍ସ ହେବାକୁ ଯାଉଛି। ମୁଁ ସେଥିରେ ଭଲ ପ୍ରଦର୍ଶନ ଲକ୍ଷ୍ୟ ରଖିଛି’’ ବୋଲି ପ୍ରମୋଦ ପ୍ରକାଶ କରିଛନ୍ତି। ସ୍ପେନ୍‌ରେ ପ୍ରମୋଦ ସିଙ୍ଗଲ୍ସ, ପୁରୁଷ ଡବଲ୍ସ ଏବଂ ମିକ୍ସଡ ଡବଲ୍ସରେ ଅଂଶଗ୍ରହଣ କରିବେ। ଦୀପ ରଞ୍ଜନ ସିଙ୍ଗଲ୍ସ ଏବଂ ପୁରୁଷ ଡବଲ୍ସରେ ଭାଗନେବେ।

# ସ୍କେଟିଂରୁ ବାସନ୍ଦ ହେଲା ରୁଷିଆ

**ଲାଉସାନେ, ୧।୩ (ଏପି)**

ୟୁକ୍ରେନ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ପରେ ରୁଷିଆକୁ ବିଭିନ୍ନ ଅନ୍ତର୍ଜାତୀୟ କ୍ରୀଡ଼ା ସଂଘ ବାସନ୍ଦ କରିବାରେ ଲାଗିଛନ୍ତି। ରୁଷିଆ ଆଥ୍‌ଲେଟମାନେ ଏବେ ଅନ୍ୟ ଏକ ଖେଳ ଆଇସ୍ ସ୍କେଟିଂରେ ଭାଗ ନେବାରୁ ବଞ୍ଚିତ ହେବାକୁ ଯାଉଛନ୍ତି। ଆଇସ୍ ସ୍କେଟିଂ ହେଉଛି ରୁଷିଆର ଏକ ଲୋକପ୍ରିୟ ଖେଳ। ଦିନକ ପୂର୍ବରୁ ଭ୍ଲାଡିମିର ପୁଟିନଙ୍କ ମନପସନ୍ଦ ଖେଳ ହକି ଓ ଫୁଟ୍‌ବଲ ପ୍ରତିଯୋଗିତାରୁ ରୁଷିଆକୁ ବାସନ୍ଦ କରାଯାଇଛି। ଏହି ଦେଶ ବର୍ତ୍ତମାନ କୌଣସି ଅନ୍ତର୍ଜାତୀୟ ଆଇସ୍ ସ୍କେଟିଂ ପ୍ରତିଯୋଗିତାରେ ଭାଗ ନେଇପାରିବ ନାହିଁ। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ଅନୁରୋଧ କ୍ରମେ ରୁଷୀୟ ଆଥ୍‌ଲେଟମାନଙ୍କୁ ବିଶ୍ୱବ୍ୟାପୀ କ୍ରୀଡ଼ା ଇଭେଣ୍ଟଗୁଡ଼ିକରୁ ବାସନ୍ଦ କରାଯାଉଛି। ଇଣ୍ଟରନ୍ୟାଶନାଲ ସ୍କେଟିଂ ୟୁନିୟନ କହିଛି, ପରବର୍ତ୍ତୀ ସୂଚନା ଜାରି କରା ନ ଯିବା ପର୍ଯ୍ୟନ୍ତ ରୁଷିଆ କିମ୍ବା ବେଲାରୁଷର ଆଥ୍‌ଲେଟମାନଙ୍କୁ କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଅନୁମତି ଦିଆଯିବ ନାହିଁ। ୟୁକ୍ରେନ ଉପରେ ରୁଷିଆର ଆକ୍ରମଣକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଉଛି। ଏହି ପରିପ୍ରେକ୍ଷୀରେ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ଏହାର କୌଣସି ସ୍ୱୀକୃତିପ୍ରାପ୍ତ ଇଭେଣ୍ଟରେ ଅଂଶଗ୍ରହଣ ପାଇଁ ରୁଷିଆ ଓ ବେଲାରୁଷକୁ ଅନୁମତି ଦେବ ନାହିଁ। ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ଆହ୍ୱାନକ୍ରମେ ଏହି ନିଷ୍ପତ୍ତି ନିଆଯାଇଥିବା ବିଡବ୍ଲ୍ୟୁଏଫ୍ କହିଛି।

## କ୍ୱିଭ୍ ଛାଡ଼ିଲେ ଓଡ଼ିଶା ଚେସ୍ ଖେଳାଳି ଅନ୍ୱେଷ



ଅନ୍ୱେଷ ଉପାଧ୍ୟାୟ

**ଚେନ୍ନାଇ, ୧।୩ (ପି.ଟି.):** ୟୁକ୍ରେନ୍‌ରେ ଅଟକି ଯାଇଥିବା ଭାରତର ପୂର୍ବତନ ଜାତୀୟ ରାପିଡ୍ ଚେସ୍ ଚାମ୍ପିୟନ ଅନ୍ୱେଷ ଉପାଧ୍ୟାୟ ରାଜଧାନୀ ସହର କ୍ୱିଭ୍ ଛାଡ଼ି ପୋଲାଣ୍ଡ ଦେଶ ସୀମାବର୍ତ୍ତୀ ୟୁକ୍ରେନିଆନ ସହର ଲଭିଭ୍‌ରେ ପହଞ୍ଚି ଯାଇଛନ୍ତି। ତାଙ୍କୁ ଦୀର୍ଘ ୧୦ ଘଣ୍ଟା କାଳ ଟ୍ରେନ୍‌ରେ ଯାତ୍ରା କରିବାକୁ ପଡ଼ିଥିଲା। ଗୋଟିଏ ଦିନ ବିଶ୍ରାମ ପରେ ସେ ଭାରତରେ ପହଞ୍ଚିବେ ବୋଲି ଅନ୍ୱେଷ କହିଛନ୍ତି। ରୁଷିଆର ଆକ୍ରମଣ ପରେ ଅନ୍ୟ ବହୁ ଭାରତୀୟଙ୍କ ଭଳି ଓଡ଼ିଶାର ଏହି ଚେସ୍ ଖେଳାଳି ଅଟକି ରହିଥିଲେ। ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିବା ଲାଗି ଭାରତୀୟ ଦୂତାବାସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି।



କେରଳରେ ଅନୁଷ୍ଠିତ ଇଣ୍ଡିଆନ ଓପନ ଆଥଲେଟିକ୍ସରେ ୨.୦୯ ମିଟର ଉଚ୍ଚତା ଡେଇଁ ସିନିୟର ସ୍ତରରେ ପ୍ରଥମ ପଦକ ହାସଲ କରିଥିବା ଓଡ଼ିଶାର ସ୍ୱାଧୀନ ମାଝି।

## ଦକ୍ଷିଣ ଆଫ୍ରିକା-ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜ ଡ୍ର

**ଖ୍ରିଷ୍ଟଚର୍ଚ୍ଚ, ୧।୩ (ଏପି):** ସ୍ଥାନୀୟ ହାଗ୍‌ଲେ ଓଭାଲଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟକୁ ଦକ୍ଷିଣ ଆଫ୍ରିକା ୧୯୮ରନରେ ଜିତିନେଇଛି। ଫଳରେ ଦୁଇ ଦଳ ମଧ୍ୟରେ ଚାଲିଥିବା ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ୧-୧ରେ ବରାବର ଭାବେ ଶେଷ ହୋଇଛି। ଦକ୍ଷିଣ ଆଫ୍ରିକା ୪୨୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିବା ପରେ ନ୍ୟୁଜିଲାଣ୍ଡକୁ ଗୋଟିଏ ସେସନ ଖେଳ ବାକିଥାଇ ୨୨୭ ରନରେ ଅଲଆଉଟ କରି ଦେଇଥିଲା। ପୂର୍ବରୁ ଏହି ଭେନ୍ୟୁରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଦକ୍ଷିଣ ଆଫ୍ରିକାକୁ ୯୫ ଓ ୧୧୧ ରନରେ ଅଲଆଉଟ କରିବା ପରେ ନ୍ୟୁଜିଲାଣ୍ଡ ଏକ ଇନିଂସ ଓ ୨୭୬ ରନରେ ବିଜୟ ଲାଭ କରିଥିଲା। ନ୍ୟୁଜିଲାଣ୍ଡ ୫ମ ଦିବସରେ ଏହାର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୯୪/୪ରେ ବ୍ୟାଟିଂ ଆରମ୍ଭ କରିଥିଲା। ଆଉ ୧୩୩ ରନ ଯୋଗ କରି ଅବଶିଷ୍ଟ ୬ ଉଇକେଟ ହରାଇଥିଲା। ଦଳର ଟପ୍ ସ୍କୋରର ଡେଭନ କନୱେ ୯୨ ରନ କରିଥିଲେ। ଉଇକେଟକିପର ଟମ୍ ବ୍ଲଣ୍ଡେଲ ୪୪ ରନ କରିଥିଲେ। କାଗିସୋ ରାବାଡା, ମାର୍କୋ ଜାନସେନ୍ ଓ କେଶବ ମହାରାଜ ତିନୋଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। କାଗିସୋ ରାବାଡା ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାଟ୍ ହେନ୍‌ରୀ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୩୬୪, ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୨୯୩, ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୩୫୪, ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୨୨୭।

# ଆଇପିଏଲ୍‌ରୁ ଓହରିଲେ ଜାସନ ରୟ

**ନୂଆଦିଲ୍ଲୀ, ୧।୩ (ପି.ଟି.):** ଇଂଲଣ୍ଡର ବିସ୍ଫୋରକ ବ୍ୟାଟର ଜାସନ ରୟ ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ଓହରିଯାଇଛନ୍ତି। ବବଲ ଜନିତ ଅବସାଦ ଏଡାଇବାକୁ ଯାଇ ସେ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ଆଉ କିଛି ସପ୍ତାହ ପରେ ଇଭେଣ୍ଟ ଆୟୋଜନ ହେବାକୁ ଥିବା ବେଳେ ଜାସନ ରୟଙ୍କ ଏହି ନିଷ୍ପତ୍ତି ତାଙ୍କ ନୂଆ ଫ୍ରାଞ୍ଚାଇଜ୍ ଗୁଜରାଟ ଟାଇଟାନ ପ୍ରତି ଧକ୍କା ପହଞ୍ଚାଇଛି। ମେଗା ନିଲାମ ବେଳେ ଦକ୍ଷିଣ ଆଫ୍ରିକାରେ ଜନ୍ମିତ ଏହି ୩୧ବର୍ଷୀୟ ଇଂଲଣ୍ଡ କ୍ରିକେଟରଙ୍କୁ ଗୁଜରାଟ ଟାଇଟାନ୍ସ ତାଙ୍କ ବେସ୍ ପ୍ରାଇସ୍ ୨ କୋଟି ଟଙ୍କାରେ କ୍ରୟ କରିଛି। ଯୁବ ଖେଳାଳି ଶୁବମନ ଗିଲ୍‌ଙ୍କ ବ୍ୟତୀତ ରୟ ଥିଲେ ଗୁଜରାଟ ଫ୍ରାଞ୍ଚାଇଜ୍‌ର ଏକମାତ୍ର ସ୍ପେଶାଲିଷ୍ଟ ଓପନର। ଇଂଲଣ୍ଡର ଏହି ଖେଳାଳି ଦ୍ୱିତୀୟ ଥର ଆଇପିଏଲ୍‌ରୁ ଓହରିଯାଇଛନ୍ତି। ଏହା ପୂର୍ବରୁ ସେ ବ୍ୟକ୍ତିଗତ କାରଣ ଦର୍ଶାଇ ୨୦୨୦ ସଂସ୍କରଣରୁ ଓହରିଯାଇଥିଲେ।

## ୧୦ମିଟର ଏୟାର ପିସ୍ତଲରେ ସୌରଭଙ୍କୁ ସ୍ୱର୍ଣ୍ଣ

**କାଇରୋ, ୧।୩ (ପି.ଟି.):** ବର୍ଷର ପ୍ରଥମ ଆଇଏସ୍‌ଏସ୍‌ଏଫ୍ ୱାର୍ଲ୍ଡ କପ୍‌ରେ ଭାରତର ଅଗ୍ରଣୀ ଶୁଟର ସୌରଭ ଚୌଧାରୀ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ସ୍ୱର୍ଣ୍ଣ ପଦକ ମୁକାବିଲାରେ ଜର୍ମାନୀର ମାଇକେଲ ସ୍କାଲ୍ଜ (୬)ଙ୍କ ଆଗରେ ୧୬ ଅଙ୍କ ହାସଲ କରିଥିଲେ। ଟୋକିଓ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ରୁଷିଆର ଆର୍ଟେମ ଚେର୍ନୋସୋଭ୍ ବ୍ରୋଞ୍ଜ ପଦକ ପାଇଥିଲେ। ୟୁକ୍ରେନ ସହିତ ଯୁଦ୍ଧ ଚଳାଇଥିବାରୁ ଜାରି କରାଯାଇଥିବା କଟକଣା ଅନୁସାରେ ଇଭେଣ୍ଟରୁ ରୁଷିଆ ପତାକା ପ୍ରତ୍ୟାହାର କରି ନିଆଯାଇଥିଲା। ୧୯ବର୍ଷୀୟ ଚୌଧାରୀ ହେଉଛନ୍ତି ଜଣେ ଅଲିମ୍ପିଆନ। ୟୁଥ୍ ଅଲିମ୍ପିକ୍ସରେ ମଧ୍ୟ ସେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ପୁରୁଷ ୧୦ ମିଟର ଏୟାର ପିସ୍ତଲ କ୍ୱାଲିଫିକେଶନ ଷ୍ଟେଜ୍‌ରେ ସେ ୫୮୪ ପଏଣ୍ଟ ସହ ତୃତୀୟ ସ୍ଥାନ ଅଧିକାର କରି ଅନ୍ୟ ୭ଜଣ ଶୁଟରଙ୍କ ସହ ସେ ଏଲିମିନେଶନ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ଫାଇନାଲରେ ସେ ଜର୍ମାନୀର ସ୍କାଲ୍ଜଙ୍କ ବିପକ୍ଷରେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ଇଶା ସିଂ ଦେଶ ପାଇଁ ଜିତିଲେ ଦ୍ୱିତୀୟ ପଦକ। ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସେ ଏକ ରୌପ୍ୟପଦକ ହାସଲ କରିଛନ୍ତି।

# କିଟ୍ ବିଶ୍ୱବିଦ୍ୟାଳୟକୁ ବ୍ରୋଞ୍ଜ ପଦକ

**ସର୍ବଭାରତୀୟ ଆନ୍ତଃ ଜୋନ୍ ଟେନିସ**

**ଭୁବନେଶ୍ୱର, ୧।୩ (କ୍ରୀଡ଼ା ପ୍ରତିନିଧି):** ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଟେନିସ (ପୁରୁଷ) ଚାମ୍ପିୟନଶିପ୍ ମଙ୍ଗଳବାର ଶେଷ ହୋଇଛି। ଫାଇନାଲରେ ଗୁଜରାଟ ବିଶ୍ୱବିଦ୍ୟାଳୟକୁ ୩-୨ରେ ହରାଇ ଓସମାନିଆ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଏଥିରେ ଆୟୋଜକ କିଟ୍ ବିଶ୍ୱବିଦ୍ୟାଳୟ ଦଳ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ପାଇଛି। ଅନ୍ତିମ ଦିବସରେ କିଟ୍ ତିରୁପତିର ଶ୍ରୀ ଭେଙ୍କଟେଶ୍ୱର ବିଶ୍ୱବିଦ୍ୟାଳୟକୁ ୩-୧ରେ ପରାସ୍ତ କରିଛି। କିଟ୍ ଦଳରେ କବିର ହନ୍ସ, ଜଷ୍ଟିନ କାଶୁଇଗୁଆଙ୍ଗ ପାନ୍‌ମେଇ ଓ ଆଶିଷ କୁମାର ପରିଡ଼ା ସାମିଲ ଥିଲେ। ମହମ୍ମଦ ଅନାମୁଲ ହକ୍ କୋଚ୍ ଓ ଜୟେଶ ମଙ୍ଗେଲା ମ୍ୟାନେଜର ଥିଲେ। କବିର ଚାଇନାର ଚେଙ୍ଗଡୁଠାରେ ହେବାକୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ ଭାରତୀୟ କ୍ୟାମ୍ପକୁ ମନୋନୀତ ହୋଇଛନ୍ତି। ଅହମଦାବାଦର ଆଲ୍‌ଟେଭଲ ଆଣ୍ଡ ଆଲେକଜାଣ୍ଡର ୱେଷ୍ଟ ଟେନିସ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀମଲ ଭଟ୍ଟ, ଭୁବନେଶ୍ୱରସ୍ଥିତ ଅଭିନବ ବିନ୍ଦ୍ରା ଟାର୍ଗେଟିଂ ପରଫରମାନ୍ସ (ଏବିଟିପି) ସେଣ୍ଟରର ମୁଖ୍ୟ ପ୍ରଦୀପ ପିଲ୍ଲେ, ଚାମ୍ପିୟନଶିପ୍‌ର ମୁଖ୍ୟ ରେଫରି ଗୀତିକା ପଲ୍, କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଓ ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରଶ୍ମିତା ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପଦକ ଜିତିଥିବା ଖେଳାଳି ଓ ଅଫିସିଆଲ ମାନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।




ଅତିଥିଙ୍କ ସହ ବ୍ରୋଞ୍ଜ ପଦକ ବିଜୟୀ କିଟ୍ ବିଶ୍ୱବିଦ୍ୟାଳୟ ଦଳ।

# ଓଡ଼ିଶା ଦଳର ବିଜୟ ଅଭିଯାନ

**ଭୁବନେଶ୍ୱର, ୩।୧ (କ୍ରୀଡ଼ା ପ୍ରତିନିଧି)**

ବେଙ୍ଗାଲୁରୁଠାରେ ଜାତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସଂସ୍କରଣ ମଙ୍ଗଳବାର ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା ଦଳ ପ୍ରଥମ ମ୍ୟାଚରେ ହରିୟାଣାକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ହରିୟାଣା ବିପକ୍ଷ ବୋଲରଙ୍କୁ ଠିକ୍‌ଭାବେ

**ଜାତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ**

ସାମ୍ନା କରି ନ ପାରି ୧୫ ଓଭରରେ ୩ ଉଇକେଟ ହରାଇ ୩୯ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟ ଲକ୍ଷ୍ୟକୁ ଓଡ଼ିଶା ମାତ୍ର ୨.୫ ଓଭରରେ ଅତିକ୍ରମ କରି ଯାଇଥିଲା। ୧୪ ବଲ୍‌ରୁ ୩୪ ରନ କରି ଅପରାଜିତ ରହିଥିବା ଫୁଲ ସୋରେନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ଦଳ ବୁଧବାର ଏହାର ଦ୍ୱିତୀୟ ମ୍ୟାଚରେ ମଧ୍ୟପ୍ରଦେଶକୁ ଭେଟିବ।




ଫୁଲ ସୋରେନ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ